# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, August 11/2025 Page 14 | ₹ 7.00

୫୧ଶ ଭାଗ ୨୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 257 | ମୂଲ୍ୟ₹୭/-




## ଟ୍ରୋଲ୍ ହେଲେ ଅଲ୍ଲୁ

ମୁମ୍ବାଇ ଏୟାରପୋର୍ଟରେ ସୁରକ୍ଷା ଅଧିକାରୀଙ୍କ ସହ ଅଲ୍ଲୁ ଅର୍ଜୁନ ଯୁକ୍ତିତର୍କ କରୁଥିବାର ଏକ ଭିଡିଓ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ୍ କରାଯାଇଛି। ୦୨

୧୨

## ଏସିଆନ ସର୍ଫିଙ୍ଗରେ ରମେଶଙ୍କୁ ପଦକ

ଏସିଆନ ସର୍ଫିଙ୍ଗ ଚାମ୍ପିୟନଶିପ୍‌ରେ ପ୍ରଥମ ଭାରତୀୟ ଭାବେ ଏକ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି ରମେଶ ବୁଦ୍ଧିଆଲ।









ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ 'ମେଟଲ ମିଟ୍ -୨୦୨୫'ର ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲ୍ସରେ ସିନିୟର ଚାମ୍ପିୟନ ଏମ୍ସ ଭୁବନେଶ୍ୱର ପ୍ରତିଯୋଗୀ (ବାମ) ଏବଂ ଜୁନିୟର ଚାମ୍ପିୟନ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ସ୍କୁଲର ପ୍ରତିଯୋଗୀଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଚେକ୍ ପ୍ରଦାନ ଅବସରରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ। ନିକଟରେ ଅଛନ୍ତି ଅଜନ୍ତା ଆଡଭର୍ଟାଇଜର୍ସର ପରିଚାଳନା ନିର୍ଦ୍ଦେଶକ ମନୀଷ ଅଗ୍ରୱାଲ ଏବଂ କୁଇଜ୍ ମାଷ୍ଟର ଅଜୟ ପୁନିଆ । **(ଫଟୋ-ବିକାଶ ନାୟକ/ମନୋରଞ୍ଜନ ମିଶ୍ର) (ଅଧିକ ଫଟୋ: ପୃଷ୍ଠା-୪/୫)**

## ଚନ୍ଦ୍ରଭାଗା ସମୁଦ୍ରରେ ଭାସିଯାଇ ୩ ମୃତ

### ଭୋଜି ସାରି ଗାଧୋଇବା ହେଲା କାଳ

**କୋଣାର୍କ,୧୦।୮ (ଜ୍ୟୋତିରାଜ ମହାନ୍ତି)**

ଚନ୍ଦ୍ରଭାଗା ସମୁଦ୍ରରେ ରବିବାର ଅଭାବନୀୟ ଘଟଣା ଘଟିଛି। ପୃଥକ୍ ପୃଥକ୍ ଭାବେ ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ିଯାଇ ୩ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ମୃତକମାନେ ହେଲେ କୋଣାର୍କ ଥାନା ଅଧୀନ ଯମତଳା ଗ୍ରାମର କ୍ଷେତ୍ରବାସୀ ସେନାପତିଙ୍କ ସାନପୁଅ ରାହୁଲ କୁମାର ସେନାପତି(୨୫), ବିମ୍ବାଧର ଜେନାଙ୍କ ପୁଅ ଅରୂପାନନ୍ଦ ଜେନା (୨୫) ଓ କଟକ ଜିଲା ପାହାଳ ଅଞ୍ଚଳର ପିଣ୍ଟୁ ପଟ୍ଟନାୟକ। ଉତ୍ତରପ୍ରଦେଶର ଶିବ କୁମାର (୨୫) ସାମାନ୍ୟ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଛୁଟି କଟାଇବାକୁ ଆସି ଚନ୍ଦ୍ରଭାଗା ସମୁଦ୍ରକୂଳଠାରୁ ୧ କି.ମି. ଦୂରରେ ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ସମୁଦ୍ରରେ ବୁଡ଼ିଯାଇ ପାହାଳ ଅଞ୍ଚଳର ପିଣ୍ଟୁ ପଟ୍ଟନାୟକଙ୍କ ମୃତ୍ୟୁ ଘଟିଥିବା ବେଳେ ଚନ୍ଦ୍ରଭାଗା ଇକୋ ☞ପୃଷ୍ଠା-୮


**ଆଜିର ସମ୍ପାଦକୀୟ**

ହାତୀ ସହ ମଣିଷ


# ଡିଏଭି ୟୁନିଟ୍-୮, ଏମ୍ସ ଭୁବନେଶ୍ୱର ଚାମ୍ପିୟନ

**ଭୁବନେଶ୍ୱର, ୧୦।୮ (ବନ୍ଦନା ସେଠୀ)**

ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ କୁଇଜ୍ ପ୍ରତିଯୋଗିତା 'ମେଟଲ ମିଟ୍-୨୦୨୫'ର ଗ୍ରାଣ୍ଡ ଫାଇନାଲ୍ସ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୁନିୟର ବର୍ଗରେ ଭୁବନେଶ୍ୱରସ୍ଥିତ ୟୁନିଟ-୮ ଡିଏଭି ପବ୍ଲିକ ସ୍କୁଲ ଏବଂ ସିନିୟର ବର୍ଗରେ ଏମ୍ସ ଭୁବନେଶ୍ୱର ଚାମ୍ପିୟନ ହୋଇଛନ୍ତି। ସେହିପରି ଜୁନିୟର ବର୍ଗରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପୂର୍ବଭଳି ପ୍ରଥମ ରନରଅପ୍ ଓ ଲୟୋଲା ସ୍କୁଲ ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ଅନୁରୂପ ଭାବେ ସିନିୟର ବର୍ଗରେ ଆଇଆଇଟି ଖଡଗପୁର ପ୍ରଥମ ରନରଅପ୍ ଏବଂ ଆଇଆଇଏମ୍ କାଲ୍‌କାଟା ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ଉଭୟ ବର୍ଗର ଚାମ୍ପିୟନଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଏବଂ ପ୍ରଥମ ରନର୍‌ଅପ୍‌ମାନଙ୍କୁ ୫୦ହଜାର ଓ ଦ୍ୱିତୀୟ ରନର୍‌ଅପ୍‌ମାନଙ୍କୁ ୨୫ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

'ମେଟଲ ମିଟ୍'ର ଚଳିତ ଥର ଥିଲା ସପ୍ତମ ସଂସ୍କରଣ। ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ ଏଥର ପ୍ରଥମ ଥର ପାଇଁ ରାଜ୍ୟ ବାହାରୁ ବିଶେଷକରି ପୂର୍ବାଞ୍ଚଳ ଜୋନ୍‌ରୁ ଅଂଶଗ୍ରହଣକାରୀ ସାମିଲ୍ ହେବା ପରେ 'ମେଟଲ ମିଟ୍'ର ପରିସର ବ୍ୟାପକ ହୋଇଛି। ୨୦୨୫ ମେଟଲ୍ ମିଟ୍‌ରେ ଜୁନିୟର ଓ ସିନିୟରଙ୍କୁ ମିଶାଇ ମୋଟ୍ ୮୧ଟି ଟିମ୍ ଭାଗ ନେଇଥିଲେ। ଜୁନିୟରରେ ରାଜ୍ୟ ଭିତରୁ ୩୯ଟି ଟିମ୍ ସାମିଲ ହୋଇଥିବାବେଳେ ସିନିୟର ବର୍ଗରେ ରାଜ୍ୟ ଓ ରାଜ୍ୟ ବାହାରକୁ ମିଶାଇ ୪୨ଟି ଟିମ୍‌ଙ୍କ ମଧ୍ୟରେ ବ୍ରେନ୍ ବ୍ୟାଟଲ୍ ହୋଇଥିଲା। ଶନିବାର ଅନୁଷ୍ଠିତ ପ୍ରିଲିମ୍ସରେ ଉଭୟ ବର୍ଗରୁ ୮ଟି ଲେଖାଏ ଟିମ୍ ଗ୍ରାଣ୍ଡ ଫାଇନାଲ୍ସକୁ ଉନ୍ନୀତ ହୋଇଥିଲେ। ରବିବାର ଅପରାହ୍ନରୁ ପ୍ରଥମେ ଜୁନିୟର

## ଓଡ଼ିଶା ପୋଷ୍ଟ 'ମେଟଲ ମିଟ୍-୨୦୨୫'

ବର୍ଗର ଗ୍ରାଣ୍ଡ ଫାଇନାଲ୍ସ ଆରମ୍ଭ ହୋଇଥିଲା। କୁଇଜ୍ ମାଷ୍ଟର ଅଜୟ ପୁନିଆ ୮ଟି ଦଳର ଅଂଶଗ୍ରହଣକାରୀଙ୍କ ପାଇଁ ୫ଟି ପର୍ଯ୍ୟାୟରେ ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ପ୍ରଶ୍ନମାନ ପଚାରିଥିଲେ। କେତେକ ପ୍ରଶ୍ନରେ ଅଡିଓ ଭିଜୁଆଲ୍ ଉପସ୍ଥାପନା ପ୍ରତିଯୋଗୀଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ସୃଷ୍ଟି କରିଥିଲା। ପ୍ରତିଯୋଗୀମାନେ ମଧ୍ୟ ସମାନ ଜୋସ୍ ରଖି ଉତ୍ତର ଦେଉଥିବା ଉପସ୍ଥିତ ଦର୍ଶକମାନଙ୍କୁ ଆହ୍ଲାଦିତ କରିଥିଲା। ବିଜୟୀ ଦଳ ଭୁବନେଶ୍ୱରସ୍ଥିତ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ ଦ୍ୱିତୀୟ ରାଉଣ୍ଡରୁ ହିଁ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳକୁ ପଛରେ ପକାଇ ଆଗରେ ରହିଥିଲା। ଫାଇନାଲ୍ ବେଳକୁ ମୋଟ୍ ୧୩୦ ସ୍କୋର ରଖିବା ସହିତ ଦ୍ୱିତୀୟରେ ଥିବା କିଟ୍ ଇଣ୍ଟରନ୍ୟାଶନାଲ୍‌ଠାରୁ ୫୨ସ୍କୋର୍ ଅଧିକ ପାଇଥିଲା। ୬୫ ସ୍କୋର ରଖି ଲୟୋଲା ସ୍କୁଲ ତୃତୀୟ ସ୍ଥାନ ହାସଲ କରିଥିଲା। ସୂଚନାଯୋଗ୍ୟ, ରାଉରକେଲାର ସେଣ୍ଟ ପଲ୍ସ ସ୍କୁଲ, କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲ, ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, କଳିଙ୍ଗନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଏବଂ ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲ ପ୍ରତିଯୋଗିତାରେ ଅନ୍ୟ ଦଳ ଭାବେ ଅଂଶଗ୍ରହଣ କରିଥିଲେ।

ସିନିୟର ବର୍ଗରେ ଅଧିକ ଟକ୍କର ଦେଖିବାକୁ ମିଳିଥିଲା। ପ୍ରଥମରୁ ହିଁ ଏମ୍ସ ଭୁବନେଶ୍ୱର ଅନ୍ୟ ପ୍ରତିଯୋଗୀ ଦଳକୁ ପଛରେ ପକାଇ ସ୍କୋର ବଢ଼ାଇ ଚାଲିଥିଲା। ୫ଟି ରାଉଣ୍ଡରେ କୁଇଜ୍ ଶେଷ ହେବାପରେ ଏମ୍ସ ଭୁବନେଶ୍ୱର ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଦ୍ୱିତୀୟ ସ୍ଥାନରେ ଆଇଆଇଟି ଖଡଗପୁର ଏବଂ ତୃତୀୟରେ ଆଇଆଇଏମ୍ କାଲ୍‌କାଟା ରହିଥିଲେ। ତେବେ ଶେଷ ରାଉଣ୍ଡରେ ଆଇଆଇଏମ୍ କାଲ୍‌କାଟା, କଟକସ୍ଥିତ ନ୍ୟାଶନାଲ ଲ' ୟୁନିଭର୍ସିଟି ଏବଂ ଖୋର୍ଦ୍ଧା ନାଇଜର୍ ମଧ୍ୟରେ ଦ୍ୱିତୀୟ ରନର୍‌ଅପ୍ ପାଇଁ ଟାଏ ହୋଇଥିଲା। ଶେଷରେ କୁଇଜ୍ ମାଷ୍ଟର ଅଜୟ ପୁନିଆ ☞ପୃଷ୍ଠା-୮

# ଆମେରିକାରୁ ଭାରତକୁ ଅଣୁଅସ୍ତ୍ର ଧମକ ଦେଲେ ମୁନିର

**ୱାଶିଂଟନ,୧୦।୮**

ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ୍ ମୁନିର ରବିବାର ଆମେରିକା ମାଟିରୁ ଭାରତକୁ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇଛନ୍ତି। ଭାରତ ଏକ ଡ୍ୟାମ୍ ନିର୍ମାଣ କରିବା ପର୍ଯ୍ୟନ୍ତ ଆମେ ଅପେକ୍ଷା କରିବୁ। ଭାରତ ଯେତେବେଳେ ସିନ୍ଧୁ ନଦୀରେ ଡ୍ୟାମ୍ ନିର୍ମାଣ ସମ୍ପୂର୍ଣ୍ଣ କରିବ, ସେତେବେଳେ ଆମେ ୧୦ ମିଶାଇଲ ମାଡ଼କରି ତାକୁ ଧ୍ୱଂସ କରିଦେବୁ ବୋଲି ଫ୍ଲୋରିଡାର ଟାମ୍ପାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁନିର କହିଛନ୍ତି। ଗତ ଜୁନ୍ ୧୮ରେ ମୁନିର ଆମେରିକା ଯାଇ ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଥିଲେ। ସେଠାରୁ ପାକିସ୍ତାନକୁ ଫେରିବା ପରେ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ପାଇଁ ମୁନିର ସୁପାରିସ କରିଥିଲେ। ନିକଟରେ ଟ୍ରମ୍ପ ଭାରତ ଉପରେ ଦୁଇଟି ପର୍ଯ୍ୟାୟରେ ୫୦% ଟାରିଫ୍ ଘୋଷଣା କରିବା ପରେ



ପାକ୍ ସେନାମୁଖ୍ୟ ଆସିମ୍ ମୁନିର

ଭାରତ-ଆମେରିକା ସମ୍ପର୍କ ୨୦ ବର୍ଷରେ ସବୁଠୁ ଅଧିକ ତିକ୍ତତାପୂର୍ଣ୍ଣ ହୋଇଛି। ଏଭଳି ସମୟରେ ମୁନିର ୨ ମାସ ମଧ୍ୟରେ ଦ୍ୱିତୀୟ ଥର ଆମେରିକା ଗସ୍ତ କରିଛନ୍ତି। ପାକିସ୍ତାନର ଏହି ପ୍ରଭାବଶାଳୀ ସାମରିକ ଅଧିକାରୀ ହ୍ୱାଇଟ୍ ହାଉସ୍‌ର ବିନା ପ୍ରୋତ୍ସାହନରେ ଭାରତକୁ ☞ପୃଷ୍ଠା-୮

# କଳିଙ୍ଗରେ ପ୍ରଜ୍ଞା, ଅନିମେଶଙ୍କ ଚମକ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

### ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ) ଲେଭଲ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ। ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୱାର୍ଲ୍ଡ କଣ୍ଟିନେଣ୍ଟାଲ ପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ବାଲେଶ୍ୱରର ପ୍ରଜ୍ଞା ୧୦୦ ମିଟର ହର୍ଡଲ୍ସରେ ୧୩.୭୪ ସେକେଣ୍ଡ ସହିତ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କେବଳ ଭାରତୀୟଙ୍କୁ ନେଇ ଅନୁଷ୍ଠିତ ଫାଇନାଲ୍ସରେ ନନ୍ଦିନୀ କୋଙ୍ଗାନ ୧୩.୮୦, ଅଞ୍ଜଲି ସି ୧୪.୦୦ ଓ ପ୍ରାଞ୍ଜଳି ଦିଲୀପ ପାଟିଲ ୧୪.୦୩ ସେକେଣ୍ଡ ସହିତ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ୨୦୧୮ରେ ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ଦକ୍ଷିଣ ଏସୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ପ୍ରଜ୍ଞା ୱାର୍ଲ୍ଡ ଆଥଲେଟିକ୍ସ ଟୁର୍ ଭଳି ଏକ ବଡ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସେ ଅନେକ ପଦକ ହାସଲ କରିଛନ୍ତି। ବାଲେଶ୍ୱର ଜିଲା ବସ୍ତା ଅନ୍ତର୍ଗତ ଟିକିରାପଡ଼ାର ପ୍ରଜ୍ଞାଙ୍କ ମା'ଙ୍କ ନାମ ସୁକାନ୍ତିମଣି ଜେନା ଓ ବାପା ପାର୍ଥ ସାରଥି ସାହୁ। ପୁରସ୍କାର ଆକାରରେ ପ୍ରଜ୍ଞା ୮୦୦ ଆମେରିକୀୟ ଡଲାର ଲାଭ କରିଛନ୍ତି। ଅନ୍ୟ ୩ ବିଜେତାଙ୍କୁ ଯଥାକ୍ରମେ ୪୦୦, ୩୦୦ ଓ ୨୦୦ ଆମେରିକୀୟ ଡଲାର ପ୍ରଦାନ କରାଯାଇଛି। ପୁରୁଷ ୨୦୦ ମିଟରରେ ☞ପୃଷ୍ଠା-୮

# ବିକାଶ ସହ ଦୁର୍ନୀତିମୁକ୍ତ ଶାସନ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

- **କୋରାପୁଟରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୋଠାର ଲୋକାର୍ପଣ**
- **ଖୁବ୍‌ଶୀଘ୍ର ନବରଙ୍ଗପୁର ସମେତ ୪ ଜିଲାରେ ହେବ ମେଡିକାଲ କଲେଜ**

ଓଡ଼ିଶାର ସାମଗ୍ରିକ ବିକାଶକୁ ଗତିଶୀଳ କରାଇ ରାଜ୍ୟବାସୀଙ୍କୁ ଦୁର୍ନୀତିମୁକ୍ତ ଶାସନ ଦେବା ସରକାରଙ୍କ ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ଦିଗରେ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହିକ୍ରମରେ ଓଡ଼ିଶାର ନିରନ୍ତର ବିକାଶ ଧାରାରେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାକୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ୨୮୦ କୋଟି ଟଙ୍କା ବ୍ୟୟରେ କୋରାପୁଟରେ ନିର୍ମିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ ନୂତନ କୋଠାର ଲୋକାର୍ପଣ କରିଛନ୍ତି। ସେହିପରି ରାଜଧାନୀ ସହ ଦକ୍ଷିଣ ଓଡ଼ିଶାକୁ ଆହୁରି ମଜଭୁତ ଢଙ୍ଗରେ ଯୋଡ଼ି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୬ ଲେନ୍ ବିଶିଷ୍ଟ ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଅର୍ଥନୈତିକ କରିଡର ନିର୍ମାଣର ଘୋଷଣା କରିଛନ୍ତି। ଏଥିସହିତ ନବରଙ୍ଗପୁର, ଜଗତ୍‌ସିଂହପୁର, ଢେଙ୍କାନାଳ ଓ ଭଦ୍ରକରେ ଖୁବ୍‌ଶୀଘ୍ର ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



କୋରାପୁଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଜଣେ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରୁଛନ୍ତି।

**କୋରାପୁଟ,୧୦।୮ (ଅମିତାଭ ବେହେରା)**

ରାଜ୍ୟର ନିରନ୍ତର ବିକାଶ ଧାରାରେ ସାମିଲ ହେଲା କୋରାପୁଟ ଜିଲା। କୋରାପୁଟବାସୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଆଉ ଦୂରଦୂରାନ୍ତକୁ ଯାଇ ହଇରାଣ ହେବାକୁ ପଡ଼ିବନାହିଁ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର କୋରାପୁଟସ୍ଥିତ ସରକାରୀ ଡିଏଭି କଲେଜ ପଡିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ବିକାଶ ସହ ଦୁର୍ନୀତିମୁକ୍ତ ଶାସନ ଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଓ କର୍ତ୍ତବ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ☞ପୃଷ୍ଠା-୮

**ଆମେରିକାର ସାଟେଲାଇଟ ଲଞ୍ଚ୍ କରିବ ଇସ୍ରୋ**
ଇସ୍ରୋ ଆଗାମୀ କିଛି ମାସ ମଧ୍ୟରେ ଆମେରିକା ନିର୍ମିତ ୬,୫୦୦ କେ.ଜି. ଓଜନର ଏକ ଯୋଗାଯୋଗ ଉପଗ୍ରହ (କମ୍ୟୁନିକେସନ ସାଟେଲାଇଟ)କୁ ଉତ୍କ୍ଷେପଣ କରିବ। ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ ରବିବାର ଚେନ୍ନାଇ ନିକଟସ୍ଥ କଟ୍ଟନକୁଲଥୁର୍‌ଠାରେ ଏସ୍ଆରଏମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ୨୧ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଏହି ସୂଚନା ଦେଇଛନ୍ତି।



# ଅଭୂତପୂର୍ବ ଉତ୍ତେଜନା

## ନେତାନ୍ୟାହୁଙ୍କ ଗାଜା ଦଖଲ ଯୋଜନା

**୨୦୨୩ ଅକ୍ଟୋବର ୭ରୁ ଚାଲିଥିବା ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ୨ ବର୍ଷ ପୂରିବାକୁ ୨ ମାସରୁ କମ୍ ସମୟ ବାକି ରହିଛି। ଯୁଦ୍ଧାବସାନର ସଙ୍କେତ ଦିଶୁନାହିଁ, ସ୍ଥିତି ଅଧିକରୁ ଅଧିକ ସଙ୍ଗିନ ଆଡ଼କୁ ଗତି କରୁଛି। ଏହାରି ଭିତରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସମ୍ପୂର୍ଣ୍ଣ ଗାଜା ଷ୍ଟ୍ରିପ୍ ଦଖଲ ଯୋଜନା ଅଭୂତପୂର୍ବ ଉତ୍ତେଜନା ସୃଷ୍ଟି କରିଛି। ଏହି ପ୍ରସଙ୍ଗକୁ ନେଇ ସରକାର ଓ ସାମରିକ ନେତୃତ୍ୱ ମଧ୍ୟରେ ମତଭେଦ ବଢ଼ିବାରେ ଲାଗିଛି। ହମାସ୍ କବ୍‌ଜାରେ ଥିବା ପ୍ରାୟ ୫୦ ପଣବନ୍ଦୀଙ୍କ ମୁକ୍ତି ପାଇଁ ତେଲ୍‌ଆଭିଭରେ ଲକ୍ଷାଧିକ ଲୋକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନେତାନ୍ୟାହୁ ସରକାରଙ୍କ ନିଷ୍ପତ୍ତିକୁ ପାରମ୍ପରିକ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ବିରୋଧ କଲେଣି। ଫଳରେ ଇସ୍ରାଏଲ୍‌ର ଅନ୍ତର୍ଜାତୀୟ ବିଶ୍ୱସନୀୟତା ପ୍ରତି ସଙ୍କଟ ଦେଖାଦେଇଛି। ଏଭଳି ସ୍ଥିତିରେ ଯୁଦ୍ଧ ଏକ ନୂଆ ପର୍ଯ୍ୟାୟକୁ ପ୍ରବେଶ କରୁଥିବା ଦେଖି ଜାତିସଂଘ ସ୍ଥାୟୀ ଅସ୍ତ୍ରବିରତି ପାଇଁ ଉଭୟ ପକ୍ଷଙ୍କୁ ପରାମର୍ଶ ଦେବା ସହ ଗାଜାର ସଶସ୍ତ୍ର ଶାସକ ହମାସ୍ ପଣବନ୍ଦୀମାନଙ୍କୁ ତୁରନ୍ତ ମୁକ୍ତ କରିବା ଉଚିତ ବୋଲି କହିଛି।**


ବେଞ୍ଜାମିନ୍ ନେତାନ୍ୟାହୁ

ତେଲ୍‌ଆଭିଭ/ଗାଜା ସିଟି, ୧୦।୮

ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଗତ ୨୨ ମାସ ମଧ୍ୟରେ ଗାଜା ଷ୍ଟ୍ରିପ୍‌ର ପ୍ରାୟ ୭୫ ଭାଗ ଦଖଲ କରିସାରିଲାଣି। ଅବଶିଷ୍ଟ ୨୫% ଅଞ୍ଚଳ ଅକ୍ତିଆର କରି ସମ୍ପୂର୍ଣ୍ଣ ଗାଜା ଦଖଲ କରିବା ପାଇଁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଉଦ୍ୟମ ଆରମ୍ଭ କରିଛନ୍ତି। ନେତାନ୍ୟାହୁ ଏନେଇ ରବିବାର ଜେରୁଜେଲମ୍‌ରେ ବିଦେଶୀ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି, ତାଙ୍କ ପାଖରେ ହମାସ୍‌କୁ ସମ୍ପୂର୍ଣ୍ଣ ପରାସ୍ତ କରି କାର୍ଯ୍ୟ ଶେଷ କରିବା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନାହିଁ। ଗାଜାକୁ ଦଖଲ କରିବା ତାଙ୍କ ଲକ୍ଷ୍ୟ ନୁହେଁ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଗାଜାକୁ ମୁକ୍ତ କରିବା। ନେତାନ୍ୟାହୁଙ୍କୁ ଦେଶବିଦେଶରୁ କରାଯାଉଥିବା ସମାଲୋଚନାକୁ ସେ 'ମିଛର ଏକ ବୈଶ୍ୱିକ ଅଭିଯାନ' ବୋଲି ଅଭିହିତ କରିଛନ୍ତି। ନାଗରିକଙ୍କ ମୃତ୍ୟୁ, ଧ୍ୱଂସଲୀଳା ଓ ସହାୟତା ନିଅଣ୍ଟ ପାଇଁ ସେ ପୁଣି ହମାସ୍‌କୁ ଦାୟୀ କରିଛନ୍ତି। ଏଥିସହ ଗାଜାର ବେସାମରିକକରଣ ଦ୍ୱାରା ହିଁ ସବୁ ସମସ୍ୟାର ସମାଧାନ ସମ୍ଭବ ବୋଲି କହିଛନ୍ତି।

ଇସ୍ରାଏଲୀ ମିଡିଆ ରିପୋର୍ଟ ଅନୁସାରେ ନେତାନ୍ୟାହୁଙ୍କ ଗାଜା ଦଖଲ ଯୋଜନା ଯୋଗୁ ଯୁଦ୍ଧ ଆହୁରି ଭୟାବହ ହୋଇପାରେ ବୋଲି ଆଇଡିଏଫ୍‌ର ଶୀର୍ଷ ଅଧିକାରୀମାନେ ଆଶଙ୍କା କରି ଏଥିରେ ରାଜି ହେଉନାହାନ୍ତି। ତେଣୁ ସାମରିକ ନେତୃତ୍ୱ ଓ ସରକାର ମଧ୍ୟରେ ଫାଟ ବଢ଼ିବାରେ ଲାଗିଛି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ଲାନ୍‌କୁ ସୁରକ୍ଷା କ୍ୟାବିନେଟ ମଞ୍ଜୁରୀ ଦେଇସାରିଥିବାବେଳେ ପୂର୍ଣ୍ଣ କ୍ୟାବିନେଟ୍ ଖୁବ୍‌ଶୀଘ୍ର ଅନୁମୋଦନ କରିପାରେ ବୋଲି କୁହାଯାଉଛି। ଇତିମଧ୍ୟରେ ହମାସ୍ କବଳରେ ଥିବା ୫୦ରୁ ଉର୍ଦ୍ଧ୍ୱ ପଣବନ୍ଦୀଙ୍କ ପରିବାର ସମେତ ଦେଶବାସୀ ରାସ୍ତାକୁ ଓହ୍ଲାଇଛନ୍ତି। ତେଲ୍‌ଆଭିଭରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀ ତୁରନ୍ତ ସାମରିକ ଅଭିଯାନ ବନ୍ଦ ସହ ପଣବନ୍ଦୀଙ୍କୁ ମୁକ୍ତି କରାଇ ଫେରାଇ ଆଣିବାକୁ ଦାବି କରିଛନ୍ତି। ଏହା ଉପରେ ନେତାନ୍ୟାହୁ କହିଛନ୍ତି, ସାମରିକ ଅଭିଯାନ ବ୍ୟାପକ ହେଲେ ଅବଶିଷ୍ଟ ପଣବନ୍ଦୀଙ୍କୁ ମୁକୁଳାଇବା ସହଜ ହେବ। ଜର୍ମାନୀ, ବ୍ରିଟେନ୍ ଓ ଫ୍ରାନ୍ସ ପକ୍ଷରୁ ଏକ ମିଳିତ ବିବୃତି ଜାରି କରାଯାଇ ଇସ୍ରାଏଲ୍‌ର ସାମରିକ ଅଭିଯାନକୁ ଏଥିରେ ପ୍ରତ୍ୟାଖ୍ୟାନ କରାଯାଇଛି। ଏହାଦ୍ୱାରା ପଣବନ୍ଦୀଙ୍କ ଜୀବନ ପ୍ରତି ଅଧିକ ବିପଦ ସୃଷ୍ଟି ହେବା ସହ ମାନବୀୟ ସଙ୍କଟ ଏବଂ ବିସ୍ଥାପନ ବୃଦ୍ଧି ପାଇବ ବୋଲି ୩ ଦେଶ କହିଛନ୍ତି। ସେହିପରି ଗାଜାକୁ ଇସ୍ରାଏଲ୍ ସହ ମିଶ୍ରଣ କରାଇବା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ଏଥିରେ କୁହାଯାଇଛି। ସାମ୍ପ୍ରତିକ ସ୍ଥିତିକୁ ଗାଜା କର୍ତ୍ତୃପକ୍ଷ 'ଅଭୂତପୂର୍ବ ଉତ୍ତେଜନା' ବୋଲି ଅଭିହିତ କରିବା ସହ ଇସ୍ରାଏଲ୍‌କୁ ନିଜ ଯୋଜନାରୁ କ୍ଷାନ୍ତ ରହିବାକୁ କହିଛନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ 'X' ରେ କହିଛନ୍ତି, ଇସ୍ରାଏଲ୍ ଗାଜା ଆଡ଼କୁ ଅଗ୍ରସର ହେଲେ ଆହୁରି ବହୁ ପାଲେଷ୍ଟିନୀୟଙ୍କ ଜୀବନହାନି ହେବା ସହ ବିସ୍ଥାପିତଙ୍କ ସଂଖ୍ୟା ବହୁଗୁଣିତ ହେବ। ଗାଜାର ପାଲେଷ୍ଟିନୀୟ ଜନସଂଖ୍ୟା ଅକଳ୍ପନୀୟ ଦୁର୍ଦ୍ଦଶା ଭୋଗିବ। ଅତି ବିପଜ୍ଜନକ ସ୍ଥିତି ଉପୁଜିବା ପୂର୍ବରୁ ସମ୍ପୂର୍ଣ୍ଣ ଯୁଦ୍ଧ ବନ୍ଦ କରାଯାଉ। ହମାସ୍ ମଧ୍ୟ ତୁରନ୍ତ ସମସ୍ତ ପଣବନ୍ଦୀଙ୍କୁ ନିଃସର୍ତ୍ତ ମୁକ୍ତ କରୁ।



ପଣବନ୍ଦୀଙ୍କ ମୁକ୍ତି ପାଇଁ ତେଲ୍‌ଆଭିଭରେ ଇସ୍ରାଏଲୀଙ୍କ ବିକ୍ଷୋଭ।

- ସରକାର-ସେନା ମତଭେଦ ବଢ଼ିଲା
- ଇସ୍ରାଏଲ୍ ପାଇଁ ଅନ୍ତର୍ଜାତୀୟ ବିଶ୍ୱସନୀୟତା ସଙ୍କଟ
- ତେଲ୍‌ଆଭିଭରେ ଲକ୍ଷାଧିକ ଲୋକଙ୍କ ବିକ୍ଷୋଭ
- ସ୍ଥାୟୀ ଅସ୍ତ୍ରବିରତି, ପଣବନ୍ଦୀଙ୍କ ନିଃସର୍ତ୍ତ ମୁକ୍ତି ପାଇଁ ଜାତିସଂଘର ପରାମର୍ଶ

## ରାହୁଲଙ୍କୁ ଭୋଟ ଚୋରି ଅଭିଯୋଗର ପ୍ରମାଣ ମାଗିଲେ କର୍ନାଟକ ସିଇଓ

ନୂଆଦିଲ୍ଲୀ, ୧୦।୮

୨୦୨୪ ଲୋକ ସଭା ନିର୍ବାଚନରେ ଭୋଟର ଜାଲିଆତି ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କରିଥିବା ଅଭିଯୋଗ ଉପରେ କର୍ନାଟକ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ରବିବାର ତାଙ୍କୁ ନୋଟିସ୍ ପଠାଇଛନ୍ତି। ଜଣେ ମହିଳା ଦୁଇଥର ଭୋଟ ଦେଇଥିଲେ ବୋଲି କେଉଁ ଦସ୍ତାବିଜ୍ ଆଧାରରେ ଅଭିଯୋଗ ଆଣିଲ, ତାହା ଦେଖାଇବାକୁ ସିଇଓ କହିଛନ୍ତି। ନକଲି ନାମ, ଜାଲ୍ ଠିକଣା ସମେତ ଗୋଟିଏ ଠିକଣାରେ ଏକାଧିକ ନାମ ପଞ୍ଜୀକରଣ ଜରିଆରେ ଲକ୍ଷାଧିକ ଭୋଟ ଚୋରି ହୋଇଥିବା ରାହୁଲ ଗତ ୭ ତାରିଖରେ ଅଭିଯୋଗ କରିଥିଲେ। ଶକୁନ ରାନି ନାମ୍ନୀ ୭୦ ବର୍ଷୀୟା ମହିଳା ଫାର୍ମ ୬'ର ଦୁରୁପଯୋଗ କରି ୨ ଥର ନିଜକୁ ଭୋଟର ତାଲିକାରେ ପଞ୍ଜୀକୃତ କରାଇଥିଲେ। ତାଙ୍କ ଭୋଟର ପରିଚୟ ପତ୍ର ବ୍ୟବହାର କରି ୨ ଥର ଭୋଟ ଦିଆଯାଇଥିବା ରାହୁଲ ଅଭିଯୋଗ କରିଥିଲେ। ତେବେ ନିର୍ବାଚନ ଅଧିକାରୀ ତଥ୍ୟ ଯାଞ୍ଚ୍ କରି ମହିଳା ଜଣକ ଗୋଟିଏ ଥର ଭୋଟ ଦେଇଥିବା ଜାଣିବାକୁ ପାଇଛନ୍ତି।

## ବିନା ନୋଟିସରେ ଚିଠା ଭୋଟର ତାଲିକାରୁ କୌଣସି ନାମ କଟାଯିବ ନାହିଁ

### ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଇସି

ନୂଆଦିଲ୍ଲୀ, ୧୦।୮ (ପି.ଟି.)

ପୂର୍ବରୁ ନୋଟିସ ଦିଆ ନ ଯାଇ ବିହାରର ଚିଠା ଭୋଟର ତାଲିକାରୁ କୌଣସି ଭୋଟରଙ୍କ ନାମ କଟାଯିବ ନାହିଁ ବୋଲି ନିର୍ବାଚନ କମିଶନ (ଇସି) ସୁପ୍ରମକୋର୍ଟଙ୍କୁ ଜଣାଇଛନ୍ତି। ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଲୋକମାନଙ୍କର ଅଲଗା ତାଲିକା ପ୍ରକାଶନ ପାଇଁ ଏଡିଆର୍ ଦାବି କରିଥିଲା ବେଳେ ଇସି ଏହାର ବିରୋଧ କରିଛନ୍ତି। ବାଦ୍ ପଡ଼ିଥିବା ଭୋଟରଙ୍କ ଅଲଗା ତାଲିକା ପ୍ରକାଶ କରିବାକୁ କୌଣସି ନିୟମ ନ ଥିବା ଇସି ଶନିବାର ସର୍ବୋଚ୍ଚ ଅଦାଲତଙ୍କୁ ସତ୍ୟପାଠ ଜରିଆରେ ଜଣାଇଛନ୍ତି। ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଅନେକ ପିଟିଶନ ଦାଏର ହୋଇଥିବାବେଳେ ଆସନ୍ତା ମଙ୍ଗଳବାର ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲା ବାଗ୍‌ଚୀ ଏହାର ଶୁଣାଣି କରିବେ।

## ଉପରାଷ୍ଟ୍ରପତି ନିର୍ବାଚନ: ମିଳିତ ପ୍ରାର୍ଥୀ ଦେବ ଇଣ୍ଡିଆ ବ୍ଲକ୍

ନୂଆଦିଲ୍ଲୀ, ୧୦।୮

ଉପରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଇଣ୍ଡିଆ ବ୍ଲକ୍ ମିଳିତ ପ୍ରାର୍ଥୀ ଦେବା ପାଇଁ ନିଷ୍ପତ୍ତି ନେଇଛି। ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମ ଉପରେ ଆଲୋଚନା କରି ସହମତିରେ ପହଞ୍ଚିବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସହଯୋଗୀ ଦଳଗୁଡ଼ିକର ନେତାଙ୍କ ସହ ଆଲୋଚନା କରିଛନ୍ତି। ଫଳାଫଳ ନିର୍ବିଶେଷରେ ଏକ ଦୃଢ଼ ରାଜନୈତିକ ବାର୍ତ୍ତା ପଠାଇବା ଲାଗି ଲଢ଼େଇରୁ ଦୂରେଇଯିବା ଉଚିତ ନୁହେଁ ବୋଲି ମତାମତ ପ୍ରକାଶ ପାଇଛି। ଭାଜପା ପ୍ରାର୍ଥୀ ଘୋଷଣା କରିବା ପରେ ବିରୋଧୀ ପ୍ରାର୍ଥୀ ଦେବା ଠିକ୍ ହେବ ବୋଲି ବିରୋଧୀ ପକ୍ଷର କେତେଜଣ ଅନୁଭବ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ନୈଶଭୋଜି ବୈଠକର ଆୟୋଜନ କରୁଛନ୍ତି, ଯେଉଁଥିରେ ୧୫ ବିରୋଧୀ ଦଳର ଶୀର୍ଷ ନେତା ଯୋଗଦେବେ।

## ଆସାମରେ ୮ ବର୍ଷୀୟାଙ୍କୁ ବଳାତ୍କାର, ହତ୍ୟା

ଡିବ୍ରୁଗଡ଼, ୧୦।୮ (ପି.ଟି.)

ଆସାମର ଡିବ୍ରୁଗଡ଼ ଜିଲାସ୍ଥିତ କଚାରିପଠାରଠାରେ ଥିବା ଏକ ଚା' ବଗିଚାରେ ଜଣେ ୮ ବର୍ଷୀୟା ବାଳିକାଙ୍କୁ ବଳାତ୍କାର ଓ ପରେ ହତ୍ୟା କରାଯାଇଛି। ବାଳିକା ଜଣକ ଜାଳେଣି କାଠ ସଂଗ୍ରହ କରିବାକୁ ଉକ୍ତ ବଗିଚାକୁ ଯାଇଥିଲେ। ଅଭିଯୁକ୍ତ ଜଣକ ସେଠାରେ ବାଳିକାଙ୍କୁ ଏକୁଟିଆ ଦେଖି ପ୍ରଥମେ ତାଙ୍କୁ ବଳାତ୍କାର ଓ ପରେ ହତ୍ୟା କରିଥିଲେ। ପୀଡ଼ିତାଙ୍କ ମୃତ୍ୟୁପରେ ତାଙ୍କ ମୃତଦେହକୁ ସେ ଏକ ନାଳରେ ଲୁଚାଇ ସେଥିରେ ଘାସ ଘୋଡ଼ାଇ ଦେଇଥିଲେ। ପୀଡ଼ିତାଙ୍କ ପରିବାରର ଅଭିଯୋଗକ୍ରମେ ପୋଲିସ ପୋକ୍‌ସୋ ଆକ୍ଟ ଏବଂ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ବିଭିନ୍ନ ଧାରାରେ ମାମଲା ରୁଜୁକରି ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ପୂର୍ବରୁ ନିଜ ମା'ଙ୍କୁ ହତ୍ୟାକରି ୧୪ ବର୍ଷ ଜେଲଦଣ୍ଡ କାଟିଥିବା ନେଇ ପୋଲିସ ସୂଚନା ଦେଇଛି। ୩ ବର୍ଷ ତଳେ ସେ ଜେଲରୁ ମୁକୁଳିଥିଲେ।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ବେଙ୍ଗାଲୁରୁ ମେଟ୍ରୋ ରେଳର 'ୟେଲୋ ଲାଇନ୍'କୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆର୍.ଭି. ରୋଡ୍ (ରାଗିଗୁଡ୍ଡା)ରୁ ଇଲେକ୍ଟ୍ରୋନିକ୍ ସିଟି ମେଟ୍ରୋ ଷ୍ଟେଶନ ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିବା ସହ ସହଯାତ୍ରୀ ଛାତ୍ରୀଛାତ୍ରଙ୍କ ସହ କଥା ହେଉଛନ୍ତି। ପାଖରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଓ କେନ୍ଦ୍ରମନ୍ତ୍ରୀ ମନୋହରଲାଲ୍ ଖଟ୍ଟର ଉପସ୍ଥିତ ଅଛନ୍ତି। ପ୍ରଧାନମନ୍ତ୍ରୀ କେଏସ୍ଆର୍ ବେଙ୍ଗାଲୁରୁ ଓ ବେଲାଗାଭି ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି।

## 'ସବ୍‌କେ ବସ୍' ଭାରତର ଅଭିବୃଦ୍ଧିକୁ ଗ୍ରହଣ କରିପାରୁନାହାନ୍ତି: ରାଜନାଥ

ଭୋପାଳ, ୧୦।୮

ଭାରତର ଦ୍ରୁତ ଅଭିବୃଦ୍ଧିରେ ବୈଶ୍ୱିକ ଶକ୍ତିଗୁଡ଼ିକ ଈର୍ଷାନ୍ୱିତ ବୋଲି ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆମେରିକା ଟାରିଫ୍‌କୁ କଡ଼ା ସମାଲୋଚନା କରି କହିଛନ୍ତି। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ 'ସବ୍‌କା ବସ୍' ଶବ୍ଦ ବ୍ୟବହାର କରି କହିଛନ୍ତି। ଭାରତକୁ ମହାଶକ୍ତି ହେବାରୁ କେହି ଅଟକାଇପାରିବେ ନାହିଁ, ଏହା ତାଙ୍କର ଦୃଢ଼ ତଥା ସ୍ପଷ୍ଟ ବାର୍ତ୍ତା ବୋଲି ରାଜନାଥ କହିଛନ୍ତି।

ଭାରତର ଅଭିବୃଦ୍ଧିକୁ ଗ୍ରହଣ କରିବାକୁ କେତେଜଣ ଲୋକ ଅସମର୍ଥ। ସେମାନେ ଏହାକୁ ହଜମ କରିପାରୁ ନାହାନ୍ତି। 'ମୁଁ ତ ସମସ୍ତଙ୍କର ବସ୍, ଭାରତ କିପରି ଏତେ ଦ୍ରୁତ ଅଭିବୃଦ୍ଧି କରୁଛି' ବୋଲି ସେମାନେ କହୁଥିବା ଟ୍ରମ୍ପଙ୍କୁ ଲକ୍ଷ୍ୟ କରି ରାଜନାଥ କହିଛନ୍ତି। ଭାରତର ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ଏବଂ ଭାରତ ପ୍ରସ୍ତୁତ ରପ୍ତାନି ସାମଗ୍ରୀକୁ ଅଧିକ ମହଙ୍ଗା କରିବାକୁ ଉଦ୍ୟମ ହେଉଛି। ମଧ୍ୟପ୍ରଦେଶରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଭାରତ ପ୍ରସ୍ତୁତ ସାମଗ୍ରୀକୁ ଅନ୍ୟ ଦେଶ ପାଇଁ ମହଙ୍ଗା କରି ଲୋକମାନଙ୍କୁ ଏହାଠାରୁ ଦୂରେଇ ରଖିବାକୁ ଉଦ୍ୟମ ହେଉଛି। ତେବେ ଭାରତ ଯେଉଁ ହାରରେ ଅଭିବୃଦ୍ଧି କରୁଛି,


ରାଜନାଥ ସିଂ

ଏହାକୁ ମହାଶକ୍ତି ହେବାରେ ବିଶ୍ୱର କୌଣସି ଶକ୍ତି ଅଟକାଇପାରିବ ନାହିଁ, ଏହା ମୁଁ ଦୃଢ଼ତାର ସହ କହିପାରେ। ରୁଷିଆରୁ ତୈଳ କିଣୁଥିବା ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଛି, ଯାହାକି ଅନୁଚିତ ଏବଂ ଅକାରଣ। ରାଇସେନ ଜିଲାର ଉମାରିଆ ଗ୍ରାମରେ ଭାରତ ଆର୍ଥ ମୁଭର୍ସ ଲିଃ (ବିଇଏମ୍ଏଲ୍)ର 'ବ୍ରହ୍ମା' ରେଲ୍ ହବ୍ ଫର୍ ମାନୁଫ୍ୟାକ୍ଚରିଂ ଉଦ୍‌ଘାଟନ କରିବା ଅବସରରେ ରାଜନାଥ ଅପରେଶନ ସିନ୍ଦୂର କଥା କହିଥିଲେ। ଭାରତକୁ ଆତ୍ମନିର୍ଭର କରିବା ଦିଗରେ ସରକାର ଉଦ୍ୟମ ଜାରି ରଖିଛନ୍ତି। ଅପରେଶନ ସିନ୍ଦୂରରେ ଭାରତୀୟ ସେନା ସ୍ୱଦେଶୀ ଯୁଦ୍ଧ ସରଞ୍ଜାମ ବ୍ୟବହାର କରିଥିଲା, ଯାହା ଏହି ଅଭିଯାନକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା ବୋଲି ରାଜନାଥ କହିଛନ୍ତି।

## ଆଜିଠୁ ଆରବ ସାଗରରେ ଭାରତ ଓ ପାକ୍ ନୌସେନାର ପୃଥକ୍ ସମରାଭ୍ୟାସ

ନୂଆଦିଲ୍ଲୀ, ୧୦।୮

ଭାରତୀୟ ନୌସେନାର ଯୁଦ୍ଧଜାହାଜଗୁଡ଼ିକ ମଙ୍ଗଳବାର ଓ ବୁଧବାର ଆରବ ସାଗରରେ ସମରାଭ୍ୟାସ ପାଇଁ କାର୍ଯ୍ୟକ୍ରମ ସ୍ଥିର କରିଥିବାବେଳେ ପାକ୍ ନୌସେନା ମଧ୍ୟ ସେହି ସମୟରେ ଯୁଦ୍ଧାଭ୍ୟାସ କରିବାକୁ ଘୋଷଣା କରିଛି। ସାମୁଦ୍ରିକ ବାଣିଜ୍ୟର ମୁଖ୍ୟ ମାର୍ଗ ଏବଂ ଆଞ୍ଚଳିକ ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆରବ ସାଗରରେ ଯୁଦ୍ଧାଭ୍ୟାସ ରଣନୈତିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ। ତେବେ ଏନେଇ ଦୁଇ ଦେଶର ନୌସେନା ମଧ୍ୟରେ ପ୍ରତ୍ୟକ୍ଷ ସମନ୍ୱୟ ଥିବାର କୌଣସି ସୂଚନା ପ୍ରତିରକ୍ଷା ଅଧିକାରୀ ଦେଇନାହାନ୍ତି। ମେ' ୭ରେ ଭାରତୀୟ ସେନାର ଅପରେଶନ ସିନ୍ଦୂର ଜନିତ ଉତ୍ତେଜନା ପରେ ପ୍ରଥମ ଥର ପାଇଁ ୨ ନୌସେନା ଏକ ସମୟରେ ସମରାଭ୍ୟାସ କରିବାକୁ ଯାଉଛନ୍ତି।

## ଛୁଟି ନେଇ ରାୟ ଲେଖ

### ଝାଡ଼ଖଣ୍ଡ ହାଇକୋର୍ଟ ବିଚାରପତିଙ୍କୁ କହିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୦।୮

ସୁପ୍ରିମକୋର୍ଟ ଶନିବାର ଏକ ପିଟିଶନ୍‌ର ଶୁଣାଣିକରି ଝାଡ଼ଖଣ୍ଡ ହାଇକୋର୍ଟରେ ବିଚାରାଧୀନ ଅନେକ ମାମଲାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ହାଇକୋର୍ଟର ବିଚାରପତିମାନେ ଛୁଟି ନେଇ ବିଚାରାଧୀନ ଥିବା ମାମଲାଗୁଡ଼ିକର ରାୟ ଲେଖନ୍ତୁ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ଝାଡ଼ଖଣ୍ଡ ହାଇକୋର୍ଟରେ ଏପରି ୬୧ ମାମଲା ରହିଛି, ଯାହାର ରାୟକୁ ସଂରକ୍ଷିତ କରି ରଖାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ରାୟ ଘୋଷଣା କରାଯାଇନାହିଁ। ଲୋକେ ତୁରନ୍ତ ରାୟ ଚାହାଁନ୍ତି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ନାଶିକ୍‌ରେ ନକଲି କଲ୍ ସେଣ୍ଟର ଠାବ

### ଆମେରିକା, କାନାଡା ନାଗରିକଙ୍କୁ ଟାର୍ଗେଟ କରାଯାଉଥିଲା

ମୁମ୍ବାଇ, ୧୦।୮

ମହାରାଷ୍ଟ୍ରର ନାଶିକ୍ ଅନ୍ତର୍ଗତ ଇଗତପୁରୀରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକ ସାଇବର ଠକେଇ ର୍ୟାକେଟ୍‌ର ପର୍ଦ୍ଦାଫାଶ୍ କରିଛି। ଜାଲ୍ ଆମାଜନ ସପୋର୍ଟ କଲ୍ ସେଣ୍ଟର ଚଳାଇଥିବା ୫ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଆମେରିକା, କାନାଡା ଏବଂ ଅନ୍ୟ ଦେଶର ନାଗରିକମାନଙ୍କୁ ଟାର୍ଗେଟ କରୁଥିଲେ। ଏନେଇ ମୁମ୍ବାଇରର ୬ ଜଣଙ୍କ ସମେତ କେତେଜଣ ଅଜଣା ବ୍ୟକ୍ତି ଓ ବ୍ୟାଙ୍କ ଅଫିସରଙ୍କ ନାମରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ନିଜକୁ ଆମାଜନ କଷ୍ଟମର ସର୍ଭିସ୍ ଏଜେଣ୍ଟ ପରିଚୟ ଦେଇ ବିଦେଶୀମାନଙ୍କୁ ଠକୁଥିଲେ। ଗିଫ୍ଟ କାର୍ଡ କିମ୍ବା କ୍ରିପ୍ଟୋକରେନ୍ସି ପଠାଇବା ପାଇଁ ସେମାନେ ବିଦେଶୀଙ୍କୁ ଫିସିଂ କଲ୍ କରି ଠକୁଥିଲେ। ଉକ୍ତ କଲ୍ ସେଣ୍ଟରେ ଡାଏଲର, ଭେରିଫାୟର, କ୍ଲୋଜର ଆଦି ବିଭିନ୍ନ ପଦବୀରେ ୬୦ ଜଣ ନିଯୁକ୍ତ ଥାଇ ଦୁର୍ନୀତି ଚଳାଇଥିଲେ। ସିବିଆଇ ଟିମ୍ ଚଢ଼ାଉ କଲାବେଳେ ୬୨ ଜଣଙ୍କୁ ଧରିଥିଲା। ଚଢ଼ାଉ ସମୟରେ ୪୪ଟି ଲାପ୍‌ଟପ୍, ୭୧ଟି ମୋବାଇଲ୍ ଫୋନ୍ ଏବଂ ଅପରାଧ ସମ୍ପର୍କିତ ଡିଜିଟାଲ ପ୍ରମାଣପତ୍ର, ୧.୨ କୋଟି ନଗଦ ଟଙ୍କା, ୫୦୦ ଗ୍ରାମ ସୁନା, ୭ଟି ଦାମୀ କାର୍ ଓ ୧.୨୬ ଲକ୍ଷ ଟଙ୍କାର ଗିଫ୍ଟ କାର୍ଡ ଜବତ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଓ ଅର୍ଥ କାରବାରର ଚେର କେଉଁ ଆଡ଼କୁ ଯାଇଛି, ତାହା ଜାଣିବା ପାଇଁ ସିବିଆଇ ତଦନ୍ତ ଚଳାଇଛି।

## ଶିମ୍‌ଲାରେ ୩ ଛାତ୍ର ନିଖୋଜ

### ଆମେରିକା ନମ୍ବରରୁ ଆସୁଛି ଧମକପୂର୍ଣ୍ଣ କଲ୍

ଚଣ୍ଡିଗଡ଼, ୧୦।୮

ଶିମ୍‌ଲାର ଏକ ମର୍ଯ୍ୟାଦାଜନକ ପୁରାତନ ବୋର୍ଡିଂ ସ୍କୁଲ୍‌ର ୩ ଜଣ ଷଷ୍ଠ ଶ୍ରେଣୀ ପିଲା ଶନିବାରଠାରୁ ନିଖୋଜ ଅଛନ୍ତି। ସେମାନେ ହଷ୍ଟେଲ୍ ବାହାରକୁ ଯାଇଥିବାବେଳେ ନିଖୋଜ ହୋଇଯାଇଥିଲେ। ଏକ ଆମେରିକୀୟ ନମ୍ବରରୁ ସେମାନଙ୍କ ମା'ବାପାଙ୍କ ନିକଟକୁ ଧମକପୂର୍ଣ୍ଣ ଫୋନ୍‌କଲ୍ ଆସୁଥିବା ଅଭିଯୋଗ ହୋଇଛି। ନିଖୋଜ ପିଲାମାନେ ହେଲେ ହିମାଚଳପ୍ରଦେଶର କୁଲ୍ଲୁର ବେଦାଂଶ ଭାରତୀ, ହରିୟାଣାର ଅଙ୍ଗଦ ଲାଥେର ଏବଂ ପଞ୍ଜାବ ମୋହାଲିରୁ ହିତେନ୍ଦର ସିଂ। ସ୍କୁଲ ପ୍ରିନ୍ସିପାଲଙ୍କ ଅଭିଯୋଗ ଆଧାରରେ ନ୍ୟୁ ଶିମ୍‌ଲା ଥାନା ପୋଲିସ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପିଲାମାନଙ୍କୁ ଠାବ କରିବା ପାଇଁ ଡ୍ରୋନ୍ ନିୟୋଜିତ କରାଯିବା ସହ ଉକ୍ତ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ୍ କରାଯାଉଛି।

## ନକଲି ଥାନା: ୱେବ୍‌ସାଇଟ ଦେଖାଇ ଚାନ୍ଦା ମାଗୁଥିଲେ

ନଏଡ଼ା, ୧୦।୮

ଉତ୍ତରପ୍ରଦେଶର ନଏଡ଼ାରେ ଇଣ୍ଟରନ୍ୟାଶ୍‌ନାଲ ପୋଲିସ ଆଣ୍ଡ କ୍ରାଇମ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ ନାମରେ ଏକ ନକଲି କାର୍ଯ୍ୟାଳୟ ଚାଲୁଥିଲା। ଉକ୍ତ କାର୍ଯ୍ୟାଳୟ ମାଧ୍ୟମରେ ଜନସାଧାରଣଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ୬ ଅଭିଯୁକ୍ତଙ୍କୁ ଗୌତମ ବୁଦ୍ଧ ନଗର ପୋଲିସ ଗିରଫ କରିଛି। ଶନିବାର ବିଳମ୍ବିତ ରାତିରେ ନଏଡା ସେକ୍ଟର-୭୦ସ୍ଥିତ ବିଏସ୍-୧୩୬ ଠିକଣାରେ ପୋଲିସ ପହଞ୍ଚି ଏହି ନକଲି କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅନେକ ନକଲି ପରିଚୟପତ୍ର, ନକଲି ପ୍ରମାଣପତ୍ର, ଚେକ୍ ବୁକ୍, ଏଟିଏମ୍ କାର୍ଡ, ଭିଜିଟିଂ କାର୍ଡ, ସାଇନ୍‌ବୋର୍ଡ, ମୋବାଇଲ




ଫୋନ୍ ଏବଂ ନଗଦ ୪୨,୩୦୦ ଟଙ୍କା ଜବତ କରାଯାଇଥିବା ସେ କହିଛନ୍ତି। ଅଭିଯୁକ୍ତମାନେ ପୋଲିସର ପରିଚୟ, ଜାଲ ପରିଚୟପତ୍ର ଏବଂ ବିଭିନ୍ନ ମନ୍ତ୍ରଣାଳୟର ଜାଲ କାଗଜପତ୍ରକୁ ବ୍ୟବହାର କରି ଲୋକଙ୍କଠାରୁ ଚାନ୍ଦା ଆଦାୟ କରି, ସେମାନଙ୍କୁ ଠକୁଥିଲେ। ସେମାନେ ଉକ୍ତ ନକଲି ପୋଲିସ ଷ୍ଟେଶନକୁ ଏକ ପ୍ରକୃତ ସରକାରୀ ସଂସ୍ଥାର କାର୍ଯ୍ୟାଳୟ ଭାବେ ସ୍ଥାପନ କରିଥିଲେ। ସେଠାରେ ପୋଲିସ ଲୋଗୋ ସମେତ ବିଭିନ୍ନ ମନ୍ତ୍ରଣାଳୟ ନାମରେ ନକଲି ପ୍ରମାଣପତ୍ରକୁ ପ୍ରଦର୍ଶନ କରାଯାଇଥିଲା। ଅଭିଯୁକ୍ତମାନେ ନିଜକୁ ଏକ ଅନ୍ତର୍ଜାତୀୟ ତଦନ୍ତକାରୀ ସଂସ୍ଥାର ସଦସ୍ୟ ଭାବେ ପରିଚୟ ଦେଇ ଲୋକଙ୍କଠାରୁ ଚାନ୍ଦା ଆଦାୟ କରୁଥିଲେ। ସେମାନେ www.intlpcrib.in ନାମରେ ଏକ ୱେବ୍‌ସାଇଟ ତିଆରି କରିଥିଲେ ଏବଂ ଉକ୍ତ ୱେବ୍‌ସାଇଟ ମାଧ୍ୟମରେ ଲୋକଙ୍କଠାରୁ ଚାନ୍ଦା ସଂଗ୍ରହ କରୁଥିଲେ। କିଛିଦିନ ତଳେ ଉକ୍ତ ନକଲି କାର୍ଯ୍ୟାଳୟକୁ ଭଡ଼ାରେ ନିଆଯାଇଥିଲା ଏବଂ ଏହା ମାତ୍ର ୧୦ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥିଲା। ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।

## ଟ୍ରୋଲ୍ ହେଲେ ଅଲ୍ଲୁ

ମୁମ୍ବାଇ

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ମୁମ୍ବାଇ ଏୟାରପୋର୍ଟରେ ଜଣେ ସୁରକ୍ଷା ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବାର ନଜରକୁ ଆସିଛନ୍ତି। ଅଲ୍ଲୁଙ୍କ ଏପରି ବ୍ୟବହାରକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ତାଙ୍କୁ ଟ୍ରୋଲ୍ କରିଛନ୍ତି। ଅଲ୍ଲୁ ଶନିବାର ମୁମ୍ବାଇ ଏୟାରପୋର୍ଟରେ ପହଞ୍ଚିବା ପରେ ଏଣ୍ଟ୍ରି ଗେଟ୍ ନିକଟରେ ନିୟୋଜିତ ଥିବା ଜଣେ ସିଆଇଏସ୍‌ଏଫ୍ ଅଧିକାରୀ ସେ ପିନ୍ଧିଥିବା ମାସ୍କକୁ ହଟାଇବା ପାଇଁ କହିଥିଲେ। ଅଲ୍ଲୁଙ୍କ ପାସ୍‌ପୋର୍ଟରେ ଲାଗିଥିବା ଫଟୋ ଓ ତାଙ୍କ ଚେହେରାକୁ ମିଳାଇବା ପାଇଁ ସୁରକ୍ଷା ଅଧିକାରୀ ଜଣକ ଅଲ୍ଲୁଙ୍କୁ ମାସ୍କ ହଟାଇବା ପାଇଁ କହିଥିଲେ। ତେବେ ଅଲ୍ଲୁ ଏପରି ନ କରି ସିଆଇଏସ୍‌ଏଫ୍ ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବା ନେଇ ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଅଲ୍ଲୁଙ୍କୁ ଟ୍ରୋଲ୍ କରିଛନ୍ତି। ଏୟାରପୋର୍ଟର ନିୟମ ସମସ୍ତଙ୍କ ପାଇଁ ସମାନ। ତେଣୁ ତାରକାମାନେ ମଧ୍ୟ ସାଧାରଣ ଲୋକଙ୍କ ପରି ଏୟାରପୋର୍ଟର ନିୟମକୁ ପାଳନ କରିବା ଉଚିତ ବୋଲି ବହୁ ୟୁଜର୍ସ କହିଛନ୍ତି।



# ଗ୍ୟାସ୍ ସିଲିଣ୍ଡର ଫାଟି ପରିବାରର ୩ ଗୁରୁତର

ବଅଁରପାଳ,୧୦।୮ (ସୁବାସ ଚନ୍ଦ୍ର ସାହୁ)



ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନାଲ୍‌କୋ ନଗର ଥାନା ଅନ୍ତର୍ଗତ କୁଲାଡ ଗ୍ରାମର ବ୍ରାହ୍ମଣୀ ଦେବୀ ପୀଠ ସମ୍ମୁଖ ଏକ ଆଜବେଷ୍ଟସ୍ ଘର ଭିତରେ ଶନିବାର ମଧ୍ୟରାତ୍ରିରେ ଗ୍ୟାସ୍ ସିଲିଣ୍ଡର ଫାଟି ଗୋଟିଏ ପରିବାରର ୩ ଗୁରୁତର ହୋଇଛନ୍ତି। ଗୁରୁତର ଆହତଙ୍କୁ ପ୍ରଥମେ ନାଲ୍‌କୋ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ଅନୁଗୋଳ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ରାତ୍ରିରେ ସପରିବାର କବାଟ ବନ୍ଦ କରି ଶୋଇବାକୁ ଯାଇଥିଲେ। ମଧ୍ୟରାତ୍ରି ପ୍ରାୟ ୧ଟା ୩୦ରେ ହଠାତ୍ ଭୟଙ୍କର ଶବ୍ଦରେ ଗ୍ୟାସ ଟାଙ୍କି ଫାଟିଥିଲା। ପରିବାର ଲୋକ କିଛି ବୁଝିପାରି ନ ଥିଲେ। ଘର ଭିତରେ ପୁଅ ଜିଗ୍ନେଶ ପ୍ରଧାନ(୨୦), ମା' ରତ୍ନମଞ୍ଜରୀ ପ୍ରଧାନ(୪୩), ବାପା ବିଭୂତି ଭୂଷଣ ପ୍ରଧାନ(୪୫)ଥିଲେ। ଧୂଆଁ ଅନ୍ଧାରରେ ଗ୍ରିଲ ତାଲା ଭାଙ୍ଗି ପୁରା ପରିବାର ବାହାରକୁ ଆସିଥିଲେ। ବିସ୍ଫୋରଣ ଶବ୍ଦ ଶୁଣି ପାଖ ପଡୋଶୀ ଓ ଜାତୀୟ ରାଜପଥ କଡ଼ରେ ଥିବା ଏକ ଢାବା କର୍ମଚାରୀ ଆସି ପ୍ରଥମେ ଆହତ ପରିବାରଙ୍କୁ ସ୍ଥାନୀୟ ନାଲ୍‌କୋ ଡାକ୍ତର ଖାନାକୁ ପଠାଇଥିଲେ। ପରେ ସେମାନଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ମା' ରତ୍ନମଞ୍ଜରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡିଛି। ବିଭୂତି ଭୂଷଣ ସ୍ମେଲ୍ଟର ପ୍ଲାଣ୍ଟରେ ଠିକାଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଖବର ପାଇ ନାଲ୍‌କୋ ପୋଲିସ ଓ ଅନୁଗୋଳ ଅଗ୍ନିଶମ ବିଭାଗ ପରେ ନାଲ୍‌କୋ ସିପିପି ପ୍ଲାଣ୍ଟର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବାହିନୀଙ୍କ କହିବା ଅନୁଯାୟୀ ଘର ଭିତରେ ଚୁଲା ବ୍ୟବହାର ହୋଇ ନଥିବା ୨ଟି ଗ୍ୟାସ ସିଲିଣ୍ଡର ଓ ସିଲିଣ୍ଡରକୁ ଲାଗି ଏକ ସ୍କୁଟର ରହିଥିଲା। ପାଖରେ ଥିବା ବିଦ୍ୟୁତ୍ ବୋର୍ଡରୁ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଶର୍ଟସର୍କିଟ ହେବାପରେ ଗାଡ଼ିର ପେଟ୍ରୋଲ ନିଆଁ ଜଳିବାରେ ସହାୟକ ହୋଇଥିଲା। ପେଟ୍ରୋଲରେ ପ୍ରଥମେ ନିଆଁ ସଂଯୋଗ ହେବା ଫଳରେ ପାଖରେ ଥିବା ଗ୍ୟାସ ଟାଙ୍କି ପ୍ରଭାବିତ ହୋଇ ଟାଙ୍କି ଉଚ୍ଚ ଶବ୍ଦରେ ଫାଟିଥିଲା। ୩ଟି ଘରର ଆଜ୍‌ବେଷ୍ଟସ୍ ଛପର ସମ୍ପୂର୍ଣ୍ଣ ଉଡ଼ି ଯାଇଥିବାବେଳେ ସମସ୍ତ ଆସବାବପତ୍ର ପୋଡ଼ି ଛାରଖାର ହୋଇଯାଇଥିଲା।

# ଗିରଫ ପରେ ଜେଲଗଲେ ପୁରୁଷବନ୍ଧୁ ପ୍ରମୋଦ

ପଟ୍ଟାମୁଣ୍ଡାଇ, ୧୦।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଗତ ୬ ତାରିଖରେ ଯୁକ୍ତ୩ ଛାତ୍ରୀ ସଙ୍ଗୀତା ପରିଡ଼ାଙ୍କ ପୋଡ଼ି ହୋଇ ମୃତ୍ୟୁ ଘଟଣାରେ ଜିଲା ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଘଟଣାର ୪ମ ଦିନରେ ଥାନା ଅନ୍ତର୍ଗତ ବିଲିକଣା ପଞ୍ଚାୟତ ତେରୋହୀ ଗ୍ରାମର ପୁରୁଷବନ୍ଧୁ ପ୍ରମୋଦ ବେହେରାଙ୍କୁ ରବିବାର ପୋଲିସ ଗିରଫ କରିଛି। ସଙ୍ଗୀତାଙ୍କ ବାପା ଶଶିକାନ୍ତ ଘଟଣାର ୪ ଦିନ ପରେ ଶନିବାର ଦ୍ୱିତୀୟ ଥର ପାଇଁ ଦେଇଥିବା ଏତଲାରେ ପ୍ରମୋଦଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଭାରତୀୟ ନ୍ୟାୟ ସଂହିତା ୨୯୬, ୭୫, ୭୮, ୧୦୮, ୬୬ ଇ, ୬୭ ଏ ପରି ଦଫା ଲଗାଇ ନଂ. ୨୮୪/୨୫ରେ ମାମଲା ରୁଜୁ କରିଥିଲା। ପ୍ରମୋଦଙ୍କ ଗିରଫ ସମ୍ପର୍କରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ ଖବରଦାତା ସମ୍ମିଳନୀ କରି କହିଛନ୍ତି, ତଦନ୍ତ ସମୟରେ ତାଙ୍କ ମୋବାଇଲରୁ ସଙ୍ଗୀତାଙ୍କ ୬୦ଟି ଅଶ୍ଳୀଳ ଭିଡିଓ ଓ ଫଟୋ ମିଳିଛି। ଜୁଲାଇ ୧୭ ତାରିଖରେ ଏପରି ଭିଡିଓ ସଙ୍ଗୀତାଙ୍କ ବାପାଙ୍କ ମୋବାଇଲକୁ ପ୍ରମୋଦ ପଠାଇଥିଲେ। ସେହିପରି ଏହି ଭିଡିଓ ଭାଇରାଲ ପାଇଁ ୨ଜଣଙ୍କ ନିକଟକୁ ପଠାଯାଇଛି। ସଙ୍ଗୀତାଙ୍କ ମୃତ୍ୟୁ ପୂର୍ବରୁ ସେ ପ୍ରମୋଦଙ୍କ ସହ ମୋବାଇଲ ଫୋନରେ କଥା ହୋଇଥିଲେ। ତେବେ ତାଙ୍କ ମୃତ୍ୟୁ ସମ୍ପର୍କରେ ତଦନ୍ତ ଜାରି ରହିଛି। ତଦନ୍ତ ସମୟରେ ପାଖ ପଡ଼ିଶାଙ୍କ ସିସିଟିଭିରୁ କେତେକ ସୂଚନା ମଧ୍ୟ ମିଳିଛି। ପ୍ରମୋଦଙ୍କ ଗିରଫ ପରେ ପଟ୍ଟାମୁଣ୍ଡାଇ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାର ସମସ୍ତ ତଥ୍ୟ ପରେ ଉତଥାପନର ହେବ। ସେତେବେଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।



ଗିରଫ ପ୍ରମୋଦ ବେହେରା।

ପୁରୁଷବନ୍ଧୁ ପ୍ରମୋଦଙ୍କ ଗିରଫ ପ୍ରତିବାଦରେ ତାଙ୍କ ପରିବାର ମୃତା ଛାତ୍ରୀଙ୍କ ମା' ବାପାଙ୍କ ନାମରେ ଗ୍ରାମାଞ୍ଚଳ ଥାନାରେ ରବିବାର ଏତାଲା ଦେଇଛନ୍ତି। ତାଙ୍କ ପରିବାର ସମେତ ଗ୍ରାମର ଶତାଧିକ ବ୍ୟକ୍ତି ଥାନାକୁ ଘେରାଉ କରିଛନ୍ତି। ଥାନା ଘେରାଉରେ ସାମିଲ ଥିବା ପ୍ରମୋଦଙ୍କ ବାପା ଗଣେଶ୍ୱର ବେହେରା, ମା' ଶାନ୍ତିଲତା ବେହେରା କହିଛନ୍ତି, ସଙ୍ଗୀତା ଓ ପୁଅଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଦୀର୍ଘଦିନ ହେବ ରହିଛି। ତେବେ ସଙ୍ଗୀତାଙ୍କ ପରିବାର ଗରିବୀ ପାଇଁ ବିରୋଧ କରି ଆସୁଥିଲେ। ଏପରିକି ସଙ୍ଗୀତାଙ୍କୁ ବହୁବାର ନିର୍ଯାତନା ଦିଆଯାଇଛି। ମୃତ୍ୟୁରେ ପ୍ରମୋଦଙ୍କ କୌଣସି ହାତ ନାହିଁ। ଶଶିକାନ୍ତଙ୍କ ପରିବାର ସଙ୍ଗୀତାଙ୍କୁ ମାଡ଼ ମାରି ଜାଳିଦେଇଥିବା ପାରିପାର୍ଶ୍ୱିକ ସ୍ଥିତି ସୂଚନା ଦେଉଛି। ପ୍ରଥମ ଅଭିଯୋଗରେ ପ୍ରମୋଦଙ୍କ ନାମ ନ ଥିବାବେଳେ ଘଟଣାର ୪ ଦିନ ପରେ ଗ୍ରାମାଞ୍ଚଳ ଥାନାରେ ଶଶିକାନ୍ତଙ୍କ ଅଭିଯୋଗ ପୁଅକୁ ଫସେଇବା ପାଇଁ ହୋଇଛି। ନ୍ୟାୟ ନ ମିଳିଲେ ପରିବାରର ସମସ୍ତ ସଦସ୍ୟ ଆତ୍ମାହୁତି ଦେବେ ବୋଲି କହିଛନ୍ତି। ଏହି ଘଟଣା ପରେ ଗ୍ରାମାଞ୍ଚଳ ଥାନାରେ ଅଧିକ ପୋଲିସ ବଳ ମୁତୟନ ହୋଇଛି। ସେହିପରି ସତର୍କତାମୂଳକ ପଦକ୍ଷେପ ପାଇଁ ଦମକଳ ବାହିନୀ ସଜାଗ ଅଛି।

ଅପରପକ୍ଷରେ ପ୍ରମୋଦଙ୍କ ଗିରଫ ପରେ ମଧ୍ୟ ସଙ୍ଗୀତାଙ୍କ ମୃତ୍ୟୁ ରହସ୍ୟ ପରଦା ଆଢୁଆଳରେ ଅଛି। ସେ ଜଳିଗଲେ ନା ତାଙ୍କୁ ଜାଳିଦିଆଗଲା, ସେ ସମ୍ପର୍କରେ ଜିଲା ପୋଲିସର ତଦନ୍ତ ଏବେ ବି ଜାରି ରହିଛି। ସଙ୍ଗୀତାଙ୍କ ମୃତଦେହ କାଠିଆପଡ଼ାସ୍ଥ ବନ୍ଦ ଘର ମଧ୍ୟରେ ଗତ ୬ ତାରିଖରେ ଜବତ ହୋଇଥିଲା। ଦେହରେ ନିଆଁ ଲାଗି ପୋଡ଼ି ହୋଇଯାଇଥିଲେ। ଏ ନେଇ ଗ୍ରାମାଞ୍ଚଳ ଥାନାରେ ବାପା ଶଶିକାନ୍ତଙ୍କ ଏତଲା ପରେ ଏସ୍‌ପି କାଟାରିଆଙ୍କ ନେତୃତ୍ୱରେ ତଦନ୍ତ ଚାଲିଛି। ଶନିବାର କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଏହି ମୃତ୍ୟୁ ମାମଲା ସମ୍ପର୍କରେ ଏସ୍‌ପି କାଟାରିଆଙ୍କ ସହିତ ସମୀକ୍ଷା କରିଥିଲେ। ଏହାପରେ ଜିଲା ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।



ପ୍ରମୋଦଙ୍କ ଗିରଫ ପ୍ରତିବାଦରେ ମହିଳାମାନେ ରବିବାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଘେରାଉ କରିଛନ୍ତି।

## ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡ଼ି ମୃତ୍ୟୁ ଘଟଣା

- ପ୍ରମୋଦଙ୍କ ମୋବାଇଲରୁ ମିଳିଛି ଅଶ୍ଳୀଳ ଭିଡିଓ, ଫଟୋ
- ଗିରଫ ପ୍ରତିବାଦରେ ଗ୍ରାମାଞ୍ଚଳ ଥାନା ଘେରାଉ

# ବଜ୍ରପାତରେ ନାବାଳକ ମୃତ, ୨ ଆହତ

କେନ୍ଦୁଝର,୧୦।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ କୋଡିପଶା ଡ୍ୟାମ୍‌କୁ ଗାଧୋଇବାକୁ ଯାଇଥିବାବେଳେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ସ୍ଥାନୀୟ ଜନାର୍ଦ୍ଦନପୁର ଗ୍ରାମର ତେଜଶ କୁମାର ସାହୁ(୧୫)। ଆହତମାନେ ହେଲେ ବୈଦରାଜ ସାହିର ସମିତ ରଣସିଂହ(୧୭) ଏବଂ ଡାଙ୍ଗୁଣିଆ ସାହିର ଅଂଶୁ ନାଏକ(୧୬)।

ସୂଚନା ଅନୁଯାୟୀ, କେନ୍ଦୁଝର ସହରରୁ ୩ ସାଙ୍ଗ ଏକ ସ୍କୁଟିରେ ଗାଧୋଇବାକୁ କୋଡିପଶା ଡ୍ୟାମ୍‌କୁ ଯାଇଥିଲେ। ଡ୍ୟାମ୍ ତଟରେ ସ୍କୁଟି ରଖି ଗାଧୋଇବାକୁ ଯିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ବଜ୍ରପାତ ହୋଇଥିଲା। ୩ ସାଙ୍ଗ ବଜ୍ରପାତର ଶିକାର ହୋଇଥିବା ବେଳେ ଘଟଣାସ୍ଥଳରେ ତେଜଶଙ୍କ ମୃତ୍ୟୁ ହୋଇଛି। ସମିତ, ଅଂଶୁ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଆହତଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ. ୮୦/୨୦୨୫)ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି।

# ପିକ୍‌ଅପ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ମୁନିଗୁଡା,୧୦।୮ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ଦେଓକୁପୁଲି ଛକ ନିକଟରେ ରବିବାର ରାତି ପ୍ରାୟ ୮ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପିକ୍‌ଅପ୍ ଭ୍ୟାନ ଏବଂ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ପିକଅପ୍ ଭ୍ୟାନ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ବାଇକ୍‌ରେ ବସିଥିବା ଜଣେ ୫ବର୍ଷର ଝିଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବରପାଇ ମୁନିଗୁଡ଼ା ପୋଲିସ ଓ ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ଡ୍ରାଇଭରଙ୍କୁ ଉଦ୍ଧାର କରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସୁଦ୍ଧା ୨ ମୃତକଙ୍କ ପରିଚୟ ମିଳିପାରି ନାହିଁ।

# ପରିତ୍ୟକ୍ତ ଅଙ୍ଗନୱାଡି ଛାତରୁ ନାବାଳକଙ୍କ ମୃତଦେହ ଜବତ

ଯୋଡ଼ା,୧୦।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ବିଲେଇପଦାସ୍ଥିତ ଏକ ପରିତ୍ୟକ୍ତ ଅଙ୍ଗନୱାଡ଼ି ଗୃହ ଛାତ ଉପରୁ ଜଣେ ନାବାଳକଙ୍କ ମୃତଦେହ ଜବତ ହୋଇଛି। ମୃତକ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି। କିନ୍ତୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ କରେଣ୍ଟ ଲାଗି ମୃତ୍ୟୁ ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମୃତକଙ୍କ ଆତ୍ମୀୟଙ୍କୁ ୪ ଲକ୍ଷ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ସୂଚନା ଅନୁଯାୟୀ, ରବିବାର ସକାଳେ ଅଙ୍ଗନୱାଡ଼ି ଗୃହ ଛାତ ଉପରେ ଜଣେ ନାବାଳକ ଅଚେତ ଅବସ୍ଥାରେ ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନାବାଳକଙ୍କୁ ଛାତ ଉପରୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଉକ୍ତ ଅଙ୍ଗନୱାଡ଼ି ଗୃହଟି ଦୀର୍ଘଦିନରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବାବେଳେ ସେଠାକୁ ନାବାଳକ ଜଣକ କିପରି ଗଲେ ତାହା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।













ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ହୋଟେଲରେ ରବିବାର ଆୟୋଜିତ ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍-୨୦୨୫ର ଜୁନିୟର ବର୍ଗ ଗ୍ରାଣ୍ଡ ଫାଇନାଲ୍ସରେ କୁଇଜ୍ ମାଷ୍ଟର ଅଜୟ ପୁନିଆ ପ୍ରତିଯୋଗୀମାନଙ୍କୁ ପ୍ରଶ୍ନ ପଚାରୁଛନ୍ତି।

# ଉତ୍ତର ପାଇଁ କସରତ























‘ମେଟଲ୍ ମିଟ୍ ୨୦୨୫’ ଫାଇନାଲ୍ସର ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରତିଯୋଗିତା ସମ୍ପର୍କରେ ଉଦ୍‌ବୋଧନ ଦେଉଛନ୍ତି ଓଡ଼ିଶାପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ



କୁଇଜ୍ ମାଷ୍ଟର ଅଜୟ ପୁନିଆ












ଗ୍ରାଣ୍ଡ ଫାଇନାଲ୍ସରେ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ, ଅତିଥି।




ପୁରସ୍କୃତ ହୋଇଥିବା ଓଡ଼ିଶାପୋଷ୍ଟର ‘ଡେଲି କୁଇଜ୍’ ପ୍ରତିଯୋଗିତାର ବିଜେତାମାନେ।





ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମରେ ରବିବାର ଆୟୋଜିତ ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୫ ଜୁନିୟର ଗ୍ରୁପ୍ ଗ୍ରାଣ୍ଡ ଫାଇନାଲର ପ୍ରଥମ ରନରଅପ୍ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଭୁବନେଶ୍ୱର ଏବଂ ଦ୍ୱିତୀୟ ରନରଅପ୍ ଲୟୋଲା ସ୍କୁଲ ଭୁବନେଶ୍ୱର ଟିମ୍‌କୁ ଓଡ଼ିଶାପୋଷ୍ଟ ଏବଂ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଅଜନ୍ତା ଆଡଭର୍ଟାଇଜର୍ସର ପରିଚାଳନା ନିର୍ଦ୍ଦେଶକ ମନୀଷ ଅଗ୍ରୱାଲ ପୁରସ୍କାର ବାବଦ ଚେକ୍ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି କୁଇଜ୍ ମାଷ୍ଟର ଅଜୟ ପୁନିଆ।





ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୫ ସିନିୟର ଗ୍ରୁପ୍ ଗ୍ରାଣ୍ଡ ଫାଇନାଲର ପ୍ରଥମ ରନରଅପ୍ ଆଇଆଇଟି ଖଡ଼ଗପୁର ଏବଂ ଦ୍ୱିତୀୟ ରନରଅପ୍ ଆଇଆଇଏମ୍ କାଲ୍‌କାଟା ଟିମ୍‌କୁ ପୁରସ୍କାର ବାବଦ ଚେକ୍ ପ୍ରଦାନ କରାଯାଉଛି।







ଗ୍ରାଣ୍ଡ ଫାଇନାଲ୍ସରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି, ଅତିଥି, ଛାତ୍ରୀଛାତ୍ର ଓ ଅଭିଭାବକମାନେ।







ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଦ୍ୱାରା ସମ୍ମାନିତ ହୋଇଥିବା କାର୍ଯ୍ୟକ୍ରମର ପ୍ରାୟୋଜକମାନେ।



ଗ୍ରାଣ୍ଡ ଫାଇନାଲ୍ସର ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନର ଜଣେ ବିଜେତାଙ୍କୁ ପୁରସ୍କୃତ କରାଯାଇଛି।




ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୫ର ସେଲ୍‌ଫି ପଏଣ୍ଟରେ ଛାତ୍ରୀଛାତ୍ରମାନେ। **(ଫଟୋ: ବିକାଶ ନାୟକ/ମନୋରଞ୍ଜନ ମିଶ୍ର/ଜ୍ୟୋତିରଞ୍ଜନ ସାହୁ)**

# କ'ଣ କୁହନ୍ତି ବିଜେତା ଟିମ୍

## ■ ତୃତୀୟ ଥର ବିଜେତା ହୋଇଥିବାରୁ ଖୁସି ଲାଗୁଛି

ଆଜିର ସଫଳତା ପାଇଁ ବହୁତ ପରିଶ୍ରମ କରିଥିଲୁ। ଚଳିତ ବର୍ଷ ପୁରସ୍କାର ଜିତିବା ପାଇଁ ବହୁ ପରିଶ୍ରମ କରିଥିଲୁ। ପୂର୍ବଥର ଅପେକ୍ଷା ଏଥର ପ୍ରଶ୍ନ କଷ୍ଟ ଥିଲା। ପ୍ରତିଦ୍ୱନ୍ଦ୍ୱୀଙ୍କୁ କ'ଣ ପ୍ରଶ୍ନ ପଚରା ଯାଉଛି ସେକଥା ନ ଭାବି ନିଜ ପ୍ରଶ୍ନ ଉପରେ ଅଧିକ ଧ୍ୟାନ ଦେଇଥିଲୁ। ଓଡ଼ିଶା ଭିତର ବାହାରଠାରୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ମଧ ବହୁତ ପ୍ରଶ୍ନ ଆସିଥିଲା। ବିଜେତା ହୋଇଥିବାରୁ ବହୁତ ଖୁସି ଲାଗୁଛି। ଆମେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ନିୟମିତ ପଢୁଥିବାରୁ କେତେକ ପ୍ରଶ୍ନର ଉତ୍ତର ଦେବାରେ ସହାୟକ ହୋଇଥିଲା।

**- ପ୍ରୀତିମାନ ମିଶ୍ର, ଚାମ୍ପିୟନ ଟିମ୍ (ସିନିୟର), ଏମ୍‌ସ, ଭୁବନେଶ୍ୱର**

## ■ ପ୍ରଥମ ଥର ପୁରସ୍କାର ପାଇ ଖୁସି ଅଛୁ

ପ୍ରଥମ ଥର ମେଟଲ୍ ମିଟ୍ ଆସି ପ୍ରଥମ ରନରଅପ ହୋଇଥିବାରୁ ଖୁସି ଲାଗୁଛି। ପ୍ରଶ୍ନଗୁଡ଼ିକ ବିଭିନ୍ନ ବିଷୟରୁ ପଡ଼ିଥିଲା। ସୋସିଆଲ ମିଡିଆରେ ପୂର୍ବବର୍ଷଗୁଡ଼ିକର ମେଟଲ୍ ମିଟ୍ କାର୍ଯ୍ୟକ୍ରମରେ ପଚରା ଯାଇଥିବା ପ୍ରଶ୍ନ ଦେଖିଥିଲୁ। ଚଳିତବର୍ଷ ସଂସ୍କରଣରେ ତୁଳନାତ୍ମକ ଭାବେ କଷ୍ଟ ପ୍ରଶ୍ନ ଥିଲା। ପ୍ରତିଯୋଗିତାରେ ଆସି ଆମେ ଜିତିଥିବାରୁ ଆମ ଟିମ୍ ବହୁତ ଆନନ୍ଦିତ।

**- ପ୍ରଖର ଶ୍ରୀଗୁରୁ, ପ୍ରଥମ ରନରଅପ୍ (ସିନିୟର), ଆଇଆଇଟି, ଖଡ଼ଗପୁର**

## ■ ଆସନ୍ତା ସଂସ୍କରଣରେ ବିଜେତା ହେବାକୁ ଚେଷ୍ଟା କରିବୁ

ଆମେ ପ୍ରଥମଥର ପାଇଁ ମେଟଲ୍ ମିଟ୍‌ରେ ଯୋଗ ଦେଇଥିଲୁ। ବିଭିନ୍ନ କୁଇଜ୍ ପ୍ରତିଯୋଗିତାରେ ଯୋଗ ଦେଇଥିଲୁ, କିନ୍ତୁ ମେଟଲ୍ ମିଟ୍‌ର ଅନୁଭୂତି ବହୁତ ଭଲ ଥିଲା। ପ୍ରଶ୍ନଗୁଡ଼ିକ ଅତି ଉଚ୍ଚକୋଟୀର ଥିଲା। ପୂର୍ବବର୍ଷର ମେଟଲ୍ ମିଟ୍ କାର୍ଯ୍ୟକ୍ରମର ଭିଡିଓ ଦେଖିଥିଲୁ। କିନ୍ତୁ ଚଳିତ ବର୍ଷ ଫର୍ମାଟ୍ କିଛିମାତ୍ରାରେ ଭିନ୍ନ ଥିଲା। ବିଜୟୀ ହେବୁ ବୋଲି ଆଶା ଥିଲା, କିନ୍ତୁ ଦ୍ୱିତୀୟ ରନରଅପ୍ ହୋଇଛୁ। ଆସନ୍ତାବର୍ଷକୁ ପୁଣି ଯୋଗଦେଇ ବିଜେତା ହେବାକୁ ଚେଷ୍ଟା କରିବୁ।

**- ଆର୍ଯ୍ୟା ଅରୁଣ, ଦ୍ୱିତୀୟ ରନରଅପ୍ (ସିନିୟର), ଆଇଆଇଏମ୍ କାଲ୍‌କାଟା**

## ■ ଦ୍ୱିତୀୟ ଥର ବିଜେତା ହୋଇଥିବାରୁ ଖୁବ୍ ଆନନ୍ଦିତ

ଦ୍ୱିତୀୟଥର ପାଇଁ ମେଟଲ୍ ମିଟ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଖୁବ୍ ଆନନ୍ଦିତ ଅଛୁ। ଗତଥର ଭଳି ଚଳିତ ସଂସ୍କରଣରେ ଆମେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଥିଲୁ, ଯାହାର ଫଳ ଆମେ ପାଇଛୁ। ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ ଟ୍ରିକି ଥିଲେ ମଧ ସେଗୁଡିକୁ ଠିକ୍ ଭାବେ ବୁଝି ଉତ୍ତର ଦେଇଥିବାରୁ ବିଜେତା ହୋଇପାରିଛୁ।

**- ସାଇ ଅରୂସ ଦାସ, ଚାମ୍ପିୟନ ଟିମ୍, ଡିଏଭି ୟୁନିଟ୍-୮, ଭୁବନେଶ୍ୱର**

## ■ ବିଜେତା ହେବାକୁ ଚେଷ୍ଟା କରିବୁ

ଆମ ଟିମ୍ ଜୁନିୟର କୁଇଜ ପ୍ରତିଯୋଗିତାର ଦ୍ୱିତୀୟ ସ୍ଥାନରେ ରହିଛି। ବଜର୍‌ରେ ଠିକ୍ ସମୟରେ କ୍ଲିକ୍ କରି ନ ଥିବାରୁ ଆମେ ଅଧିକ ପ୍ରଶ୍ନର ଉତ୍ତର ଦେଇପାରି ନ ଥିଲୁ। ଆସନ୍ତା ସଂସ୍କରଣରେ ବ୍ୟବସ୍ଥିତ ଢଙ୍ଗରେ ପ୍ରସ୍ତୁତି କରିବୁ। ବିଜେତା ହେବାକୁ ଚେଷ୍ଟା କରିବୁ।

**- ଆଦ୍ୟୋୟା ଷଡ଼ଙ୍ଗୀ, ପ୍ରଥମ ରନରଅପ୍ (ଜୁନିୟର), କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର**

## ■ ଶେଷ ୩ଟି ପ୍ରଶ୍ନ ଜିତିବାରେ ସହାୟକ ହେଲା

ପ୍ରଥମରୁ ଆମେ ଜିତିବା କଷ୍ଟକର ହୋଇଥିଲା। ହେଲେ ଶେଷ ୩ଟି ପ୍ରଶ୍ନର ଉତ୍ତର ଦେଇପାରିଥିବାରୁ ତାହା ଆମ ପାଇଁ ଜିତିବାରେ ସହାୟକ ହୋଇଥିଲା। ଆମେ ବିଜେତା ହୋଇ ଖୁସି ଅଛୁ। ପରବର୍ତ୍ତୀ ସଂସ୍କରଣରେ ଚାମ୍ପିୟନ ହେବାକୁ ଚେଷ୍ଟା କରିବୁ।

**- ସୋଭିତ ଲେଙ୍କା, ଦ୍ୱିତୀୟ ରନରଅପ୍ (ଜୁନିୟର), ଲୟୋଲା ସ୍କୁଲ, ଭୁବନେଶ୍ୱର**



ବାହାର ଜଗତରେ ଘୁରି ବୁଲୁଥିବା ଉଡନ୍ତା ଶକ୍ତିଗୁଡ଼ିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। -ଶ୍ରୀମା



# ହାତୀ ସହ ମଣିଷ

ନିୟମିତ ବ୍ୟବଧାନରେ ହାତୀ ମୃତ୍ୟୁ ଖବର ପ୍ରକାଶ ପାଇଆସୁଛି। ସ୍ୱାଭାବିକ ମୃତ୍ୟୁ ତୁଳନାରେ ବିଦ୍ୟୁତ୍ ଆଘାତ ଓ ଟ୍ରେନ୍ ଧକ୍କାରେ ଅଧିକ ହାତୀଙ୍କ ଜୀବନ ଯାଉଛି। ଏହାବ୍ୟତୀତ ଶିକାରୀମାନେ ଦାନ୍ତ ଲୋଭରେ ଏବଂ ହାତୀ ଖାଦ୍ୟ ଖୋଜି ଗ୍ରାମ ଭିତରକୁ ପ୍ରବେଶ କରିବା ଓ ଫସଲହାନି କରୁଥିବାରୁ ମୁଖ୍ୟତଃ ଗ୍ରାମବାସୀଙ୍କ ରୋଷର ଶିକାର ହୋଇ ଏହା ମୃତ୍ୟୁମୁଖରେ ପଡ଼ୁଛି। ୨୦୦୯-୧୦ ରୁ ୨୦୨୪-୨୫ ମଧ୍ୟରେ ଅର୍ଥାତ୍ ୧୫ ବର୍ଷ ଭିତରେ ଭାରତରେ ଟ୍ରେନ୍ ଧକ୍କାରେ ୧୮୬ ହାତୀଙ୍କର ମୃତ୍ୟୁ ଘଟିଛି। କେନ୍ଦ୍ର ପରିବେଶ ମନ୍ତ୍ରାଳୟ, ରେଳ ମନ୍ତ୍ରାଳୟ ଓ ବିଭିନ୍ନ ରାଜ୍ୟର ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଭାବେ ୧୪ଟି ରାଜ୍ୟର ୧୨୭ ରେଳପଥର ୩,୪୫୨ କିଲୋମିଟର ପରିବ୍ୟାପ୍ତ ଟ୍ରାକ୍‌ରେ କରାଯାଇଥିବା ସର୍ଭେରୁ ଏହି ତଥ୍ୟ ଜଣାପଡ଼ିଛି। ଭାରତର ୬୯ ହଜାର କିଲୋମିଟରର ରେଳ ନେଟୱର୍କ ମଧ୍ୟରୁ ଅନେକ ଶହ କିଲୋମିଟର ଘଞ୍ଚ ଜଙ୍ଗଲ ପଥ ଦେଇ ଯାଇଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା କୁହାଯାଉଛି। ତେବେ ସେହିସବୁ ଅଞ୍ଚଳରେ ଲେଭେଲ କ୍ରସିଂ, ର‍୍ୟାମ୍ପ, ବାରିକେଡ଼ ଓ ଟ୍ରେଞ୍ଚ ଭିତ୍ତିଭୂମି ଗଠନ, ଅଣ୍ଡରପାସ ଏବଂ ଓଭରପାସ ନିର୍ମାଣ କରିବାକୁ ସର୍ଭେରେ ପ୍ରସ୍ତାବ ଦିଆଯାଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏହା ହାତୀ ମୃତ୍ୟୁ ରୋକିବାରେ କେତେ ସକ୍ଷମ ହୋଇପାରିବ ତାହା ଭବିଷ୍ୟତରେ ଜଣାପଡ଼ିବ। ଏକଥା ଚିନ୍ତା କଲାବେଳକୁ ହାତୀ ମୃତ୍ୟୁର ଅନ୍ୟ କାରଣଗୁଡ଼ିକ ଉପରେ ଗୁରୁତ୍ୱର ସହ ବିଚାର କରାଯିବା ଦରକାର। କାରଣ ଟ୍ରେନ୍ ଧକ୍କାରେ ଯେତିକି ହାତୀଙ୍କର ମୃତ୍ୟୁ ହେଉଛି, ତାହାଠାରୁ କାହିଁ ଅଧିକ ପ୍ରାଣ ଯାଉଛି ବିଦ୍ୟୁତ୍ ଆଘାତ ଓ ଶିକାର ଯୋଗୁ। କାରଣ ଅନେକ ସମୟରେ ଜଙ୍ଗଲ ମଧ୍ୟରେ ଯାଇଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀଙ୍କ ଜୀବନ ଯାଉଛି କିମ୍ବା ଲୋକମାନେ ସେମାନଙ୍କ ଫସଲ ରକ୍ଷା କରିବାକୁ ଯାଇ ତାର ବିଛାଇ ମାରି ଦେଉଛନ୍ତି। ୨୦୨୪ ତଥ୍ୟ ଅନୁଯାୟୀ, ଭାରତରେ ବିଗତ ୫ ବର୍ଷରେ ୭୩ ହାତୀ ଟ୍ରେନ୍ ଧକ୍କାରେ ଏବଂ ୩୯୨ ବିଦ୍ୟୁତ୍ ଆଘାତ ଯୋଗୁ ମୃତ୍ୟୁମୁଖରେ ପଡ଼ିଥିଲେ। ଉଲ୍ଲେଖନୀୟ ଯେ, ଓଡ଼ିଶାରେ ବିଦ୍ୟୁତ ଆଘାତ ଯୋଗୁ ଏହି ସମୟରେ ୭୧ ହାତୀ ମରିଥିଲେ, ଯାହା ଦେଶରେ ଥିଲା ସର୍ବାଧିକ। ନିକଟରେ ଓଡ଼ିଶା ସରକାରଙ୍କ ୨୦୨୫ ତଥ୍ୟ ମଧ୍ୟ ଦର୍ଶାଇଛି ଯେ, ଟ୍ରେନ ଦୁର୍ଘଟଣା ତୁଳନାରେ ବିଦ୍ୟୁତ୍ ଆଘାତ ଯୋଗୁ ଅଧିକ ହାତୀଙ୍କର ମୃତ୍ୟୁ ଘଟିଛି। ତଥ୍ୟ ଅନୁଯାୟୀ, ୨୦୨୧ରୁ ୨୦୨୫ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ବିଭିନ୍ନ କାରଣରୁ ୪୮୦ ହାତୀଙ୍କର ମୃତ୍ୟୁ ହୋଇଥିବାବେଳେ ସେଥିରେ ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁ ୯୫ ଓ ଟ୍ରେନ ଦୁର୍ଘଟଣାରେ ୧୫ ହାତୀଙ୍କର ପ୍ରାଣ ଯାଇଛି। ୨୦୧୮ରେ ଢେଙ୍କାନାଳର କମଳାଙ୍ଗ ଗାଁ ନିକଟରେ ଉଚ୍ଚକ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକାବେଳକେ ୭ଟି ହାତୀଙ୍କ ମୃତ୍ୟୁ ହେବା ଓଡ଼ିଶାରେ ହାତୀ ମୃତ୍ୟୁ ଇତିହାସର ଏକ ବଡ଼ ଘଟଣା ଥିଲା। ଏହାପରେ ଚିନ୍ତା କରାଯାଇଥିଲା ଏଭଳି ଘଟଣାର ପୁନରାବୃତ୍ତି ଘଟିବ ନାହିଁ। କିନ୍ତୁ ହାତୀ ସୁରକ୍ଷା ଦିଗରେ ସେଭଳି କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ନିଆଯାଇନାହିଁ। ହାତୀ ମୃତ୍ୟୁ ରୋକିବା ପାଇଁ କରାଯାଉଥିବା ଯୋଜନା ଓ ତାହାର କାର୍ଯ୍ୟକାରିତା ଭିତରେ ବହୁତ ପ୍ରଭେଦ ଥିବା ଭଳି ମନେହେଉଛି।

ପ୍ରତିକାର ସ୍ୱରୂପ ଜନବସତି ନିକଟରେ ଯେଉଁ ବିଦ୍ୟୁତ୍ ଲାଇନ ରହୁଛି ତାହାକୁ ଠିକ୍ ଭାବେ ଦେଖାଯାଉନାହିଁ କିମ୍ବା ଜନସାଧାରଣ ତାର ବିଛାଇ ହାତୀ ମାରିଦେବା ଘଟଣାରେ ବନ ବିଭାଗର ଦାୟିତ୍ୱହୀନତା ପ୍ରମାଣିତ ହେଉଛି। ଏକ ରିପୋର୍ଟରୁ ଜଣାପଡ଼ିଛି, ଭାରତବର୍ଷରେ ହାତୀ ଓ ମଣିଷ ମୃତ୍ୟୁରେ ଓଡ଼ିଶା ସବୁଠୁ ଆଗରେ ରହିଛି। ତେଣୁ ସ୍ୱାଭାବିକ ସ୍ଥିତିକୁ ପାର କରିବା ପାଇଁ କେବଳ ଟ୍ରେନ୍ ଭିତ୍ତିଭୂମି ବିକାଶ ବେଳେ ହାତୀ ସୁରକ୍ଷା ବିଷୟ ପର୍ଯ୍ୟାପ୍ତ ହେବ ନାହିଁ। ଏଥିସହିତ ଅନ୍ୟାନ୍ୟ ଦିଗକୁ ଗୁରୁତ୍ୱ ଦିଆଯିବା ଉଚିତ। ଜଙ୍ଗଲରେ କୃତ୍ରିମ ହ୍ରଦ ସୃଷ୍ଟି କରିବା ସହ ଖାଦ୍ୟ ପାଇଁ ବିଭିନ୍ନ ଫଳଜାତୀୟ ବୃକ୍ଷ ବଢ଼ାଇବାର ଆବଶ୍ୟକତା ପଡ଼ିଲାଣି। ବିକାଶ ପାଇଁ ଜଙ୍ଗଲ ଓ ଜନ୍ତୁଙ୍କୁ ଅଣଦେଖା କରାଗଲେ ମଣିଷ ତିଷ୍ଠିବା କଷ୍ଟକର ହେବ। ଶିକାରୀଙ୍କ ଉପରେ କଡ଼ା ନଜର ରଖିବା ଲାଗି ଅଧିକ ସଂଖ୍ୟକ ଫରେଷ୍ଟଗାର୍ଡ ସହିତ ଅତ୍ୟାଧୁନିକ କ୍ୟାମେରା ଭଳି ନୂତନ ପ୍ରଯୁକ୍ତି ବ୍ୟବହାର କରାଯିବା ଦରକାର। ଏଥିସହ ହାତୀ କରିଡର (ହାତୀ ଚଲାପଥ) ନିର୍ମାଣ ସକାଶେ କେତେ ଦଶନ୍ଧି ଧରି ଆଲୋଚନା ହେବା ସତ୍ତ୍ୱେ ଓଡ଼ିଶା ଭଳି ରାଜ୍ୟରେ କୌଣସି କାର୍ଯ୍ୟ ବ୍ୟବସ୍ଥିତ ଢଙ୍ଗରେ ହେଉନାହିଁ। ସେଥିପାଇଁ ବାସ୍ତବ କ୍ଷେତ୍ରରେ ସ୍ଥିତିରେ ପରିବର୍ତ୍ତନ ଦେଖାଯାଉନାହିଁ। ଦୁଇ ହାତରେ ତାଳି ବାଜିବା ଭଳି ମନେରଖିବାକୁ ହେବ ଯେ, ହାତୀ ସୁରକ୍ଷା ସେତିକିବେଳେ ଶହେ ପ୍ରତିଶତ ହୋଇପାରିବ ଯେତେବେଳେ ସେମାନଙ୍କ ଚଲାପଥ ନିକଟରେ ବସବାସ କରୁଥିବା ଜନବସତିରେ ମଣିଷ ଜୀବନ ସହିତ ସମ୍ପତ୍ତି ସୁରକ୍ଷିତ ରହିବାର ବ୍ୟବସ୍ଥା କରାଯାଇପାରିବ। ଏଥିରେ ଜନସାଧାରଣଙ୍କ ସହଯୋଗ ସର୍ବାଗ୍ରେ ରହିବାର ଆବଶ୍ୟକତା ପଡ଼ିଲାଣି। କାରଣ ସରକାରୀ ସ୍ତରରେ ସବୁ ଚାହିଦାକୁ ପୂରଣ କରାଯାଇପାରିବ ନାହିଁ। ଏଭଳି ସ୍ଥଳେ ସାମାଜିକ ଓ ପରିବେଶ ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନକୁ ସବୁ ଦିଗରୁ ସହଯୋଗ ମିଳିଲେ ପରିବର୍ତ୍ତନ ବଡ଼ ଆକାରରେ ଆସିପାରନ୍ତା। ୭ ଅଗଷ୍ଟରେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶ ଖରାଖାଇ ପଡ଼ିଆରେ 'ବିକାଶ ସାଥୀ' ସଙ୍ଗଠନ ଦ୍ୱାରା ଆରମ୍ଭ କରାଯାଇଥିବା 'ହାତୀ ସଭା' ଏକ ଅଭିନବ ଚିନ୍ତାର ବାର୍ତ୍ତା ଦେଇଛି।

ସରକାରୀ ସ୍ତରରେ ସବୁ ଚାହିଦାକୁ ପୂରଣ କରାଯାଇପାରିବ ନାହିଁ। ଏଭଳି ସ୍ଥଳେ ସାମାଜିକ ଓ ପରିବେଶ ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନକୁ ସବୁ ଦିଗରୁ ସହଯୋଗ ମିଳିଲେ ପରିବର୍ତ୍ତନ ବଡ଼ ଆକାରରେ ଆସିପାରନ୍ତା। ୭ ଅଗଷ୍ଟରେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶ ଖରାଖାଇ ପଡ଼ିଆରେ 'ବିକାଶ ସାଥୀ' ସଙ୍ଗଠନ ଦ୍ୱାରା ଆରମ୍ଭ କରାଯାଇଥିବା 'ହାତୀ ସଭା' ଏକ ଅଭିନବ ଚିନ୍ତାର ବାର୍ତ୍ତା ଦେଇଛି।

# ବୀମାଶିଳ୍ପରେ ଏଫ୍‌ଡିଆଇ ଅନାବଶ୍ୟକ



ଡ. ସନ୍ତୋଷ କୁମାର ମହାପାତ୍ର

ବିଦେଶୀ ବୀମା କମ୍ପାନୀଙ୍କ ସ୍ୱାର୍ଥ ପାଇଁ ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ବା ଏଫ୍‌ଡିଆଇ ସୀମାକୁ ୭୪%ରୁ ଶତ ପ୍ରତିଶତକୁ ବୃଦ୍ଧି କରିବାକୁ ସରକାର ବଦ୍ଧପରିକର। ଏଥି ପାଇଁ ରିଜର୍ଭ ବ୍ୟାଙ୍କର ଅନୁମୋଦନ ଆବଶ୍ୟକ ପଡ଼ିବ ନାହିଁ, ବରଂ ସିଧାସଳଖ ଆସିପାରିବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ବୀମା ଆଇନ ଓ ନିୟମରେ ସଂଶୋଧନ କରିବାକୁ ପ୍ରତିଶ୍ରୁତିବଦ୍ଧ। କିନ୍ତୁ ସଂସଦୀୟ କମିଟି ସରକାରଙ୍କୁ ସତର୍କ କରିଦେଇଛି ଯେ ବିଦେଶୀ କମ୍ପାନୀ ଲାଭ ନିଜ ଦେଶକୁ ନେଇଯିବାର କୁପ୍ରଭାବ ଭାରତ ଉପରେ ପଡ଼ିପାରେ। ଅବଶ୍ୟ ବିଦେଶୀ କମ୍ପାନୀଗୁଡ଼ିକର ଆମର ଘରୋଇ ସଞ୍ଚୟ ଉପରେ ଅଧିକ ନିୟନ୍ତ୍ରଣ ରହିବ ଯାହା ଅର୍ଥନୀତି ପାଇଁ କ୍ଷତିକାରକ। ନିବେଶ ଏବଂ ଅଭିବୃଦ୍ଧିରେ ଘରୋଇ ସଞ୍ଚୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଆଶଙ୍କା କରାଯାଉଛି ଯେ ଏପରି ନିଷ୍ପତ୍ତି ଜାତୀୟକରଣର ପୂର୍ବ ଯୁଗକୁ ନେଇଯିବ ଯେତେବେଳେ ବୀମାଧାରୀଙ୍କ ଟଙ୍କା ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ଅପବ୍ୟବହାର କରାଯାଇଥିଲା।

ଏଫ୍‌ଡିଆଇ ସୀମା ବୃଦ୍ଧି ସପକ୍ଷରେ ଏକ ଯୁକ୍ତି ହେଉଛି ବିଦେଶୀ କମ୍ପାନୀ ଅଧିକ ପୁଞ୍ଜି ଆଣିବେ, ସ୍ୱାଧୀନ ଭାବେ କାର୍ଯ୍ୟ କରିବେ। କିନ୍ତୁ ବିଦେଶୀ କମ୍ପାନୀଗୁଡ଼ିକ ବର୍ତ୍ତମାନର ୭୪% ଏଫ୍‌ଡିଆଇ ସୀମାର କେବଳ ୩୨.୬୭% ବ୍ୟବହାର କରିଛନ୍ତି। ବହୁ କମ୍ ବିଦେଶୀ କମ୍ପାନୀ ୭୪% ଏଫ୍‌ଡିଆଇ ସୀମା ଛୁଇଁଛନ୍ତି। ୨୦୦୦ରୁ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ, ଭାରତର ବୀମା କ୍ଷେତ୍ରରେ ୮୨,୮୪୭ କୋଟି ଟଙ୍କାର ଏଫ୍‌ଡିଆଇ ଆସିଥିଲା, ଯେଉଁଥିରୁ ଡିସେମ୍ବର ୨୦୧୪ରୁ ଜାନୁଆରୀ ୨୦୨୪ ମଧ୍ୟରେ ୫୩,୯୦୦ କୋଟି ଟଙ୍କା (୬.୫ ବିଲିୟନ ଡଲାର) ଏଫ୍‌ଡିଆଇ ଆସିଥିଲା। ପ୍ରାୟ ୯ଟି ବିଦେଶୀ ବୀମା କମ୍ପାନୀ ଭାରତୀୟ ବୀମା ବଜାରରୁ ତାଙ୍କ ପୁଞ୍ଜି ନେଇ ନିଜ ଦେଶକୁ ଚାଲିଯିବାବେଳେ ଗତ ଦଶ ବର୍ଷରେ କେବଳ ଦୁଇଟି ନୂତନ ଜୀବନ ବୀମା କମ୍ପାନୀ ଏହି କ୍ଷେତ୍ରରେ ପ୍ରବେଶ କରିଛନ୍ତି। ଏଫ୍‌ଡିଆଇ ବୃଦ୍ଧିକୁ ଜୋରଦାର ବିରୋଧ କରୁଥିବା ଅଲ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ଏମ୍ପ୍ଲଇଜ ଆସୋସିଏଶନ କହିଛି ଯେ ଏହି ବିଦେଶୀ କମ୍ପାନୀଗୁଡ଼ିକ ନିଜ ପୁଞ୍ଜିର ପ୍ରତ୍ୟାହାର ବା ଲାଭ ନିଜ ଦେଶକୁ ନେବା ବାବଦରେ ଆମ ଦେଶରୁ ୬୮,୭୪୦ କୋଟି ଟଙ୍କା ନେଇଛନ୍ତି। ଏହା ସୂଚାଉଛି ଯେ ଭାରତକୁ ବିଦେଶୀ ପୁଞ୍ଜି କ'ଣ ଆସିବ, ବରଂ ଭାରତୀୟମାନଙ୍କ ସଞ୍ଚୟ ବିଦେଶକୁ ଚାଲିଯାଉଛି।

ପ୍ରଚାର କରାଯାଉଛି ଯେ ଭାରତର ବୀମା କ୍ଷେତ୍ରରେ ଏଫ୍‌ଡିଆଇ ବୃଦ୍ଧି ଯୋଗୁ ଇନସ୍ୟୁରାନ୍ସ ପେନିଟ୍ରେଶନ ବା ବୀମା ପ୍ରବେଶ , ଇନସ୍ୟୁରାନ୍ସ ଡେନ୍‌ସିଟି (ବୀମା ଘନତା) ବୃଦ୍ଧି ପାଇବ ଏବଂ ବୀମା ସୁରକ୍ଷା ବ୍ୟବଧାନ ହ୍ରାସ ପାଇବ। ୨୦୪୭ ସୁଦ୍ଧା 'ସମସ୍ତଙ୍କ ପାଇଁ ବୀମା' ଲକ୍ଷ୍ୟ ହାସଲ ହୋଇପାରିବ। କିନ୍ତୁ ଏଫ୍‌ଡିଆଇ ସୀମା ବୃଦ୍ଧି ସତ୍ତ୍ୱେ ଭାରତ ବିଶ୍ୱ ବୀମା ପ୍ରବେଶ ର‍୍ୟାଙ୍କିଙ୍ଗରେ ୨୫ତମ ସ୍ଥାନରେ ରହିଛି। ଭାରତରେ ବୀମା ପ୍ରବେଶ ହାର ଜିଡିପି ଅନୁସାରେ ବାର୍ଷିକ ପ୍ରିମିୟମର ଅନୁପାତ– ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇନାହିଁ। ୨୦୦୧ରେ ବୀମା ପ୍ରବେଶ ହାର ୨.୭୧% ଥିଲା, ଯାହା ୨୦୦୯–୧୦ରେ ୫.୨%କୁ ବୃଦ୍ଧିପାଇଥିଲା। ଏହା ୨୦୨୨–୨୩ରେ ୪% ଏବଂ ୨୦୨୩–୨୪ରେ ୩.୭%କୁ ହ୍ରାସ ପାଇଛି। ୨୦୨୩–୨୪ରେ ବିଶ୍ୱରେ ଏହା ହାରାହାରି ୭% ଥିଲା। ଜୀବନ ବୀମା କ୍ଷେତ୍ରର ପ୍ରବେଶ ହାର୨୦୦୧ରେ ୨.୧୫%ରୁ ବୃଦ୍ଧି ପାଇ ୨୦୦୯–୧୦ରେ ୪.୬%ରେ ପହଞ୍ଚି ଥିଲା, ଯାହା ହ୍ରାସ ପାଇ ୨୦୨୨–୨୩ ରେ ୩% ଏବଂ ୨୦୨୩–୨୪ରେ ୨.୮% ହୋଇଛି। ଅପର ପକ୍ଷରେ ସାଧାରଣ ବୀମା ପ୍ରବେଶ ହାର୨୦୦୧ରେ ୦.୫୬%ରୁ ବୃଦ୍ଧି ପାଇ ୨୦୦୯–୧୦ରେ ୦.୬% ଏବଂ ୨୦୧୦–୧୧ରେ ୦.୭% ହୋଇଛି। ୨୦୨୩–୨୪ ବର୍ଷ ସହିତ ଗତ ୪ ବର୍ଷରେ ପ୍ରାୟତଃ ୧% ରହିଛି। ପ୍ରକୃତରେ, ଭାରତର ଜୀବନ ବୀମା ପ୍ରବେଶ ହାର ବିଶ୍ୱ ହାର ୨.୯% ସହିତ ସମାନ ବା ଅଧିକ। କିନ୍ତୁ ବିଶ୍ୱରେ ସାଧାରଣ ବୀମା ପ୍ରବେଶ ହାର ୪.୨% ଥିଲାବେଳେ ଭାରତରେ ଏହା ୦.୯%। ଏହି ପାର୍ଥକ୍ୟର କାରଣ ହେଲା ଭାରତୀୟମାନେ ସାଧାରଣତଃ ଯାନବାହନ ବ୍ୟତୀତ ଅନ୍ୟ ସମ୍ପତ୍ତିର ସାଧାରଣ ବୀମା କରନ୍ତି ନାହିଁ।

ସେହିପରି ବୀମା ଘନତା– ପ୍ରତି ମୁଣ୍ଡପିଛା ବୀମା ପ୍ରିମିୟମ –୨୦୦୧ରେ ୧୧.୫ ଡଲାର ଥିଲା। ତାହା ୨୦୨୨–୨୩ରେ ୯୨ଡଲାର (୮,୦୩୫ ଟଙ୍କା) ଏବଂ ୨୦୨୩–୨୪ରେ ୯୫ଡଲାର (୮,୨୯୭ ଟଙ୍କା)ରେ ପହଞ୍ଚିଛି। ୨୦୨୩–୨୪ରେ ବିଶ୍ୱରେ ଏହା ହାରାହାରି ୮୮୯ ଡଲାର ଥିଲା। ୨୦୨୨–୨୩ ଏବଂ ୨୦୨୩–୨୪ ମଧ୍ୟରେ, ସାଧାରଣ ବୀମା ଘନତା ୨୨ ଡଲାରରୁ ୨୫ ଡଲାରକୁ ବୃଦ୍ଧି ପାଇଥିଲାବେଳେ ଜୀବନ ବୀମା ଘନତା ୭୦ ଡଲାରରେ ସ୍ଥିର ରହିଥିଲା। ବିଶ୍ୱ ହାରାହାରି ତୁଳନାରେ ଭାରତର ବୀମା ଘନତା କମ ହେବାର କାରଣ ହେଉଛି ଏହା ଟଙ୍କାରୁ ଡଲାରର ବିନିମୟ ହାରରେ (୮୫ ଟଙ୍କା =୧ ଡଲାର ) ପ୍ରକାଶ ହୁଏ, କିନ୍ତୁ କ୍ରୟ ଶକ୍ତି ସମାନତାରେ (୨୦.୬୦ଟଙ୍କା =୧ ଡଲାର ) ନୁହେଁ। ଏହା ବ୍ୟତୀତ ଯେତେବେଳେ ଭାରତ ମୁଣ୍ଡପିଛା ଜିଡିପି କ୍ଷେତ୍ରରେ ପ୍ରାୟ ୧୪୧ଦେଶ ପଛରେ ଅଛି ଏବଂ ଏକ ନିମ୍ନ ମଧ୍ୟମ ଆୟ ଦେଶ ଭାବରେ୨୦୦୭ରୁ ରହିଛି, ସେତେବେଳେ କେବଳ ଏଫ୍‌ଡିଆଇ ସୀମା ବୃଦ୍ଧିକଲେ ବୀମା ପ୍ରବେଶ ଓ ବୀମା ଘନତା ହାର ବୃଦ୍ଧି ପାଇବ ନାହିଁ। ଆଶ୍ଚର୍ଯ୍ୟଜନକ କଥା ଯେ, ଘରୋଇ ବୀମା କମ୍ପାନୀଗୁଡ଼ିକର ସଂଖ୍ୟା ବୃଦ୍ଧି ଏବଂ ଏଫ୍‌ଡିଆଇ ସୀମା ବୃଦ୍ଧି ସତ୍ତ୍ୱେ, ଭାରତରେ ବୀମା ସୁରକ୍ଷା ବ୍ୟବଧାନ ଭୟଙ୍କର। ବୀମା ସୁରକ୍ଷା ବ୍ୟବଧାନ (ଆଇପିଜି) ପ୍ରତ୍ୟେକ ଦେଶରେ ସମ୍ଭାବ୍ୟ ସର୍ବୋତ୍ତମ ବୀମା କଭରେଜ ଏବଂ ପ୍ରକୃତ କଭରେଜ ମଧ୍ୟରେ ପାର୍ଥକ୍ୟ ସୂଚାଇ ଥାଏ। ଅନ୍ୟ ଶବ୍ଦରେ, ଏହା ବୀମାଭୁକ୍ତ ନ ହେବା ଜନିତ କ୍ଷତିକୁ ସୂଚାଇଥାଏ। ୨୦୨୩ର ଜାତୀୟ ବୀମା ଏକାଡେମୀ (ଏନ୍‌ଆଇଏ) ଅଧ୍ୟୟନ ଅନୁସାରେ, ଭାରତରେ ବୀମା ସୁରକ୍ଷା ବ୍ୟବଧାନ ୨୦୧୯ରେ ୮୩% ଥିଲା ଏବଂ ତାହା୨୦୨୩ରେ ୮୭%କୁ ବୃଦ୍ଧି ପାଇଛି। ୧୮ରୁ ୩୫ବର୍ଷ ବୟସର ଯୁବକଙ୍କ ମଧ୍ୟରେ ଏହା ୯୦%ରୁ ଅଧିକ। ଏହାର ଅର୍ଥ ହେଉଛି ଅନେକ ଭାରତୀୟ ବୀମାଭୁକ୍ତ ହୋଇନାହାନ୍ତି। ଏହା ପରିବାରର ଆର୍ଥିକ ସୁରକ୍ଷା ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି। ବିଦେଶୀ କମ୍ପାନୀଙ୍କ ସଂଖ୍ୟା ବଢ଼ିଲେ ଏହା ଦୂର ହେବ ନାହିଁ। କାରଣ ଯେତେବେଳେ ବିଶ୍ୱ ବ୍ୟାଙ୍କ ଅନୁଯାୟୀ ୩୫ କୋଟି ଭାରତୀୟ ଭଲ ଜୀବନ ଯାପନ କରିପାରୁ ନାହାନ୍ତି ଏବଂ ୮୦ କୋଟି ଖାଦ୍ୟ ସହାୟତା ଉପରେ ନିର୍ଭର କରୁଛନ୍ତି, ସେତେବେଳେ ସମସ୍ତେ କିପରି ବୀମା କରିବେ ?

ପ୍ରକୃତରେ, ୨୦୦୯–୧୦ରେ ଭାରତରେ ବୀମା ପ୍ରବେଶ ହାର ରେକର୍ଡ ସର୍ବାଧିକ ୫.୨% ଥିଲା, ଯେତେବେଳେ ନିଟ୍ ଆର୍ଥିକ ସଞ୍ଚୟ ଜିଡିପିର ୧୨.୧୦% ଥିଲା, ଯାହା ରେକର୍ଡ ସର୍ବାଧିକ। ବୀମା, ବ୍ୟାଙ୍କ, ଶେୟାର, ପୋଷ୍ଟାଲ ସଞ୍ଚୟ ଆଦି ଆର୍ଥିକ ସଞ୍ଚୟର ଅଂଶ। କିନ୍ତୁ ବର୍ତ୍ତମାନ ନିଟ୍ ଆର୍ଥିକ ସଞ୍ଚୟ ୫.୨%କୁ ହ୍ରାସ ପାଇଛି, ଯାହା ଚାରି ଦଶନ୍ଧିର ସର୍ବନିମ୍ନ। ଯଦି ନିଟ୍ ଆର୍ଥିକ ସଞ୍ଚୟ ବୃଦ୍ଧି ନ ହୁଏ, ତେବେ ଏଫ୍‌ଡିଆଇ ବୃଦ୍ଧି ବୀମା ପ୍ରବେଶ ଏବଂ ଘନତା ବୃଦ୍ଧି କରିପାରିବ ନାହିଁ। ନିଟ୍ ଆର୍ଥିକ ସଞ୍ଚୟ ବୃଦ୍ଧି ଘଟିବ ଯଦି ଲୋକଙ୍କର ଟିକସ ପରେ ବ୍ୟବହାରଯୋଗ୍ୟ ଆୟ ବୃଦ୍ଧି ପାଇବ। ଧନୀମାନେ ଅଧିକ ରିଟର୍ନ ପାଇଁ ରିୟଲ ଇଷ୍ଟେଟ ଏବଂ ସୁନାରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି। ବର୍ନଷ୍ଟାଇନଙ୍କ ଏକ ନୂତନ ରିପୋର୍ଟ ଅନୁଯାୟୀ, ଭାରତର ପ୍ରାୟ ୬୦% ଧନୀ ନାଗରିକଙ୍କ ସମ୍ପତ୍ତି ରିୟଲ ଇଷ୍ଟେଟ ଏବଂ ସୁନାରେ ଅର୍ଥ ନିବେଶ କରୁଛନ୍ତି। ତେଣୁ ବୀମା ସମେତ ଅନ୍ୟାନ୍ୟ ଆର୍ଥିକ ସଞ୍ଚୟ ପ୍ରଭାବିତ ହେବା ସ୍ୱାଭାବିକ। ପୁନଶ୍ଚ ବୀମା ପ୍ରିମିୟମର ରିସ୍କ କମ୍ପୋନେଣ୍ଟ ଉପରେ ୧୮% ଜିଏସ୍‌ଟି ଆଦାୟ କରିବା, ନୂତନ ଟିକସ ବ୍ୟବସ୍ଥାରେ ବୀମାରେ ସଞ୍ଚୟଜନିତ କୌଣସି ଟିକସ ରିହାତି ପ୍ରାପ୍ତ ନ ହେବା ପ୍ରକ୍ରିୟାର କୁପ୍ରଭାବ ପଡୁଛି। ତେଣୁ ଏଫ୍‌ଡିଆଇ ବୃଦ୍ଧିକୁ ଶତ ପ୍ରତିଶତକୁ ବୃଦ୍ଧି କରିବାର ପ୍ରସ୍ତାବ ହାସ୍ୟାସ୍ପଦ, ନିଷ୍ପ୍ରୟୋଜନ ଏବଂ ଅଯୌକ୍ତିକ ମନେହୁଏ। ଲୋକଙ୍କ ବ୍ୟବହାରଯୋଗ୍ୟ ଆୟ ବୃଦ୍ଧି କରିବାପାଇଁ ସରକାର ପଦକ୍ଷେପ ନେବା ଉଚିତ।

ମୋ:୯୪୩୭୨୦୮୭୬୨




# ମାନସିକତାରେ ପରିବର୍ତ୍ତନ ଜରୁରୀ



ସୁକାନ୍ତ କୁମାର ପଟେଲ

ଦେଶରେ ପ୍ରତିଟି କ୍ଷେତ୍ରରେ ଅନେକ ନିୟମ ପ୍ରଣୟନ କରାଯିବା ସହ ଏହାର ସମୟୋଚିତ ସଂଶୋଧନ କରାଯାଉଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏହାଦ୍ୱାରା ମହିଳାମାନେ ସୁରକ୍ଷିତ ରହିବା କଷ୍ଟକର। ନାରୀ ନିର୍ଯାତନା, ମହିଳା ଓ ନାବାଳିକା ଗଣବଳାତ୍କାର, ଯୌତୁକ ନିର୍ଯାତନା ଜନିତ ମୃତ୍ୟୁ, ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଶାରୀରିକ ଏବଂ ମାନସିକ ନିର୍ଯାତନା ଇତ୍ୟାଦି ପ୍ରତ୍ୟହ ଗଣମାଧ୍ୟମର ଶିରୋନାମା ମଣ୍ଡନ କରୁଛି। କେବଳ ନୂତନ ନିୟମ ପ୍ରଣୟନ କିମ୍ବା ବନ୍ଦ ପାଳନ କରାଗଲେ ଏ ସମସ୍ୟାର ସମାଧାନ ନିଶ୍ଚିତ ଭାବେ ଅସମ୍ଭବ। ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେବା ନିଷେଧ କରାଗଲା, ଯେଉଁ ନିୟମ ଆଗରୁ ଥିଲା କିନ୍ତୁ କାର୍ଯ୍ୟକାରୀ ହେଉ ନ ଥିଲା। ଏହା ବଦଳରେ କାଚ ବୋତଲରେ କିମ୍ବା ଟିଣ ଡବାରେ ପେଟ୍ରୋଲ ନେଇ ହେବ। ତେବେ କାଚ କିମ୍ବା ଟିଣ ଡବାରେ ପେଟ୍ରୋଲ ନେଲେ ଆତ୍ମାହୁତି କିମ୍ବା ଜଳାପୋଡ଼ା ହ୍ରାସ ପାଇବ ତ ?

ଶିକ୍ଷା କ୍ଷେତ୍ର, କର୍ମ କ୍ଷେତ୍ର କିମ୍ବା ପରିବାରରେ ମହିଳାମାନଙ୍କ ପ୍ରତି ଅନେକ ସମୟରେ ଅନ୍ୟାୟ, ଉତ୍ପୀଡ଼ନ, ଅପମାନ, ଘରୋଇ ହିଂସା, ଶାରୀରିକ ନିର୍ଯାତନା କିମ୍ବା ଯୌନ ନିର୍ଯାତନା ହୋଇଥାଏ। ଲଜ୍ଜା, ଅପମାନ, ପାରିବାରିକ ସମ୍ମାନହାନି ଏବଂ ଭୟ ଇତ୍ୟାଦି ଯୋଗୁ ମହିଳାମାନେ ଏହାକୁ ପରିପ୍ରକାଶ କରିପାରନ୍ତି ନାହିଁ କିମ୍ବା ବିରୋଧ କରିବାକୁ ସାହସ କରନ୍ତି ନାହିଁ। ବାଲେଶ୍ୱରର ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା ପରେ ସରକାର ଶିକ୍ଷାନୁଷ୍ଠାନଗୁଡ଼ିକରେ ନାରୀ ସୁରକ୍ଷା ନିମନ୍ତେ 'ଶକ୍ତି ଶ୍ରୀ'ଆପ୍ ପ୍ରଣୟନ କରିଛନ୍ତି। ଏହାଦ୍ୱାରା ମହିଳାମାନେ ଶତ ପ୍ରତିଶତ ସୁରକ୍ଷିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିକ୍ଷାନୁଷ୍ଠାନରେ ପହଞ୍ଚିବା ଏବଂ ସେଠାରୁ ଫେରିବା ସମୟରେ ସେମାନଙ୍କୁ ସୁରକ୍ଷା ଦେବା ସମ୍ଭବ ନୁହେଁ। ଏବେ ସମସ୍ତେ ଚେଇଁ ଉଠିଛନ୍ତି। ପୂର୍ବରୁ ଶିକ୍ଷାନୁଷ୍ଠାନରେ ଆଇସିସି ଅଥବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ପାଇଁ ନିୟମ ଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଥିଲା, ଯାହା ପାଇଁ ଆଜି ସମସ୍ତେ ତତ୍ପର।

ପୂର୍ବରୁ ଓଡ଼ିଶାରେ ୧୯୮୦ର ଛବିରାଣୀ ହତ୍ୟାକାଣ୍ଡ, ଇତିଶ୍ରୀ, ମମିତା ମେହେର, ନାବାଳିକା ପରୀ ହତ୍ୟାକାଣ୍ଡ, ଅଞ୍ଜନା ମିଶ୍ର ମାମଲା, ବେବିନା ମୃତ୍ୟୁ ରହସ୍ୟ, କୁନ୍ଦୁଲି ହତ୍ୟାକାଣ୍ଡ, ବିଜେବି କଲେଜ ଛାତ୍ରୀ ରୁଚିକାର ଆତ୍ମହତ୍ୟା, ପୁରୀର କଣାସରେ ଆୟୁର୍ବେଦିକ ଡାକ୍ତର ମାଧବୀ ଲତାଙ୍କ ରହସ୍ୟଜନକ ମୃତ୍ୟୁ ଇତ୍ୟାଦି ଅନେକ ଘଟଣା ସମସ୍ତଙ୍କ ମାନସ ପଟରୁ ବୋଧ ହୁଏ ଅନ୍ତର୍ହିତ ହୋଇସାରିଥିବ। କିନ୍ତୁ ସେମାନଙ୍କ ପରିବାର କ'ଣ ସେମାନଙ୍କୁ ଭୁଲିସାରିଥିବେ ? ପୁରୀର ବଳଙ୍ଗା ଘଟଣା ପରେ ମଧ୍ୟ ମାଲକାନଗିରିରେ ଓ ଜଗତସିଂହପୁର ରେ ଗଣ ବଳାତ୍କାର, ଯାଜପୁରରେ ହକି ଖେଳାଳିଙ୍କ ଯୌନ ଉତ୍ପୀଡ଼ନ, ଜଗତସିଂହପୁର ସ୍ୱାମୀ ଅରୂପାନନ୍ଦ କଲେଜରେ ଛାତ୍ରୀଙ୍କ ପ୍ରତି ଯୌନ ନିର୍ଯାତନା ଇତ୍ୟାଦି ଆଜି ଓଡ଼ିଶାର ସଭ୍ୟ ସମାଜରେ ଆଲୋଡ଼ନ ସୃଷ୍ଟି କରିଛି। କେହି କେହି ପ୍ରଶ୍ନ କରନ୍ତି ଏପରି ନିର୍ଯାତନା ଅନ୍ତ ଘଟିବ କେବେ।



ଭାରତରେ ନାରୀ ସୁରକ୍ଷା ଯୁଗେ ଯୁଗେ ଏକ ସମସ୍ୟା ସୃଷ୍ଟି କରିଛି। ଆମ ଦେଶର ପୁରୁଷକେନ୍ଦ୍ରିକ ସମାଜରେ ନାରୀର ସ୍ଥିତି ସବୁବେଳେ ପୁରୁଷଠାରୁ ନିମ୍ନରେ। ପ୍ରତ୍ୟେକ ପରିବାରରେ ପୁଅକୁ ଯେଭଳି ଗୁରୁତ୍ୱ ପ୍ରଦାନ କରାଯାଏ ସେପରି ଝିଅକୁ ପ୍ରଦାନ କରାଯାଏ ନାହିଁ। ଏହାର କାରଣ ସୁସ୍ପଷ୍ଟ। ପୁଅଟିଏ ହେଲେ ଉତ୍ତରାଧିକାରୀ ଏବଂ ବଂଶରକ୍ଷାକାରୀ ହେବ। ଏହାହିଁ ବିଶେଷତ୍ୱ। ଯେଉଁଦିନ ପର୍ଯ୍ୟନ୍ତ ଆମ ପରିବାରରେ ଆମେ ଗୋଟିଏ ପୁଅ ଏବଂ ଝିଅ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରୁଥିବା ଆମ ସମାଜରେ ନାରୀମାନେ ଏପରି ଭାବରେ ନିର୍ଯାତନା ଭୋଗ କରୁଥିବେ।

ଭାରତୀୟ ସମ୍ବିଧାନରେ ଯେତେ ମହିଳା ସୁରକ୍ଷା ନିୟମ ଓ ଆଇନ ଅଛି ତାହା ସୁଚାରୁ ରୂପେ ପାଳନ କରାଯାଉନାହିଁ। ଏହିସବୁ ଆଇନକୁ ଅଗ୍ରାଧିକାର ଭିତ୍ତିରେ ପାଳନ କରାଯିବା ସହ ଏହାକୁ ତ୍ୱରାନ୍ୱିତ ଏବଂ ଅଧିକ କାର୍ଯ୍ୟକ୍ଷମ କରାଯିବା ଆବଶ୍ୟକ। ଯୌତୁକ ନିରୋଧ ଆଇନ ୧୯୬୧ ଅନୁଯାୟୀ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ ସହ ୧୫,୦୦୦ ଟଙ୍କା ଜରିମାନା ପ୍ରଦାନ ପାଇଁ ଆଇନ ରହିଛି। ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୮(କ) ଅନୁସାରେ ଯୌତୁକ ନିର୍ଯାତନା ହେଲେ ଅପରାଧୀଙ୍କୁ ୩ ବର୍ଷ ଜେଲଦଣ୍ଡ ଏବଂ ଜରିମାନା ଆଦାୟ ପାଇଁ ନିୟମ ରହିଛି। ଘରୋଇ ହିଂସା ଜନିତ ଘଟଣାରେ ଅପରାଧୀଙ୍କୁ ଦଣ୍ଡ ବିଧାନ ପାଇଁ ଘରୋଇ ହିଂସା ନିବାରଣ ଆଇନ ୨୦୦୫ ଏବଂ ନିୟମ ପ୍ରଣୟନ କରାଯାଇଛି। ମହିଳାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ନିରୋଧ ଆଇନ ୧୯୮୬ ଏବଂ କାର୍ଯ୍ୟ କ୍ଷେତ୍ରରେ ସମାନ ପାରିଶ୍ରମିକ ପାଇଁ ପାରିଶ୍ରମିକ ଆଇନ ୧୯୭୬ ମଧ୍ୟ ଲାଗୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୭୪ (ଆଇପିସି ଧାରା ୩୫୪ ) ଅନୁସାରେ ମହିଳାଙ୍କ ବିରୋଧରେ ଟିକା ଟିପ୍ପଣୀ ଅନୁସାରେ ଅଭିଯୁକ୍ତ ନିମନ୍ତେ ମଧ୍ୟ ଦଣ୍ଡ ବିଧାନ କରାଯାଇଛି। ତେବେ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଯେତେ ଆଇନ ଏବଂ ନିୟମ ଲାଗୁ କଲେ ମଧ୍ୟ ଏହାର ପରିଣାମ ସକାରାତ୍ମକ ନୁହେଁ। ପୀଡ଼ିତା ଥାନା, ନ୍ୟାୟାଳୟର ଦାରସ୍ଥ ହେଲେ ମଧ୍ୟ କଚ୍ଛପ ଗତିର ଆମର ଏହି ନ୍ୟାୟ ବିଭାଗ ସବୁବେଳେ ଠୋସ୍ ପ୍ରମାଣ ଏବଂ ଚାକ୍ଷୁସ ପ୍ରମାଣ ଆବଶ୍ୟକ କରେ, ଯାହା କି ମିଳିବା କଷ୍ଟକର।

ଯୌନ ଉତ୍ପୀଡ଼ନ କହିଲେ ମହିଳାଙ୍କର ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଦୁଃଖିତ , ଅପମାନିତ, ଭୟଭୀତ କରି ତାଙ୍କ ପ୍ରତି ଅବାଞ୍ଛିତ ଯୌନଗତ ପାଶବିକ ଆଚରଣକୁ ସାଧାରଣତଃ ବୁଝାଏ, ଯାହା ଆଇନରେ ଏହା ଏକ ଦଣ୍ଡନୀୟ ଅପରାଧ। ଏହାର ପରିସର ବ୍ୟାପକ। ବଳାତ୍କାର , ସହମତି ବିନା ଶାରୀରିକ ସମ୍ପର୍କ , ଲିଙ୍ଗ ଭିତ୍ତିରେ ଅପମାନଜନକ ଟିପ୍ପଣୀ, ପରିହାସ ଛଳରେ କାମୋଦ୍ଦୀପକ କଥା, ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କରିବା ପରି ବାଚନିକ ଆଚରଣକୁ ମଧ୍ୟ ଯୌନ ଉତ୍ପୀଡ଼ନ। କିନ୍ତୁ କାହିଁକି ପୁରୁଷଙ୍କର ମହିଳାଙ୍କ ପ୍ରତି ଏ ପ୍ରକାର ମାନସିକ ବିକାରଗ୍ରସ୍ତ ଚିନ୍ତାଧାରା। ଆଜି ଡିଜିଟାଲ ଯୁଗରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଏଥିପାଇଁ ସମସ୍ତେ କାନ୍ଦୁଛନ୍ତି କିନ୍ତୁ କାହାରି ଆଖିରେ ଲୁହ ନାହିଁ। ବାସ୍ତବରେ ପ୍ରତ୍ୟେକ ପରିବାରରେ ଯେତେବେଳେ ଆମେ ପୁଅ ଏବଂ ଝିଅକୁ ସମ ଦୃଷ୍ଟିରେ ଦେଖିବା ସେତେବେଳେ ଆମର ମାନସିକତା ଏବଂ ମାନବିକତାରେ ପରିବର୍ତ୍ତନ ଆସିବ ଏବଂ ମହିଳା ମାନେ ସୁରକ୍ଷିତ ହେବେ।

ଆଇନଜୀବୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,
କଟକ, ମୋ:୭୦୦୮୩୫୦୪୭୭

## ଏଇ ଭାରତରେ

ଆନ୍ଧ୍ରପ୍ରଦେଶର ଏକ ଦମ୍ପତି ଜଳ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଏହି ଦମ୍ପତି ହେଉଛନ୍ତି ଆଇଏଫ୍‌ଏସ୍ ବିନୀତ କୁମାର ଓ ରୂପକ ଯାଦବ। ସେମାନେ ଅନନ୍ତପୁର ଜିଲାରେ ପୋଖରୀ ପୁନରୁଦ୍ଧାର କରୁଛନ୍ତି। ଏହିସବୁ ପୁଷ୍କରିଣୀ ବିଭିନ୍ନ କାରଣରୁ ଶୁଖିଯାଇଥିଲା। କଲ୍ୟାଣଦୁର୍ଗମ ଓ ରାୟଦୁର୍ଗମ ସହର ଆଖପାଖ ଗାଁଗୁଡ଼ିକରେ କୌଣସି ପୋଖରୀରେ ପାଣି ନ ଥିଲା। ସେମାନେ ଏବେ ସୁଦ୍ଧା ସେମିତିକା ୧୧ଟି ପୁଷ୍କରିଣୀର ପୁନରୁଦ୍ଧାର କରିସାରିଲେଣି। ଏବେ ସେସବୁ ଜଳପୂର୍ଣ୍ଣ। ଫଳରେ ଚାଷ କରି ନ ପାରି ଯେଉଁମାନେ ଗାଁ ଛାଡ଼ି ଚାଲିଯାଇଥିଲେ ସେମାନେ ଗାଁକୁ ଫେରି ଆସି କୃଷିକାର୍ଯ୍ୟରେ ଲାଗିଲେଣି। ଅନନ୍ତ ନିରୁ ସଂରକ୍ଷଣମ୍ ପ୍ରୋଜେକ୍ଟ ମାଧ୍ୟମରେ ସେମାନେ ଏହି କାର୍ଯ୍ୟ କରୁଛନ୍ତି। ଏହି ଦମ୍ପତିଙ୍କୁ ଗ୍ରାମବାସୀ ଓ ବନ ବିଭାଗ ସାହାଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, ବିନୀତ ଓ ରୂପକ ପୋଖରୀ ପୁନରୁଦ୍ଧାର କରିବା ସହ ନୂଆ ପୋଖରୀ ଖନନ କରୁଛନ୍ତି। ପରିବେଶ ସୁରକ୍ଷା ସକାଶେ ସେମାନେ ବୃକ୍ଷରୋପଣ ମଧ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୧ ଅଗଷ୍ଟ ୧୯୭୬

- କଲିକତାର ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟଙ୍କ ଇଜିଲାସରେ ଛୋଟ ବ୍ୟାଙ୍କ ଠକେଇ ଅଭିଯୋଗରେ ରାମନାଥ ଗୋଏଙ୍କା ଓ ଅନ୍ୟ ୭ ଜଣଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ।
- ପରିଷ୍କୃତ କୋଇଲା ଉତ୍ପାଦନ କରିବା ପାଇଁ କୋଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି।
- ଲିବ୍ୟାରେ ଏକ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିବା ପାଇଁ ଭାରତ ଗୁରୁ ଇଞ୍ଜିନିୟରିଂ କର୍ପୋରେଶନ ୨ କୋଟି ୫୦ ଲକ୍ଷ ଟଙ୍କାର ଏକ ଅର୍ଡର ପାଇଛି।

## ଚିରନ୍ତନୀ

ଆଣିଛି ସେ ମୋର ପ୍ରଭାତ କୁସୁମ ବୃନ୍ତୁ ତୋଳି ତା' କରେ
ସନ୍ଧ୍ୟା ଗୀତଟି ରକ୍ତିମ ତା'ର ଫୁଟାଇ ସଜ ଅଧରେ
(କା'ର) ଦିନାନ୍ତେ ମିଶଇ ସ୍ୱର୍ଣ୍ଣ ଅଞ୍ଚଳ
(ଏହି) ତୁଷାରେ ତିନ୍ତଇ ଚୂର୍ଣ୍ଣ କୁନ୍ତଳ
(ମୋର) ଜୀର୍ଣ୍ଣ ବାସନା କରେ ଚଞ୍ଚଳ ଛଳ ଛଳ
ଲୋତକରେ
ଆଣିଛି ସେ ମୋର ସନ୍ଧ୍ୟା ଗୀତଟି ଫୁଟାଇ ସଜ ଅଧରେ ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | | | 1 |
| | | | | | | | 9 | |
| 9 | | 8 | | 3 | | | | 6 |
| | 1 | 5 | | | | | 7 | |
| 3 | | | 9 | | | | | |
| | 4 | | | | | | 2 | |
| | | | 2 | | | | | |
| 6 | | | 1 | 8 | | | | |
| 7 | 8 | | | | 4 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 4 | 6 | 5 | 8 | 7 | 3 | 2 |
| 5 | 2 | 7 | 3 | 1 | 4 | 6 | 8 | 9 |
| 6 | 3 | 8 | 9 | 2 | 7 | 4 | 1 | 5 |
| 3 | 8 | 6 | 7 | 9 | 5 | 2 | 4 | 1 |
| 2 | 4 | 5 | 1 | 3 | 6 | 8 | 9 | 7 |
| 1 | 7 | 9 | 8 | 4 | 2 | 3 | 5 | 6 |
| 8 | 5 | 2 | 4 | 6 | 9 | 1 | 7 | 3 |
| 7 | 6 | 1 | 5 | 8 | 3 | 9 | 2 | 4 |
| 4 | 9 | 3 | 2 | 7 | 1 | 5 | 6 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାର କୁପନ କେବେ ଦିଆଯିବ

ମହାଶୟ,
ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ, ଅର୍ଥ ବିଭାଗ 'ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା' ଏକ ଆକର୍ଷଣୀୟ ଯୋଜନା। ଓଡ଼ିଶାର କେତେକ ଲୋକ (ବିଜେତା) କୁପନ ଅନୁଯାୟୀ ପୁରସ୍କାର ରାଶି ପାଇଥାନ୍ତି। ଯେଉଁମାନେ ତା୦୧.୦୧.୨୦୨୪ ରିଖଠାରୁ ତା. ୨୧.୧୨.୨୦୨୪ ପର୍ଯ୍ୟନ୍ତ କିଷାନ ବିକାଶପତ୍ର, ସୁକନ୍ୟା ସମୃଦ୍ଧି ଜମା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ଓ ଜାତୀୟ ସଞ୍ଚୟ ସାର୍ଟିଫିକେଟ ଇତ୍ୟାଦି କରିଛନ୍ତି ସେମାନଙ୍କୁ ବର୍ତ୍ତମାନ ସୁଦ୍ଧା କୁପନ ଯୋଗାଇ ଦିଆଯାଇ ନାହିଁ। ସୁତରାଂ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାର କୁପନ ଓଡ଼ିଶାବାସୀଙ୍କୁ ଚଳିତବର୍ଷ କେବେ ଯୋଗାଇ ଦିଆଯିବ ଏନେଇ ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ, ଅର୍ଥ ବିଭାଗ, ଓଡ଼ିଶା ସରକାର ଦୟାକରି ଜଣାଇବେ କି।

-କିଶୋର ଚନ୍ଦ୍ର ପାଣିଗ୍ରାହୀ, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଲୋକ



@ ପ୍ରଶାନ୍ତ



@ ଲିଜା



@ ଗଣେଶ



@ କ୍ରିତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୁକୁର କାମୁଡ଼ାରେ ଆହତ ପାରା ଆଥ୍‌ଲେଟ ଯୋଗେନ୍ଦ୍ରଙ୍କ ସମେତ ୨ ମୃତ

ଗୁଡ଼ଭେଲା,୧୦।୮
(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଚିଞ୍ଚୋଡ ଗ୍ରାମରେ ବୁଲା କୁକୁର କାମୁଡ଼ାରେ ଗୁରୁତର ହୋଇ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ପାରା ଆଥ୍‌ଲେଟ ଯୋଗେନ୍ଦ୍ର ଛତ୍ରିଆ(୩୩)ଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଏଥିସହିତ ଉକ୍ତ କୁକୁର କାମୁଡ଼ାରେ ଗୁରୁତର ହୋଇଥିବା ଚିଞ୍ଚୋଡ଼ ଗ୍ରାମର ହୃଷୀକେଶ ରଣା(୪୭)ଙ୍କ ମଧ୍ୟ ରବିବାର ମୃତ୍ୟୁ ଘଟିଛି। ଆହତ ହୋଇଥିବା ଅନ୍ୟ ୪ ଜଣ ଏବେ ବି ଚିକିତ୍ସାଧୀନ ଅଛନ୍ତି।



ଯୋଗେନ୍ଦ୍ର ଛତ୍ରିଆ



ହୃଷୀକେଶ ରଣା

ପ୍ରକାଶ ଯେ,ଗତ ୨୩ ତାରିଖ ଦିନ ଏକ ବୁଲା କୁକୁର ଚିଞ୍ଚୋଡ ଗ୍ରାମର କେଶବ ନାଗ, ମେଘନାଦ ଛତ୍ରିଆ, ଫୁଲ ଛତ୍ରିଆ, ଆର. ରଣା, ଖେଳାଳି ଯୋଗେନ୍ଦ୍ର ଓ ହୃଷୀକେଶଙ୍କୁ ଗୋଡେଇ ଜଣକ ପରେ ଜଣଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଯୋଗେନ୍ଦ୍ର ଓ ହୃଷୀକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇପଡିବାରୁ ଉଭୟଙ୍କୁ ପ୍ରଥମେ ବଲାଙ୍ଗୀର ଭୀମଭୋଇ ମେଡିକାଲ ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ ଦୁହିଁଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଶନିବାର ଯୋଗେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ହୃଷୀକେଶଙ୍କୁ ଉଚ୍ଚତର ଚିକିତ୍ସା କରା ନ ଯାଇ ଘରକୁ ନେଇଯିବାକୁ କୁହାଯାଇଥିଲା। ଫଳରେ ପରିବାର ଲୋକେ ଘରକୁ ଆଣିବା ବେଳେ ରବିବାର ସକାଳ ସାଢେ ୯ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମରେ ହୃଷୀକେଶଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସେହିପରି ମୃତଦେହ ବ୍ୟବଚ୍ଛେଦ ପରେ ବୁର୍ଲାରେ ଆଥ୍‌ଲେଟ ଯୋଗେନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅବିବାହିତ ଯୋଗେନ୍ଦ୍ର ରାଜ୍ୟ ଓ ଜାତୀୟ ସ୍ତରରେ ଭଲିବଲ୍ ଖେଳିଥିଲେ। ଆଗକୁ ଭଲ ଖେଳି ଦେଶର ନାଁ ରଖିବା ତାଙ୍କର ଲକ୍ଷ୍ୟ ଥିଲା ବୋଲି ପରିବାର ଲୋକେ କହିଛନ୍ତି। କୁକୁର କାମୁଡାରେ ୨ ଜଣଙ୍କ ମୃତ୍ୟୁ ଘଟିବା ଖବର ପାଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଛି। ଅନ୍ୟ ଆହତମାନେ କିପରି ସୁସ୍ଥ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷରେ ସନ୍ଧ୍ୟାରେ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ପହଞ୍ଚି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହାଛଡା ତୁଷରା ଥାନା ଆଇଆଇସି ମନୋଜ ପ୍ରଧାନ ମଧ୍ୟ ଚିଞ୍ଚୋଡ ଗ୍ରାମକୁ ଯାଇଥିବା ସୂଚନା ମିଳିଛି।

# ସମୁଦ୍ରରେ ଭାସିଯାଇ ଛାତ୍ର ନିଖୋଜ

କୃଷ୍ଣପ୍ରସାଦ,୧୦।୮
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଆଲୁପାଟଣା ନିକଟ ସମୁଦ୍ରରେ ରବିବାର ଜଣେ ଯୁକ୍ତ୨ ଛାତ୍ର ଭାସିଯାଇ ନିଖୋଜ ଅଛନ୍ତି। ସେ ହେଲେ ପ୍ରଶାନ୍ତ କୁମାର ଜେନାଙ୍କ ଏକମାତ୍ର ପୁତ୍ର ରିତେଶ କୁମାର ଜେନା। ଏହିଘଟଣାକୁନେଇ ଗ୍ରାମରେ ଦୁଃଖଦ ପରିବେଶ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଆଲୁପାଟଣା ଗ୍ରାମର କେତେଜଣ ଯୁବକ ବଣଭୋଜି କରିବା ପାଇଁ ଗ୍ରାମଠାରୁ ୫ କି.ମି. ଦୂର ସମୁଦ୍ର କୂଳକୁ ଯାଇଥିଲେ। ଭୋଜି ଖାଇସାରିବା ପରେ ଅପରାହ୍ନରେ ସମସ୍ତେ ସମୁଦ୍ରରେ ଗାଧୋଇଥିଲେ। ଏହି ସମୟରେ ୪ଜଣ ଯୁବକ ଲହଡ଼ି ମାଡ଼ରେ ସମୁଦ୍ର ଭିତରକୁ ଚାଲିଯାଇଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀ ୩ଜଣଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ରିତେଶଙ୍କୁ ଠାବ କରିପାରି ନ ଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇ ଗ୍ରାମବାସୀଙ୍କ ସମେତ ଓଡ୍ରାଫ ଟିମ୍ ସେଠାରେ ପହଞ୍ଚି ରିତେଶଙ୍କ ଉଦ୍ଧାର ପାଇଁ ମିଳିତ ଉଦ୍ୟମ ଜାରି ରଖିଛନ୍ତି। ତେବେ ରାତି ୯ଟା ପର୍ଯ୍ୟନ୍ତ ରିତେଶଙ୍କ ପତ୍ତା ମିଳିପାରି ନ ଥିଲା।

# ଅଟକିଛି ପବିତ୍ର ଘାଟ, ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶର ଅବଜ୍ଞା

ଭୁବନେଶ୍ୱର,୧୦।୮
(ରବିନାରାୟଣ ଜେନା)

ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାର ମୁଖ୍ୟ ହେଉଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟବାସୀଙ୍କ ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସେଗୁଡ଼ିକ ଯେଭଳି ଠିକଣା ସମୟରେ ପାଳନ ହେବ ସେନେଇ ସମ୍ପୃକ୍ତ ବିଭାଗର ସଚିବ ଗୁରୁତ୍ୱ ଦେବା କଥା। ହେଲେ କେତେକ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବିଭାଗୀୟ ମୁଖ୍ୟମାନେ ଠିକଣା ଭାବେ କାର୍ଯ୍ୟକାରୀ କରୁ ନ ଥିବା ଦେଖାଯାଉଛି। ଫଳରେ ରାଜ୍ୟବାସୀଙ୍କ ପାଖରେ ସରକାରୀ ଯୋଜନାର ସୁଫଳ ପହଞ୍ଚିବାରେ ବାଧା ସୃଷ୍ଟି ହେଉଛି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ପଞ୍ଚାୟତିରାଜ ବିଭାଗକୁ ଦୁଇଟି ଯୋଜନା ଉଚିତ୍ ଢ଼ଙ୍ଗରେ କାର୍ଯ୍ୟକାରୀ ପାଇ ୩ ମାସ ତଳୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ତାହା ବିଭାଗରେ ଗଡୁଛି। ଏହାକୁ ନେଇ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମ୍ପୃକ୍ତ ବିଭାଗର ସଚିବଙ୍କୁ ଅବଗତ କରାଇବା ସହ ଅଗଷ୍ଟ ୧୨ରେ ନିର୍ଦ୍ଦେଶନାମା କେତେଦୂର ପାଳନ ହୋଇଛି ତାହା ଅବଗତ କରାଇବାକୁ କହିଛନ୍ତି।

ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ(ଓଏସ୍‌ଡି) ତଥା ସ୍ୱତନ୍ତ୍ର ସଚିବ ଡି. କେ.ଜେନା ଚଳିତମାସ ୭ରେ ଏକ ପତ୍ର ଲେଖି ପଞ୍ଚାୟତିରାଜ ବିଭାଗ ସଚିବଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ସମ୍ପର୍କରେ ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ମୁଖ୍ୟମନ୍ତ୍ରୀ ତାଙ୍କ ବ୍ୟକ୍ତିଗତ ନୋଟ୍‌ସିଟ୍‌ରେ ମେ' ୧୩ରେ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା' କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଏହାକୁ ନେଇ ବିଭାଗକୁ ମେ' ୧୫ରୁ ଅବଗତ କରାଗଲାଣି। ଏହି ଯୋଜନାରେ କେଉଁ ଗ୍ରାମରେ ବିଶିଷ୍ଟ ତଥା ମହାନ୍ ବ୍ୟକ୍ତିତ୍ୱ ରହିଛନ୍ତି ତାହା ଅନୁଧ୍ୟାନ କରି ସରକାରଙ୍କୁ ଅବଗତ କରାଯିବା କଥା। ଏଥିପାଇଁ ମୁଖ୍ୟମନ୍ତ୍ରୀ ୩ ସପ୍ତାହ ସମୟସୀମା ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ ସମ୍ପୃକ୍ତ ମହାନ୍ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ତଥ୍ୟ ମିଳିପାରିନାହିଁ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚାଇ ଦିଆଯାଇଛି। ତେଣୁ ଆସନ୍ତା ୧୨ରେ ହେବାକୁ ଥିବା ସଚିବସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟ କେତେଦୂର ପାଳନ ହୋଇଛି ତାହା ଅବଗତ କରାଇବାକୁ ଓଏସ୍‌ଡି ଦର୍ଶାଇଛନ୍ତି।

ସେହିପରି ରାଜ୍ୟରେ କେତୋଟି ନଦୀ ତଥା ଜଳାଶୟରେ ପବିତ୍ର ଘାଟ ରହିଛି, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ତାଙ୍କର ବ୍ୟକ୍ତିଗତ ନୋଟ୍‌ସିଟ୍ ମାଧ୍ୟମରେ ଜୁନ୍ ୯ରେ ନିର୍ଦ୍ଦେଶ ଦେଇଥିଲେ। ଜଳସମ୍ପଦ ବିଭାଗ ସହିତ ସମନ୍ୱୟ ରକ୍ଷାକରି ସେହି ମାସ ୨୬ ତାରିଖ ସୁଦ୍ଧା ବିବରଣୀ ପଠାଇବାକୁ କୁହାଯାଇଥିଲା। ହେଲେ ବିଭାଗ ପକ୍ଷରୁ କୌଣସି ତଥ୍ୟ ମିଳିନାହିଁ। ଉଭୟ ନିର୍ଦ୍ଦେଶନାମା କେତେଦୂର କାର୍ଯ୍ୟକାରୀ ହୋଇଛି ତା'ର ବିବରଣୀ ସଚିବସ୍ତରୀୟ ବୈଠକ ପୂର୍ବରୁ ଜଣାଇବାକୁ ସ୍ୱତନ୍ତ୍ର ସଚିବ ଅବଗତ କରାଇଛନ୍ତି।

# ବଲଙ୍ଗାରୁ କଂଗ୍ରେସର ନାରୀ ସ୍ୱାଭିମାନ ପଦଯାତ୍ରା ଆରମ୍ଭ

ବଲଙ୍ଗା,୧୦।୮(କେଦାରେଶ୍ୱର ନନ୍ଦ)

କଂଗ୍ରେସ ପକ୍ଷରୁ ନାରୀ ସ୍ୱାଭିମାନ ପଦଯାତ୍ରା ରବିବାର ପୁରୀ ଜିଲା ବଲଙ୍ଗାରୁ ଆରମ୍ଭ ହୋଇଛି। ବଲଙ୍ଗା ସମେତ ରାଜ୍ୟର ବିଭିନ୍ନ ଘଟଣାରେ ପୀଡ଼ିତାମାନଙ୍କୁ ନ୍ୟାୟ ଦାବିରେ ଏହି ଯାତ୍ରା ଆରମ୍ଭ ହୋଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ପିସିସି ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ, ମନୋଜ କୁମାର ରଥ, ରଶ୍ମିତା ବେହେରା, ମହିଳା ନେତ୍ରୀ ନିରୁପମା ପାତ୍ର, ନିମାପଡ଼ା ବ୍ଲକ ସଂଯୋଜକ କାଳନ୍ଦୀ ଚରଣ ବାରିକ, ସଞ୍ଜୟ କୁମାର ନାୟକ ପ୍ରମୁଖ ସାମିଲ୍ ହୋଇଥିଲେ। ଏହି ପଦଯାତ୍ରା ବାୟାବରଠାରୁ ନିମାପଡ଼ା ଅଭିମୁଖେ ୧୪ କି.ମି. ଯିବା ପରେ ନିମାପଡ଼ାଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, 'ନାରୀକୁ ଉଚିତ ନ୍ୟାୟ ରାଜ୍ୟ ସରକାର ତୁରନ୍ତ ଦିଅ', ସରକାର ଗରିବର ମଜାକ ଉଡାଉଛନ୍ତି, ସରକାରୀ ନ୍ୟାୟକୁ ଦାୟୀ କରାଯାଇପାରିବ ନାହିଁ, ପ୍ରକ୍ରିୟା ଯଦି ସଠିକ୍ ତେବେ ପ୍ରକୃତ ଦୋଷୀ ଏବେ କେଉଁଠି, ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ଦିଆଯାଉ। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏକାଠି ହୋଇ ପ୍ରଥମେ ବଲଙ୍ଗା ପୀଡ଼ିତାଙ୍କ ପରିବାରକୁ ଭେଟିବା ସହ କବର ସ୍ଥାନରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଉଦ୍ଧାର କରିଥିବା ଦୁଃଖୀଶ୍ୟାମଙ୍କ ଘରକୁ ଯାଇ ଏହି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ।

ସୂଚନାଯୋଗ୍ୟ, ଜୁଲାଇ ୧୯ ତାରିଖରେ ବଲଙ୍ଗା ବାୟାବର (ନୂଆଗୋପାଳପୁର) ଠାରେ ଏକ ନାବାଳିକାଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିବା ନେଇ ବଲଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ପରେ ଘଟଣାକୁ ନେଇ ପୋଲିସ ପକ୍ଷରୁ ଦୀର୍ଘ ୧୪ଦିନ ପର୍ଯ୍ୟନ୍ତ ତଦନ୍ତ କରାଯାଇଥିଲେ ସୁଦ୍ଧା ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଥିଲା। ଶେଷରେ ବଲଙ୍ଗା ପୀଡ଼ିତା ଜୀବନ ଯୁଦ୍ଧରେ ହାରି ଯାଇଥିଲେ।

# ବର୍ଷକ ଶିଶୁ ମୁଣ୍ଡରେ ପଶିଗଲା ଡେକ୍‌ଚି

କାମାକ୍ଷାନଗର,୧୦।୮
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ମାନସ ଦାସଙ୍କ ପୁଅ ମନ୍ମଥ (୧ ବର୍ଷ ୪ମାସ) ଖେଳୁଥିବାବେଳେ ମୁଣ୍ଡରେ ଏକ ଡେକ୍‌ଚି ପଶିଯାଇଥିଲା। ପରିବାର ଲୋକେ ବହୁ ଚେଷ୍ଟା କରି ଶିଶୁ ମୁଣ୍ଡରୁ ଡେକଚିଟି ବାହାର କରିପାରି ନ ଥିଲେ। ଫଳରେ ଉପାୟଶୂନ୍ୟ ହୋଇ ପରିବାର ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଗ୍ରାମରେ ପହଞ୍ଚି ସତର୍କତାର ସହ ଡେକ୍‌ଚିକୁ କାଟି ମୁଣ୍ଡରୁ ବାହାର କରିଥିଲେ।

OFFICE OF MUNICIPAL COUNCIL, SUNABEDA

E-PROCUREMENT NOTICE

No.C-822

No.2796 Date : 06.08.2025

Bid-Identification No.M.C-SBD-01/2025-26

| | | |
|---|---|---|
| Total No. of works | : | 105 Nos. |
| Tender Value | : | Rs.3,50,000/- to Rs.35,00,000/- |
| Available Period | : | Dt.18.08.2025, 11.00 A.M. to Dt.04.09.2025, 5.00 P.M. |
| Tendr Opening date | : | 09.09.2025 at 11.00 A.M. |
| Bidders are requested to participate in advance with their class | : | B, C & D Class DSC before the closing date. |

Further details please visit : https://www.tendersorissa.gov.in

Sd./- Executive Officer
Sunabeda Municipality

OIPR-13076/11/0026/2526

# ପ୍ରଶିକ୍ଷଣ ଓ ଜନସଚେତନତା ହିଁ ଜନଜାତିଙ୍କୁ ସଶକ୍ତ କରିବ: ମୁଖ୍ୟସଚିବ

ଭୁବନେଶ୍ୱର,୧୦।୮
(ରବିନାରାୟଣ ଜେନା)

ପ୍ରଶିକ୍ଷଣ ଓ ଜନସଚେତନତା ସହିତ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗରେ ହିଁ ଜନଜାତିଙ୍କ ବିକାଶ ହୋଇପାରିବ ବୋଲି ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ଲୋକସେବା ଭବନରେ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣକାରୀ ଯୋଜନା ତୃଣମୂଳସ୍ତରରେ ଫଳପ୍ରଦ କରିବାପାଇଁ ଭାରତ ସରକାରଙ୍କ ପକ୍ଷରୁ ନିଆଯାଇଥିବା 'ଆଦି କର୍ମଯୋଗୀ ଅଭିଯାନ'ର ସଫଳ ରୂପାୟନ ସମ୍ପର୍କିତ ବୈଠକ ଅବସରରେ ମୁଖ୍ୟଶାସନ ସଚିବ ଏହା କହିଛନ୍ତି।



ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକ।

ସେ କହିଛନ୍ତି, ଜନଜାତିମାନଙ୍କ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଜରିଆରେ କାର୍ଯ୍ୟକାରୀ ହେଉଥିବା ବାସଗୃହ, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ନିର୍ବାହ ଆଦି ଗୁରୁତ୍ୱପୂର୍ଣ୍ଣ ସୁବିଧା ଶତପ୍ରତିଶତ କାର୍ଯ୍ୟକାରୀ ହେବା ଆବଶ୍ୟକ। ଏଥିପାଇଁ ପ୍ରତି ଗ୍ରାମରେ ଚୟନ କରାଯାଇଥିବା ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ ଲକ୍ଷ୍ୟହାସଲ ପାଇଁ ପ୍ରୟାସ କରାଯିବ।

ବୈଠକର ସୂଚନା ଅନୁଯାୟୀ, ଯୋଜନାକୁ ସଫଳ କରିବା ପାଇଁ ଜନଜାତି କଲ୍ୟାଣ ବିଭାଗ ଏବଂ ସମ୍ପୃକ୍ତ ବିଭିନ୍ନ ସହଯୋଗୀ ବିଭାଗ ଅଧିକାରୀଙ୍କ ପାଇଁ ପ୍ରଶିକ୍ଷଣ ସହ ରାଜ୍ୟସ୍ତରରେ, ଜିଲା ଓ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା ପୂର୍ବକ ଏହାକୁ କାର୍ଯ୍ୟକାରୀ କରାଯାଉଛି। ଗ୍ରାମସ୍ତରରେ ବ୍ଲକ ମାଷ୍ଟର ଟ୍ରେନରମାନେ ପ୍ରତି ଜନଜାତି ଗ୍ରାମରେ ଥିବା ସରକାରୀ କର୍ମଚାରୀ ଆଦି ୨୦ଜଣଙ୍କୁ ସାମିଲ କରି ଏକ ପ୍ରଶିକ୍ଷିତ ଗ୍ରାମ୍ୟ କମିଟି କିମ୍ବା କ୍ୟାଡର ଗଠନ କରିବେ, ଯେଉଁମାନେ କି ଜନଜାତି ଅଞ୍ଚଳର ବିକାଶ ପାଇଁ ପ୍ରମୁଖ ଭୂମିକା ନିର୍ବାହ କରିବେ। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ଚିହ୍ନଟ ହୋଇଥିବା ୨୨ଟି ଜିଲାର ୨୧୩ ବ୍ଲକରେ ୭୬୨୩ ଜନଜାତି ଗ୍ରାମକୁ ଏହି ଅଭିଯାନରେ ସାମିଲ କରାଯାଇଛି।

ମୁଖ୍ୟଶାସନ ସଚିବ କହିଛନ୍ତି, କାର୍ଯ୍ୟକ୍ରମଗୁଡ଼ିକର ପ୍ରଣୟନ ବେଳେ ଗ୍ରାମବାସୀଙ୍କୁ ସହଭାଗୀ କରାଇବା ଆବଶ୍ୟକ। ଏହାଦ୍ୱାରା ସରକାରୀ କର୍ମଚାରୀ ଓ ଜନଜାତିଙ୍କ ମଧ୍ୟରେ ବ୍ୟବହାରିକ ପରିବର୍ତ୍ତନ, ପାରସ୍ପରିକ ସହାନୁଭୂତି, ସହଭାଗିତା ଓ ନିରନ୍ତର ବିକାଶକୁ ସୁନିଶ୍ଚିତ କରାଇବ। ଏହି ବୈଠକରେ ସମ୍ପୃକ୍ତ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜଳନିକାଶ, ଭଦ୍ରକ

No.A-476

OFFICE OF THE SUPERINTENDING ENGINEER, DRAINAGE DIVISION, BHADRAK

email id : eeddbdk@gmail.com
Tel No. : 06784-451031

"e" PROCUREMENT NOTICE NO.-03/2025-26

| | | |
|---|---|---|
| 1 | Bid Identification Number | DDBDK-03-01-2025-26 to DDBDK-03-08-2025-26 (8 nos individual work) |
| 2 | Name of the Work | Drainage Works (under D.I.P. Scheme & IBDP) |
| 3 | Estimated cost of individual works | Varies from Rs.16,70,775/- to Rs.84,22,032/- (Excluding G.S.T) |
| 4 | Period of completion | Varies from 2 (Three calendar months) to 6 (Six calendar months) |
| 5 | Date & Time of availability of Bid document in the portal | From Dt.13.08.2025 at 10.00 hours to Dt.29.08.2025 up to 17.00 hours |
| 6 | Date & Time for receipt of Bid document in the Portal | From Dt.14.08.2025 at 10.00 hours to Dt.29.08.2025 at 17.00 hours |
| 7 | Date of Opening of technical bid | Dt.30.08.2025 at 11.30 hours. In the Office of the Superintending Engineer, Drainage Division, Bhadrak |
| 8 | Name & address of the officer inviting Bids | Superintending Engineer, Drainage Division, Bhadrak |

Further details can be seen from the Govt. Website www.tendersodisha.gov.in

Sd./- Superintending Engineer
Drainage Division, Bhadrak

OIPR-32057/11/0008/2526

# ରାଷ୍ଟ୍ରପତି ଭବନରେ ରାଖୀ ପୂର୍ଣ୍ଣିମା

ଭୁବନେଶ୍ୱର,୧୦।୮ (ରବିନାରାୟଣ ଜେନା)

ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୨୦ ଜଣ ବିଦ୍ୟାର୍ଥୀ ଶନିବାର ରାଖୀ ପୂର୍ଣ୍ଣିମା ପାଳିଛନ୍ତି। ରାଷ୍ଟ୍ରପତି ଭବନର ନିମନ୍ତ୍ରଣକ୍ରମେ ସୁନ୍ଦରଗଡ଼ ଓ କନ୍ଧମାଳ ଜିଲାର ଲାଇଂ, ଭବାନୀପୁର, ମହାସିଙ୍ଗ ଓ ଫିରିଙ୍ଗିଆ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବିଦ୍ୟାର୍ଥୀ ଓ ୪ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ନୂଆଦିଲ୍ଲୀରେ ପହଞ୍ଚିଥିଲେ। ଏହି ଅବସରରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଲାଇଂର ୫ଜଣ ଛାତ୍ରୀ ରାଷ୍ଟ୍ରପତିଙ୍କୁ ପାରମ୍ପରିକ ରାଖୀ ପିନ୍ଧାଇଥିଲେ। ଏଥିସହ ରାଷ୍ଟ୍ରପତିଙ୍କୁ ରାଧା-କୃଷ୍ଣଙ୍କ କଳାକୃତି ପ୍ରଦାନ କରିଥିଲେ।

# ନଦୀ ଆଁରେ ଯାଇଥିବା ଜମି ବଦଳରେ ଚାଷୀଙ୍କୁ ମିଳିବ ଜମି: ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର,୧୦।୮(ରବିନାରାୟଣ ଜେନା)

ନଦୀତଟବର୍ତ୍ତୀ ଅଞ୍ଚଳରେ ଅନେକ ସ୍ଥାନରେ ଚାଷଜମି ନଦୀ ଗର୍ଭରେ ଲୀନ ହୋଇଯାଇଛି। ଏଥିଯୋଗୁ ସମ୍ପୃକ୍ତ ଚାଷୀମାନେ ସେମାନଙ୍କ ଜମି ହରାଇ କ୍ଷତି ସହୁଛନ୍ତି। ଏଭଳି ଅନେକ ଅଭିଯୋଗ ସରକାରଙ୍କ ପାଖରେ ପହଞ୍ଚିଛି। ସେଗୁଡ଼ିକୁ ଯାଞ୍ଚ କରାଯାଇ ନଦୀ ଗର୍ଭରେ ଲୀନ ହୋଇଥିବା ଜମି ବଦଳରେ ଚାଷୀଙ୍କୁ ଭିନ୍ନ ସ୍ଥାନରେ ଜମି ଯୋଗାଇ ଦିଆଯିବ ବୋଲି ରବିବାର ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ରାଜସ୍ୱମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ୧୯୫୩ ମସିହାର ସମସ୍ୟା ବର୍ତ୍ତମାନ ସାମ୍ନାକୁ ଆସୁଛି। ୩୭ଟି ଗାଁରେ ଏବେ ମଧ୍ୟ ନଟ୍ ଫାଇନାଲ ପଟ୍ଟା ସମସ୍ୟା ରହିଛି। ବିଧାୟକମାନେ ଅବଗତ କରାଇଛନ୍ତି, କଟକର ନିଆଳିଠାରୁ ଆରମ୍ଭ କରି ବହୁ ଗ୍ରାମରେ ୧୯୮୨ରୁ ଲୋକଙ୍କ ଜମି ନଦୀ ଭିତରକୁ ପଳାଇଯାଇଛି। ତେଣୁ ସେମାନଙ୍କ ପାଖରେ ପଟ୍ଟା ଥିବା ସତ୍ତ୍ୱେ ଜମି ବ୍ୟବହାର କରିପାରୁ ନାହାନ୍ତି। ଶୁକ୍ରବାର ଏନେଇ ଏକ ବୈଠକରେ ଆଲୋଚନା ହୋଇଥିଲା। ଏନେଇ ଜିଲାପାଳମାନଙ୍କୁ ତଥ୍ୟ ସଂଗ୍ରହ କରିବା ପାଇଁ କୁହାଯାଇଛି। ଆବଶ୍ୟକସ୍ଥଳେ ରାଜସ୍ୱ ଆଇନରେ ପରିବର୍ତ୍ତନ ଅଣାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି କ୍ଷେତ୍ରରେ ଚାଷୀଙ୍କୁ କ୍ଷତିପୂରଣ ବାବଦକୁ ପୃଥକ୍ ଜମି ଦେବା ପାଇଁ ଏକ ନୂଆ ଯୋଜନା ସରକାର ଆଣିବାକୁ ଯାଉଛନ୍ତି। ଯୋଜନା ଅନୁଯାୟୀ, ଯେଉଁ ଚାଷୀ ଯେତେ ଜମି ହରାଇଥିବେ ତାଙ୍କୁ ସମାନ ପରିମାଣର ଜମି ଯୋଗାଇ ଦିଆଯିବ। ନଦୀ ଭିତରକୁ ଚାଲିଯାଇଥିବା ଜମି ରାଜସ୍ୱ ବିଭାଗର ରେକର୍ଡକୁ ଚାଲିଆସିବ। ଫଳରେ କେବଳ କଟକ ନୁହେଁ, ଅନ୍ୟ ସ୍ଥାନରେ ମଧ୍ୟ ଏହିଭଳି ଜମି ହରାଇଥିବା ଚାଷୀ ରାଜସ୍ୱ ବିଭାଗ ପକ୍ଷରୁ ସମାନ ପରିମାଣର ଜମି ଫେରିପାଇବେ।

ସେହିଭଳି ସବୁ ସ୍କୁଲକୁ ନିଜସ୍ୱ ଜମି ପଟ୍ଟା ପ୍ରଦାନ ଲାଗି ସରକାର ଯେଉଁ ପ୍ରକ୍ରିୟା ଆରମ୍ଭ କରିଥିଲେ, ତାହା ୯୦ ପ୍ରତିଶତ ଶେଷ ହୋଇଛି। କିଛି ସ୍ଥାନରେ ଜଙ୍ଗଲ କିସମ ଜମି ଉପରେ ବିଦ୍ୟାଳୟ ରହିଛି। ଜଙ୍ଗଲ ଜମି କିସମ ପରିବର୍ତ୍ତନ ହୋଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନକୁ ଯିବାର ଆଇନ ଅଛି, ହେଲେ ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଯିବା ନେଇ ଆଇନରେ ବ୍ୟବସ୍ଥା ନାହିଁ। ସେଥିଲାଗି ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକର ଜମିକୁ ବିଭାଗ ଅଧୀନକୁ ନିଆଯାଇ ପାରୁନାହିଁ। ସେହିଭଳି ବିଦ୍ୟାଳୟଗୁଡ଼ିକରେ ଯଦି ଖେଳପଡ଼ିଆ ନ ଥିବ, ସେହି ସ୍କୁଲକୁ ସଂଲଗ୍ନ ସରକାରୀ ଜମିରୁ ୨ ଏକର ପର୍ଯ୍ୟନ୍ତ ଜମି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ରାଜସ୍ୱମନ୍ତ୍ରୀ ସୂଚନା ଦେଇଛନ୍ତି।

# ଆଜି ବିଜେଡିର ୧୨ ଘଣ୍ଟିଆ ରାଇଘର ବନ୍ଦ

## ମୃତ ନର୍ସିଂ ଛାତ୍ରୀଙ୍କ ପରିବାରକୁ ୧ କୋଟି କ୍ଷତିପୂରଣ ଦାବି

ନବରଙ୍ଗପୁର/ ଉମରକୋଟ, ୧୦।୮
(ସଦାଶିବ ପ୍ରହରାଜ/ ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳର ନର୍ସିଂ ଛାତ୍ରୀଙ୍କ ଭୁବନେଶ୍ୱର ଏମ୍ସଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ମୃତ ଛାତ୍ରୀଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦାବିକରି ବିଜେଡି ପକ୍ଷରୁ ସୋମବାର ୧୨ ଘଣ୍ଟିଆ ରାଇଘର ବ୍ଲକ୍ ବନ୍ଦ ଡାକରା ଦିଆଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାଇଘର ବନ୍ଦ ରହିବ ଏବଂ ସମସ୍ତ ଗାଡ଼ି ମୋଟର ସହ ଦୋକାନ ବଜାର ବନ୍ଦ ରହିବ। ବନ୍ଦ ସମୟରେ ଜରୁରୀକାଳୀନ ସେବାକୁ ଛାଡି ଅନ୍ୟ ସମସ୍ତ ଦୋକାନ, ବଜାର ଓ ଗାଡି ଚଳାଚଳ ବନ୍ଦ ରହିବ ବୋଲି ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ସୂଚନା ଦେଇଛନ୍ତି। ପୀଡ଼ିତାଙ୍କ ପରିବାରକୁ କ୍ଷତିପୂରଣ ସହ ପରିବାରର ଜଣକୁ ସରକାରୀ ଚାକିରି ଦେବାକୁ ବିଜେଡି ଦାବି କରିଛି।

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

TP CENTRAL ODISHA DISTRIBUTION LIMITED
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

NOTICE INVITING TENDER: NIT No: TPCODL/2025-26/NIT/07

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003327 Dt 05.06.2025 (Corrigendrum-1) | SITC of CCTV across discoms |
| 2 | TPCODL/CCG/2025-26/1000005074 | Rate Contract for Supply of Fuse Wire TC Items |
| 3 | TPCODL/P&S/2025-26/1000005049 | SITC of Porta Cabin for Stores of TPCODL |

more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

GOVERNMENT OF ODISHA
DEPARTMENT OF WATER RESOURCES
Office of the Additional Chief Engineer, Drainage Circle, Balasore

No.A-479

Email id : sedcbls@yahoo.com

"e" PROCUREMENT NOTICE NO. ACEDCBLS-09/2025-26

| | | | |
|---|---|---|---|
| 1 | Bid Identification Number | : | ACEDCBLS/DDBDK-01-09/2025-26 ACEDCBLS/DDBDK-02-09/2025-26 ACEDCBLS/DDBDK-03-09/2025-26 ACEDCBLS/DDBDK-04-09/2025-26 |
| 2 | Name of work | : | Drainage Improvement works (Under D.I.P. Scheme) |
| 3 | Total No. of Project | : | 4 Nos. of Individual work |
| 4 | Estimated cost of individual works | : | varies from Rs.1,82,98,800/- to Rs.2,81,06,008/- (Excluding G.S.T.) |
| 5 | Period of completion | : | 11 (Eleven) Calendar months |
| 6 | Date & Time of availability of Bid document in the Portal | : | From Dt.14.08.2025 at 10.00 hours to Dt.02.09.2025 at 17.00 hours |
| 7 | Date & Time for receipt of Bid document in the Portal | : | From Dt.14.08.2025 at 10.00 hours to Dt.02.09.2025 at 17.00 hours |
| 8 | Date of Opening of Technical Bid | : | Dt.03.09.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 9 | Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersodisha.gov.in

Sd./- Additional Chief Engineer
Drainage Circle, Balasore

OIPR-32190/11/0022/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି ପକ୍ଷରୁ ସ୍ୱର୍ଗତ ଅନୀଲ ପ୍ରସାଦ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକ ଓ ସ୍ମୃତି ସଭା, ସ୍ଥାନ:ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୧ଟା।
- ରତ୍ନଚିରା ପବ୍ଲିକେଶନ ପକ୍ଷରୁ 'ଇତିହାସର ହଜିଲା ଖିଅ' ପୁସ୍ତକ ଲୋକାର୍ପଣ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କଟକ
- ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପକ୍ଷରୁ ଲଡୁ ଦିବସ, ସ୍ଥାନ: ନେତାଜୀ ଅଡିଟୋରିୟମ, ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- ଓଡ଼ିଶା ରାଜସ୍ୱ ଅମଲା ସଂଘ ଖୋର୍ଦ୍ଧା ଶାଖାର ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବ୍ଲକ ପରିସର,ବସ୍ତା,ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବନ୍ତ, ସମୟ: ଅପରାହ୍ନ ୩ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଦୋବଲ କାଳୀପଡ଼ିଆ ଯଜ୍ଞ ମଣ୍ଡପ, ଧାମନଗର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଭୋଟ ଚୋରି ଅଭିଯୋଗ ନେଇ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଡିଆଇଇଟି ସ୍କୁଲ, ମୁର୍ଗାବାଡି, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପିସିପୁର ସରକାରୀ ଉ.ପ୍ରା. ବିଦ୍ୟାଳୟ, ବାରିପଦା, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ
- ଗଞ୍ଜାମ ଜିଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଆସିକା, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ଅମଲା ସଂଘର ଆନ୍ଦୋଳନ, ସ୍ଥାନ:ଛତ୍ରପୁରସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗଁଦିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ
- ଭୋଟ୍ ଚୋରି ଅଭିଯୋଗରେ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ପାରାଦୀପ ପୌରପରିଷଦ ପକ୍ଷରୁ ହର ଘର ତ୍ରିରଙ୍ଗା ରାଲି କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ କଲେଜ, ନୂଆବଜାର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ବଡ଼ଚଣା କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବିରେ ଥାନା ଘେରାଉ, ସ୍ଥାନ: ବାଲିଚନ୍ଦ୍ରପୁର ଥାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନ ଉଦ୍‌ଘାଟନ, ସ୍ଥାନ: ଦଶପଲ୍ଲା ବ୍ଲକ ସାତପାଟଣାର ପଣସପାଟଣା, ସମୟ: ସକାଳ ୬ଟା।

## ରାୟଗଡ଼ା
- ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ, ଭାଗବତ ପାଠ କାର୍ଯ୍ୟକ୍ରମ, ସ୍ଥାନ: ପାଇକସାହି, ମୁନିଗୁଡା, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ,କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ସରକାରୀ ଯୋଜନାର ସମୀକ୍ଷା, ସ୍ଥାନ: ବିଲାପୁଟ ଓ ବାଡେଲ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦ ଏବଂ ଅପରାହ୍ନ ୩ଟା।

## ମାଲକାନଗିରି
- ଜିଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଖଇରପୁଟ ବ୍ଲକ୍ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ବାଲିମେଳା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ଆୟୋଜିତ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : କୁଚିଣ୍ଡା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଝୁଲଣ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଟଣାଗଡ,ସମୟ ; ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଧିକା ରିଜେନ୍ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକ୍ତନ ଓକିଲ ସଂଘ ସଭାପତିଙ୍କ ବିୟୋଗରେ ଶୋକସଭା, ସ୍ଥାନ: ବିରଜାପାଲୀ କୋର୍ଟ ପରିସର ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଫାଇଲେରିଆ ନିରାକରଣ କର୍ମଶାଳା, ସ୍ଥାନ: ଆମ୍ବେଦକର ବସ୍ତି, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁର ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଉଦିତନଗର ଶ୍ରମ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ କାହ୍ନୁ ଚରଣ ମହାନ୍ତିଙ୍କ ଜୟନ୍ତୀ, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର,ସ୍ଥାନ: ନୂଆଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା୩୦।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବିଜେପୁର, ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ:ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅତାବିରା,ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର, ସ୍ଥାନ: ଥୁଆମୁଲ ରାମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଜିଲା କଂଗ୍ରେସ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ନିତ୍ୟ ଯୋଗ କମିଟି ତରଫରୁ ଗଙ୍ଗାଧର ଜୟନ୍ତୀ, ସ୍ଥାନ: ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା୩୦।
- ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ରାମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବହଳପଦର ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା୩୦।

## ନୂଆପଡ଼ା
- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ ଓ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଏକତା ଛକ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତି ସ୍ଥଳ ଓ ଗାନ୍ଧୀ ଉଦ୍ୟାନ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୯ ଟା।
- ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର, ସ୍ଥାନ: ଟିପିଡବ୍ଲ୍ୟୁଓଡିଏଲ୍ ସେକ୍ସନ, ସବ୍‌ଡିଭିଜନ ଓ ଡିଭିଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କିର୍ମିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଦ୍ୱାରା ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁ ଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ଗୃହ, ଭୂମି, ଗାଡିମୋଟର, ସହକର୍ମୀ ଏବଂ ଧାର କରଜକୁ କେନ୍ଦ୍ରକରି କଳହ ଲାଗିପାରେ। ପିଲାଙ୍କ ବିବାହ ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟା ଦୂର ହେବ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଦୂରେଇ ଯାଇପାରନ୍ତି।

**ବୃଷ** ଚନ୍ଦ୍ରଙ୍କ କୋଣସ୍ଥାନରେ ଗୁରୁଶୁକ୍ର ହେତୁ କର୍ମାରମ୍ଭ ସକାଶେ ପରିସ୍ଥିତି ଅନୁକୂଳ ରହିବ। ସକାଳୁ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିପାରେ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ଯିବା ସମୟକୁ ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ** ଅଷ୍ଟମାଧିପତି ଶନି କର୍ମଭାବସ୍ଥ ଯୋଗୁ ପ୍ରତ୍ୟେକ କାମ ଧିମାଗତିରେ ଆଗକୁ ବଢିପାରେ। ଗତକାଲି ରାତ୍ରିରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ଯୋଗୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ** ବୁଧାଦିତ୍ୟ ଯୋଗ ରାଶିରେ ସଂଘଟିତ ହୋଇଥିବାରୁ କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ଲାଭ କରିବେ। ଆତ୍ମୀୟଙ୍କ ପାଇଁ ଯେତେ ଭଲ କଲେ ମଧ୍ୟ ପ୍ରତିଦାନ ପାଇପାରିବେନି। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ , ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** କେତୁଙ୍କ କୁପ୍ରଭାବରୁ ପାରିବାରିକ ଅଶାନ୍ତି ଯୋଗୁ ମନରେ ସରସତା ରହିବ ନାହିଁ। ନିକଟସ୍ଥ ବ୍ୟକ୍ତି ବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ସତର୍କ ନ ରହିଲେ ଆଘାତ ଲାଗିପାରେ। ରଚନାତ୍ମକ କାମ, ସାହିତ୍ୟ, ସାମ୍ବାଦିକତା, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିପାରନ୍ତି।

**କନ୍ୟା** ଭାଗ୍ୟାଧିପ କର୍ମଭାବସ୍ଥ ଯୋଗୁ ସମସ୍ୟା ସମାଧାନ ପୂର୍ବକ ଅଭିଳାଷକୁ ପୂରଣ କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ। ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ନିଜର ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି।

**ତୁଳା** ଗ୍ରହଙ୍କ ଶୁଭ ସମାବେଶରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ପ୍ରଶାସନିକ କାର୍ଯ୍ୟ, ସଭାସମିତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସଫଳତା ଲାଭକରିବେ। କଚେରି ମାମଲା କିମ୍ବା ଜମିଜମା ସମ୍ପର୍କିତ ବିବାଦ ହେତୁ ଦୁଶ୍ଚିନ୍ତା ବଢିପାରେ। ସାମାଜିକ ସ୍ତରରେ ଅଗ୍ରଣୀ ହେବେ।

**ବିଛା** ଚତୁର୍ଥକେନ୍ଦ୍ରସ୍ଥ ଚନ୍ଦ୍ର ପାପଗ୍ରହ ରାହୁ ଯୁକ୍ତ ଯୋଗୁ ପରିବାର ଓ କର୍ମକ୍ଷେତ୍ର ଅଶାନ୍ତ ରହିପାରେ। ଶନିଙ୍କ ଦୃଷ୍ଟି ପ୍ରଭାବରେ ସମସ୍ୟା ବିଶେଷ ଉତ୍କଟ ନ ହେବାର ସୂଚନା ରହିଛି। ବ୍ୟବସାୟ ଓ ବାଣିଜ୍ୟରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଆଶା କଷ୍ଟ ହୋଇପଡିବ।

**ଧନୁ** ଆଜି ରାଶ୍ୟାଧିପତିଙ୍କ ରାଶି ପ୍ରତି ଦୃଷ୍ଟି ଯୋଗୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ଉଲ୍ଲସିତ ହେବେ। ବିଳାସ ବ୍ୟସନ କିମ୍ବା ସଭାସମିତିରେ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି।

**ମକର** କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ବାଣିଜ୍ୟରେ ଉନ୍ନତି ଘଟିବା ପାଇଁ ଆପ୍ରାଣ ଉଦ୍ୟମ କରିପାରନ୍ତି। କେତେକ ଅନାକାଂକ୍ଷିତ ପ୍ରତିବନ୍ଧକରୁ ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହୋଇପାରେ।

**କୁମ୍ଭ** ରାଶିରେ ରାହୁଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ଚେଷ୍ଟା କରୁଥିବା କାମରେ ପରିବାରରୁ ସହଯୋଗ ପାଇବେ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ଦିଗରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ଚେଷ୍ଟାକଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ।

**ମୀନ** ଶନିଙ୍କ ପ୍ରଭାବରେ ଆପଣ ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ଥିରତା ହରାଇ ପାରନ୍ତି।

ଆଜି ଅଗଷ୍ଟ ୧୧ ତାରିଖ, ଭାଦ୍ରବ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର, ରାଶିନକ୍ଷତ୍ର-ଦିବା ଘ.୧୨.୫୯ ମି. ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୯ ଗତେ ଘ.୦୭.୦୫ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭.୦୫ ଗତେ ଘ.୦୮.୪୦ ମଧ୍ୟେ ରାହୁ କାଳ ।

## ଡିଏଭି ୟୁନିଟ୍-୮,ଏମ୍ସ ...

ଏହି ୩ଟି ଦଳ ପାଇଁ ଅନ୍ୟ ଏକ ପ୍ରଶ୍ନ ପଚାରିଥିଲେ। ସେଥିରେ ଆଇଆଇଏମ୍ କାଲ୍‌କାଟା ବାଜି ମାରିନେଇଥିଲା। ପ୍ରଥମଥର ପାଇଁ ଆଇଆଇଟି ଖଡଗପୁର ଏବଂ ଆଇଆଇଏମ୍ କାଲ୍‌କାଟା ଅଂଶଗ୍ରହଣ କରି ରାଜ୍ୟ ବାହାରର ଦଳଭାବେ ବିଜୟ ଲାଭ କରି ମେଟାଲ୍ ମିଟ୍‌କୁ ଭିନ୍ନ ପରିଚୟ ଦେଇଛନ୍ତି। ସ୍କୋର ବୋର୍ଡକୁ ଦେଖିଲେ ଏମ୍ସ ଭୁବନେଶ୍ୱର ୯୦ ସ୍କୋର କରିଥିବାବେଳେ ଆଇଆଇଟି ଖଡଗପୁର ଏବଂ ଆଇଆଇଏମ୍ କାଲ୍‌କାଟା ଯଥାକ୍ରମେ ୮୪ ଏବଂ ୫୬ ସ୍କୋର କରିଥିଲେ। ଉଲ୍ଲେଖଯୋଗ୍ୟ, ସିନିୟର ବର୍ଗରେ ଭାଗ ନେଇଥିବା ଅନ୍ୟ ଦଳଗୁଡ଼ିକ ଥିଲେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ, ଖୋର୍ଦ୍ଧାର ନାଇଜର, ଝାଡ଼ଖଣ୍ଡ ଜାମସେଦ୍‌ପୁରର ଏକ୍ସଏଲ୍‌ଆର୍‌ଆଇ, କଟକସ୍ଥିତ ନ୍ୟାଶନାଲ ଲ' ୟୁନିଭର୍ସିଟି ଏବଂ ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାର। କାର୍ଯ୍ୟକ୍ରମ ଆରମ୍ଭରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ମେଟାଲ୍ ମିଟ୍‌ର ଆଭିମୁଖ୍ୟ ବିଷୟରେ କହିବା ସହିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏହି କୁଇଜ୍ ପ୍ରତିଯୋଗିତା ପ୍ରଥମ ଥର ପାଇଁ ରାଜ୍ୟ ବାହାରକୁ ଯାଇଥିବାରୁ ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ କରିବା ସହ କୁଇଜ୍ ସଂସ୍କୃତିକୁ ବ୍ୟାପକ କରିବାରେ ଏହି ସଂସ୍କରଣ ବେଶ୍ ଉପାଦେୟ ହୋଇପାରିଥିବା କହିଛନ୍ତି। ଉପସ୍ଥାପିକା ମାନସୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଏହି ଅବସରରେ ପ୍ରାୟୋଜକ ଭାବେ ଇଣ୍ଡିଆନ ଅଏଲ, ନାଲ୍‌କୋ, ବେଦାନ୍ତ, ଇମ୍ଫା, ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ଓକାକ୍, ପାରାଦୀପ ଫସ୍‌ଫେଟ୍ସ, ଡିଓନ, ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ, ଏସ୍‌ଆଇପି ଆବାକସ, ଏମ୍‌ସିଏଲ୍, ଜେଏସ୍‌ଡବ୍ଲ୍ୟୁ, ଏମ୍ପ୍ରେ ଏମ୍‌ଜି, ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ନିୟୁଟନ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ରହିଥିବା ବେଳେ ପାର୍ଟନର ଭାବେ ଅଜନ୍ତା ଆଡଭର୍ଟାଇଜର୍ସ, ସମାଜବାଦୀ ସୋସାଇଟି, ଡବ୍ଲ୍ୟୁଇଏଫ୍‌ଇ ଇଣ୍ଟରନେଟ ଓ ଧରିତ୍ରୀ ରହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୋଗୀ, ବଇଦ, କୁକୁର, ଘୋଡ଼ା,
କେବେ ନୁହନ୍ତି ଯୋଡ଼ା ଯୋଡ଼ା।**

ପ୍ରକୃତରେ ଦେଖିବାକୁ ଗଲେ ଯୋଗୀ, ବଇଦ, କୁକୁର ଓ ଘୋଡ଼ା ଏଇ ଜାତି ପରସ୍ପର ପ୍ରତି ଖୁବ୍ ବିରୋଧୀ। ଏମାନଙ୍କ ମଧ୍ୟରୁ ଯିଏ ଯାହା ସାଙ୍ଗରେ ମିଶେ ସେଥିରେ ତା'ର ମୋଟେ ଫାଇଦା ନ ଥାଏ। ତେଣୁ ସେମାନେ ନିଜ ନିଜର ପତିଆରା ଦେଖାଇବାକୁ ଯାଇ ପ୍ରତ୍ୟେକେ ଅଲଗା ଅଲଗା ରହିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଯେବେ ଥିବ ଅଣ୍ଟାରେ ବଳ,
ସଙ୍ଗାତ ମିତେ ତା' ଦୁଆରେ ଠୁଳ।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ଯାହା ପାଖରେ ଅର୍ଥ ନ ଥାଏ ସେ ସଭିଙ୍କ ପାଖରେ ଅଖୋଜା ଅଲୋଡ଼ା ହୋଇଯାଇଥାଏ। କିନ୍ତୁ ପାଖରେ ଅର୍ଥ ଥିଲେ ଅଜଣା ଅଦେଖା ବା ଦୂର ସମ୍ପର୍କୀୟ ବ୍ୟକ୍ତି ନିଜର ଆତ୍ମୀୟତା ଦେଖାଇବାରେ ଆଦୌ ହେଳା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଚନ୍ଦ୍ରଭାଗା ସମୁଦ୍ରରେ ...

ରିଟ୍ରିଟ୍ ଠାରେ ଏକ ଘରୋଇ ଗାଡ଼ି ସର୍ଭିଂ କମ୍ପାନୀରେ କାର୍ଯ୍ୟରତ ୩ ଜଣ ସାଙ୍ଗ ଗାଧୋଉଥିବା ବେଳେ ୨ଜଣ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ଗୁରୁତର ଅବସ୍ଥାରେ ଚମ୍ପାହାର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର କୁମାର ଚୌଧୁରୀ ଓ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଆହତ ଶିବକୁମାରଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ କୋଣାର୍କ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ଅରୂପାନନ୍ଦ ଓ ରାହୁଲଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପାହାଳ ଅଞ୍ଚଳର ଯୁବକ ପିଣ୍ଟୁଙ୍କ ଶବ ବ୍ୟବଚ୍ଛେଦ ପାଇଁ ପୁରୀ ସଦର ମହକୁମା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା ବେଳେ କୋଣାର୍କ ଥାନା ଅଧୀନ ଯମତଳା ଗ୍ରାମର ରାହୁଲ କୁମାର ସେନାପତି ଓ ଅରୂପାନନ୍ଦ ଜେନାଙ୍କ ମୃତ ଦେହକୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ଜବତ କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ପକ୍ଷରୁ ପୃଥକ ପୃଥକ ଭାବେ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଚନ୍ଦ୍ରଭାଗା ସାମୁଦ୍ରିକ ଥାନାଧିକାରୀ ପ୍ରତିମା ସାହୁ ପ୍ରକାଶ କରିଛନ୍ତି।

ଚନ୍ଦ୍ରଭାଗା ସମୁଦ୍ର କୂଳରେ ସୁରକ୍ଷା ନିମନ୍ତେ ଆବଶ୍ୟକ ଲାଇଫ୍‌ଗାର୍ଡ ନ ଥିବା ଓ ଚନ୍ଦ୍ରଭାଗାଠାରୁ ଇକୋ ରିଟ୍ରିଟ ପର୍ଯ୍ୟନ୍ତ ସମୁଦ୍ରକୂଳ ମୁକୁଳା ପଡ଼ିଥିବାରୁ ପର୍ଯ୍ୟଟକମାନେ ଯେଉଁଠି ପାଇଲେ ସେଠାରେ ଗାଧୋଇବା ଦ୍ୱାରା ଏପରି ଅଘଟଣ ଘଟୁଛି। ସଚେତନତା ଅଭାବରୁ ସମୁଦ୍ରରେ ବୁଡ଼ି ଅନେକ ପ୍ରାଣ ହାନି ଘଟୁଛି ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଚନ୍ଦ୍ରଭାଗା ସମୁଦ୍ରକୂଳରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକ ଲାଇଫ୍‌ଗାର୍ଡ ମୁତୟନ କରିବା ପାଇଁ ପୁରୀ ଜିଲାପାଳ ଓ ଏସ୍‌ପି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଆମେରିକାରୁ ଭାରତକୁ ...

ଏଭଳି ଧମକ ଦେବା ସମ୍ଭବ ନୁହେଁ ବୋଲି ବିଶେଷଜ୍ଞମାନେ କହିଲେଣି। ପାକିସ୍ତାନୀ ସେନାମୁଖ୍ୟ ମୁନିର ଟାମ୍ପାସ୍ଥିତ ୟୁଏସ୍ ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍)ର କମାଣ୍ଡର ଜେନେରାଲ ମାଇକେଲ ଇ କୁରିଲାଙ୍କ ଅବସର ଗ୍ରହଣ ଏବଂ ନୂତନ କମାଣ୍ଡର ଆଡ୍‌ମିରାଲ ବ୍ରାଡ୍ କୁପରଙ୍କ ଶପଥ ସମାରୋହରେ ଯୋଗଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ଭାରତରୁ ପାକିସ୍ତାନକୁ ନଦୀଜଳ ପ୍ରବାହରେ ପ୍ରତିବନ୍ଧକ ସୃଷ୍ଟି କରିବା ଭଳି ନୂଆଦିଲ୍ଲୀ କୌଣସି ଡ୍ୟାମ୍ ନିର୍ମାଣ କଲେ ଆମେ ତାକୁ ଧ୍ୱଂସ କରିଦେବୁ। ପାକିସ୍ତାନ ଏକ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର। ପାକିସ୍ତାନର ଅସ୍ତିତ୍ୱ ସଙ୍କଟ ସୃଷ୍ଟି ହେଲେ କିମ୍ବା ଆମେ ଖସୁଛୁ ବୋଲି ଯଦି ମନେକରିବୁ ତେବେ ଅଧା ବିଶ୍ୱକୁ ଖସାଇଦେବୁ। ସିନ୍ଧୁ ନଦୀ ଭାରତୀୟମାନଙ୍କ ପାରିବାରିକ ସମ୍ପତ୍ତି ନୁହେଁ। ଆଲ୍ଲାଙ୍କ କୃପାରୁ ଆମ ପାଖରେ ମିଶାଇଲ୍‌ର ଅଭାବ ନାହିଁ। ଉଲ୍ଲେଖଯୋଗ୍ୟ, ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସଶସ୍ତ୍ର ବଳର ଅପରେଶନ ସିନ୍ଦୂର ସମୟରେ ଭାରତର କେତୋଟି ଯୁଦ୍ଧବିମାନ ଖସିଥିବା ବିଷୟ ଉଭୟ ପକ୍ଷ ସୂତ୍ରରୁ ପ୍ରକାଶ ପାଉଛି। ଏଭଳି ସମୟରେ ଟ୍ରମ୍ପ ଭାରତ ଉପରେ ଉଚ୍ଚ ଟାରିଫ୍ ଲଗାଇଥିବାରୁ ୱାଶିଂଟନ-ନୂଆଦିଲ୍ଲୀ ଏକପ୍ରକାର ମୁହାଁମୁହିଁ ସ୍ଥିତିକୁ ଆସିଯାଇଛନ୍ତି। ସେପଟେ ୨ ମାସ ନ ପୂରୁଣୁ ମୁନିର ପୁଣି ଆମେରିକା ଯିବା ଏବଂ ଶକ୍ତିଶାଳୀ ରାଷ୍ଟ୍ରରୁ ଭାରତକୁ ଧମକ ଦେବା ଅନେକ ପ୍ରଶ୍ନ ଛିଡ଼ା କରାଇଛି।

## ବିକାଶ ସହ ଦୁର୍ନୀତିମୁକ୍ତ ...

ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ କୋଠାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏକ ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ୍ କରିଡରର ୬ ଲେନ୍ ବିଶିଷ୍ଟ ରାସ୍ତା ଶୀଘ୍ର ନିର୍ମାଣ ହେବ। ଏଥିସହ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଖାଲି ଥିବା ସମସ୍ତ ପଦବୀ ପୂରଣ ହେବ। କୋରାପୁଟବାସୀ ସ୍ୱାସ୍ଥ୍ୟ ସେବା ପାଇଁ ଯେମିତି ଦୂର ସହରକୁ ଯାଇ ହଇରାଣ ନ ହେବେ, ସେଥିଲାଗି ସରକାର ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲ ଦ୍ୱାରା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଜିଲା ସମେତ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ଲୋକେ ମଧ୍ୟ ଉପକୃତ ହେବେ। ନୂତନ ହସ୍ପିଟାଲରେ ଲୋକେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବା ପରଠୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣାତ୍ମକମାନ ବୃଦ୍ଧିକୁ ପ୍ରାଥମିକତା ଦିଆଯାଉଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରାଯାଉଛି। ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ରୋଗୀଙ୍କ ପାଇଁ ବହୁବିଧ ଚିକିତ୍ସା ସୁବିଧା କରାଯାଉଛି। ରୋଗୀଙ୍କ ପାଇଁ ଅକ୍ସିଜେନ୍ ଅଭାବ ଦୂର କରିବା ସକାଶେ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ବସାଯାଉଛି। ଏହି ହସ୍ପିଟାଲ ସଂଲଗ୍ନ ୨ ଏକର ପରିମିତ ଜାଗାରେ କ୍ୟାନ୍ସର ହସ୍ପିଟାଲ ମଧ୍ୟ ନିର୍ମାଣ କରାଯାଉଛି। ଏଥିପାଇଁ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟବରାଦ କରିଥିବା ସେ ସୂଚନା ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୨ ସରକାରୀ ମେଡିକାଲ କଲେଜ ଥିବାବେଳେ ଖୁବ୍‌ଶୀଘ୍ର ଆଉ ୪ଟି ମେଡିକାଲ କଲେଜ ଖୋଲାଯିବ। ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁରରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ) ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜିଜେଏୱାଇ)ରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ପ୍ରାୟ ୩ ଲକ୍ଷ ୯୧ ହଜାର ହିତାଧିକାରୀଙ୍କ ପାଇଁ ୯୦୦ କୋଟି ଟଙ୍କାର ଚିକିତ୍ସା ସୁବିଧା ଦିଆଯାଇଛି। ସେହିପରି ୭୦ ବର୍ଷରୁ ଊର୍ଦ୍ଧ୍ୱ ୮,୬୪୪ ହିତାଧିକାରୀଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୩୫ କୋଟି ୬୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଥିବା ସେ କହିଛନ୍ତି। କୋରାପୁଟବାସୀ ଦେଶର ୨୯ ହଜାରରୁ ଊର୍ଦ୍ଧ୍ୱ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ମାଗଣା ସ୍ୱାସ୍ଥ୍ୟସେବା ପାଉଛନ୍ତି। ଏହି ଜିଲାରେ ଏଯାଏ ଏବିପିଏମ୍‌ଜେଏୱାଇ-ଜିଜେଏୱାଇ ଅନ୍ତର୍ଗତ ୩ ଲକ୍ଷ ୫୪୭ କାର୍ଡ ବଣ୍ଟନ କରାଯାଇଛି। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଅଧୀନରେ ଅଦ୍ୟାବଧି ୯ ହଜାର ୬ ହିତାଧିକାରୀ ପଞ୍ଜୀକୃତ ହୋଇଛନ୍ତି। ଜିଲାରେ ବର୍ତ୍ତମାନ ୪ ଘରୋଇ ହସ୍ପିଟାଲକୁ ଏବି-ପିଏମ୍‌ଜେଏୱାଇ-ଜିଜେଏୱାଇ ଅନ୍ତର୍ଗତ ଅନୁମୋଦନ ମିଳିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବିପିଏମ୍‌ଜେଏୱାଇ, ଜିଜେଏୱାଇ, ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, କୋରାପୁଟ ଜିଲାର ସ୍ୱାସ୍ଥ୍ୟ ସେବା ବିକାଶ ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ିହୋଇଛି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଡାକ୍ତରଖାନା, ମେଡିକାଲ୍ କଲେଜରେ ନୂଆ ଭିତ୍ତିଭୂମି ସହ ରୋଗୀକୈନ୍ଦ୍ରିକ ସେବା ବ୍ୟବସ୍ଥା କରାଯାଉଛି। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଓ ଜିଲାପାଳ ମନୋଜ ସତ୍ୟବାନ୍ ମହାଜନ ପ୍ରମୁଖ ମଞ୍ଚାସୀନ ଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ ସ୍ୱାଗତ ଭାଷଣ ଦେଇଥିବାବେଳେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ।

## କଳିଙ୍ଗରେ ପ୍ରଜ୍ଞା,...

ଅନିମେଶ ୨୦.୭୭ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦକ୍ଷିଣ କୋରିଆର କୋ ସେଉଙ୍ଘୱାନ ୨୦.୯୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ଓ ଭାରତର ରଗୁଲ କୁମାର ଜି. ୨୧.୧୭ ସେକେଣ୍ଡ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଛତିଶଗଡ଼ର ଅନିମେଶ ଭୁବନେଶ୍ୱର ଏଚ୍‌ପିସିରେ ଟ୍ରେନିଂ ନେଉଥିବାରୁ ସେ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହା ଏକ ଆମନ୍ତ୍ରଣୀୟ ପ୍ରତିଯୋଗିତା ହୋଇଥିବାରୁ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରାଯାଇ ନ ଥାଏ। କେବଳ ଆର୍ଥିକ ପୁରସ୍କାର ଦିଆଯାଏ। ତେବେ ଏଥିରୁ ପ୍ରତିଯୋଗୀମାନେ ଟାଇମିଂ ଅନୁସାରେ ମୂଲ୍ୟବାନ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇଥାନ୍ତି, ଯାହାକି ଭବିଷ୍ୟତରେ ସେମାନଙ୍କୁ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ସହାୟକ ହୋଇଥାଏ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୋଲିସ ଡିଜି ୱାଇ.ବି. ଖୁରାନିଆ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ପ୍ରଜ୍ଞା ପ୍ରଶାନ୍ତି ସାହୁ




ଅନିମେଶ କୁଜୁର୍

## ପୁଣି ଅନ୍‌ଲାଇନରେ ଶ୍ରୀମନ୍ଦିର ମହାପ୍ରସାଦ ବିକ୍ରି

ପୁରୀ,୧୦।୮(ଅଜିତ୍ କୁମାର ମହାନ୍ତି)

ପୁଣି ବେଆଇନ ଭାବେ ଶ୍ରୀମନ୍ଦିରର ମହାପ୍ରସାଦ ବିକ୍ରି ଅଭିଯୋଗ ହୋଇଛି। ବ୍ରହ୍ମପୁରର ଇଜି ଏସେନଶିଆଲ ନାମକ ଏକ ଫୁଡ୍ ଡେଲିଭରି ଆପ୍ ଶ୍ରୀମନ୍ଦିର ମହାପ୍ରସାଦକୁ ଅନ୍‌ଲାଇନ୍‌ରେ ଅର୍ଡର ନେଉଛି। କେବଳ ସେତିକି ନୁହେଁ, ଏହି ଆପ୍ ମାଧ୍ୟମରେ ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ମନ୍ଦିରରୁ ପ୍ରସାଦ ଅର୍ଡର ନିଆଯାଉଥିବା ବେଳେ ରୋଷେଇ ସାମଗ୍ରୀ, ପନିପରିବା, କ୍ଷୀର, ମାଂସ ମଧ୍ୟ ବିକ୍ରି କରୁଛି। ତେବେ ମାଛ, ମାଂସ ଯୋଗାଇ ଦେଉଥିବା ଫୁଡ୍ ଡେଲିଭରି ଆପ୍‌ରେ ଶ୍ରୀମନ୍ଦିର ମହାପ୍ରସାଦ ବିକ୍ରିକୁ ଲୋକେ ଦୃଢ଼ ବିରୋଧ କରିଛନ୍ତି। ତୁରନ୍ତ ଏଭଳି ବେଆଇନ କାର୍ଯ୍ୟ କରୁଥିବା ଓ ମହାପ୍ରସାଦକୁ ଅପମାନ କରିଥିବା ବ୍ୟକ୍ତି ଓ କମ୍ପାନୀ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ କହିଛନ୍ତି, ମହାପ୍ରସାଦ ଅନ୍‌ଲାଇନ୍‌ରେ ବିକ୍ରି ଉପରେ ବହୁପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷେଧ କରାଯାଇଥିଲା। ଆମର ଆଇଟି ସେଲ୍ ପକ୍ଷରୁ ଏହା ଉପରେ ନଜର ରଖାଯାଇଛି।

## ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ଶତବାର୍ଷିକୀ

ବାଲିପାଟଣା,୧୦।୮(ଅଭିମନ୍ୟୁ ନାୟକ): ବନମାଳୀପୁରରେ ଭାରତର ଜନନାୟକ ପଣ୍ଡିତ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ୧୨୧ତମ ଜନ୍ମବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରାଳୟ ଅଧୀନସ୍ଥ ମେରା ଯୁବ ଭାରତ, ଖୋର୍ଦ୍ଧା ଜିଲା ଶାଖା, ଆଇୱାଇଡବ୍ଲ୍ୟୁ ବାଲିପାଟଣା ଓ ଗୀତା ଚାରିଟେବୁଲ ଟ୍ରଷ୍ଟଙ୍କ ମିଳିତ ସହଯୋଗରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଟ୍ରଷ୍ଟ ମୁଖ୍ୟ ମନୋରଞ୍ଜନ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇ ୱାଇ ଡବ୍ଲ୍ୟୁ ସମ୍ପାଦକ ଶିବ ପ୍ରସାଦ ପାଟ୍ଟଯୋଶୀ, ସଂଗଠିକା ସବିତା ବେହେରା, ସାଗରିକ ଚିନରା, ସ୍ୱପ୍ନା ବେହେରା, ଲିଜା ଜେନା, ଦୀପ୍ତି ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ମୁଖାର୍ଜୀଙ୍କର ନୂତନ ଭାରତ ଗଠନରେ ଅବଦାନ ଓ ବଳିଦାନ, ଦେଶ ସ୍ୱାଧୀନତା ପାଇଁ ତାଙ୍କର ମୁଖ୍ୟ ଭୂମିକା ସମ୍ପର୍କରେ ଉପସ୍ଥିତ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ କୃତି ଅର୍ଜନ କରିଥିବା ପ୍ରିୟଦର୍ଶିନୀ ସାହୁ, ସ୍ୱାତିମୟୀ ସାହୁଙ୍କୁ ଶିକ୍ଷାଶ୍ରୀ ସମ୍ମାନ ଓ ସାଗରୀକା ଚିନରାଙ୍କୁ ସେବାଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୀତା ଟ୍ରଷ୍ଟର ସମ୍ପାଦିକା ସୋନିସ୍ମିତା ମହାରଣା ଓ ଶୁଭେନ୍ଦୁ ସାହୁ ପରିଚାଳନା କରିଥିଲେ।

# ଭରତପୁରରେ ବୋମାମାଡ଼

**ସରକାରୀ ଜମିକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ**

- ଗୋଟିଏ ଗୋଷ୍ଠୀର ୪ ବାଇକ ଜଳିଗଲା
- ଅନ୍ୟ ଏକ ଗୋଷ୍ଠୀର ଦୁଇ ବାଇକ ଭାଙ୍ଗିଦେଲେ, ୪ ବୋମା ଜବତ

ଭୁବନେଶ୍ୱର,୧୦।୮(ସତ୍ୟଜିତ୍ ରାଉତ)


ପେଟ୍ରୋଲ ଢ଼ାଳି ପୋଡ଼ିଦିଆଯାଇଥିବା ବାଇକ୍।

ଭରତପୁର ଥାନା ଅନ୍ତର୍ଗତ ପୁଣ୍ଡାକୁଦିଆ ଭୂଦାନ ଅଞ୍ଚଳରେ ରବିବାର ଅପରାହ୍ନରେ ବୋମାମାଡ଼ ହୋଇଛି। ଏକ ସରକାରୀ ଜମି ଜବରଦଖଲ କରିବାକୁ ନେଇ ଭରତପୁର ଓ ଅନ୍ଧାରୁଆର ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଛି। ତେବେ ଗୋଟିଏ ଗୋଷ୍ଠୀ ପକ୍ଷରୁ ୧୫ଟି ବୋମାମାଡ କରାଯାଇଥିବା ବେଳେ ଅପର ଗୋଷ୍ଠୀ ମଧ୍ୟ ପ୍ରତିଆକ୍ରମଣ କରିଛି। ଅନ୍ଧାରୁଆ ଗୋଷ୍ଠୀର ଦୁଇ ବାଇକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଭରତପୁର ଗୋଷ୍ଠୀର ୪ଟି ବାଇକ ଜଳିଯାଇଛି। ଭରତପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଭୂଦାନ ଅଞ୍ଚଳର ଏକ ସରକାରୀ ପ୍ଲଟ୍‌କୁ ଦଖଲ କରିବାକୁ ନେଇ ଭରତପୁର ଗୋଷ୍ଠୀ ଓ ଅନ୍ଧାରୁଆ ଗୋଷ୍ଠୀଙ୍କ ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗି ରହିଛି। ଭରତପୁର ଗୋଷ୍ଠୀ ଉକ୍ତ ପ୍ଲଟ୍‌କୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ଜଣାପଡିବା ପରେ ରବିବାର ଅପରାହ୍ନରେ ଅନ୍ଧାରୁଆ ଗୋଷ୍ଠୀର ସଦସ୍ୟମାନେ ଜମି ପାଖରେ ପହଞ୍ଚି ପାଚେରି ନିର୍ମାଣ ଆରମ୍ଭ କରିଥିଲେ। ଏହି ସମୟରେ ଭରତପୁର ଗୋଷ୍ଠୀ ସେଠାରେ ପହଞ୍ଚିବା ପରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ଭରତପୁର ଗୋଷ୍ଠୀ ୧୫ଟି ବୋମାମାଡ଼ କରିଥିଲା। ଏଥିସହ ୨ଟି ବାଇକ ଭାଙ୍ଗି ଦେଇଥିଲା। ଏହାର କିଛି ସମୟ ପରେ ଅନ୍ଧାରୁଆ ଗୋଷ୍ଠୀ ଏକତ୍ରିତ ହୋଇ ଘଟଣାସ୍ଥଳକୁ ଆସି ଗାଳିଗୁଲଜ କରିଥିଲେ। ଏଥିସହ ସେଠାରେ ଥିବା ୪ଟି ବାଇକକୁ ସେମାନେ ପେଟ୍ରୋଲ ଢ଼ାଳି ଜାଳି ଦେଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଏହି ଘଟଣାକୁ ନେଇ ଥାନା ପକ୍ଷରୁ ମାମଲା ରୁଜୁ ହୋଇ ନ ଥିଲା।

## ୪୫ ନଂ. ୱାର୍ଡ ଅଫିସ୍ ଭଙ୍ଗାରୁଜା କଲେ ଦୁର୍ବୃତ୍ତ

ଭୁବନେଶ୍ୱର,୧୦।୮(ସତ୍ୟଜିତ୍ ରାଉତ)

**ଲକ୍ଷ୍ମୀସାଗର ପୋଲିସର ତଦନ୍ତ**



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୪୫ ନଂ. ୱାର୍ଡ କାର୍ଯ୍ୟାଳୟରେ ଭଙ୍ଗାରୁଜା ହୋଇଛି। କେହି ଦୁର୍ବୃତ୍ତ ଶନିବାର ବିଳମ୍ବିତ ରାତିରେ ଏହି କାଣ୍ଡ ଘଟାଇଛନ୍ତି। ଅଫିସ୍‌ର ଝରକା କାଚ ଡୋର ଭାଙ୍ଗିଯାଇ କ୍ଷତିଗ୍ରସ୍ତ ହୋଇଛି। ରବିବାର ସକାଳେ ଲକ୍ଷ୍ମୀସାଗର ଥାନା ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଆଖପାଖ ଲୋକଙ୍କୁ ପଚରାଉଚରା କରିଛି। ତେବେ ୱାର୍ଡର ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଇଆଁ ବଳାତ୍କାର ମାମଲାରେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ତାଙ୍କ ଅନୁପସ୍ଥିତିରେ ଏହି ଘଟଣାକୁ ନେଇ ସମର୍ଥକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ କେଉଁମାନେ ଓ କାହିଁକି ଏହି ଭଙ୍ଗାରୁଜା କଲେ, ସେନେଇ ରାଜନୈତିକ ମହଲରେ ଚର୍ଚ୍ଚା ସହ ଦ୍ୱନ୍ଦ୍ୱ ଲାଗିରହିଛି। ୱାର୍ଡ ଅଫିସରଙ୍କ ଏତଲାକ୍ରମେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଥାନାଧିକାରୀ ଶ୍ୟାମସୁନ୍ଦର ରାଓ କହିଛନ୍ତି, ଜଣେ ବ୍ୟକ୍ତି ପଥର ମାଡ଼ କରି ଏହି କାଣ୍ଡ ଘଟାଇଛନ୍ତି। ଏହା ପଛରେ କାରଣ ଜଣାପଡିନାହିଁ। ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ସେ କହିଛନ୍ତି।


ବିଏମ୍‌ସି ପକ୍ଷରୁ ଗଣ ସଫେଇର ଶୁଭାରମ୍ଭ ଅବସରରେ ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣାଙ୍କ ସହ ଅନ୍ୟମାନେ।

## ଚାଷୀ ପଞ୍ଜୀକରଣ ସମୟସୀମା ବୃଦ୍ଧି କରିବାକୁ ଦାବି

ଖୁଣ୍ଟୁଣୀ,୧୦।୮(ସଚ୍ଚିଦାନନ୍ଦ ପଣ୍ଡା)

ସରକାର ଅସାଧୁ ଚାଷୀମାନଙ୍କୁ ଧରିବାକୁ ଯେଉଁ ନିୟମ କରିଛନ୍ତି, ତାହା ସ୍ୱାଗତ ଯୋଗ୍ୟ। କିନ୍ତୁ ପ୍ରକୃତ ଚାଷୀ ଏହି ନିୟମରେ ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ପଞ୍ଜୀକରଣ ସମୟ ସୀମାକୁ ବୃଦ୍ଧି କରିବାକୁ ଆଠଗଡ଼ ନବେଢ଼ା ଆଞ୍ଚଳିକ ଚାଷୀ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ବୈଠକରେ ଦାବି ହୋଇଛି। ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପାଇଁ ଗତ ଜୁଲାଇ ୧୯ରୁ ସରକାର ସମବାୟ ସଂସ୍ଥାରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏବେ ରୁଆ ବେଉଷଣ ପାଇଁ ଚାଷୀମାନେ ବ୍ୟସ୍ତ ରହୁଛନ୍ତି। ତେଣୁ ସରକାର ଚାଷୀଙ୍କ ସମସ୍ୟାକୁ ଦେଖି ପଞ୍ଜୀକରଣ ଲାଗି ଅଧିକ ସମୟ ଦେବାକୁ ନିବେଦନ କରାଯାଇଛି।

## ଓଡ଼ିଆ ଯୁବ କବି ସମ୍ମିଳନୀ

ଭୁବନେଶ୍ୱର,୧୦।୮
(ସୌମ୍ୟରଞ୍ଜନ ରାଉତ)

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପ୍ରୋଜେକ୍ଟ ପଏଣ୍ଟର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ଏକ ହୋଟେଲ୍‌ରେ 'ଓଡ଼ିଆ ଯୁବ କବି ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଯୁବ କବିମାନଙ୍କ କବିତା ପାଠ ପରେ 'ଭାରତ ଯୁବ ଶକ୍ତି ସମ୍ମାନ', 'ଆଦିତ୍ୟ ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। 'ଓଡ଼ିଆ ସାହିତ୍ୟର ନୂଆ ଅଭିଯାନ, ଯୁବ ଶବ୍ଦର ଗୁଞ୍ଜନ' ଶୀର୍ଷକ ଅଧିବେଶନରେ ରାଜ୍ୟର ପ୍ରତ୍ୟେକ ଜିଲାରୁ ଆସିଥିବା ଯୁବ କବିମାନଙ୍କୁ ମୁଖ୍ୟଅତିଥି ଏକାମ୍ର ବିଧାୟକ ବାବୁ ସିଂ ସମ୍ମାନିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଭାଜପା ନେତା ଜଗନ୍ନାଥ ପ୍ରଧାନ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଜେଡି ନେତା ମନ୍ମଥ ରାଉତରାୟ, କବି ନୀହାର ରଞ୍ଜନ ପ୍ରଧାନ, ସ୍ତମ୍ଭକାର ରାକେଶ କୁମାର ପଣ୍ଡା, ସତ୍ୟପ୍ରକାଶ ପଟ୍ଟନାୟକ, ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ବଂଶୀଧର ଷଡ଼ଙ୍ଗୀ, ଅର୍ଜୁନ ପ୍ରଧାନ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ସେକ୍ ଗୁଲଜାର ହୁସେନ୍, ଅଭୟ ନାୟକ ପ୍ରମୁଖ ଯୋଗଦେଇଥିଲେ। ଡା. ଇପ୍ସିତା ଷଡ଼ଙ୍ଗୀ ସମ୍ମିଳନୀକୁ ପରିଚାଳନା କରିଥିବାବେଳେ ପ୍ରସନ୍ନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣ ସଫେଇ ଆରମ୍ଭ କଲା ବିଏମ୍‌ସି

ଭୁବନେଶ୍ୱର, ୧୦।୮(ବନ୍ଦନା ସେଠୀ)

**ପ୍ରତି ରବିବାର 'ଘରେ ଘରେ ତିରଙ୍ଗା, ଘରେ ଘରେ ସ୍ୱଚ୍ଛତାର ବାର୍ତ୍ତା'**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସ) ପକ୍ଷରୁ ଗଣ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରବିବାର ସକାଳୁ ଗଣସଫେଇ ସାଙ୍ଗକୁ ଡାଳ କାଟିବା, ଲାଇଟ୍ ମରାମତି, ମଶା ଲାର୍ଭା ନଷ୍ଟ କରିବା, ବ୍ରୁଶ୍ କଟିଂ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ବିଏମ୍‌ସିର ୱାର୍ଡ ନଂ. ୫୦ ଅନ୍ତର୍ଗତ ବରମୁଣ୍ଡା ଅଞ୍ଚଳରେ ପ୍ରଥମେ ଗଣ ସଫେଇ ଆରମ୍ଭ ହୋଇଥିଲା। ମେୟର ସୁଲୋଚନା ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଅଭିଯାନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ନିବେଦନ କରିଥିଲେ। ସେହିପରି କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ 'ଘରେ ଘରେ ତିରଙ୍ଗା, ଘରେ ଘରେ ସ୍ୱଚ୍ଛତାର ବାର୍ତ୍ତା' ପହଞ୍ଚାଇବାକୁ ପ୍ରତ୍ୟେକ ରବିବାର ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦିଆଯାଇଛି। ସଫେଇ ଅଭିଯାନରେ ବରମୁଣ୍ଡା ଅଞ୍ଚଳର ଆପିକଲ ଛକଠାରୁ ନୀଳକଣ୍ଠେଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିରଠାରୁ ସିଦ୍ଧିବିହାର ଜଙ୍କ୍‌ସନ, ନୀଳକଣ୍ଠେଶ୍ୱର ମନ୍ଦିରଠାରୁ ନରୁଲା ସୁଇଟ୍ସ ଏବଂ ଆପିକଲ ଛକରୁ ରମାମଣି ପେଟ୍ରୋଲ ପମ୍ପ ଆଦି ରାସ୍ତାଗୁଡିକୁ ସମ୍ପୂର୍ଣ୍ଣ ସଫେଇ କରାଯାଇଛି। କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛସାଥୀ, ଜାଗୃତି ଓ ବିକାଶ ସଂଗଠନର କର୍ମୀ ଏବଂ ଟିମ୍ ବିଏମସି ମିଳିତ ପ୍ରୟାସ କରିଥିଲେ। ଏଥିରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ରାମଚନ୍ଦ୍ର ରଣସିଂହ ଏବଂ ଦୀପକ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଅତିରିକ୍ତ କମିଶନର ରତ୍ନାକର ସାହୁ ଏବଂ କୈଳାଶ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ନମାମି ସୁରମଣି' ସଙ୍ଗୀତ ସନ୍ଧ୍ୟା



'ନମାମି ସୁରମଣି' ସଙ୍ଗୀତ ସନ୍ଧ୍ୟାରେ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍, ସଞ୍ଜୁ ପଣ୍ଡା ପ୍ରମୁଖଙ୍କ ସହ କଣ୍ଠଶିଳ୍ପୀମାନେ।

ଭୁବନେଶ୍ୱର, ୧୦।୮
(ସୌମ୍ୟରଞ୍ଜନ ରାଉତ)

ପଦ୍ମଶ୍ରୀ ସୁରମଣି ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ୯୩ତମ ଜୟନ୍ତୀ ଅବସରରେ ରବିବାର ରବୀନ୍ଦ୍ର ମଣ୍ଡପରେ 'ନମାମି ସୁରମଣି' ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ବାବୁ ପାଣିଗ୍ରାହୀ ଭକ୍ତି ସଙ୍ଗୀତ 'ସବୁଥିରୁ ବଞ୍ଚିତ କରି, ସୁଷମା ଗୋ, କାହିଁ ଅଛ ନାଥ ପରାଣ ଦେବତା ଦେଖାଦିଅ..' ଆଦି ପରିବେଷଣ କରିଥିଲେ। ଦେବାଶିଷ ମହାପାତ୍ର, ଡ. ଆଦ୍ୟାଶା ଦାସ, ମୀରା ପଣ୍ଡା, ଡ. ନାଜିଆ ଆଲାମ୍‌ଙ୍କ ସହ କଣ୍ଠଶିଳ୍ପୀମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍, ସଞ୍ଜୁ ପଣ୍ଡା ଯୋଗଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଂଯୋଜନା କରିଥିବାବେଳେ ସବ୍ୟସାଚୀ ପାଣିଗ୍ରାହୀ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିରରୁ ୧୨ ନକଲି ଗୁମାସ୍ତା ଗିରଫ

**ପୁରୀ,୧୦।୮(ଅଜିତ୍ କୁମାର ମହାନ୍ତି):** ପୁରୀ ସିଂହଦ୍ୱାର ଓ ଟାଉନ୍ ଥାନା ପୋଲିସ ୧୨ ଜଣ ନକଲି ଗୁମାସ୍ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବିଏନ୍‌ଏସ୍ ଧାରା ୧୧୧ ଅନୁଯାୟୀ ଏହି ନକଲି ଗୁମାସ୍ତାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ଆସିଥାନ୍ତି। ଶ୍ରୀମନ୍ଦିରର ସଂସ୍କୃତି ଓ ପରମ୍ପରା ବିଷୟରେ ସେବାୟତ ଓ ସେମାନଙ୍କର ଗୁମାସ୍ତାମାନେ ଯାତ୍ରୀମାନଙ୍କୁ ଠିକିଣି ତଥ୍ୟ ପ୍ରଦାନ କରିଥାନ୍ତି। କିନ୍ତୁ କେତେଜଣ ନକଲି ଗୁମାସ୍ତା ଓ ଅଣ ସେବାୟତଙ୍କ ଯୋଗୁ ଯାତ୍ରୀମାନେ ଠକାମି ସହ ଦୁର୍ବ୍ୟବହାରର ଶିକାର ମଧ୍ୟ ହୋଇଥାନ୍ତି।

## ଆଧୁନିକ କୃଷି, ପର୍ଯ୍ୟଟନ ହିଁ ବିକାଶ ଆଣିବ



ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୦।୮ (ସୌମ୍ୟରଞ୍ଜନ ରାଉତ)

**କେନ୍ଦ୍ରାପଡ଼ା ଉତ୍ସବ ଉଦ୍‌ଯାପିତ**

କେନ୍ଦ୍ରାପଡ଼ା ହେଉଛି କୃଷି ପ୍ରଧାନ ଜିଲା। ଆମେ ଏବେ ମଧ୍ୟ ପାରମ୍ପରିକ କୃଷି ଉପରେ ନିର୍ଭରଶୀଳ। ଆଧୁନିକ କୃଷି ଓ ପର୍ଯ୍ୟଟନ ହିଁ ଜିଲାକୁ ଆଗକୁ ବାଢ଼ାଇ ପାରିବ। କେନ୍ଦ୍ରାପଡ଼ା ବିଭବକୁ ପ୍ରଚାରର ଆବଶ୍ୟକତା ରହିଛି। ସଚେତନତା, ଆଧୁନିକତା ଓ ବିଭବର ଉଚିତ ପ୍ରଚାର ଜିଲାକୁ ଶ୍ରେଷ୍ଠ କରିବ। ଏଠାରେ ଅନେକ ନୂତନ ସମ୍ଭାବନା ତିଆରି ହେବ ବୋଲି ସୂଚନା ଭବନଠାରେ ଚାଲିଥିବା କେନ୍ଦ୍ରାପଡ଼ା ଉତ୍ସବର ରବିବାର ଉଦ୍‌ଯାପନ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥିଭାବରେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ କହିଲେ, ଜିଲାରେ କୃଷି ଓ ପର୍ଯ୍ୟଟନର ବଡ଼ ସମ୍ଭାବନା ରହିଛି। ଏହା ପୂରଣ ହୋଇପାରିଲେ ଲୋକେ କେରଳ, ତାମିଲନାଡୁ ନ ଯାଇ ଆମ ଜିଲାରେ ରୋଜଗାର ପାଇବେ। କୋଷ୍ଟାଲ ହାଇୱେ ସ୍ୱପ୍ନ ସାକାର ହେଲେ ପର୍ଯ୍ୟଟନର ଆହୁରି ବିକାଶ ହେବ। ଭିତରକନିକାର ଉନ୍ନତି ପାଇଁ ୩୬୮ କୋଟି ଟଙ୍କାର ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥିବାବେଳେ ୫୯ କୋଟି ମଞ୍ଜୁର କରାଯାଇ ପୂର୍ତ୍ତ ବିଭାଗକୁ ପ୍ରଦାନ କରାଯାଇଛି। କାମ ଏବେ ଆରମ୍ଭ ହେଲେ ଭିତରକନିକାର ଉନ୍ନତି ହେବ। ଜିଲାରେ ପରିବେଶ ପ୍ରତିବନ୍ଧକ ଥିବାରୁ ଭିତରକନିକା ଉନ୍ନତି କମିଟି ଗଠନ ହେଉ ବୋଲି ସେ କହିଥିଲେ। ବରିଷ୍ଠ ଖବରଦାତା ଶ୍ରୀରାମ ଦାଶ କହିଲେ, ଜିଲାର ଉନ୍ନତି ପାଇଁ ରାଜନୈତିକ ଇଚ୍ଛାଶକ୍ତି ନାହିଁ। କେନ୍ଦ୍ରାପଡ଼ାର ଇତିହାସକୁ ବିକୃତ କରାଯାଉଛି। ଏହାର ଭୂଗୋଳରୁ ଅନେକ ସ୍ଥାନକୁ ଅନ୍ୟ ଜିଲାରେ ଯୋଡ଼ି ଦିଆଯାଇଛି। ତେଣୁ ଇତିହାସ ଓ ଭୂଗୋଳକୁ ସଜାଡ଼ିବା ପରେ କେନ୍ଦ୍ରାପଡ଼ାର ଉନ୍ନତି ଚିନ୍ତା କରିବାକୁ ସେ ମତପ୍ରକାଶ କରିଥିଲେ। ଏଥିସହ ଡ. ଅମ୍ବିକା ନନ୍ଦ, ଡ. ମନୋଜ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ଅମିତାଭ ଦାସ ସଞ୍ଚାଳନ କରିଥିଲେ। ୨ୟ ଅଧିବେଶନରେ 'କେନ୍ଦ୍ରାପଡ଼ା କୃଷି କ୍ଷେତ୍ରର ବିକାଶ' ଉପରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଆଲୋକପାତ କରିଥିଲେ। ଆଲୋଚକ ଭାବେ ନଟବର ଖୁଣ୍ଟିଆ, ଶଶିକଳା ବେଉରା, ରବୀନ୍ଦ୍ର ପାଇକରାୟ, ପ୍ରଦୀପ କୁମାର ମହାନ୍ତି ଯୋଗଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ସରୋଜ କୁମାର ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନ ବେଳେ ପଡ଼ିଥିଲା ବାର ହରିବୋଲ

ଡ. ସୁରେନ୍ଦ୍ର କୁମାର ମିଶ୍ର

- ନିର୍ମାଣ ହୋଇଥିଲା ଚଉଦଟି ଯଜ୍ଞଶାଳା
- କସ୍ତୁରିକା ମୋଦିନୀ ଦେବୀ ସିନ୍ଦୁକରେ ପଠାଇଥିଲେ ବସ୍ତ୍ର ଓ ପୂଜାସଜ

**ଐତିହ୍ୟର ଓଡ଼ିଶା**


ରଥର ପାରାଭାଡ଼ି ସମାପ୍ତ ହେବାପରେ ଭୋଇ ସେବକମାନଙ୍କର ହରିବୋଲ ଡାକ।

ଗଜପତିଙ୍କର ସାମ୍ରାଜ୍ୟ ବିଜୟ ସ୍ମାରକୀ ଥିଲା ଅ୧୮ଙ୍କ କାର୍ତ୍ତିକ ଶୁକ୍ଳ ଦଶମୀ। ପଞ୍ଜିକ ଦିନ। ସେହିଦିନ ଭୁବନେଶ୍ୱର ରାଜଗୁରୁ, ନରସିଂହପୁରର ଆନନ୍ଦ ରଥ ପହଞ୍ଚିଥିଲେ କୋଣାର୍କରେ। ଗଜପତିଙ୍କ ଆଦେଶରେ ସେମାନେ କୋଣାର୍କରେ ପହଞ୍ଚି ଯଜ୍ଞ ମଣ୍ଡପର ମାପ ଦେଲେ ବାସ୍ତୁଶାସ୍ତ୍ର ଅନୁସାରେ।

ବନ୍ଦାପନା ମଣ୍ଡପର ପୂର୍ବଦିଗକୁ ୪ଟି ଯଜ୍ଞ ପାଇଁ ଗର୍ଭାଧାନଶାଳା, ସ୍ନାନଶାଳା ଓ ନ୍ୟାସ ଶାଳାର ମାପ ଦେଲେ। ବନ୍ଦାପନା ମଣ୍ଡପର ପଶ୍ଚିମଦିଗକୁ ମାପଦେଲେ। ବଳିଶାଳା ଓ ଦକ୍ଷିଣପଟକୁ 'ଯଜମାନଶାଳା'ର ମାପ ଦେଲେ। ପୀଢ଼ଚାଳଶାଳାର ମାପ ଦେଲେ ଅରୁଣସ୍ତମ୍ଭର ଦକ୍ଷିଣକୁ। ରୋଷଶାଳାର ଦୁଇଟି କୋଠରିକୁ 'ଚାରୁଶାଳା' କରାଯିବାକୁ ସ୍ଥିର ହେଲା। ଏହିପରି ୧୪ଟି ଯଜ୍ଞଶାଳା କରାଯାଇଥିଲା।

୧– ଗର୍ଭାଧାନଶାଳା, ୨– ସ୍ନାନଶାଳା, ୩– ନ୍ୟାସଶାଳା, ୪– ପୁରୋଡ଼ାସଶାଳା, ୫– ଅଙ୍କୁରାରୋପଣଶାଳା, ୬– ବଳିଶାଳା, ୭– ଯଜମାନଶାଳା , ୮– ପୀଢ଼ଚାଳ ଯଜ୍ଞଶାଳା, ୯– ଚାରୁଶାଳା, ୧୦–୧୩: ଚାରିଦ୍ୱାରରେ ୪ଟି ଶାଳା, ୧୪– ନିଶାତଳେ ଛୋଟ ଯଜ୍ଞଶାଳା।

ଦ୍ୱାଦଶ ଆଦିତ୍ୟଙ୍କ ପାଇଁ ବାରଯୋଡ଼ା ସିଲ୍କ ଲୁଗା ବରାଦ ହୋଇଥିଲା। ସେହିଦିନ ହାତୀ ପିଠିରେ ଗୋଟିଏ ସିନ୍ଦୁକ ଷୋହଳ ଯୋଡ଼ା ଉତ୍ତରୀୟ ମହାଦେବୀ ପଠାଇଥିଲେ। ସିନ୍ଦୁକ ଖୋଲାଗଲା ଅଧିକାରୀମାନଙ୍କ ଉପସ୍ଥିତିରେ। ସିନ୍ଦୁକରେ କ'ଣ କ'ଣ ଆସିଥିଲା ଏଠାରେ ଆମେ ଉଲ୍ଲେଖ କରୁଅଛୁ। ମହାଦେବୀ ଯଜ୍ଞ ଅନୁଷ୍ଠାନ ପାଇଁ କେତେ ସଜାଗ ଥିଲେ ଏବଂ ବହୁ ପୂର୍ବରୁ ଏସବୁ ଜିନିଷ ସଂଗ୍ରହ କରିଥିଲେ, ତାହା ଜାଣିହେବ। ୧) ୨୫ ଯୋଡ଼ା ପଗଡ଼ି ଥିଲା ସିନ୍ଦୁକରେ। ୨୫ଜଣ ନିରୀକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ବରାଦ ଦିଆଯାଇ ପ୍ରସ୍ତୁତ ହୋଇଥିଲା। ୨) ୨୩୭ଟି ସୂତା ଧୋତି ଯୋଡ଼–ଅନୁଷ୍ଠାନ ପାଇଁ ୨୩୭ ଜଣ ଶିଳ୍ପୀ ବରଣ ହୋଇଥିଲେ। ୩) ୨୨୬ଟି ଗାମୁଛା– ସମୁଦାୟ ପୂଜା କାମରେ ବ୍ୟବହାର ପାଇଁ, ୪) ୨୮ଟି ପିତ୍ତଳ ଗରା– ଚଉଦଟି ମଣ୍ଡପରେ ବ୍ୟବହାର ପାଇଁ। ୫) ୫ଟି ଦୀପରୁଖା। ୬) ସହସ୍ର ଧାରା ସ୍ନାନପାତ୍ର ଗୋଟିଏ। ୭) ଛୋଟ ପ୍ରଭା ଦୁଇଟି, ଯେଉଁଥିରେ ବିଗ୍ରହ ବିଜେ କରନ୍ତି। ୮) ପୂଜାପାତ୍ର ସଜ– ପାଞ୍ଚୋଟି। ୯) ପଦ୍ମଝରି ଚାରୋଟି। ଏହି ଝରିର ମୁହଁଟି ପଦ୍ମ ଆକୃତିର ଯେଉଁ ବାଟଦେଇ ଝରିରୁ ଜଳ ବାହାରେ। ୧୦) ଠିଆ ଦର୍ପଣ ଛଅଟି।

ଏତିକି ଆବଶ୍ୟକୀୟ ସଜ ମହାଦେବୀ ସଂଗ୍ରହ କରି ସିନ୍ଦୁକରେ ପଠାଇଦେବା ବଡ଼ କଥା ନୁହେଁ। ଏଥିପ୍ରତି ତାଙ୍କର ଅନୁରାଗ ଓ କର୍ତ୍ତବ୍ୟକୁ ବିଚାର କରିବା କଥା। ମହାରାଜା ମନ୍ଦିରଟିଏ ନିର୍ମାଣ କରାଉଛନ୍ତି, ସେଥିପାଇଁ ଯେଉଁ ଯଜ୍ଞ ଅନୁଷ୍ଠାନ ହେବ ସେ ବିଷୟରେ ଅବଗତ ହୋଇ ସଂଗ୍ରହ କରି ପଠାଇବା ଏକ ସକାରାତ୍ମକ ପ୍ରେରଣା। ଆଢ଼େଇ ହୋଇ ଚୁପ୍‌ଚାପ୍ ରହିଯାଇଥିଲେ, କେହି ଆଙ୍ଗୁଠି ଦେଖାଇବାକୁ ନ ଥିଲେ, ତଥାପି ମାନସିକ ପ୍ରସ୍ତୁତିକୁ ଲକ୍ଷ୍ୟ କରିବା କଥା। ଏହି ମହାଦେବୀ ହେଉଛନ୍ତି ମହାରାଣୀ କସ୍ତୁରିକା ମୋଦିନୀ, ଯାହାଙ୍କୁ ଗଜପତିଙ୍କ ପାର୍ଷଦମାନେ 'ରାଜମାତା' ବୋଲି ସମ୍ବୋଧନ କରୁଥିଲେ। ପୂର୍ବରୁ ସୂଚନା ଦେଇଥିଲୁ ମହାଦେବୀ ହେଉଛନ୍ତି ମଦୁରାଇ ମହାରାଜାଙ୍କ କନ୍ୟା।

ବାସୁ ବଢ଼େଇ ଶ୍ରୁବ, ଶ୍ରୁଚ ଓ ପ୍ରଣିତା ଆଣି ଯୋଗାଇବା ଦିବସ ଥିଲା କାର୍ତ୍ତିକ ପୂର୍ଣ୍ଣିମା। ସେହିଦିନ ୨୮ଜଣ ଶିଳ୍ପୀ ସ୍ନାନ ପରେ ଭଣ୍ଡାରଘରକୁ ଆସି ହାତଯୋଡ଼ି ପ୍ରଥମ 'ହରିବୋଲ' ଧ୍ୱନି ଦେଇଥିଲେ। ଚଳଚଞ୍ଚଳ ହୋଇଗଲା ବାତାବରଣ। ସମସ୍ତ ପୂଜା ଉପକରଣକୁ ନାଲି ସିଲ୍କ କନାରେ ଗୁଡ଼ାଇ ସୂତ୍ରଧର ଶିବେଇ ସାମନ୍ତରାଙ୍କ ଶିବିର ସାମନାରେ ରଖି 'ଶାଙ୍ଗି' (ବାହାଙ୍ଗି)ରେ ଲଦି ଗର୍ଭାଧାନଶାଳାରେ ପହଞ୍ଚାଇଥିଲେ। ସେଇଠି ପଡ଼ିଥିଲା ଦ୍ୱିତୀୟ ହରିବୋଲ। ସେଣେ ସାତଜଣ ପଥୁରିଆ ବାର ଭରଣ ଧାନରେ (ଭରଣକ ୪୦ ଗୌଣି)ରେ ବିଜେ ପ୍ରତିମାଙ୍କୁ ବିଜେ କରି ଚାରିପଟ କନାରେ ଆବଦ୍ଧ କରି ହରିବୋଲ ପକାଇ ଶାଳା ନିକଟରେ ପହଞ୍ଚାଇଥିଲେ। ଏହା ଥିଲା ତୃତୀୟ ହରିବୋଲ। ପ୍ରତିବର୍ଷ ମହାପ୍ରଭୁଙ୍କ ରଥ ନିର୍ମାଣ ମୂଳରୁ ଶେଷ ପର୍ଯ୍ୟନ୍ତ ଭୋଇ ସେବକ ନଅ ହରିବୋଲ ପକାଇଥାନ୍ତି। ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନବେଳେ ପଡ଼ିଥିଲା ଦ୍ୱାଦଶ ହରିବୋଲ। ଆଗକୁ ଦେଖିବା ହରିବୋଲର ରହସ୍ୟ ଓ ପରମ୍ପରା।

## ସଂକ୍ଷେପରେ

### ଦୀପନିଆଁରେ ଜଳିଯାଇ ମହିଳା ମୃତ

**ଜଟଣୀ,୧୦।୮ (ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ରଥିପୁର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ପୋଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ରୀନା ପ୍ରଧାନ (୫୨)। ସୂଚନା ଅନୁଯାୟୀ, ସକାଳେ ରୀନା ପୂଜା କରୁଥିଲେ। ଏହି ସମୟରେ କୌଣସି କାରଣରୁ ସେ ପିନ୍ଧିଥିବା ଲୁଗାରେ ଦୀପରୁ ନିଆଁ ଲାଗିଯାଇଥିଲା। ଫଳରେ ରୀନାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିଲା। ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। କିଛିମାସ ପୂର୍ବରୁ ରୀନା ନିଜ ପୁଅଙ୍କୁ ହରାଇ ମାନସିକ ସ୍ତରରେ ଭାଙ୍ଗିପଡ଼ିଥିଲେ ବୋଲି ଶୁଣିବାକୁ ମିଳିଛି। ତେବେ ପ୍ରକୃତ ପକ୍ଷେ ତାଙ୍କର କେଉଁ କାରଣରୁ ମୃତ୍ୟୁ ଘଟିଲା, ତାହା ଅସ୍ପଷ୍ଟ ରହିଛି। ଘଟଣାସ୍ଥଳରେ ଜଟଣୀ ପୋଲିସ୍ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ. ୩୦/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

### ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ନିରାକାରପୁର,୧୦।୮ (ମାନସ ଚନ୍ଦ୍ର ପଟ୍ଟନାୟକ)**

୧୬ ନମ୍ବର ଜାତୀୟ ରାଜପଥର ରାମେଶ୍ୱର ଛକ ଓଭରବ୍ରିଜ ଉପରେ ରବିବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଖଲ୍ଲିକୋଟ ଅଞ୍ଚଳର ଜୀବନଜ୍ୟୋତି ସାହୁ। ସୂଚନା ଅନୁଯାୟୀ, ଜୀବନଜ୍ୟୋତି ଭୁବନେଶ୍ୱରରେ ଥିବା ତାଙ୍କ ବନ୍ଧୁଙ୍କ ଘରୁ ଏକ ପଲ୍‌ସର ବାଇକ (ନଂ. ଓଡି-୩୩ଏମ୍-୪୦୪୬) ଯୋଗେ ନିଜ ଘର ଖଲ୍ଲିକୋଟକୁ ଫେରୁଥିଲେ। କୌଣସି କାରଣରୁ ରାମେଶ୍ୱର ଛକ ଓଭରବ୍ରିଜ ଉପରେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ନିରାକାରପୁର ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଓ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମେଡିକାଲ ପଠାଇଛି। ଅସାବଧାନତାବଶତଃ ଏହି ଦୁର୍ଘଟଣା ଘଟିଛି ନା କୌଣସି ଗାଡ଼ି ଧକ୍କାରେ ଜୀବନଜ୍ୟୋତିଙ୍କ ଜୀବନ ଯାଇଛି ସେନେଇ ପୋଲିସ ଏକ କେସ୍ ରୁଜୁ କରି ତଦନ୍ତ କରୁଛି।

### ପୂର୍ଣ୍ଣବିଗ୍ରହଙ୍କ ମନ୍ଦିରରେ ଝୁଲଣ ଉତ୍ସବ

**ଖୋର୍ଦ୍ଧା,୧୦।୮ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ ଜାଗୁଳିପାଟଣାସ୍ଥିତ ପୂର୍ଣ୍ଣବିଗ୍ରହ ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ମନ୍ଦିରରେ ଚାଲିଥିବା ଝୁଲଣ ଉତ୍ସବ ରବିବାର ସମାପନ ହୋଇଯାଇଛି। ଝୁଲଣ ଉତ୍ସବରେ ଜାଗୁଳିପାଟଣା ମା' ଜାଗେଶ୍ୱରୀ ସଂକୀର୍ତ୍ତନ ମଣ୍ଡଳୀ, ମା' ମହିମାମଣି ସଂକୀର୍ତ୍ତନ ମଣ୍ଡଳୀ ବରସାହି, ପୂର୍ବସାହି, ଅର୍ଜୁନପୁର ଏବଂ ଟୀକାତାଲା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ସପ୍ତାହେ ବ୍ୟାପୀ ଚାଲିଥିବା ଉତ୍ସବର ଶେଷ ସନ୍ଧ୍ୟାରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହନ୍ତ କମଳ ଲୋଚନ ଦାଶ ମହାରାଜା, ରାମ ବାବା, ବନମାଳୀ ବାବା, କୃଷ୍ଣ ବାବା, ଗଗନ ବିହାରୀ ଦାଶ, ହୃଷିକେଶ ନନ୍ଦ, ସରୋଜ କୁମାର ଦାଶ, ରଞ୍ଜନକୁମାର ରଥ, ଭିକାରି ଚରଣ ବାରିକ, ବେଣୁଧର ପାଲଟାସିଂ, ବଇଁଶୀଧର ବେହେରା, ରବୀନ୍ଦ୍ର କୁମାର ଆଗ୍ରସିଂହ, ଚନ୍ଦ୍ରମଣି ପ୍ରଧାନ, ସମୀର କୁମାର ମହାପାତ୍ର, ମୀନକେତନ ମହାନ୍ତି, ଭାଗିରଥି ପ୍ରଧାନ, ଉମାକାନ୍ତ ରଣା, ମନୋଜ ବେହେରା, ନରେନ୍ଦ୍ର ବେହେରା, ନାରଣ ପାଲଟା ସିଂ, ସୁବ୍ରତ ବେହେରା, ଅନନ୍ତ ପ୍ରସାଦ ବେହେରା, ସୁମନ୍ତ ବେହେରା ପ୍ରମୁଖ ସଂକୀର୍ତ୍ତୀମଣ୍ଡଳୀର ଗାହାଣ ଓ ପାଳିଆ ଉପସ୍ଥିତ ଥିଲେ।

# ଭରତପୁରରେ ବୋମାମାଡ଼

## ସରକାରୀ ଜମିକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

- ଗୋଟିଏ ଗୋଷ୍ଠୀର ୪ ବାଇକ ଜଳିଗଲା
- ଅନ୍ୟ ଏକ ଗୋଷ୍ଠୀର ଦୁଇ ବାଇକ ଭାଙ୍ଗିଦେଲେ, ୪ ବୋମା ଜବତ

**ଭୁବନେଶ୍ୱର,୧୦।୮ (ସତ୍ୟଜିତ୍ ରାଉତ)**

ଭରତପୁର ଥାନା ଅନ୍ତର୍ଗତ ପୁଣ୍ଡାକୁଦିଆ ଭୁଦାନ ଅଞ୍ଚଳରେ ରବିବାର ଅପରାହ୍ନରେ ବୋମାମାଡ଼ ହୋଇଛି। ଏକ ସରକାରୀ ଜମି ଜବରଦଖଲ କରିବାକୁ ନେଇ ଭରତପୁର ଓ ଅନ୍ଧାରୁଆ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଛି। ତେବେ ଗୋଟିଏ ଗୋଷ୍ଠୀ ପକ୍ଷରୁ ୧୫ଟି ବୋମାମାଡ କରାଯାଇଥିବା ବେଳେ ଅପର ଗୋଷ୍ଠୀ ମଧ୍ୟ ପ୍ରତିଆକ୍ରମଣ କରିଛି। ଅନ୍ଧାରୁଆ ଗୋଷ୍ଠୀର ଦୁଇ ବାଇକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଭରତପୁର ଗୋଷ୍ଠୀର ୪ଟି ବାଇକ ଜଳିଯାଇଛି। ଭରତପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଭୁଦାନ ଅଞ୍ଚଳର ଏକ ସରକାରୀ ପ୍ଲଟ୍‌କୁ ଦଖଲ କରିବାକୁ ନେଇ ଭରତପୁର ଗୋଷ୍ଠୀ ଓ ଅନ୍ଧାରୁଆ ଗୋଷ୍ଠୀଙ୍କ ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗି ରହିଛି। ଭରତପୁର



ପେଟ୍ରୋଲ ଢ଼ାଳି ପୋଡ଼ି ଦିଆଯାଇଥିବା ବାଇକ୍।

ଗୋଷ୍ଠୀ ଉକ୍ତ ପ୍ଲଟ୍‌କୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ଜଣାପଡିବା ପରେ ରବିବାର ଅପରାହ୍ନରେ ଅନ୍ଧାରୁଆ ଗୋଷ୍ଠୀର ସଦସ୍ୟମାନେ ଜମି ପାଖରେ ପହଞ୍ଚି ପାଚେରୀ ନିର୍ମାଣ ଆରମ୍ଭ କରିଥିଲେ। ଏହି ସମୟରେ ଭରତପୁର ଗୋଷ୍ଠୀ ସେଠାରେ ପହଞ୍ଚିବା ପରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ଭରତପୁର ଗୋଷ୍ଠୀ ୧୫ଟି ବୋମାମାଡ଼ କରିଥିଲା। ଏଥିସହ ୨ଟି ବାଇକ ଭାଙ୍ଗି ଦେଇଥିଲା। ଏହାର କିଛି ସମୟ ପରେ ଅନ୍ଧାରୁଆ ଗୋଷ୍ଠୀ ଏକତ୍ରିତ ହୋଇ ଘଟଣାସ୍ଥଳକୁ ଆସି ଗାଳିଗୁଲଜ କରିଥିଲେ। ଏଥିସହ ସେଠାରେ ଥିବା ୪ଟି ବାଇକକୁ ସେମାନେ ପେଟ୍ରୋଲ ଜାଳି ଦେଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଏହି ଘଟଣାକୁ ନେଇ ଥାନା ପକ୍ଷରୁ ମାମଲା ରୁଜୁ ହୋଇ ନ ଥିଲା।

## କ୍ରୀଡ଼ାଭାରତୀର ପୂର୍ବପ୍ରାନ୍ତ କାର୍ଯ୍ୟକାରିଣୀ ବୈଠକ



ବୈଠକରେ କ୍ରୀଡ଼ାଭାରତୀର କର୍ମକର୍ତ୍ତା।

**ବାଣପୁର,୧୦।୮ (ଦିଲୀପ କୁମାର ସ୍ୱାଇଁ)**

ବାଣପୁର ସରସ୍ୱତୀ ଶିଶୁମନ୍ଦିରରେ ରବିବାର କ୍ରୀଡ଼ାଭାରତୀ ଓଡ଼ିଶାର ପୂର୍ବପ୍ରାନ୍ତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବପ୍ରାନ୍ତ ସଭାପତି ଡ. ଅଶୋକ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସମ୍ପାଦକ ରଘୁନାଥ ସାହୁ, ସଂଘ ପ୍ରଚାରକ ତଥା ଓଡ଼ିଶା, ପଶ୍ଚିମବଙ୍ଗ ଓ ସିକିମ କ୍ଷେତ୍ର ସଂଯୋଜକ ମହାଦେବ ବେହେରା, ଉପସଭାପତି ସରୋଜିନୀ ଷଡ଼ଙ୍ଗୀଙ୍କ ସହ ସମ୍ପାଦକ ବୈରାଗୀ ଚରଣ ବଳ, ଆଡ୍‌ଭୋକେଟ୍ ଡ. ଅଳକା ମିଶ୍ର, ରାଜ୍ୟ କୋଷାଧ୍ୟକ୍ଷ ଲକ୍ଷ୍ମୀପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟାସଦସ୍ୟ ଏବଂ କ୍ରୀଡ଼ାବିତ୍ ଯୋଗଦେଇଥିଲେ। ସଂଘର ଶତବାର୍ଷିକୀ ପାଳନ ଅବସରରେ ବ୍ଲକଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ କବାଡ଼ି ପ୍ରତିଯୋଗିତା ଆୟୋଜନ, ପୂର୍ବପ୍ରାନ୍ତର ୧୬ଟି ଜିଲାରେ କ୍ରୀଡ଼ାଭାରତୀ ଶାଖା ପୁନର୍ଗଠନ ସହ ପାରମ୍ପରିକ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଅଗଷ୍ଟ ୩୦ରେ ଖଡ଼ଗପୁର ଆଇଆଇଟିରେ ହେବାକୁଥିବା କ୍ଷେତ୍ରୀୟ ବୈଠକ ଓ ଡିସେମ୍ବରରେ କର୍ଣ୍ଣାବତୀରେ ହେବାକୁ ଥିବା ଅଖିଳ ଭାରତୀୟ ବୈଠକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେପ୍ଟେମ୍ବର ୧୪ରେ ହେବାକୁଥିବା କ୍ରୀଡ଼ା ଜ୍ଞାନ ପରୀକ୍ଷା ପରିଚାଳନା ପାଇଁ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବୈରାଗୀ ଚରଣ ବଳଙ୍କୁ ଦାୟିତ୍ୱ ଦିଆଯାଇଥିଲା।

## ଜନ୍ମଦିନରେ ଚାରା ଲଗାଇଲେ ସୁର ରାଉତରାୟ



କଂଗ୍ରେସ ନେତା ସୁରେଶ ଚନ୍ଦ୍ର ରାଉତରାୟଙ୍କୁ ଜନ୍ମଦିନ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

**ପୁରୁଣା ଭୁବନେଶ୍ୱର, ୧୦।୮ (ସୁବାସ ଚନ୍ଦ୍ର ପ୍ରଧାନ)**

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ ଚନ୍ଦ୍ର ରାଉତରାୟ(ସୁର)ଙ୍କ ରବିବାର ୭୨ତମ ଜନ୍ମବାର୍ଷିକୀ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ବହୁ ନେତା ଓ ମନ୍ତ୍ରୀ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ମାଉସୀ ମା ଛକସ୍ଥିତ ତାଙ୍କ ବାସଭବନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜଟଣୀର ୪ଟି ହସ୍ପିଟାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ ଏବଂ ଚାରାରୋପଣ କରାଯାଇଥିଲା। ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ। କେଦାରଗୌରୀ କ୍ଲବରେ କ୍ଲବ ସଦସ୍ୟ ଗୌରୀଶଙ୍କର ଶତପଥୀ, ବାସୁଦେବ ସମର୍ଥା, ଦେବଜ୍ୟୋତି ସାମନ୍ତରାୟ ଏବଂ ଶିବ ସାହୁଙ୍କ ଗହଣରେ ସୁର ଭାଇ ଜନ୍ମଦିନର କେକ୍ କାଟିଥିଲେ। ଏକାମ୍ର ସୁରପ୍ରେମୀ ଅନୁଷ୍ଠାନ ଏବଂ ଆଞ୍ଚଳିକ ବିକାଶ ପରିଷଦର ମିଳିତ ସହଯୋଗରେ ସାମନ୍ତରାପୁରସ୍ଥିତ ମା' ଭୁଆଶୁଣୀ ମନ୍ଦିର ନିକଟରେ ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରାଯାଇଥିଲା। ଏଥିରେ ସାମନ୍ତରାପୁର, ଶିଶୁପାଳଗଡ, ନୂଆଗାଁ, ଇଟିପୁର ଆଦି ୭ଟି ସ୍କୁଲର ମାଟ୍ରିକ୍ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଏବଂ ଉପୋଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା। ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ମୃତିରଞ୍ଜନ ମୁଦୁଲି, ସାଇ ଶୁଭମ ପୃଷ୍ଟି, ଶୁଭଲକ୍ଷ୍ମୀ ବେହେରା, ମେଘନା ତ୍ରିପାଠୀ, ସୌମ୍ୟରଞ୍ଜନ ପ୍ରଧାନ, ସୁହାନି ଓଝା ଏବଂ ଦେବରାଜ ଭୋଇ ପ୍ରମୁଖ ସମ୍ମାନିତ ହୋଇଛନ୍ତି। ବିଭିନ୍ନ ସ୍କୁଲରୁ ଜୁନିୟର ଏବଂ ସିନିୟର୍ ବର୍ଗରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନରେ ୮ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଅରୁଣ ପୁରୋହିତ, ଉପସଭାପତି ଅକ୍ଷୟ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମା' ଭଗବତୀଙ୍କ ପୀଠରେ ଗହ୍ମାଡିଆଁ ପର୍ବ

**ବାଣପୁର, ୧୦।୮ (ଦିଲୀପ କୁମାର ସ୍ୱାଇଁ)**

ରାଜ୍ୟର ଅନ୍ୟତମ ଶକ୍ତିପୀଠ ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀଙ୍କ ପୀଠରେ ଶନିବାର ପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ଓ ଗହ୍ମାଡିଆଁ ପର୍ବ ପାଳିତ ହୋଇଯାଇଛି। ପ୍ରାତଃକାଳରେ ମା'ଙ୍କ ଅଙ୍ଗରାଗ (ମାଜଣା) ବେଶ, ମହାପ୍ରସାଦ ଅର୍ପଣ, ବଲ୍ଲଭ ଆଳତି, ଯଜମାନ ନୈବେଦ୍ୟ ଲାଗି, ମଧ୍ୟାହ୍ନରେ (ଡାଲି ଖେଚୁଡ଼ି) ଶଙ୍କୁଡି ଧୂପ ହୋଇ, ପୁଣି ଆମିଷରେ ପ୍ରସ୍ତୁତ ଶଙ୍କୁଡି ପୂଜା ପରେ ଦିବା ପହୁଡ଼ ହୋଇଥିଲା। ସନ୍ଧ୍ୟାରେ ନିଶଙ୍କୁଡି ଖଜା ଖେଇ, ସରପୁଳି, ମାଠପୁଳି ଧୂପ ହୋଇ ଆଳତି ବଢ଼ିବା ପରେ ରାତ୍ର ବଡସିଂହାର ଧୂପ ପରେ ମା'ଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠି ଠାକୁରାଣୀ, ଶ୍ରୀ ଶ୍ରୀ ଦକ୍ଷେଶ୍ୱର ଦେବ, ଶ୍ରୀଗୋପୀନାଥ ଦେବଙ୍କ ସହିତ ଥାଟ ପଟୁଆର, ଘଣ୍ଟକାହାଳୀ, ବାଜା ରୋଷଣୀ, ଛତ୍ର ତରାଶରେ ମନ୍ଦିରରୁ ବାହାରି ପୂର୍ବ ଦିଗର ବିଶରପାଟଣା ଛକଠାରେ ଦେଉଳ ମାହାର ସେବକଙ୍କ ସହଯୋଗରେ ପଲେଇ ସେବକଙ୍କ ଦ୍ୱାରା ବାଲିରେ ପ୍ରସ୍ତୁତ ଗହ୍ମାବେଦି ଉପରେ ଆଛାଦିତ ପାଟବସ୍ତ୍ର ଆସନରେ ଠାକୁର ଠାକୁରାଣୀଙ୍କୁ ଉପବେସନ କରାଇଥିଲେ। ପରେ ପଲେଇ ସେବକ ଭଗବାନ ବଳଭଦ୍ରଙ୍କ ପ୍ରତୀକ ଏକ ବାଛୁରୀକୁ ଆଣି ମନ୍ତ୍ରସ୍ନାନ ପରେ ପୁଷ୍ପମାଲ୍ୟ ଚନ୍ଦନ ଲାଗି କରାଇଥିଲେ। ପୂଜାରୀ ସାଆନ୍ତ ପରିଚ୍ଛା କୃତ୍ତିବାସ ମହାପାତ୍ର ଭଗବାନ ବଳଭଦ୍ର ସ୍ୱରୂପ ଶ୍ରୀଦକ୍ଷେଶ୍ୱର, ଭଗବାନ ଜଗନ୍ନାଥ ସ୍ୱରୂପ ଶ୍ରୀଗୋପୀନାଥ ଏବଂ କାମ୍ପିଲ୍ୟ ବାସିନୀ ସୁଭଦ୍ରା ଦେବୀ ସ୍ୱରୂପା ଶକ୍ତିମୟୀ ଭଗବତୀଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠି ଠାକୁରାଣୀ ସହିତ ଗୋମାତାଙ୍କୁ ଚାରିବାଡର ଷୋଡ଼ଶ ଉପଚାରରେ ପୂଜାବିଧି କରି କଦଳୀପତ୍ରରେ ଖଇ, ନଡ଼ିଆ ପାତି, ଶାକର ନୈବେଦ୍ୟକୁ ଧୂପ କରିଥିଲେ। ପରେ ଆଳତି ହୋଇ ବାଛୁରୀକୁ ଖଇ ନଡ଼ିଆ ପାତିଶାକର ଖୁଆଇ ଘଣ୍ଟାଘଣ୍ଟ କାହାଳୀ ବାଦନ ସହିତ ଶ୍ରଦ୍ଧାଳୁଙ୍କ ଜୟ ଜୟକାର ଧ୍ୱନିରେ ଗହ୍ମା ଡିଆଁ କରାଇଥିଲେ। ଶେଷରେ ଦେବଦେବୀମାନେ ପ୍ରତ୍ୟାବର୍ତ୍ତନ କାଳରେ ରାସ୍ତାରେ ପଡୁଥିବା ପୂଜାରୀ ସାଆନ୍ତ ପରିଛାଙ୍କ ଘରେ ପ୍ରସ୍ତୁତ ମଣ୍ଡା ପିଠା ସହ ଅନ୍ୟାନ୍ୟ ନୈବେଦ୍ୟ ଗ୍ରହଣ କରି ମନ୍ଦିରରେ ପହଞ୍ଚିବା ପରେ ଶୟନ କାହାଳୀ ବାଜି ଦେବୀଙ୍କୁ ରାତ୍ର ପହୁଡ କରାଯାଇଥିଲା।

## ପ୍ରକୃତି ପାଇଁ ଦିନଟିଏ, ରକ୍ତଦାନ ଶିବିର

**ଖୋର୍ଦ୍ଧା,୧୦।୮ (ପ୍ରଭାତ ପାଣିଗ୍ରାହୀ)**

ବ୍ରହ୍ମ ଚେତନା ପରିଷଦ ଆନୁକୂଲ୍ୟରେ 'ପ୍ରକୃତି ପାଇଁ ଦିନଟିଏ' ଏବଂ ରକ୍ତଦାନ ଶିବିର ରବିବାର ଜଙ୍କିଆ ଗ୍ରାମସ୍ଥିତ ଭଗବତ ଦେବ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ ସହ ନିକଟସ୍ଥ ପୁଷ୍କରିଣୀରୁ ଦଳ ସଫା କରାଯାଇଥିଲା। ପରିବେଶପ୍ରେମୀଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦର ସଭାପତି ପ୍ରଦୀପ କୁମାର ମିଶ୍ର, ସମ୍ପାଦକ ସୁକାନ୍ତ ଚନ୍ଦ୍ର ନନ୍ଦ ଯୋଗଦେଇ ପ୍ରକୃତି ଓ ପରିବେଶର ସୁରକ୍ଷା ତଥା ସୌନ୍ଦର୍ଯ୍ୟ ପାଇଁ ବ୍ୟାପକ ଚାରା ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ପରେ ଆୟୋଜିତ ରକ୍ତଦାନ ଶିବିରରେ ୨୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏଥିସହ ଶ୍ରମିକ ଶ୍ରେଣୀର ବ୍ୟକ୍ତିମାନଙ୍କୁ ୪୦ଟି ଛତା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ନାଥ, କୋଷାଧ୍ୟକ୍ଷ ହୃଷୀକେଶ ନନ୍ଦ, ମନୋଜ କୁମାର ପଣ୍ଡା, ସଭ୍ୟ ବିଶ୍ୱନାଥ ପ୍ରଧାନ, ସଭ୍ୟ ଲଳିତ ମୋହନ ଗୁମାନସିଂହ, ମୁରଲୀଧର ନାଥ, ସୁମିତ୍ରା ଗୁମାନସିଂହ ଓ ସଭ୍ୟ ଅଭିମନ୍ୟୁ ମାର୍ଥା ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରମିକ ନେତା ସୁଶାନ୍ତ ମହାନ୍ତିଙ୍କ ସ୍ମୃତିଚାରଣ

**ଜଟଣୀ,୧୦।୮ (ରବୀନ୍ଦ୍ରନାଥ ମହାକୁଡ଼)**

ଶ୍ରମିକ ନେତା ସୁଶାନ୍ତ ମହାନ୍ତିଙ୍କ ୨୪ତମ ସ୍ମୃତି ସଭା ଶନିବାର ବରିଷ୍ଠ ନାଗରିକ ସେବାସଂଘ ଏବଂ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ରାମଚନ୍ଦ୍ରପୁର ବଜାରସ୍ଥ ସଂଗଠନ କାର୍ଯ୍ୟାଳୟରେ ଆୟୋଜିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ବରିଷ୍ଠ ଅଧିବକ୍ତା ଅବନୀ କୁମାର ରାଉତରାୟ ପୌରୋହିତ୍ୟ କରିଥିଲେ। ସାଧାରଣ ସମ୍ପାଦକ ତଥା ଶିକ୍ଷକ ନେତା ଜବାହରଲାଲ ସୁବୁଦ୍ଧି, ଦିବାକର ମଙ୍ଗରାଜ, ବୈଷ୍ଣବ ଚରଣ ବରାଳ, ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅରୁଣ କୁମାର ମହାନ୍ତି, ଶ୍ରମିକ ନେତା ସାରଙ୍ଗଧର ବେହେରା, ବୈରାଗୀ ଚରଣ ଜେନା, ବିଷ୍ଣୁ ପ୍ରସାଦ ଘଟୁଆରୀ, ଆଶୁତୋଷ ରାୟ, ହବିବୁର ରେହମାନଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ ଜୟପ୍ରକାଶ ନାରାୟଣଙ୍କ ଡାକରାରେ ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନରେ ସାମିଲ ହୋଇ ୧୯୭୫ ମସିହାରେ ଦେଶରେ ଜରୁରିକାଳୀନ ପରିସ୍ଥିତିକୁ ବିରୋଧକରି ୧୯ ମାସ କାରାବରଣ କରିଥିବାବେଳେ ସର୍ବଦା ସମାଜ ଏବଂ ଶ୍ରମିକଙ୍କ ହିତ ପାଇଁ ଲଢୁଥିଲେ। ସେହିପରି ଭୁବନେଶ୍ୱରରୁ ଜଟଣୀକୁ ଅଲଗା କରି ଏକ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ କରିବାରେ ତାଙ୍କର ଅବଦାନ ରହିଛି। ସେ ଚିରକାଳ ଅମର ରହିବେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଶେଷରେ ବାସୁଦେବ ସେଠୀ ଧନ୍ୟବାଦ ଦେଇଥିଲେ।



ଶ୍ରମିକ ନେତା ସୁଶାନ୍ତ ମହାନ୍ତିଙ୍କ ସ୍ମୃତି ସଭାରେ ଅତିଥି ଓ ଅନ୍ୟମାନେ।

## ମା' ଭଗବତୀ, ଉଗ୍ରତାରାଙ୍କୁ ଦର୍ଶନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ଉଗ୍ରତାରାଙ୍କ ପୀଠରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

**ବାଣପୁର/ନିରାକାରପୁର/ଟାଙ୍ଗୀ, ୧୦।୮ (ଦିଲୀପ କୁମାର ସ୍ୱାଇଁ/ ମାନସ ଚନ୍ଦ୍ର ପଟ୍ଟନାୟକ/ରଘୁନାଥ ସାହୁ)**

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଖୋର୍ଦ୍ଧା ଜିଲାର ବାଣପୁର ଆସି ମା' ଭଗବତୀଙ୍କୁ ଦର୍ଶନ କରିଛନ୍ତି। ମନ୍ତ୍ରୀଦ୍ୱୟ ମନ୍ଦିରରେ ପହଞ୍ଚି ମା'ଙ୍କୁ ପୂଜାର୍ଚ୍ଚନା କରିବା ପରେ ସେବାୟତମାନଙ୍କୁ ନୀତିକାନ୍ତି ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ଦିରର ଉନ୍ନତୀକରଣ ସମ୍ପର୍କରେ ସେବାୟତ, ପରିଚାଳନା କମିଟି ସଦସ୍ୟ ଏବଂ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ପରେ ସେମାନେ ଭୂଷଣ୍ଡପୁର ରାଉତପଡ଼ା ପଞ୍ଚାୟତ ମୂଳିଝରଗଡ଼କୁ ଯାଇ ମା' ଉଗ୍ରତାରାଙ୍କ ଦର୍ଶନ କରିଥିଲେ। ମନ୍ତ୍ରୀଦ୍ୱୟ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବିଭିନ୍ନ ନୀତିକାନ୍ତି ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ଦିରର ଉନ୍ନତି ସମ୍ପର୍କରେ ସେବାୟତ ଓ ପରିଚାଳନା କମିଟି ସଦସ୍ୟ ଏବଂ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଆସ୍କା ଏମ୍‌ପି ଅନିତା ଶୁଭଦର୍ଶିନୀଙ୍କ ସମେତ ସ୍ଥାନୀୟ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ଗସ୍ତ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ସ୍ୱଚ୍ଛ, ସୁନ୍ଦର ଗାଁ ପରିବେଶର ବାର୍ତ୍ତା ଦେଲେ ଯୁବବର୍ଗ



**ଖୋର୍ଦ୍ଧା,୧୦।୮ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ ଜଙ୍କିଆ ନୂଆଗାଁରେ ଯୁବକମାନେ ରବିବାର ଛୁଟିଦିନରେ ଏକାଠି ହୋଇ ଗାଁ ରାସ୍ତାଘାଟ ସଫେଇ କରିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ପରିବେଶର ବାର୍ତ୍ତା ଦେଇଛନ୍ତି। ବିଶ୍ୱନାଥ ଓ ମାନଗୋବିନ୍ଦ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ୨୫ରୁ ଅଧିକ ଯୁବକ ଓ ଛାତ୍ର ଗାଁରେ ସ୍ୱଚ୍ଛ ଭାରତ ଅଭିଯାନ କ୍ରମରେ ସଫେଇ ସହ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସେମାନେ ଗାଁ ଦାଣ୍ଡ, ପାଣି ନିଷ୍କାସନ ସ୍ଥଳ, ପାର୍କିଂସ୍ଥଳ, ପାର୍ଶ୍ୱବର୍ତ୍ତୀ ଖାଲି ସ୍ଥାନରେ ଘାସ ଓ ଆବର୍ଜନାକୁ ପରିଷ୍କାର କରିଥିଲେ। ଗାଁରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା 'ଜୟ ଭାରତ' କାର୍ଯ୍ୟକ୍ରମ ଅବସରରେ ପାରମ୍ପରିକ ଓ ଦେଶାତ୍ମବୋଧକ ନୃତ୍ୟ, ସଙ୍ଗୀତ ଓ ତର୍କ ଆଦି ପ୍ରତିଯୋଗିତା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ପୁଣି ଅନ୍‌ଲାଇନରେ ଶ୍ରୀମନ୍ଦିର ମହାପ୍ରସାଦ ବିକ୍ରି

**ପୁରୀ,୧୦।୮ (ଅଜିତ୍ କୁମାର ମହାନ୍ତି)**

ପୁଣି ବେଆଇନ ଭାବେ ଶ୍ରୀମନ୍ଦିରର ମହାପ୍ରସାଦ ବିକ୍ରି ଅଭିଯୋଗ ହୋଇଛି। ବ୍ରହ୍ମପୁରର ଇଜି ଏସେନଶିଆଲ ନାମକ ଏକ ଫୁଡ୍ ଡେଲିଭରି ଆପ୍ ଶ୍ରୀମନ୍ଦିର ମହାପ୍ରସାଦକୁ ଅନ୍‌ଲାଇନ୍‌ରେ ଅର୍ଡର ନେଇ ଲୋକଙ୍କ ନିକଟରେ ଦୁର୍ବଳ ସୋସିଆଲ ମିଡିଆରେ ବିଜ୍ଞାପନ ପ୍ରଚାର ପ୍ରସାର କରାଯାଉଛି। କେବଳ ସେତିକି ନୁହେଁ, ଏହି ଆପ୍ ମାଧ୍ୟମରେ ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ମନ୍ଦିରରୁ ପ୍ରସାଦ ଅର୍ଡର ନିଆଯାଉଥିବା ବେଳେ ରୋଷେଇ ସାମଗ୍ରୀ, ପନିପରିବା, କ୍ଷୀର, ମାଂସ ମଧ୍ୟ ଅର୍ଡର ନିଆଯାଉଛି। ଏହି ଆପ୍‌କୁ ବ୍ରହ୍ମପୁରବାସୀ ବ୍ୟବହାର କରିବା ପାଇଁ ସୋସିଆଲ ମିଡିଆରେ ପ୍ରଚାର ପ୍ରସାର କରାଯାଉଛି। ତେବେ ମାଛ, ମାଂସ ଯୋଗାଇ ଦେଉଥିବା ଫୁଡ୍ ଡେଲିଭରି ଆପ୍‌ରେ ଶ୍ରୀମନ୍ଦିର ମହାପ୍ରସାଦ ବିକ୍ରିକୁ ଦୃଢ଼ ବିରୋଧ କରିଛନ୍ତି। ତୁରନ୍ତ ଏଭଳି ବେଆଇନ କାର୍ଯ୍ୟ କରୁଥିବା ଓ ମହାପ୍ରସାଦକୁ ଅପମାନ କରିଥିବା ବ୍ୟକ୍ତି ଓ କମ୍ପାନୀ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ମହାପ୍ରସାଦର ସ୍ୱତନ୍ତ୍ର ମର୍ଯ୍ୟାଦା ସହ ମାହାତ୍ମ୍ୟ ରହିଛି। ଏହାକୁ ସାଧାରଣ ଖାଦ୍ୟ ଭଳି ବିଚାର ଯୋଗ୍ୟ ନୁହେଁ। ଏହାକୁ ଅନ ଲାଇନ ଆପ ରେ ଯୋଗାଣ ହେଲେ ଡେଲିଭରି କରୁଥିବା ସଂସ୍ଥା ମାଛ ମାଂସ ସହ ଏହାକୁ ନେବାର ଆଶଙ୍କା ରହିଛି। ଏହାଦ୍ୱାରା ମହାପ୍ରସାଦର ଗାରିମା ନଷ୍ଟ ହେବା ସହ ଭକ୍ତଙ୍କ ଧର୍ମୀୟ ଭାବନାକୁ କୁଠାରଘାତ କରିଛି। ମହାପ୍ରସାଦର



ଗାରିମା, ମର୍ଯ୍ୟାଦା ଓ ପବିତ୍ରତା ରକ୍ଷା ପାଇଁ ଗତ ୨୦୧୮ ମସିହାରେ ଶ୍ରୀମନ୍ଦିର ପ୍ରଶାସନ ମହାପ୍ରଭୁଙ୍କ ମହାପ୍ରସାଦକୁ ଅନ୍‌ଲାଇନ୍‌ରେ ଡେଲିଭରି ଉପରେ କଟକଣା ଲଗାଇଥିଲେ। ଏ ନେଇ ପୋଲିସକୁ ମଧ୍ୟ ଅବଗତ କରାଯାଇଥିଲା। ଏଭଳି ବେଆଇନ କାର୍ଯ୍ୟ କରୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ଅବଗତ କରାଯିବା ସହ ଲୋକଙ୍କ ଅବଗତି ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ନିଜର ୱେବ୍ ସାଇଟ୍‌ରେ ଏହି ସୂଚନା ପ୍ରଦାନ କରିଛି। ଏବେ ବି ଅନ୍‌ଲାଇନରେ ଅନେକ ମାଳ ୱେବ୍ ସାଇଟ୍ ରହିଛି, ଯେଉଁମାନେ ବିଜ୍ଞାପନ କରିଛନ୍ତି ଅନ୍‌ଲାଇନରେ ଶ୍ରୀମନ୍ଦିର ମହାପ୍ରସାଦ ଅର୍ଡର ନେଇ ଘରେ ପହଞ୍ଚାଇ ଦେବେ। ହେଲେ ଏମାନଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ କାହିଁକି ଥାନା ରେ ଏତଲା ଦେଉନି ସେ ନେଇ ଶ୍ରୀ ମନ୍ଦିର ସେବାୟତ ଓ ଜଗନ୍ନାଥପ୍ରେମୀ ପ୍ରଶ୍ନ ଉଠାଇଛନ୍ତି।

ଅନ ଲାଇନ ରେ ମହାପ୍ରସାଦ ନାମରେ ଠକେଇ ହେବାର ଆଶଙ୍କା ରହିଛି। ଯେଉଁ ଦିନ ନୀତି ବିଳମ୍ବ ହେବ ସେହିଦିନ ଶ୍ରୀ ମନ୍ଦିରରୁ ମହାପ୍ରସାଦ ନ ନେଇ ଅନ୍ୟ କୌଣସି ସ୍ଥାନରେ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ଦିଆଯିବ। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ କହିଛନ୍ତି, ମହାପ୍ରସାଦ ଅନ୍‌ଲାଇନ୍‌ରେ ବିକ୍ରି ନେଇ ବହୁପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷେଧ କରାଯାଇଥିଲା। ଆମର ଆଇଟି ସେଲ୍ ପକ୍ଷରୁ ଏହା ଉପରେ ନଜର ରଖାଯାଇଛି। ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ଅଭିଯୋଗ ଆସିଲେ ଆମେ ପୋଲିସକୁ ଅବଗତ କରୁଚନ୍ତ। ତେବେ ଶ୍ରୀ ମନ୍ଦିର ପ୍ରଚଳିତ ଆଇନ ରେ ସଂଶୋଧନ କରାଯାଇ ଅଧିକ କଡା ଦଣ୍ଡ ବିଧାନ ପାଇଁ ରାଜ୍ଯ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି କହିଛନ୍ତି।

**କଖଡ଼ି ଡିଗ୍ରୀ କଲେଜରେ ନବାଗତଙ୍କୁ ସ୍ୱାଗତ**

ଚୌଦ୍ୱାର/ଖୁଣ୍ଟୁଣୀ,(ଆଶୁତୋଷ ଦାସ/ସଚ୍ଚିଦାନନ୍ଦ ପଣ୍ଡା): କଖଡ଼ି ମହାନଦୀ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରଞ୍ଜିତ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଖଡ଼ି ସରପଞ୍ଚ କଳ୍ପନା ଛତାର ଓ ସମିତି ସଭ୍ୟ ପ୍ରଦୀପ କୁମାର ମହାନ୍ତି, ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ବିକାଶ ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହିତ ଭଲ ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଚିତ୍ତରଞ୍ଜନ ସ୍ୱାଇଁ, ସଞ୍ଜୀବ କୁମାର ସାହୁ, ଡ. କଳ୍ପନା ଦାସ, ଜୟଶ୍ରୀ ସାହୁ, ଏଲିନା ପରିଡ଼ା ପ୍ରମୁଖ ଅଧାପକ ଓ ଅଧାପିକା ନବାଗତଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସରପଞ୍ଚଙ୍କ ଦ୍ୱାରା ପ୍ରଦତ୍ତ ଏକ ଥଣ୍ଡା ପନୀୟ ଜଳ ମେଶିନ୍ କଲେଜ ପରିସରରେ ସଂଯୋଗ କରାଯାଇଥିଲା।

## ସଂକ୍ଷେପରେ

### ମାଙ୍କଡ଼ା ପଥର ବୋଝେଇ ଟ୍ରକ ଜବତ



ଖୁଣ୍ଟୁଣୀ,୧୦।୮(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡ଼ିଝାଟିଆ ପୋଲିସ ୫୫ ନମ୍ବର ଜାତୀୟ ରାଜପଥ ଓରନ୍ଦା ନିକଟରୁ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିଛି। ରବିବାର ସକାଳେ ଓରନ୍ଦା ଆଡକୁ ଏକ ପଥର ବୋଝେଇ ଟ୍ରକ ଆସୁଥିବା ଥାନା ଅଧିକାରୀ ତପନ କୁମାର ପତି ଖବର ପାଇ ଏସଆଇ ଦେବାଶିଷ ମିଶ୍ରଙ୍କୁ ଓରନ୍ଦା ସେଠାକୁ ପଠାଇ ଥିଲେ। ଟ୍ରକକୁ ପୋଲିସ ଅଟକାଇ କାଗଜପତ୍ର ଯାଞ୍ଚ ବେଳେ ଠିକ ନ ଥିବା ଜଣାପଡ଼ିଥିଲା। ଟ୍ରକ ସହ ମାଙ୍କଡ଼ା ପଥରକୁ ଜବତ କରି ଥାନାକୁ ନେଇଥିଲେ। ଏହି ଥାନା ଅଞ୍ଚଳରେ ଚୋରା ମାଙ୍କଡ଼ା ପଥର ଚାଲାଣ ହେଉଥିବାରୁ ଏହାକୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ପତ୍ରି କହିଛନ୍ତି। ମାଙ୍କଡ଼ା ପଥର ବୋଝେଇ ଟ୍ରକକୁ ଖଣି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି କହିଛନ୍ତି। ପଥର ବୋଝେଇ ଟ୍ରକ ଢେଙ୍କାନାଳ ଜିଲା ଇନ୍ଦୁପୁରରୁ କୁଷ୍ପଙ୍ଗି ଆଡ଼କୁ ଯାଉଥିବା ଜଣାପଡ଼ିଛି।

### କ୍ରାନ୍ତି ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

କଟକ,୧୦।୮(ଶିଳ୍ପା ପ୍ରିୟଦର୍ଶିନୀ)

କ୍ରାନ୍ତି ଦିବସ ଓ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ରାଷ୍ଟ୍ରୀୟ କବି ସଙ୍ଗମ ପକ୍ଷରୁ କଟକ ଶିଖରପୁରସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବକ୍ତୃତା ଓ ଦେଶାତ୍ମବୋଧକ କବିତା ଆବୃତ୍ତି, ଦେଶାତ୍ମବୋଧ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଓ ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। କାର୍ଯ୍ୟକ୍ରମ ସ୍କୁଲ ଅଧକ୍ଷ ସଞ୍ଜିତ ମହାନ୍ତି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ କବି ଡ. ବସନ୍ତ କୁମାରୀ ନନ୍ଦ, କବି ସଫଳା ଦାସ ଓ ସଙ୍ଗୀତ ଶିଳ୍ପୀ ଅଭିନାସ ବର୍ଦ୍ଧନ ବିଚାରକ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡା.ସୁଦର୍ଶନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅର୍ଥନୀତିଜ୍ଞ ତଥା ସ୍ତମ୍ଭକାର ଡ. ସନ୍ତୋଷ କୁମାର ମହାପାତ୍ର, ପ୍ରଫେସର ଡ. ପ୍ରଭାତୀ ମିଶ୍ର, ପୂର୍ବତନ ଡେପୁଟି ଡାଇରେକ୍ଟର ପ୍ରଫେସର ଡ. ଲବଙ୍ଗଲତା ବିଷୋୟୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସେମାନଙ୍କ ଭୂମିକା ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ କବି ସଙ୍ଗମର ଜିଲା ସଂଯୋଜିକା ସାହିତ୍ୟିକା ସ୍ତମ୍ଭକାର ମୀରା ବେଉରା ସଂଯୋଜନା କରିଥଲେ। ରାଜ୍ୟ ସଂଯୋଜିକା ଡ. ପୁଷ୍ପା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

ଚୌଦ୍ୱାର,୧୦।୮(ଆଶୁତୋଷ ଦାସ)

ଚୌଦ୍ୱାର ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଓ ନୂତନ କର୍ମକର୍ତ୍ତା ଚୟନ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ନରେଶ କୁମାର ସାହୁଙ୍କ ପୌରୋହିତ୍ୟରେ ସ୍ଥାନୀୟ ପୌର ଟାଉନ୍‌ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଗଭର୍ନର ଶିବବ୍ରତ ଦାସ, ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ଆସିଷ୍ଟାଣ୍ଟ ଗଭର୍ନର ପାର୍ଥ ସାରଥୀ ଚାଟାର୍ଜୀ ଏବଂ ଚୌଦ୍ୱାର କ୍ଲବ୍‌ର ପ୍ରଥମ ସଭାପତି ଡ. ଶିବ ପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ବିକାଶ ସହିତ ଜନସେବାରେ ନିରନ୍ତର କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଚଳିତ ୨୦୨୫-୨୬ବର୍ଷ ପାଇଁ ସଭାପତି ଭାବେ ସଂଜିତ୍ କୁମାର ଜେନା ଓ ସମ୍ପାଦକ ଭାବେ ରବୀନ୍ଦ୍ର କୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଡ. ଅମିତ୍ କୁମାର ପୃଷ୍ଟି ସ୍ୱାଗତ ଭାଷଣ, ସୁକାନ୍ତ କୁମାର ସାହୁ ଅତିଥି ପରିଚୟ ଏବଂ ଶରତ କୁମାର ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କ୍ଲବ୍‌ର ମୁଖପତ୍ର ଜାଗୃତିର ବିଶେଷ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପ୍ରତାପ କୁମାର ଶତପଥୀ, ଜୟଶ୍ରୀ ମହାନ୍ତି, ପଞ୍ଚାନନ ନାୟକ, ବିଶ୍ୱକଲ୍ୟାଣ ଦାସ, ଦିବାକର ସାହୁ, ରାଜକିଶୋର ସାମନ୍ତରାୟ, ଭାସ୍କର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଭାରତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୨୧୦୦ ବେଡ୍‌କୁ ୭ ହଜାର ରୋଗୀ

କଟକ,୧୦।୮(ଶିଳ୍ପା ପ୍ରିୟଦର୍ଶିନୀ)





**ଏସ୍‌ସିବିରେ ରୋଗୀ ସଂଖ୍ୟା ମୁତାବକ ନାହିଁ ଶଯ୍ୟା**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଡାକ୍ତର, ଶଯ୍ୟା (ବେଡ୍) ଓ ପାରାମେଡିକାଲ କର୍ମଚାରୀ ଅଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରିକି କିଛିଦିନ ହେବ କେଉଁଠି ଓପିଡିରେ ଡାକ୍ତର ନାହାନ୍ତି ତ କେଉଁଠି ବିଭାଗର ଶଯ୍ୟା ଆବଶ୍ୟକ ମୁତାବକ ବେଡ୍ ନ ଥିବାରୁ ରୋଗୀ ଚଟାଣରେ ଗଡୁଥିବାର ଦେଖିବାକୁ ମିଳିଛି। ତେବେ ରାଜ୍ୟ ସରକାର ସରକାରୀ ମେଡିକାଲ ମାନଙ୍କରେ ଭିତ୍ତିଭୂମି ସୁଦୃଢ କରିବା ସହ ନିଯୁକ୍ତି କ୍ଷେତ୍ରରେ ଗୁରୁତ୍ୱ ଦେଉଥିବାବେଳେ ଏସ୍‌ସିବି ଭଳି ମେଡିକାଲକୁ ଏଭଳି ଅଣଦେଖା କରିବା ଯୋଗୁ ରୋଗୀ ଓ ସମ୍ପର୍କୀୟଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ଏସ୍‌ସିବି ମେଡିକାଲରେ ଦିନକୁ ଦିନ ରୋଗୀ ସଂଖ୍ୟା ବଢୁଥିବାବେଳେ ଏବେ ରୋଗୀ ସଂଖ୍ୟା ହାରାହାରି ୭ ହଜାର ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ମେଡିକାଲରେ ସମୁଦାୟ ୩୭ଟି ବିଭାଗ ରହିଛି। ଏହି ସମସ୍ତ ବିଭାଗରେ ରୋଗୀଙ୍କ ପାଇଁ ମୋଟ୍ ୨୧୦୦ ବେଡ୍ ରହିଛି। ସେହିପରି ଏହି ରୋଗୀଙ୍କ ଚିକିତ୍ସା ପାଇଁ ନିୟମ ମୁତାବକ ୨୭ଶହ ନର୍ସ ଆବଶ୍ୟକ ଥିବାବେଳେ ଏବେ ମାତ୍ର ୯୦୦ ନର୍ସ ରହିଛନ୍ତି। ଏହାସହ ୩୭୬ ଡାକ୍ତର, ୨୫୦ ହାଉସ ସର୍ଜନ, ୨୭୮ କନିଷ୍ଠ ଡାକ୍ତର, ୫ ଏସ୍‌ଆରଙ୍କୁ ମିଶାଇଲେ ଏହା ସଂଖ୍ୟା ପାଖାପାଖି ୧ ହଜାର ରହିଛି । ଯାହାକି ଆବଶ୍ୟକ ମୁତାବକ ନ ଥିବାରୁ ରୋଗୀଙ୍କ ଚିକିତ୍ସାରେ ବାଧା ଉପୁଜୁଛି। ଫଳରେ ମେଡିକାଲକୁ ଆସୁଥିବା ରୋଗୀମାନେ ଉପଯୁକ୍ତ ସମୟରେ ଚିକିତ୍ସା ନ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଦିଗରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ୫ ହଜାରରୁ ଅଧିକ ଧାନରେ ଶୁଭ୍ରଜିତ ତିଆରି କରିଛନ୍ତି ମା'ଙ୍କ ମୁକୁଟ, ଅଳଙ୍କାର

କଟକ,୧୦।୮(ଶିଳ୍ପା ପ୍ରିୟଦର୍ଶିନୀ)

ଭାଦ୍ରବ ମାସର ପ୍ରଥମ ରବିବାରରୁ ଖୁଦୁରୁକୁଣୀ ପୂଜା ଆରମ୍ଭ ହୋଇଛି। ସହରଠୁ ଆରମ୍ଭ କରି ଗାଁ ସବୁଠି ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରାଯାଇଛି। ଏହି ପୂଜା ଅବସରରେ କଟକ କହ୍ନେଇପୁର ଅଞ୍ଚଳର ଶରତ ଚନ୍ଦ୍ର ପଣ୍ଡା ଓ ଇତିଶ୍ରୀ ପଣ୍ଡାଙ୍କ ପୁଅ ଶୁଭ୍ରଜିତ ପଣ୍ଡା ତିଆରି କରିଛନ୍ତି ଧାନରେ ମା'ଙ୍କ ମୁକୁଟ ଓ ଅଳଙ୍କାର। ଏଥିରେ ପାଖାପାଖି ୫ ହଜାର ଗୋଟା ଧାନର ବ୍ୟବହାର କରିଛନ୍ତି। ଏହି ମୁକୁଟର ଉଚ୍ଚତା ୧.୫ ଫୁଟ୍ ରହିଛି। ଏବେ ପୂଜାପାର୍ବଣରେ ମଣ୍ଡପରେ ପୂଜା ପାଉଥିବା ଦେବଦେବୀମାନଙ୍କୁ ସୁନା ଓ ଚାନ୍ଦି ମୁକୁଟ ଅବା ଅଳଙ୍କାରରେ ସୁସଜ୍ଜିତ କରାଯାଉଥିବାବେଳେ ପ୍ରଥମ କରି କଟକରେ ଧାନରେ ତିଆରି ମୁକୁଟ ଓ ଅଳଙ୍କାରରେ ଖୁଦୁରୁକୁଣୀ ପୂଜା ପାଇଛନ୍ତି। ଶୁଭ୍ରଜିତ ତାଙ୍କ ଘରେ ମା' ମଙ୍ଗଳାଙ୍କ ପୂଜା କରିଛନ୍ତି। ଏହି ମୁକୁଟ ଓ ଅଳଙ୍କାର ତିଆରି କରିବା ପାଇଁ କାଗଜ, ଅଠା, କାଚ, ଭେଲଭେଟ ପେପର ଓ ଧାନକୁ ବ୍ୟବହାର କରାଯାଇଛି। ଏ ନେଇ ଶୁଭ୍ରଜିତ କହିଛନ୍ତି, ଏବେ ସୁନା ଓ ଚାନ୍ଦି ମୁକୁଟର ବେଶ୍ ଡିମାଣ୍ଡ ରହିଛି, ହେଲେ କିଛି ନୂଆ କରିବାକୁ ଚିନ୍ତା କରି ଏଭଳି ଧାନରେ ମୁକୁଟ ତିଆରି କରିଛି। ମା' ମଙ୍ଗଳାଙ୍କର ଆଜକୁ ୧୫ବର୍ଷ ହେବ ଘରେ ପୂଜା କରାଯାଉଛି। ଏହି ମୁକୁଟ ଓ ଅଳଙ୍କାର



ତିଆରି ପାଇଁ ୭ ଦିନ ସମୟ ଲାଗିଥିଲା। ଆଗାମୀ ଦିନରେ ଅନ୍ୟାନ୍ୟ କଳାକୃତି କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

## କଳାବିକାଶ କେନ୍ଦ୍ରରେ ଅନୁଭୂତ ହୁଏ ନୃତ୍ୟର ଦିବ୍ୟସ୍ପନ୍ଦନ



କଳାବିକାଶ କେନ୍ଦ୍ରର ୭୩ ତମ ପ୍ରତିଷ୍ଠା ଦିବସ ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

କଟକ,୧୦।୮(କାର୍ତ୍ତିକ ସାହୁ)

**କଳାବିକାଶ କେନ୍ଦ୍ରର ୭୩ ତମ ପ୍ରତିଷ୍ଠା ଦିବସ**

କଳା ବିକାଶ କେନ୍ଦ୍ରର ୭୩ତମ ପ୍ରତିଷ୍ଠା ଦିବସ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବକୁ ହାଇକୋର୍ଟ ବିଚାରପତି ଶଶୀକାନ୍ତ ମିଶ୍ର ଉଦ୍‌ଘାଟନ କରି କହିଲେ, କଳା-ସଙ୍ଗୀତ-ନୃତ୍ୟରୁ ଜାତିର ପରିଚୟ ମିଳେ। ଜାତୀୟ ଚେତନାକୁ ବିକଶିତ କରିବା ପାଇଁ କଳାବିକାଶ କେନ୍ଦ୍ର ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଧରି କାର୍ଯ୍ୟ କରୁଛି। ଏଠାରେ ନୃତ୍ୟର ଦିବ୍ୟସ୍ପନ୍ଦନ ଅନୁଭୂତ ହୁଏ। ସମ୍ମାନିତ ଅତିଥି ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି କହିଲେ, କଳାବିକାଶ କେନ୍ଦ୍ରର ଇତିହାସ ଗରିମାମୟ। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି କହିଲେ, ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ସହଯୋଗ ହିଁ କଳାବିକାଶ କେନ୍ଦ୍ରକୁ ଆଗେଇ ନେବ। କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂ ଅଧ୍ୟକ୍ଷତା କରି କହିଲେ, କଳାର ଉଜ୍ଜ୍ୱଳ ପ୍ରତୀକ ହେଉଛି କଳାବିକାଶ କେନ୍ଦ୍ର। ସାଧାରଣ ସମ୍ପାଦକ କାମାକ୍ଷା ପ୍ରସାଦ ମହତାବ ଧନ୍ୟବାଦ ଦେଇଥିଲେ। ଡ. ସ୍ନେହଲତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଚୌଦ୍ୱାରରେ ବିଜେଡିର ସାଂଗଠନିକ ବୈଠକ

ଚୌଦ୍ୱାର,୧୦।୮(ଆଶୁତୋଷ ଦାସ)

ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଚୌଦ୍ୱାରରେ ବିଜେଡି ଦଳର ଏକ ସାଂଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଦଳକୁ କିଭଳି ତୃଣମୁଳସ୍ତରରେ ମଜଭୁତ କରିବା ସହିତ ପୁଣି ଥରେ ବିଜେଡି ଶାସନ କ୍ଷମତାକୁ ଫେରିବ ସେ ଦିଗରେ ଉପସ୍ଥିତ ପଞ୍ଚାୟତ ଓ ପୌରପାଳିକାର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ଦୀର୍ଘଦିନ ହେବ ଚୌଦ୍ୱାର ନଗର ସଭାପତି ପଦ ଖାଲିପଡିଛି। ଚୌଦ୍ୱାରରେ ଦଳ ନେତୃତ୍ୱ ବିହୀନ ହୋଇପଡିଥିବା ଅଭିଯୋଗରେ ଆସନ୍ତା କିଛି ଦିନ ଭିତରେ ଚୌଦ୍ୱାର ନଗର ସଭାପତି ଦାୟିତ୍ୱ ଜଣକୁ ଦିଆଯିବା ପରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ବିଧାୟକ ବିଶ୍ୱାଳ ପ୍ରକାଶ କରିଥିଲେ। ବୈଠକରେ ପୌରପାଳିକା ଓ ବିଭିନ୍ନ ପଞ୍ଚାୟତର ଥିବା ସମସ୍ୟାଗୁଡିକୁ କର୍ମୀମାନେ ବିଧାୟକଙ୍କୁ ଅବଗତ କରାଇଥିଲେ। ଲୋକଙ୍କ ସହିତ ରହି ସମସ୍ୟାଗୁଡିକୁ ଯଥାସମ୍ଭବ ସମାଧାନ କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଉପନଗରପାଳ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ଅଜୟ କୁମାର ବେହେରା, ଅଜିନୀ ବେହେରା, ଦିଲୀପ ସାହୁ, ଦୀପକ ମଙ୍ଗରାଜ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ରାମଚନ୍ଦ୍ର ନାୟକ, ବିନୟ କୁମାର ମଲ୍ଲିକ, ଧୀରେନ୍ଦ୍ର ଜେଠୀ, ମୁନା ରାଉତ, ନାରୀନେତ୍ରୀ କବିତାରାଣୀ ଲେଙ୍କା, ମୀନା ଚୌଧୁରୀ, ବବିତା ବେଉରାଙ୍କ ସମେତ ବହୁ ଦଳୀୟକର୍ମୀ ଉପସ୍ଥିତ ଥିଲେ।

## ରାଇସ୍ ମିଲ ଭିତରୁ ଚୋରି ଯନ୍ତ୍ରାଂଶ ଜବତ, ୪ ଗିରଫ



ପୋଲିସ ଦ୍ୱାରା ଗିରଫ ହୋଇଥିବା ୪ ଅଭିଯୁକ୍ତ।

ଖୁଣ୍ଟୁଣୀ,୧୦।୮(ସଚ୍ଚିଦାନନ୍ଦ ପଣ୍ଡା)

**କବାଡ଼ିଆ ଦୋକାନ ଖୋଲି ବିଭିନ୍ନ ସ୍ଥାନରୁ କରୁଥିଲେ ଲୁଟ**

ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଛଗାଁରେ ଥିବା ଏକ ବନ୍ଦ ରାଇସ ମିଲରୁ କେତେକ ମୂଲ୍ୟବାନ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ପୋଲିସ ରବିବାର ୪ଜଣ ଅଭିଯୁକ୍ତ କବାଡ଼ିଆଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ନଦିଆ ଜିଲା ବାଥନ ଗାଛି ଗ୍ରାମର ଏସ୍‌କେ. ଲୋକମାନ ଓ କୁମପୁକୁର ଗ୍ରାମର ପାୱାର ସେକ, ପଶ୍ଚିମବଙ୍ଗନର୍ଥ ୨୪ ପ୍ରଗଣା ନେତାଜୀ ନଗର ବନଗାଁଓର ଅରବିନ୍ଦ ବିଶ୍ୱାସ, ପଶ୍ଚିମବଙ୍ଗ ରେଜି ନଗର ମୁର୍ସିଦାବାଦର ତାହିଦୁଲ୍ଲ ଇସଲାମ। ସେମାନଙ୍କଠାରୁ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଚୋରି ହୋଇଥିବା ବିଭିନ୍ନ ସରଞ୍ଜାମ ଜବତ ହୋଇଛି। ସମସ୍ତଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ତପନ କୁମାର ପତ୍ରି କହିଛନ୍ତି। ଏହି ସମସ୍ତେ ୫୫ ନମ୍ବର ଜାତୀୟ ରାଜପଥର କପୁରସିଂଠାରେ କବାଡ଼ିଆ ଦୋକାନ ଖୋଲି ଅଞ୍ଚଳରେ ବନ୍ଦ ହୋଇ ପଡ଼ିଥିବା ବିଭିନ୍ନ କଳ କାରଖାନାଗୁଡିକରୁ ଲୁହା ଲକଡ଼ା ଚୋରି କରି ଆଣୁଥିଲେ। ସେମାନେ ଗାଁ ଗାଁ ବୁଲି ଲୁହା, ପ୍ଲାଷ୍ଟିକ ଆଦି ସଂଗ୍ରହ ନାଁରେ ଚୋରି ସାମଗ୍ରୀ ଉପରେ ନଜର ରଖିଥାନ୍ତି। ସମୟ ସୁବିଧା ଦେଖି ଏହାକୁ ଚୋରି କରି ଆଣି ବଡ଼ବଡ଼ କବାଡ଼ିଆ ଦୋକାନରେ ବିକ୍ରି କରି ଟଙ୍କା ରୋଜଗାର କରିଥାନ୍ତି। ଗତ ୮ ତାରିଖ ରାତିରେ ଛଗାଁଠାରେ ଥିବା ଏହି ପରିତ୍ୟକ୍ତ ରାଇସ ମିଲ ଭିତରେ ୪ଜଣ ଏକ ମଟରସାଇକେଲ ଟଲିରେ ଯାଇ ବଡବଡ ମୋଟର ଏସି, କଂପ୍ରେସର ମେଶିନ, ପ୍ୟାନେଲ ବୋର୍ଡ ସହିତ ଲୁହା ସାମଗ୍ରୀ ଚୋରି କରି ନେଇ କପୁରସିଂଠାରେ ଥିବା ୨ଟି କବାଡ଼ିଆ ଦୋକାନ ଭିତରେ ଲୁଚାଇ ରଖିଥିଲେ। ମିଲ ମାଲିକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୫୩/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଯାଞ୍ଚ କରିବାରେ ସମସ୍ତ ସାମଗ୍ରୀ କବାଡ଼ିଆ ଦୋକାନ ଭିତରୁ ମିଳିଥିଲା ବୋଲି ଏସଆଇ ଗୌରାଙ୍ଗ ବିଶ୍ୱାଳ କହିଛନ୍ତି। ସେମାଙ୍କଠାରୁ ବିଭିନ୍ନ ସ୍ଥାନରୁ ଚୋରି ହେଉଥିବା ଆହୁରି ଅନେକ ସାମଗ୍ରୀ ବିଷୟରେ ତଥ୍ୟ ପୋଲିସର ହସ୍ତଗତ ହୋଇଛି।

## କଟକ ସଦର ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି

କଟକ ସଦର,୧୦।୮(ସୁଶାନ୍ତ କୁମାର ଜେନା)

**ଜିଲାପାଳଙ୍କ ବଦଳରେ ତଦନ୍ତ କରିବେ ଅମ୍ବୁଡସମ୍ୟାନ**

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ୨୦୨୦-୨୦୨୩ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମାଟି କାମ ହୋଇଥିଲା। ଏହି କାର୍ଯ୍ୟରେ ଦୁର୍ନୀତି ହୋଇଥିବାରୁ ସରକାର କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ପତ୍ର ସଂଖ୍ୟା ୨୮୧୪୩/୨।୧୨।୨୦୨୪ରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୮ମାସ ପରେ ଜିଲାପାଳ ତଦନ୍ତରୁ ଓହରି ଯାଇ କଟକ ଜିଲା ପରିଷଦ କାର୍ଯ୍ୟାଳୟର ଅମ୍ବୁଡସମ୍ୟାନଙ୍କୁ ଜୁଲାରେ ପ୍ରଦାନ କରିଛନ୍ତି। ଜୁଲାଇ ୨୮ରେ କଟକ ସଦର ବ୍ଲକରେ ଜନଶୁଣାଣି ଶିବିରରେ ଫାଇଲକୁ ଅମ୍ବୁଡସମ୍ୟାନଙ୍କୁ ଦେବା ପାଇଁ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କୁ କହିଥିଲେ। ଏହି ଅବଧି ମଧ୍ୟରେ କୋଟି କୋଟି ଟଙ୍କା ଶ୍ରମିକଙ୍କ ଆକାଉଣ୍ଟକୁ ମଜୁରୀ ଅର୍ଥ ପଠାଯାଇଥିଲା। ମାତ୍ର ସମ୍ପୃକ୍ତ ଶ୍ରମିକମାନେ ସି- ୧ ଫର୍ମରେ କାମପାଇଁ ଆବେଦନ କରି ନ ଥିଲେ। ଏହି ଦୁର୍ନୀତି ଉପରେ ତଦନ୍ତ ପାଇଁ ୨୦୨୩ ଜୁନରେ ଜିଲା ପରିଷଦ କାର୍ଯ୍ୟାଳୟର ଅମ୍ବୁଡସମ୍ୟାନଙ୍କୁ ଦାୟିତ୍ୱ ପିଡିଙ୍କୁ ଦେଇଥିଲେ। ମାମଲା ସଂଖ୍ୟା ପିବିଓଏମ୍‌ବି ୧୬।୨୦୨୩ରେ ରୁଜୁ ହେବା ପରେ ୨୦୨୩ ଜୁନ ୮ରେ ଶୁଣାଣି ହୋଇଥିଲା। ସେ କେବଳ ବିବାଦର ସମାଧାନ କରିପାରିବେ, ଅଭିଯୋଗର ତଦନ୍ତ ଅନ୍ୟ ଅଧିକାରୀମାନେ କରିବେ ବୋଲି ତତ୍କାଳୀନ ଅମ୍ବୁଡସମ୍ୟାନ ସରୋଜ କାନ୍ତ ଚୌଧୁରୀ କହି ମାମଲାକୁ ବନ୍ଦକରି ଦେଇଥିଲେ। ଏହି ଦୁର୍ନୀତିର ତଦନ୍ତ ପ୍ରଥମେ ଜିଲା ପ୍ରକଳ୍ପ ନିର୍ଦ୍ଦେଶଙ୍କୁ ପତ୍ର ସଂଖ୍ୟା୧୨୧୮୪/୭।୬।୨୦୨୩ରେ ସରକାର ଦେଇଥିଲେ। ହେଲେ ତଦନ୍ତ ଠିକ ସମୟରେ ହୋଇପାରିଲା ନାହିଁ।

## ଚାଷୀ ପଞ୍ଜୀକରଣ ସମୟସୀମା ବୃଦ୍ଧି କରିବାକୁ ଦାବି

ଖୁଣ୍ଟୁଣୀ,୧୦।୮(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ନବେଢ଼ା ଆଞ୍ଚଳିକ ଚାଷୀ ସଙ୍ଗଠନ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାର ଅସାଧୁ ଚାଷୀମାନଙ୍କୁ ଧରିବାକୁ ଯେଉଁ ନିୟମ କରିଛନ୍ତି, ତାହା ସ୍ୱାଗତ ଯୋଗ୍ୟ। କିନ୍ତୁ ପ୍ରକୃତ ଚାଷୀ ଏହି ନିୟମରେ ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ପଞ୍ଜୀକରଣ ସମୟ ସୀମାକୁ ବୃଦ୍ଧି କରିବାକୁ ଚାଷୀ ସଙ୍ଗଠନ ବୈଠକରେ ଦାବି କରିଛି। ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପାଇଁ ଗତ ଜୁଲାଇ ୧୯ରୁ ସରକାର ସମବାୟ ସଂସ୍ଥାରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ସମୟରେ ରୁଆ ବେଉଷଣ କରିବାର ଠିକ୍ ସମୟ ହୋଇଥିବାରୁ ଚାଷୀମାନେ ଚାଷ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ସମବାୟ କେନ୍ଦ୍ରଗୁଡିକରେ ପଞ୍ଜୀକରଣ ପାଇଁ ଭିଡ଼ ହେଉଛି। ଚାଷୀମାନେ ଚାଷ କାମ ଛାଡି ପଞ୍ଜୀକରଣ ପାଇଁ ସମବାୟ ସମିତି କେନ୍ଦ୍ରରେ ଦୀର୍ଘ ସମୟ ଦେଉଛନ୍ତି। ସରକାରଙ୍କ ନୂଆ ବ୍ୟବସ୍ଥାରେ ପଞ୍ଜୀକରଣ ବେଳେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ନବେଢ଼ା ବରିଷ୍ଠ ନାଗରିକ ସଂଘ ତଥା ଆଠଗଡ଼ ପୂର୍ବତନ ବ୍ଲକ ସଭାପତି ଚାଷୀ ମାଗୁଣି ଚରଣ ରାଉତ, ନରେନ୍ଦ୍ର କୁମାର ସେଠୀ, ଅମରେନ୍ଦ୍ର ରାଉତ, ପ୍ରଭାତ କୁମାର ସ୍ୱାଇଁ, ହୃଦାନନ୍ଦ ବେଉରା ପ୍ରମୁଖ କହିଛନ୍ତି।

## ସୈନିକଙ୍କ ପାଇଁ ଖୋଲିଲା ଆଇନ ସହାୟତା କେନ୍ଦ୍ର

କଟକ,୧୦।୮(କାର୍ତ୍ତିକ ସାହୁ)

କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନ ସହାୟତା କେନ୍ଦ୍ର ବକ୍ସିବଜାରସ୍ଥିତ ଜିଲା ସୈନିକ ବୋର୍ଡ ପରିସରରେ ଆରମ୍ଭ ହୋଇଛି। କଟକ ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ଦାୟିତ୍ୱରେ ଥିବା ରାଜ କିଶୋର ମହାପାତ୍ର ଆଇନ ସହାୟତା କେନ୍ଦ୍ରକୁ ରବିବାର ଉଦ୍‌ଘାଟନ କରିଛନ୍ତି। ଆମ ଦେଶକୁ ସୁରକ୍ଷା ଦେଉଥିବା ସୈନିକ ଏବଂ ସେମାନଙ୍କ ପରିବାରକୁ ଆଇନ ସହାୟତା ଦେବାରେ ଏହି ସହାୟତା କେନ୍ଦ୍ର ସହାୟକ ହେବ ବୋଲି ଅଧକ୍ଷ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ଏହି ଉଦଘାଟନ ଉତ୍ସବରେ ସୈନିକ ବୋର୍ଡର ଲେଫଟନାଣ୍ଟ ବି.ଏନ. ପାତ୍ର ଯୋଗଦେବା ସହ ଅନ୍ୟାନ୍ୟ କର୍ମଚାରୀ, ପ୍ୟାନେଲ ଆଇନଜୀବୀ, ପି. ଏଲ. ଭି. ଓ ପ୍ରାଧିକରଣର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବକ୍ସିବଜାରସ୍ଥିତ ଜିଲା ସୈନିକ ବୋର୍ଡ ପରିସରରେ ଖୋଲାଯାଇଥିବା ଆଇନ ସହାୟତା କେନ୍ଦ୍ର।

## ଗୋଟିଏ ରାତିରେ ୩ ମନ୍ଦିର ସହ ଜଣଙ୍କ ଘରୁ ଚୋରି

ମଙ୍ଗୁଲି-ଚୌଦ୍ୱାର,୧୦।୮(ମାନସ ସାମଲ)

- ଥାନାରେ ୨ ମାସରେ ୩୦ରୁ ଊର୍ଦ୍ଧ୍ୱ ଚୋରି ମାମଲା
- ଚୋରଙ୍କ ଟେର୍ ପାଉନି ପୋଲିସ
- ପୋଲିସକୁ ଆମର ଭରସା ପାଉନି, ଏତଲା ଦେବୁ କାହିଁକି: ଗ୍ରାମ କମିଟି

ଚୌଦ୍ୱାର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ମାମଲା ବୃଦ୍ଧି ପାଇବାରେ ଲାଗିଛି। ଗତ ଦୁଇ ମାସ ବ୍ୟବଧାନରେ ଏକାଧିକ ବଜାର ଓ ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ଚୋରି ହୋଇଥିବା ବେଳେ ପୋଲିସ ଗୋଟିଏ ବି ଚୋର ଧରିବାରେ ସଫଳ ହୋଇପାରିନାହିଁ। ଚୌଦ୍ୱାର ଅଧୀନ ବଡ ଚାଞ୍ଚୋ ଗ୍ରାମରେ ଶନିବାର ରାତିରେ ୩ଟି ମନ୍ଦିର ସହ ଜଣଙ୍କ ଘରୁ ପୁଣି ଚୋରି ଘଟଣା ଏବେ ଚର୍ଚ୍ଚାକୁ ଆସିଛି। ଗ୍ରାମର ହରିହର, ଗରୁଡେଶ୍ୱର ଓ କ୍ଷେତ୍ରପାଳ ମନ୍ଦିରର ଦାନବାକ୍ସରୁ ଟଙ୍କା, ଘଣ୍ଟ, ୨ଟି ରୁପା ମୁକୁଟ ଚୋରି ହୋଇଥିଲେ ମଧ ମନ୍ଦିର କମିଟି କୌଣସି ଅଭିଯୋଗ କରି ନ ଥିବା ଜଣାପଡ଼ିଛି। ଗ୍ରାମ କମିଟି କହିବା ମୁତାବକ, ଚୌଦ୍ୱାର ପୋଲିସ କେବଳ ଏତଲା ରୁଜୁ କରି ବସି ପଡୁଛି। ଚୋର ଧରିବାରେ ସମ୍ପୂର୍ଣ୍ଣ ବିଫଳ, ଆମର ଭରସା ପାଉନି ଏତଲା କାହିଁକି ଦେବୁ ବୋଲି କହିଛନ୍ତି। ଅନୁରୂପ ଭାବେ ଚୋରି ହୋଇଥିବା ନେଇ ବଡଚାଞ୍ଚୋ ଗ୍ରାମର ବିଶ୍ୱନାଥ ପଣ୍ଡା ଥାନାରେ ଅଭିଯୋଗ କରିବା ପରେ ଚୌଦ୍ୱାର ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିବା ଜଣାପଡ଼ିଛି। ବିଶ୍ୱନାଥ ପଣ୍ଡାଙ୍କ ଅଭିଯୋଗକ୍ରମେ, ସାନଝିଅ ଓ ମୁଁ ଢେଙ୍କାନାଳ ଜିଲା ନାଉନଈ ଗ୍ରାମରେ ବଡ ଝିଅ ଘରକୁ ରକ୍ଷାବନ୍ଧନ ପାଇଁ ଯାଇଥିଲୁ। ସନ୍ଧ୍ୟାରେ ଘରକୁ ନ ଫେରି ସେଠାରେ ରହିଯାଇଥିଲୁ। ରବିବାର ଭୋରୁ ଆମ ପାଖପଡୋଶୀ କେହି ଦୁର୍ବୃତ୍ତ ଘର ତାଲା ତାଡି ଚୋରି କରିଥିବା ଖବର ଫୋନରେ ଜଣାଇଥିଲେ। ଘରକୁ ଫେରି ଦେଖନ୍ତି, ତାଲା ଭଙ୍ଗାଯିବା ସହ ଘର ଭିତରେ ଥିବା ବାକ୍ସ ତାଲା ଭାଙ୍ଗି ଦୁଇଟି ସୁନା ମୁଦି ଓ ନଗଦ ୧୧ ହଜାର ଟଙ୍କା ଚୋରି ହୋଇଯାଇଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଚୌଦ୍ୱାର ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ବିଶ୍ୱନାଥ ପଣ୍ଡାଙ୍କ ଘର ଭିତରେ ଥିବା ବାକ୍ସ ଭାଙ୍ଗି ଚୋରି କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୮।୨୦୨୫

| | |
|---|---|
| ୮,୨୮,୭୯୦ ଟଙ୍କା | |
| ସୁନା | ୭.୨୫୦ ଗ୍ରାମ୍ |
| ରୁପା | ୫୫.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ୧୨ ନକଲି ଗୁମାସ୍ତା ଗିରଫ

ପୁରୀ,୧୦।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ସିଂହଦ୍ୱାର ଓ ଟାଉନ୍ ଥାନା ପୋଲିସ ୧୨ ଜଣ ନକଲି ଗୁମାସ୍ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବିଏନ୍ଏସ୍ ଧାରା ୧୧୧ ଅନୁଯାୟୀ ଏହି ନକଲି ଗୁମାସ୍ତାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ଆସିଥାନ୍ତି। ଶ୍ରୀମନ୍ଦିରର ସଂସ୍କୃତି ଓ ପରମ୍ପରା ବିଷୟରେ ସେବାୟତ ଓ ସେମାନଙ୍କର ଗୁମାସ୍ତାମାନେ ଯାତ୍ରୀମାନଙ୍କୁ ଠିକିଣି ତଥ୍ୟ ପ୍ରଦାନ କରିଥାନ୍ତି। କିନ୍ତୁ କେତେଜଣ ନକଲି ଗୁମାସ୍ତା ଓ ଅଣ ସେବାୟତଙ୍କ ଯୋଗୁ ଯାତ୍ରୀମାନେ ଠକାମୀ ସହ ଦୁର୍ବ୍ୟବହାରର ଶିକାର ମଧ୍ୟ ହୋଇଥାନ୍ତି। ଏନେଇ ଅନେକ ଥର ଥାନାରେ ଅଭିଯୋଗ ହେବା ପରେ ଏବେ ଆକ୍ସନ ମୋଡ୍‌କୁ ଆସିଛି ପୁରୀ ପୋଲିସ। ଶ୍ରୀମନ୍ଦିରକୁ ଆସୁଥିବା ଯାତ୍ରୀ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ସହିତ ସୁବିଧାରେ ଦର୍ଶନ ଏବଂ ଠକାମୀର ଯେଭଳି ଶିକାର ନ ହେବେ ସେ ଦିଗରେ ପୋଲିସ ବିଶେଷ ଦୃଷ୍ଟି ଦେଇଛି। ଗିରଫ ନକଲି ଗୁମାସ୍ତାଙ୍କ ପାଖରେ କୌଣସି ପରିଚୟପତ୍ର ନ ଥିବାବେଳେ ବେଆଇନ ଭାବେ ଏମାନେ ଗୁମାସ୍ତା କାର୍ଯ୍ୟ କରୁଥିଲେ ବୋଲି ପୋଲିସ କହିଛି। ଆଗକୁ ମଧ୍ୟ ପୋଲିସ ପକ୍ଷରୁ ଏହି ଧରପଗଡ଼ ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଚାରିଛକ ବଜାରରେ ଗ୍ୟାସ୍ ସିଲିଣ୍ଡର କଳାବଜାର

ଚାରିଛକ,୮।୮ (ଶିଶିର କୁମାର ସ୍ୱାଇଁ)

ଚାରିଛକ ଅଞ୍ଚଳରେ ଘରୋଇ ଗ୍ୟାସ ସିଲିଣ୍ଡର ବେଆଇନ ଭାବେ ହୋଟେଲ, ଫାଷ୍ଟଫୁଡ୍, ଚା' ଦୋକାନ ଆଦି ସ୍ଥାନରେ ବହୁଳ ଭାବେ ବ୍ୟବହାର ହେଉଛି। ଚା' ଦୋକାନ ଠାରୁ ଆରମ୍ଭ କରି ହୋଟେଲ, ଫାଷ୍ଟ ଫୁଡ, ରେଷ୍ଟୁରାଣ୍ଟ, ଟିଫିନ ଦୋକାନଗୁଡ଼ିକରେ କମର୍ସିଆଲ ସିଲିଣ୍ଡର ସ୍ଥାନରେ ଘରୋଇ ସିଲିଣ୍ଡର ବ୍ୟବହାର ହେଉଛି। ବଜାର ଉପରେ ଗ୍ରୋସରୀ ଦୋକାନ ଠୁ ଆରମ୍ଭ କରି ଲୁଗା ଦୋକାନୀ, ଗ୍ୟାସ ଦୋକାନୀ ଖୁଲମଖୁଲା ଜନଗହଳି ସ୍ଥାନଗୁଡ଼ିକରେ ଗ୍ୟାସ ବିକ୍ରି କରୁଛନ୍ତି। ଯଦି ଭୁଲବଶତଃ କିଛି ଦୁର୍ଘଟଣା ଘଟେ, ସେଥିପାଇଁ ଦାୟୀ ରହିବ କିଏ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଭଳି ବେଆଇନ କାର୍ଯ୍ୟ ଖୋଦ୍ ଗ୍ୟାସ ବିତରଣ କେନ୍ଦ୍ର ସହାୟତାରେ କରାଯାଉଥିବା ନେଇ ଚର୍ଚ୍ଚା ହେଉଛି ଏବଂ ସିଲିଣ୍ଡରର କଳାବଜାର ହେଉଥିବା ଅଭିଯୋଗ ହୋଇଛି। ଯୋଗାଣ ବିଭାଗ ତରଫରୁ କେବେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

କଣାସ,୧୦।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଗଡ଼ସାହି ପଞ୍ଚାୟତର ଗଡ଼ସାହି ଗ୍ରାମରେ ଶୁକ୍ରବାର ପ୍ରଭାତରୁ ହୃଷୀକେଶ ବଳିୟାରସିଂଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ହୃଷୀକେଶ ନିଜ ବାଡ଼ିରେ ଥିବା ଫସଲ କିଆରିକୁ ପାଣି ମଡ଼ାଇବା ପାଇଁ ମୋଟର ଲଗାଇଥିଲେ। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହୃଷୀକେଶ ଘଟଣାସ୍ଥଳରେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କଣାସ ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲେ। ହୃଷୀକେଶ ଜଣେ ଗରିବ କୃଷକ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ପୁଣି ଅନ୍‌ଲାଇନ୍‌ରେ ଶ୍ରୀମନ୍ଦିର ମହାପ୍ରସାଦ ବିକ୍ରି

ପୁରୀ,୧୦।୮ (ଅଜିତ୍ କୁମାର ମହାନ୍ତି)

ପୁଣି ବେଆଇନ ଭାବେ ଶ୍ରୀମନ୍ଦିରର ମହାପ୍ରସାଦ ବିକ୍ରି ଅଭିଯୋଗ ହୋଇଛି। ବ୍ରହ୍ମପୁରର ଇଜି ଏସେନଶିଆଲ ନାମକ ଏକ ଫୁଡ୍ ଡେଲିଭରି ଆପ୍ ଶ୍ରୀମନ୍ଦିର ମହାପ୍ରସାଦକୁ ଅନ୍‌ଲାଇନ୍‌ରେ ଅର୍ଡର ନେଇ ସୋସିଆଲ ମିଡିଆରେ ବିଜ୍ଞାପନ ପ୍ରଚାର ପ୍ରସାର କରାଯାଉଛି। କେବଳ ସେତିକି ନୁହେଁ, ଏହି ଆପ୍ ମାଧ୍ୟମରେ ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ମନ୍ଦିରରୁ ପ୍ରସାଦ ଅର୍ଡର ନିଆଯାଉଥିବା ବେଳେ ରୋଷେଇ ସାମଗ୍ରୀ, ପନିପରିବା, କ୍ଷୀର, ମାଂସ ମଧ୍ୟ ଅର୍ଡର ନିଆଯାଉଛି। ଏହି ଆପ୍‌କୁ ବ୍ରହ୍ମପୁରବାସୀ ବ୍ୟବହାର କରିବା ପାଇଁ ସୋସିଆଲ ମିଡିଆରେ ପ୍ରଚାର ପ୍ରସାର କରାଯାଉଛି। ତେବେ ମାଛ, ମାଂସ ଯୋଗାଇ ଦେଉଥିବା ଫୁଡ୍ ଡେଲିଭରି ଆପ୍‌ରେ ଶ୍ରୀମନ୍ଦିର ମହାପ୍ରସାଦ ବିକ୍ରିକୁ ଦୃଢ଼ ବିରୋଧ କରିଛନ୍ତି। ତୁରନ୍ତ ଏଭଳି ବେଆଇନ କାର୍ଯ୍ୟ କରୁଥିବା ଓ ମହାପ୍ରସାଦକୁ ଅପମାନ କରିଥିବା ବ୍ୟକ୍ତି ଓ କମ୍ପାନୀ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ମହାପ୍ରସାଦର ସ୍ୱତନ୍ତ୍ର ମର୍ଯ୍ୟାଦା ସହ ମାହାତ୍ମ୍ୟ ରହିଛି। ଏହାକୁ ସାଧାରଣ ଖାଦ୍ୟ ଭଳି ବିଚାରଯୋଗ୍ୟ ନୁହେଁ। ଏହାକୁ ଅନ୍‌ଲାଇନ୍ ଆପ୍‌ରେ ଯୋଗାଣ ହେଲେ ଡେଲିଭରି କରୁଥିବା ସଂସ୍ଥା ମାଛ ମାଂସ ସହ ଏହାକୁ ନେବାର ଆଶଙ୍କା ରହିଛି। ଏହାଦ୍ୱାରା ମହାପ୍ରସାଦର ଗରିମା ନଷ୍ଟ ହେବା ସହ ଭକ୍ତଙ୍କ ଧର୍ମୀୟ ଭାବନାକୁ କୁଠାରାଘାତ କରିଛି। ମହାପ୍ରସାଦର ଗରିମା, ମର୍ଯ୍ୟାଦା ଓ ପବିତ୍ରତା ରକ୍ଷା ପାଇଁ ୨୦୧୮ ମସିହାରେ ଶ୍ରୀମନ୍ଦିର ପ୍ରଶାସନ ମହାପ୍ରଭୁଙ୍କ ମହାପ୍ରସାଦକୁ ଅନ୍‌ଲାଇନ୍‌ରେ ଡେଲିଭରି ଉପରେ କଟକଣା ଲଗାଇଥିଲେ। ଏ ନେଇ ପୋଲିସକୁ ମଧ୍ୟ ଅବଗତ କରାଯାଇଥିଲା। ଏଭଳି ବେଆଇନ କାର୍ଯ୍ୟ କରୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ଅବଗତ କରାଯିବା ସହ ଲୋକଙ୍କ ଅବଗତି ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ନିଜର ୱେବ୍ ସାଇଟ୍‌ରେ ଏହି ସୂଚନା ପ୍ରଦାନ କରିଛି। ଏବେ ବି ଅନ୍‌ଲାଇନରେ ଅନେକ ୱେବ୍ ସାଇଟ୍ ରହିଛି, ଯେଉଁମାନେ ବିଜ୍ଞାପନ କରିଛନ୍ତି ଅନ୍‌ଲାଇନରେ ଶ୍ରୀମନ୍ଦିର ମହାପ୍ରସାଦ ଅର୍ଡର ନେଇ ଘରେ ପହଞ୍ଚାଇ ଦେବେ। ହେଲେ ଏମାନଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ କାହିଁକି ଥାନାରେ ଏତଲା ଦେଉନି ସେ ନେଇ ଶ୍ରୀମନ୍ଦିର ସେବାୟତ ଓ ଜଗନ୍ନାଥପ୍ରେମୀ ପ୍ରଶ୍ନ ଉଠାଇଛନ୍ତି।

ଅନ୍‌ଲାଇନରେ ମହାପ୍ରସାଦ ନାମରେ ଠକେଇ ହେବାର ଆଶଙ୍କା ରହିଛି। ଯେଉଁ ଦିନ ନୀତି ବିଳମ୍ବ ହେବ, ସେହିଦିନ ଶ୍ରୀମନ୍ଦିରରୁ ମହାପ୍ରସାଦ ନ ନେଇ ଅନ୍ୟ କୌଣସି ସ୍ଥାନରେ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ଦିଆଯିବ। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ କହିଛନ୍ତି, ମହାପ୍ରସାଦ ଅନ୍‌ଲାଇନ୍‌ରେ ବିକ୍ରି ନେଇ ବହୁପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷେଧ କରାଯାଇଥିଲା। ଆମର ଆଇଟି ସେଲ୍ ପକ୍ଷରୁ ଏହା ଉପରେ ନଜର ରଖାଯାଇଛି। ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ଅଭିଯୋଗ ଆସିଲେ ଆମେ ପୋଲିସକୁ ଅବଗତ କରୁଛେ। ତେବେ ଶ୍ରୀମନ୍ଦିରରେ ପ୍ରଚଳିତ ଆଇନରେ ସଂଶୋଧନ କରାଯାଇ ଅଧିକ କଡା ଦଣ୍ଡବିଧାନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି କହିଛନ୍ତି।




ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ତ୍ରିରଙ୍ଗା ବାଲୁକା କଳା।

## ଅଭିନବ ଉପାୟରେ ରାଖୀ ବାନ୍ଧିଲେ ଯୁବପିଢ଼ି

ପୁରୀ,୧୦।୮ (ଅଜିତ୍ କୁମାର ମହାନ୍ତି)

'ବୃକ୍ଷ ଆମର ମା' ଏବଂ ବୃକ୍ଷର ସୁରକ୍ଷା ଆମ ପରିବେଶର ସୁରକ୍ଷା' ଏଭଳି କିଛି ସ୍ଲୋଗାନ ଦେଇ ଜାତୀୟ ସ୍ୱେଚ୍ଛାସେବୀ ସବ୍ୟସାଚୀ ସେନାପତିଙ୍କ ନେତୃତ୍ୱରେ ରକ୍ଷା ବନ୍ଧନକୁ ଅଭିନବ ଉପାୟରେ ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଇନ୍ଦ୍ରିପୁରର ଗ୍ରାମର ବାବା କୁମାରେଶ୍ୱର ଯୁବକ ସଂଘର ସ୍ୱେଚ୍ଛାସେବୀମାନେ ପାଳିଛନ୍ତି। ଗ୍ରାମର ବିଭିନ୍ନ ରାସ୍ତାପାର୍ଶ୍ୱ ଏବଂ ଗୋଚର ଜମି ତଥା ଖେଳ ପଡ଼ିଆ ପାର୍ଶ୍ୱରେ ୪୦ରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିଥିଲେ। ସରପଞ୍ଚ ରାଜେଶ ସେନାପତି, ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନାୟକ, ଡା. ତପନ ଭୂୟାଁ ଯୋଗଦେବା ସହ ସ୍ୱେଚ୍ଛାସେବୀଙ୍କୁ ଅଧିକ ବୃକ୍ଷରୋପଣ ପାଇଁ ଉତ୍ସାହିତ କରିଥିଲେ। ଯୁବ ସାମାଜିକ କର୍ମୀ ତଥା ପରୋପକାରୀ ପ୍ରସାଦ କୁମାର ପରିଡ଼ା ସ୍ୱେଚ୍ଛାସେବୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଶ୍ୱରଂଜନ ସେନାପତି, ନୀଳାମ୍ବର ପରିଡ଼ା, ବିଶ୍ୱରଞ୍ଜନ ପରିଡ଼ା,ସୂର୍ଯ୍ୟକାନ୍ତ ପରିଡ଼ା, ମାନସ ବାରିକ, ସତ୍ୟବର୍ତ୍ତ ଜେନା, ଜଗଦୀଶ ଜେନା, ଉମାକାନ୍ତ ବାରିକ, ଲକ୍ଷ୍ମୀଧର ପରିଡ଼ା,ସୌମ୍ୟ ରଂଜନ ଜେନା, ଚିନ୍ମୟ ନାୟକ, ଶୁଭମ ଜେନା, ଦିପ୍ତିରଞ୍ଜନ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁସ୍ତକ ପାଠୋତ୍ସବ, ଚାରାରୋପଣ

ବଳଙ୍ଗା,୧୦।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ବାଙ୍ଗୁରୁଷପାଟଣାସ୍ଥିତ ଷ୍ଟୁଡେଣ୍ଟ ନଲେଜ ସେଣ୍ଟର ଓ ଲାଇବ୍ରେରି ଆନୁକୂଲ୍ୟରେ ପୁସ୍ତକ ପାଠୋତ୍ସବ, ଗ୍ରାମ ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମ ସାକ୍ଷୀଗୋପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଳଙ୍ଗା ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ତଥା ପ୍ରାଧ୍ୟାପକ ଡ. ପ୍ରଦୋଷ କୁମାର ପତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜଗବନ୍ଧୁ ରାୟ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ମହାନ୍ତି ପ୍ରମୁଖ ଯୋଗଦେଇ ଆଜିର ଡିଜିଟାଲ ଯୁଗରେ ଗ୍ରାମାଞ୍ଚଳରେ ଲାଇବ୍ରେରି ଓ ସେଥିରେ କୁନିପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନଙ୍କର ପୁସ୍ତକ ପଠନର ଗୁରୁତ୍ୱ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ନଲେଜ ସେଣ୍ଟର ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱରଚନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ। ଆନ୍ତର୍ଜାତିକ ଅନୁଷ୍ଠାନ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଫର୍ ହ୍ୟୁମାନ ଭ୍ୟାଲୁଜ, ସେଣ୍ଟରର ଲାଇବ୍ରେରିକୁ ହିନ୍ଦୀ, ଇଂଲିଶ୍ ଓ ଓଡ଼ିଆ ଭାଷାର ବିଭିନ୍ନ ବର୍ଗର ୪୫୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରଦାନ କରିଥିବାର ପ୍ରତିଷ୍ଠାତା ସଦସ୍ୟ ପ୍ରକାଶ କରିବା ସହିତ ଅନୁଷ୍ଠାନ ଓ ଗ୍ରାମବାସୀଙ୍କ ତରଫରୁ ଆଇଏଏଚ୍‌ଭିକୁ କୃତଜ୍ଞତା ଜଣାଇଥିଲେ। ବରିଷ୍ଠ ସଦସ୍ୟ ଶିକ୍ଷକ ମଙ୍ଗରାଜ ରଥ, ବିମଳ ଦାସ, ଜିତେନ୍ଦ୍ର ସାହୁ, ଅନନ୍ତ ନାୟକ, ସୁନିଲ ନାୟକ, ପ୍ରତାପ ଦାସ, ରଶ୍ମିତା ସାହୁ, ସୁମିତ୍ରା ଦାସ ଓ ସେଣ୍ଟରର ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।




ଷ୍ଟୁଡେଣ୍ଟ ନଲେଜ ସେଣ୍ଟରରେ କବିତା ପାଠୋତ୍ସବ କରାଯାଉଛି।

## ମା' ମଙ୍ଗଳାଙ୍କ ଖୁଦୁରୁକୁଣୀ ପୂଜା ଆରମ୍ଭ

କଣାସ,୧୦।୮ (ବିଭୂତି ଭୂଷଣ ତ୍ରିପାଠୀ)

ଭାଦ୍ରବ ପ୍ରଥମ ରବିବାରରେ ମା' ମଙ୍ଗଳାଙ୍କ ଖୁଦୁରୁକୁଣୀ ପୂଜା ଆରମ୍ଭ ହୋଇଛି। ପ୍ରଭାତରୁ କୁଆଁରୀ ଝିଅମାନେ ନଦୀ ଓ ପୋଖରୀରୁ ବାଲି ଓ ମାଟି ଆଣି ମୂର୍ତ୍ତି ନିର୍ମାଣ କରି ନାନା ରଙ୍ଗବେରଙ୍ଗର ଫୁଲ ଦେଇ ସଜାଇବା ପରେ ବିଭିନ୍ନ ଫଳମୂଳ ପୂଜା କରୁଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଗ୍ରାମଗୁଡ଼ିକରେ ଝିଅମାନେ ମେଳି ହୋଇ ରଙ୍ଗବେରଙ୍ଗର ନୂତନ ବସ୍ତ୍ର ପିନ୍ଧି ତୋରଣ ତିଆରି କରି ମଙ୍ଗଳାଙ୍କ ମୂର୍ତ୍ତି ବସାଇ ପୂଜାର୍ଚ୍ଚନା କରିଥାନ୍ତି।

# ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା



କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

ସାକ୍ଷୀଗୋପାଳ,୧୦।୮ (ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନହଲା ଗ୍ରାମରେ ମା' ଦକ୍ଷିଣକାଳୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ୟୁନିଟ୍ ୯ ଜୟଦେବ ଓଡ଼ିଶା ସତ୍ୟବାଦୀ, ଏସ୍ଏନ୍ ଡେଲାଙ୍ଗ, ପିପିଲି, ନୀଳାଚଳ ପୁରୀ, କଳିଙ୍ଗ ଷ୍ଟାଡ଼ିୟମ ଭୁବନେଶ୍ୱର, ଲଙ୍କେଶ୍ୱରୀ ବଳଙ୍ଗା, ରାଧାକାନ୍ତ ଡେଲାଙ୍ଗ, ନୀତା ଏକାଡେମୀ ପୁରୀ, ମଦନପୁର ଖୋର୍ଦ୍ଧା, ନିମାପଡ଼ା ଓ ବାରଙ୍ଗ ଦଳ ଭଳି ୧୨ଟି ଦଳକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ପ୍ୟାରୀ ଶଙ୍କର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୟୁନିଟ୍-୯ ଭୁବନେଶ୍ୱର, ଜୟଦେବ ଓଡ଼ିଶା ଚାମ୍ପିଅନ ହୋଇଥିବା ବେଳେ ନୀତା ଏକାଡେମୀ ପୁରୀ ରନର୍ସ ଅପ୍ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ବେହେରା, ସତ୍ୟବାଦୀ ଥାନା ପୋଲିସ ଅଫିସର୍ ସଂଗ୍ରାମ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସୁଚିତ୍ର ସାର୍, ରାମ ସାର୍, ଅଭିମନ୍ୟୁ, ଦେବ, କାହ୍ନୁ, ତ୍ରିନାଥ, ଚନ୍ଦନ ପ୍ରମୁଖ କର୍ମକର୍ତ୍ତାମାନେ ଖେଳ ପରିଚାଳନା କରିଥିଲେ। ଶେଷରେ ରମାବଲ୍ଲଭ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଟୁରିଷ୍ଟ ବସ୍ ଧକ୍କାରେ ଟ୍ରାକ୍ଟର ଚାଳକଙ୍କ ମୃତ୍ୟୁ

ନିମାପଡ଼ା,୧୦।୮ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

**ଦୁର୍ଘଟଣା ଘଟାଇ ବସ୍ ଚାଳକ ଫେରାର**

ନିମାପଡ଼ା-ପିପିଲି ରାସ୍ତାର ତଳଅଣ୍ଟିଆ ପଦ୍ମାବତୀ କଲ୍ୟାଣମଣ୍ଡପ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଟୁରିଷ୍ଟ ବସ୍ ଧକ୍କାରେ ଜଣେ ଟ୍ରାକ୍ଟର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଟ୍ରାକ୍ଟର ଚାଳକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଦିପିରେଣ୍ଟା ଗ୍ରାମର ସୁଶାନ୍ତ ଭୋଇ (୪୨)। ଦୁର୍ଘଟଣା ଘଟାଇ ଟୁରିଷ୍ଟ ବସ୍ ଚାଳକ ଗାଡ଼ି ଛାଡି ଘଟଣାସ୍ଥଳରୁ ଫେରାର୍ ହୋଇଛି।

ସୂଚନାଯୋଗ୍ୟ, ଟ୍ରାକ୍ଟରଟି ତଳଅଣ୍ଟିଆ ଆଡୁ ନିମାପଡ଼ା ଯାଉଥିବା ବେଳେ ପିପିଲି ପଟୁ କୋଣାର୍କ ଅଭିମୁଖେ ଯାଉଥିବା ଟୁରିଷ୍ଟ ବସ୍‌ଟି ପଛପଟୁ ଆସି ଟ୍ରାକ୍ଟରକୁ ଧକ୍କା ଦେବାରୁ ଟ୍ରାକ୍ଟର ଚାଳକ ଛିଟିକି ପଡ଼ିଥିଲା। ସ୍ଥାନୀୟ ଲୋକେ ଆହତ ଟ୍ରାକ୍ଟର ଚାଳକଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମେଡିକାଲ୍‌ରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ପୋଲିସ ମୃତଦେହକୁ ମେଡିକାଲ୍‌ରେ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ଏ ସମ୍ପର୍କରେ ମୃତ ଟ୍ରାକ୍ଟର ଚାଳକଙ୍କ ସ୍ତ୍ରୀ ରିଙ୍କି ଭୋଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନଂ. ୨୫୨/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଘଟଣାସ୍ଥଳରୁ ପୋଲିସ ବସ୍ ଓ ଟ୍ରାକ୍ଟରକୁ ଜବତ କରିଛି। ଟୁରିଷ୍ଟ ବସ୍‌ଟି ନେପାଳ କାଠମାଣ୍ଡୁ ଅଞ୍ଚଳର ବୋଲି ଜଣାପଡ଼ିଛି।

## ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ ପ୍ରତ୍ୟାହାର ପାଇଁ ଦାବିପତ୍ର

ପିପିଲି,୧୦।୮ (ଦୁର୍ଗା ମାଧବ ମିଶ୍ର)

ସରକାରଙ୍କ ପକ୍ଷରୁ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ୟୁନିଫାଏଡ ଅଟୋମେଶନ ସିଷ୍ଟମ (ୟୁଏଏସ୍) ପ୍ରଚଳନ ପାଇଁ ପ୍ରଶାସନିକ ଉଦ୍ୟମ ଆରମ୍ଭ ହୋଇଯାଇଛି। ଏହାକୁ ପ୍ରତ୍ୟାହାର ପାଇଁ ପିପିଲି ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପିପିଲି ବିଇଓ ପୀତବାସ ସେଠୀଙ୍କୁ ପ୍ରଦାନ କରାଯାଇଛି। ତାଙ୍କ ସହ ଏବିଇଓ ସାହେବ ପାତ୍ର ଉପସ୍ଥିତ ଥିଲେ। ଶିକ୍ଷକମାନଙ୍କୁ ମୋବାଇଲ୍ ଫୋନ ଏବଂ ଏଥିସହିତ ଆବଶ୍ୟକୀୟ ଡାଟା ପ୍ୟାକ୍ ଯୋଗାଇ ଦିଆ ନ ଯାଇ ଶିକ୍ଷକମାନଙ୍କ ବ୍ୟକ୍ତିଗତ ମୋବାଇଲ୍‌କୁ ଉକ୍ତ କାର୍ଯ୍ୟରେ ବ୍ୟବହାର କରାଯିବାକୁ ଶିକ୍ଷକମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଭିତ୍ତିଭୂମି ପ୍ରସ୍ତୁତି ଯଥା- ଆବଶ୍ୟକୀୟ କିରାଣି, ଏହି କାର୍ଯ୍ୟ ସମ୍ପାଦନ ପାଇଁ ମୋବାଇଲ ଡାଟା ଦେୟର କୌଣସି ବ୍ୟବସ୍ଥା ନାହିଁ। ଉକ୍ତ ବ୍ୟବସ୍ଥା ପ୍ରଚଳିତ ହେଲେ ଶ୍ରେଣୀ ଶିକ୍ଷକ ଓ ପ୍ରଧାନଶିକ୍ଷକମାନେ ଦିନତମାମ ଉକ୍ତ କାର୍ଯ୍ୟରେ ନିୟୋଜନ ରହିବେ। ତେଣୁ ଶିକ୍ଷାଦାନ ବାଧାପ୍ରାପ୍ତ ହେବ। ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ପାଦକ ଲକ୍ଷ୍ମୀଧର ସାହୁ, ସଭାପତି ଜୟପ୍ରକାଶ ପ୍ରଧାନ, ରାଜ୍ୟ ସଂଘ ମହାସଚିବ ବିକ୍ରମ ରଥ, ସୁକାନ୍ତ ନାୟକ, କୃଷ୍ଣଚନ୍ଦ୍ର ସାହୁ, ଗୋପାଳ ମଲ୍ଲିକ, ଜିତେନ୍ଦ୍ର କୁମାର ନାୟକ, ଚିନ୍ତାମଣି ଓଝା, ବିଚ୍ଛନ୍ଦ ମହାପାତ୍ର, ଗଗନ ପାଣିଗ୍ରାହୀ, ନିରଞ୍ଜନ ବଡ଼େଇ, ଅଶୋକ ପରିଡ଼ା, ନୁଜାମୁଲ ହୁଦା, ସରୋଜ ମାହୁନ୍ତ, ହରିଶ୍ଚନ୍ଦ୍ର ପତି, ଗୌରାଙ୍ଗ ସାହୁ, ଶ୍ରୀଧର ସାହୁ, ନଗେନ ସେଠୀ ଓ ଦିଲ୍ଲୀପ ରଥ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ବଜ୍ରପାତରୁ ରକ୍ଷା ପାଇଁ ୧ହଜାର ତାଳଚାରା ରୋପଣ

କଣାସ,୧୦।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ସିରେଇ ପଞ୍ଚାୟତର ଦେଠିଆପଡ଼ା ଗ୍ରାମରେ ପ୍ରତିଷ୍ଠିତ ଦେଠିଆପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ 'ଆସ ଲଗାଇବା ତାଳଗଛ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବଜ୍ରପାତଜନିତ କ୍ଷୟକ୍ଷତିକୁ କମ୍ କରିବା ପାଇଁ କମିଟି ତରଫରୁ ବିଦ୍ୟାଳୟ ନିକଟ ଲୁଣାନଦୀ ବନ୍ଧରେ ଦୁଇପାର୍ଶ୍ୱରେ ତିପୁରୀ କଳଘାଇ ଛକଠାରୁ ଜଂଘାର ଛକ ପର୍ଯ୍ୟନ୍ତ ପ୍ରାୟ ୩ କି.ମି. ରାସ୍ତାର ଦୁଇପାର୍ଶ୍ୱରେ ୧ହଜାର ତାଳଚାରା ରୋପଣ କରାଯାଇଛି। ତାଳଗଛ କମ୍‌ଥିବାରୁ ବଜ୍ରପାତ ଘଟୁଛି, ସରକାରଙ୍କ ପକ୍ଷରୁ ସୂଚନା ଦିଆଯିବା ପରେ ଏହି କ୍ଷୟକ୍ଷତିକୁ କିପରି କମାଯାଇପାରିବ, ସେଥିପାଇଁ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିବେଶବିତ୍ ଅପର୍ତ୍ତି ମହାପାତ୍ର, ପ୍ରଧାନଶିକ୍ଷକ ସୁରେନ୍ଦ୍ର ମହାପାତ୍ର, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଭାପତି ଶରତ କୁମାର ମହାପାତ୍ର, କମିଟିର ସମସ୍ତ ସଭ୍ୟାସଭ୍ୟ, ସ୍ୱେଚ୍ଛାସେବୀ ଅକ୍ଷୟ କୁମାର ବିଶ୍ୱାଳ ଯୋଗ ଦେଇଥିଲେ।




ତାଳଚାରା ରୋପଣ କରାଯାଉଛି।

# ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ସବୁ ଥାନା ଘେରିବ କଂଗ୍ରେସ

ନିମାପଡ଼ା,୧୦।୮ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ଓଡ଼ିଶାରେ ବହୁଚର୍ଚ୍ଚିତ ବଳଙ୍ଗା ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିଲେ ରାଜ୍ୟର ସବୁ ଥାନା ଘେରାଉ କରିବ କଂଗ୍ରେସ। ଓଡ଼ିଶାରେ ଛାତ୍ରୀ ଓ ମହିଳା ମୃତ୍ୟୁ, ନାରୀ ପ୍ରତି ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାରକୁ କଂଗ୍ରେସ ଦଳ ଆଦୌ ବରଦାସ୍ତ କରିବ ନାହିଁ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ନିମାପଡ଼ାଠାରେ ଆୟୋଜିତ ନାରୀ ନ୍ୟାୟ ସମାବେଶ ଓ ପଦଯାତ୍ରା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏ କଥା କହିଛନ୍ତି। ବଳଙ୍ଗା ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ, ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବା, ନାରୀମାନଙ୍କୁ ସୁରକ୍ଷା ଦେବା ଦାବି ନେଇ ନିମାପଡ଼ା ଗୋପ କଂଗ୍ରେସ ପକ୍ଷରୁ ନାରୀ ନ୍ୟାୟ ସମାବେଶ ଓ ପଦଯାତ୍ରା ନିମାପଡ଼ା ଦୁର୍ଗାମଣ୍ଡପ ପଡ଼ିଆଠାରେ ଅନୁଷ୍ଠିତ ହୋଇଥିଲା। ସମାରୋହରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରସାଦ




ସଭାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସମେତ ଅନ୍ୟ ନେତାମାନେ।

ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ବିଶିଷ୍ଟ ଶ୍ରମିକ ନେତା ତଥା ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ପିସିସି ସେବା ଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ପିସିସି ଉପସଭାପତି ସସ୍ମିତା ବେହେରା, ଜିଲ୍ଲା କଂଗ୍ରେସ ସଭାପତି ରାଜେଶ ମିଶ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଶାସନର ତରାଜୁ ନାରୀମାନଙ୍କ ହାତକୁ ଯିବା ଆବଶ୍ୟକ ବୋଲି ଉପସ୍ଥିତ ନେତୃବୃନ୍ଦମାନେ ଆହ୍ୱାନ ଦେଇଥିଲେ। ଆୟୋଜିତ ନାରୀ ନ୍ୟାୟ ସମାବେଶ ଓ ପଦଯାତ୍ରାରେ ନିମାପଡ଼ା, ଗୋପ, କୋଣାର୍କ, ବଳଙ୍ଗା, କାକଟପୁର ଆଦି ଅଞ୍ଚଳର ଶତାଧିକ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ବଳଙ୍ଗା ବାୟାବରଠାରୁ ଶତାଧିକ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କର ନାରୀ ନ୍ୟାୟ ପଦଯାତ୍ରା ଦୀର୍ଘ ୧୫ କି.ମି. ଧରି ନିମାପଡ଼ା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ନିମାପଡ଼ା ବ୍ଲକ କଂଗ୍ରେସ ସଂଯୋଜକ କାଳନ୍ଦୀ ବାରିକ, ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ମଲ୍ଲିକ, ପପୁନି ବସ୍ତିଆ, ମନୋଜ ସାହୁ, ଭାସ୍କର ସେଠୀ, ବିପିନ ବେହେରା, ଦେବେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ନେତୃବୃନ୍ଦ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଦୀପନିଆଁରେ ଜଳିଯାଇ ମହିଳା ମୃତ

ଜଟଣୀ,୧୦।୮ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ରଥିପୁର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ପୋଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ରୀନା ପ୍ରଧାନ (୫୨)। ସୂଚନା ଅନୁଯାୟୀ, ସକାଳେ ରୀନା ପୂଜା କରୁଥିଲେ। ଏହି ସମୟରେ କୌଣସି କାରଣରୁ ସେ ପିନ୍ଧିଥିବା ଲୁଗାରେ ଦୀପରୁ ନିଆଁ ଲାଗିଯାଇଥିଲା। ଫଳରେ ରୀନାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିଲା। ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। କିଛିମାସ ପୂର୍ବରୁ ରୀନା ନିଜ ପୁଅଙ୍କୁ ହରାଇ ମାନସିକ ସ୍ତରରେ ଭାଙ୍ଗିପଡ଼ିଥିଲେ ବୋଲି ଶୁଣିବାକୁ ମିଳିଛି। ତେବେ ପ୍ରକୃତ ପକ୍ଷେ ତାଙ୍କର କେଉଁ କାରଣରୁ ମୃତ୍ୟୁ ଘଟିଲା, ତାହା ଅସ୍ପଷ୍ଟ ରହିଛି। ଘଟଣାସ୍ଥଳରେ ଜଟଣୀ ପୋଲିସ୍ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ. ୩୦/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

### ସୈନିକଙ୍କ ପାଇଁ ଖୋଲିଲା ଆଇନ ସହାୟତା କେନ୍ଦ୍ର

କଟକ,୧୦।୮ (କାର୍ତ୍ତିକ ସାହୁ)

କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନ ସହାୟତା କେନ୍ଦ୍ର ବକ୍ସିବଜାରସ୍ଥିତ ଜିଲା ସୈନିକ ବୋର୍ଡ ପରିସରରେ ଆରମ୍ଭ ହୋଇଛି। କଟକ ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ଦାୟିତ୍ୱରେ ଥିବା ରାଜ କିଶୋର ମହାପାତ୍ର ଆଇନ ସହାୟତା କେନ୍ଦ୍ରକୁ ରବିବାର ଉଦ୍‌ଘାଟନ କରିଛନ୍ତି। ଆମ ଦେଶକୁ ସୁରକ୍ଷା ଦେଉଥିବା ସୈନିକ ଏବଂ ସେମାନଙ୍କ ପରିବାରକୁ ଆଇନ ସହାୟତା ଦେବାରେ ଏହି ସହାୟତା କେନ୍ଦ୍ର ସହାୟକ ହେବ ବୋଲି ଅଧକ୍ଷ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ଏହି ଉଦଘାଟନ ଉତ୍ସବରେ ସୈନିକ ବୋର୍ଡର ଲେଫନାଣ୍ଟ ବି.ଏନ. ପାତ୍ର ଯୋଗଦେବା ସହ ଅନ୍ୟାନ୍ୟ କର୍ମଚାରୀ, ପ୍ୟାନେଲ ଆଇନଜୀବୀ, ପି. ଏଲ. ଭି. ଓ ପ୍ରାଧିକରଣର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦୁର୍ଘଟଣାରେ ଯୁବକ ମୃତ

ନିରାକାରପୁର,୧୦।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

୧୬ ନମ୍ବର ଜାତୀୟ ରାଜପଥର ରାମେଶ୍ୱର ଛକ ଓଭରବ୍ରିଜ ଉପରେ ରବିବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଖଲ୍ଲିକୋଟ ଅଞ୍ଚଳର ଜୀବନଜ୍ୟୋତି ସାହୁ। ସୂଚନା ଅନୁଯାୟୀ, ଜୀବନଜ୍ୟୋତି ଭୁବନେଶ୍ୱରରେ ଥିବା ତାଙ୍କ ବନ୍ଧୁଙ୍କ ଘରୁ ଏକ ପଲ୍‌ସର ବାଇକ (ନଂ. ଓଡି-୩୩ଏମ୍-୪୦୪୬) ଯୋଗେ ନିଜ ଘର ଖଲ୍ଲିକୋଟକୁ ଫେରୁଥିଲେ। କୌଣସି କାରଣରୁ ରାମେଶ୍ୱର ଛକ ଓଭରବ୍ରିଜ ଉପରେ ସେ ଦୁର୍ଘଟଣାର ଶିକାର ହୋଇଥିଲେ।

# ଓଡ଼ିଶା ସଚେତନ, ସାହସୀ ଯୁବପିଢ଼ି ପାଇଁ ଗର୍ବିତ

## ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଯୁବ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୮ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ନିଜର ସଚେତନ, ପ୍ରତିବଦ୍ଧ ଏବଂ ସାହସୀ ଯୁବପିଢ଼ି ପାଇଁ ଗର୍ବିତ। ବିଶ୍ୱକୁ ଦେଖଣାହାରିଙ୍କର ଆବଶ୍ୟକତା ନାହିଁ, ଯୁବ ନେତୃତ୍ୱ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳଠାରେ ରବିବାର ଆରମ୍ଭ ହୋଇଥିବା ୩ଦିନିଆ ଓଡ଼ିଶା ଯୁବ ସମ୍ମିଳନୀ (ଓଡ଼ିଶା କନ୍‌ଫରେନ୍ସ ଅଫ୍ ୟୁଥ୍)କୁ ଉଦ୍‌ଘାଟନ କରି ରାଜ୍ୟପାଳ ଡ. କମ୍ଭମପାଟି ଯୁବପିଢ଼ିଙ୍କୁ ଆହ୍ୱାନ ଦେଇ କହିଲେ, ଆପଣମାନେ ପରମ୍ପରା ସହିତ ଏକ ନବସୃଜନର ନେତୃତ୍ୱ ନେବାକୁ ପ୍ରସ୍ତୁତ। ଆପଣଙ୍କର ଜଳବାୟୁ କାର୍ଯ୍ୟ କେବଳ ସକ୍ରିୟତା ନୁହେଁ – ଏହା ଦେଶପ୍ରେମ। ଏହି ମୁହୂର୍ତ୍ତଟି ଯୁବବର୍ଗଙ୍କର ହେଉ ବୋଲି ରାଜ୍ୟପାଳ କହିଛନ୍ତି। ୟୁନିସେଫ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ୱିଲିୟମ ହାନ୍‌ଲନ୍ (ଜୁନିୟର) ଯୋଗଦେଇ ଜଳବାୟୁ କାର୍ଯ୍ୟରେ ଯୁବପିଢ଼ିଙ୍କ ସମ୍ପୃକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ୟୁନିସେଫ୍‌ରେ ଆମେ ବିଶ୍ୱାସ କରୁ ଯେ ଯୁବପିଢ଼ି ପରିବର୍ତ୍ତନର ନିଷ୍କ୍ରିୟ ଗ୍ରହଣକାରୀ ନୁହନ୍ତି, ସେମାନେ ଏହାର ସକ୍ରିୟ ବାହକ।

ୟୁନିସେଫ୍ ଓ ୫୦ରୁ ଊର୍ଦ୍ଧ୍ୱ ସଙ୍ଗଠନ ସହଭାଗିତାରେ ଏହି ଯୁବ ସମ୍ମିଳନୀର ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶା ଓ ବାହାରୁ ୮୦୦ରୁ ଅଧିକ ଯୁବ ପରିବର୍ତ୍ତନକାରୀ, ଜଳବାୟୁ ପ୍ରବକ୍ତା ଏବଂ ବିଶେଷଜ୍ଞ ଯୋଗଦେଇଛନ୍ତି। ଯୁବପିଢ଼ିଙ୍କୁ ଜଳବାୟୁ କାର୍ଯ୍ୟର ନେତୃତ୍ୱ ନେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ପ୍ରଦାନ କରୁଥିବା ଏହି ସମ୍ମିଳନୀରେ ସ୍ପନ୍ଦନଶୀଳ ସାଂସ୍କୃତିକ ପ୍ରଦର୍ଶନ, ଜଳବାୟୁ ଶିକ୍ଷା ଏବଂ ସବୁଜ ଉଦ୍ୟୋଗ ବିଷୟବସ୍ତୁ ଉପରେ ଅଧିବେଶନ ଏବଂ ଯୁବ-ନେତୃତ୍ୱାଧୀନ ନବସୃଜନକୁ ନେଇ ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଏଥିସହ ଯୁବ ସଂସଦ ଓ ସହଯୋଗୀ କର୍ମଶାଳାରେ ଯୁବ ନେତୃତ୍ୱମାନେ ସେମାନଙ୍କ ଅନୁଭୂତି ଓ କାହାଣୀ ଉପସ୍ଥାପନ କରିବେ। ଜଳବାୟୁ କାର୍ଯ୍ୟ ଉପରେ ଏକ ଯୁବ ବିବୃତି ପ୍ରସ୍ତୁତ ହେବ। ଏହି ଘୋଷଣାପତ୍ରରେ ବ୍ରାଜିଲରେ ହେବାକୁ ଥିବା ସମ୍ମିଳନୀରେ ଜାତୀୟ ଏବଂ ବିଶ୍ୱସ୍ତରୀୟ ଅଂଶୀଦାରଙ୍କ ନିକଟରେ ଓଡ଼ିଶାର ଯୁବପିଢ଼ିଙ୍କ ଆକାଂକ୍ଷା ଏବଂ ନୀତିଗତ ସୁପାରିସ ଉପସ୍ଥାପନ କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇଏଫ୍‌ଏସ୍ ଅଧିକାରୀ ତଥା ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ଓ ନିର୍ଦ୍ଦେଶକ (ପରିବେଶ) କେ.ଏସ. ପ୍ରଦୀପ, ପରିବେଶବିତ୍ ଅରୁଣ କୃଷ୍ଣମୂର୍ତ୍ତି, ବିଶ୍ୱ ଯୁବ ଜଳବାୟୁ ପ୍ରବକ୍ତା ଜୋହାନ ହୋସଟିଆଲେକ, ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ଅଧକ୍ଷ ଡକ୍ଟର ବିଶ୍ୱଜିତ ପଟ୍ଟନାୟକ, ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର, ଏବଂ ୟୁଥ୪ୱାଟର ପ୍ଲସ୍‌ର ନିର୍ଦ୍ଦେଶକ ବ୍ଲୋରିନ ମହାନ୍ତି ଯୋଗଦେଇଥିଲେ।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓଡ଼ିଶା ଯୁବ ସମ୍ମିଳନୀକୁ ଉଦ୍‌ଘାଟନ କରୁଛନ୍ତି।

# ଜନ୍ମଦିନରେ ରୋଗୀଙ୍କୁ ଫଳ ବାଣ୍ଟିଲେ, ଚାରା ଲଗାଇଲେ



ବିଧାୟକ ବାବୁ ସିଂଙ୍କ ସହ ଅନ୍ୟମାନେ ସୁରେଶ ଚନ୍ଦ୍ର ରାଉତରାୟଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

## ସୁରେଶ ଚନ୍ଦ୍ର ରାଉତରାୟଙ୍କୁ ଶୁଭେଚ୍ଛା ଜଣାଇଲେ ନେତା, ମନ୍ତ୍ରୀ

ପୁରୁଣା ଭୁବନେଶ୍ୱର, ୧୦।୮ (ସୁବାସ ଚନ୍ଦ୍ର ପ୍ରଧାନ)

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ ଚନ୍ଦ୍ର ରାଉତରାୟ(ସୁର)ଙ୍କ ରବିବାର ୭୨ତମ ଜନ୍ମବାର୍ଷିକୀ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ବହୁ ନେତା ଓ ମନ୍ତ୍ରୀ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ମାଉସୀ ମା ଛକସ୍ଥିତ ତାଙ୍କ ବାସଭବନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜଟଣୀର ୪ଟି ହସ୍ପିଟାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ ଏବଂ ଚାରାରୋପଣ କରାଯାଇଥିଲା। ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ। କେଦାରଗୌରୀ କ୍ଲବରେ କ୍ଲବ ସଦସ୍ୟ ଗୌରୀଶଙ୍କର ଶତପଥୀ, ବାସୁଦେବ ସମର୍ଥା, ଦେବଜ୍ୟୋତି ସାମନ୍ତରାୟ ଏବଂ ଶିବ ସାହୁଙ୍କ ଗହଣରେ ସୁର ଭାଇ ଜନ୍ମଦିନର କେକ୍ କାଟିଥିଲେ। ଏକାମ୍ର ସୁରପ୍ରେମୀ ଅନୁଷ୍ଠାନ ଏବଂ ଆଞ୍ଚଳିକ ବିକାଶ ପରିଷଦର ମିଳିତ ସହଯୋଗରେ ସାମନ୍ତରାପୁରସ୍ଥିତ ମା' ଭୁଆଶୁଣୀ ମନ୍ଦିର ନିକଟରେ ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରାଯାଇଥିଲା। ଏଥିରେ ସାମନ୍ତରାପୁର, ଶିଶୁପାଳଗଡ, ନୂଆଗାଁ, ଇଟିପୁର ଆଦି ୭ଟି ସ୍କୁଲର ମାଟ୍ରିକ୍ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଏବଂ ଉପୋଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା। ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ମୃତିରଞ୍ଜନ ମୁଦୁଲି, ସାଇ ଶୁଭମ ପୃଷ୍ଟି, ଶୁଭଲକ୍ଷ୍ମୀ ବେହେରା, ମେଘନା ତ୍ରିପାଠୀ, ସୌମ୍ୟରଞ୍ଜନ ପ୍ରଧାନ, ସୁହାନି ଓଝା ଏବଂ ଦେବରାଜ ଭୋଇ ପ୍ରମୁଖ ସମ୍ମାନିତ ହୋଇଛନ୍ତି। ସେହିଭଳି ଅଞ୍ଚଳର ବିଭିନ୍ନ ସ୍କୁଲରୁ ଜୁନିୟର ଏବଂ ସିନିୟର୍ ବର୍ଗରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନରେ ୮ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଆୟୋଜକ ପରିଷଦର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଅରୁଣ ପୁରୋହିତ, ଉପସଭାପତି ଅକ୍ଷୟ କୁମାର ସ୍ୱାଇଁ, ଚିନ୍ମୟ ବଡଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭୁବନେଶ୍ୱର ମେ ଫେୟାର ହୋଟେଲରେ ରବିବାର ଅନୁଷ୍ଠିତ ଉଦ୍ୟୋଗପତିଙ୍କ ସମ୍ମେଳନ 'ଟାଇକନ୍-୨୦୨୫'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟରେ ଅଧିକରୁ ଅଧିକ ପୁଞ୍ଜିନିବେଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଉପସ୍ଥିତ ମନ୍ତ୍ରୀ ଏବଂ ଅଧିକାରୀବୃନ୍ଦ।

# ହସ୍ତଶିଳ୍ପ ଷ୍ଟଲରେ ଗ୍ରାହକଙ୍କ ଭିଡ଼

## ପ୍ରତି କ୍ରୟ ଉପରେ ଆକର୍ଷଣୀୟ ରିହାତି ଅଫର

ଭୁବନେଶ୍ୱର,୧୦।୮

ଭୁବନେଶ୍ୱର ୟୁନିଟ-୩ ପ୍ରଦର୍ଶନୀ ପଡିଆରେ ଚାଲିଥିବା ରାଜସ୍ଥାନ କଟନ ଫାବରେ ଗ୍ରାହକ ଭିଡ ବୃଦ୍ଧି ପାଉଥିବାରୁ ବ୍ୟବସାୟ/କାରବାର ଉତ୍ସାହଜନକ ରହିଛି। ମେଳା ପରିସରରେ ଥିବା ହସ୍ତଶିଳ୍ପ ଷ୍ଟଲରେ ଗ୍ରାହକଙ୍କ ଭିଡ ସର୍ବାଧିକ ରହୁଥିଲାବେଳେ ହ୍ୟାଣ୍ଡଲୁମ, ହ୍ୟାଣ୍ଡିକ୍ରାଫ୍ଟ ଓ କଟନ ଉତ୍ପାଦର ନିଆରା ଆକର୍ଷଣ ଗ୍ରାହକଙ୍କୁ ଟାଣିନେଉଛି। ପାଗ ଭଲ ରହୁଥିବାବେଳେ ଗ୍ରାହକଙ୍କ ଚାହିଦା ମୁତାବକ ସାମଗ୍ରୀର ଉପଲବ୍ଧତା ସବୁବର୍ଗର ଉପଭୋକ୍ତାଙ୍କୁ ବେଶ ଆକୃଷ୍ଟ କରୁଥିଲାବେଳେ ଆକର୍ଷଣୀୟ ରିହାତି ଅଫର କାରବାରକୁ ଦ୍ୱିଗୁଣିତ କରି ଦେଉଛି ବୋଲି ମେଳା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ମେଳା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଶେଷ ପର୍ଯ୍ୟନ୍ତ ପ୍ରତି କ୍ରୟ ଉପରେ ଆକର୍ଷଣୀୟ ୨୦% ସ୍ୱତନ୍ତ୍ର ରିହାତି ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। କାରବାର ସମୟରେ ସମସ୍ତ ବ୍ୟାଙ୍କର ଡେବିଟ ଓ କ୍ରେଡିଟ କାର୍ଡର ବ୍ୟବହାର ସହ ଗ୍ରହଣ କରାଯାଉଛି। ମେଳାରେ ସର୍ବଭାରତୀୟସ୍ତରର ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରୟ କରୁଛନ୍ତି। ୨୦ଟି ରାଜ୍ୟର ପ୍ରମୁଖ ଉତ୍ପାଦ ସମ୍ବଲପୁରୀଠାରୁ ଇକତ ଏବଂ ଜାମଦାନୀଠାରୁ ଆରମ୍ଭ କରି ବନାରସୀ ପର୍ଯ୍ୟନ୍ତ ପ୍ରିମିୟମ ବର୍ଗର ପୋଷାକ ଉଭୟ ବିକ୍ରୟ ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ ରହିଛି। ଏଥିରେ ଓଡିଶା ସମେତ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣାଟକ, ତେଲଙ୍ଗାନା, ଆସାମ ଓ ପୁଡୁଚେରୀ ଭଳି ବଜାରର ପ୍ରିମିୟମ ପୋଷାକ ଓ ପ୍ରମୁଖ ବ୍ୟବସାୟୀମାନେ ସାମିଲ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନ କଟନ ଫାବରେ ମୋଟ ୨୦୦ଟି ଷ୍ଟଲ ପଡିଥିଲାବେଳେ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ସାମଗ୍ରୀ ପାଇଁ ସ୍ୱତନ୍ତ୍ର ଷ୍ଟଲ କରାଯାଇଛି। ଏହି ମେଳା ପୂର୍ବାହ୍ନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିଥିଲାବେଳେ ମେଳା ପରିସରରେ ମାଗଣା ପାର୍କିଂର ସୁବିଧା ରହିଛି।



ମେଳାର ଏକ ହସ୍ତଶିଳ୍ପ ଷ୍ଟଲ୍‌ରେ ଲୋକେ କିଣାକିଣି କରୁଛନ୍ତି।

# ରାଖୀ ବାନ୍ଧିଲେ ୨୦୦ ଦୃଷ୍ଟିହୀନ ପିଲା

ଭୁବନେଶ୍ୱର,୧୦।୮ (ସୌମ୍ୟରଞ୍ଜନ ରାଉତ)

ହାପି ଫର୍ ଅଲ୍ ପକ୍ଷରୁ ଶନିବାର ସତ୍ୟନଗରସ୍ଥିତ ବ୍ଲାଇଣ୍ଡ୍ ଆସୋସିଏଶନ ପରିସରରେ ୨୦୦ ଦୃଷ୍ଟିହୀନ ପିଲାଙ୍କୁ ନେଇ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ସମସ୍ତ କୁନି ଦୃଷ୍ଟିହୀନ ପିଲାଙ୍କ ହାତରେ ରାଖୀ ବାନ୍ଧି ମିଠା ଖୁଆଇ ସେମାନଙ୍କ ମୁହଁରେ ହସ ଫୁଟାଇଥିଲେ। ପୁରୀ ମୁକ୍ତି ମଣ୍ଡପର ପଣ୍ଡିତ ଜଗନ୍ନାଥ ଦାଶ ପିଲାମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପରେ ଦୃଷ୍ଟିହୀନ ପିଲାମାନେ ଭଜନ ସଙ୍ଗୀତ ପରିବେଷଣ କରି ଅତିଥି ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଶେଷରେ ସେମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ପୁରସ୍କାର ବଣ୍ଟନ କରାଯାଇଥିଲା। ଅତିଥି ଭାବେ ସିୱାଇଏସ୍‌ଡିର ପ୍ରତିଷ୍ଠାତା ଜଗଦାନନ୍ଦ, ଅନୁଷ୍ଠାନ ସଭାପତି ବିଶ୍ୱଜିତ୍ ରଣା, ଶିଶୁରୋଗ ବିଶେଷଜ୍ଞ ଡ. ଅରବିନ୍ଦ ମହାନ୍ତି, ସତ୍‌ସଙ୍ଗ ବିହାର ଓଡ଼ିଶାର ମୁଖ୍ୟ ଅଭୟ କୁମାର ପରିଡ଼ା, ବ୍ଲାଇଣ୍ଡ ସ୍କୁଲର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ।



ଦୃଷ୍ଟିହୀନ ପିଲାଙ୍କ ହାତରେ ରାଖୀ ବନ୍ଧାଯାଉଛି।

# ଆସୁଛି ୨ ଲଘୁଚାପ

## ୧୨ରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୧୦।୮ (ଅନୁରାଧା ମହାରଣା)

ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଥିବାବେଳେ ଦିନରେ ଖରା, ଗୁଳୁଗୁଳି ଅନୁଭୂତ ହେଉଛି। ତେବେ ଆଗକୁ ୨ଟି ଲଘୁଚାପ ହେବାର ଥିବାରୁ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଆସନ୍ତା ୧୨ ତାରିଖରେ ଏକ ଲଘୁଚାପ କ୍ଷେତ୍ର ଦକ୍ଷିଣ ଓଡ଼ିଶା ତଥା ଏହାର ସଂଲଗ୍ନ ଅଞ୍ଚଳରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ସେହିପରି ୧୯ ତାରିଖ ବେଳକୁ ଆଉ ଏକ ଲଘୁଚାପ ଓଡ଼ିଶା ଉପକୂଳ ନିକଟରେ ସୃଷ୍ଟି ହୋଇପାରେ। ଏହି ଦୁଇ ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବ। ତେବେ ସୋମବାର ୧୧ ତାରିଖ ସାରା ରାଜ୍ୟକୁ ୟେଲୋ ୱାର୍ନିଂ ରହିଥିବାବେଳେ ୧୨ ତାରିଖରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିପାରେ। ୧୩ ତାରିଖ ବେଳକୁ ପବନର ବେଗ ଅଧିକ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ଏହି ସମୟରେ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାର ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲାରେ ଅତି ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୦ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଏହି ଜିଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ସୁନ୍ଦରଗଡ଼, କେନ୍ଦୁଝର. ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ ରହିଛି। ଏସବୁ ଜିଲାରେ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି।

# ଭୁବନେଶ୍ୱରରେ ନବବଧୂ ହତ୍ୟା ଅଭିଯୋଗ

## ଅଭିଯୁକ୍ତ ସ୍ୱାମୀ ଗିରଫ

- ପୂର୍ବରୁ ହାତକାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ
- ରାଖୀ ବାନ୍ଧିବାକୁ ଘରକୁ ଛାଡ଼ି ନ ଥିଲେ ଶାଶୁ

ଭୁବନେଶ୍ୱର,୧୦।୮ (ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧିରୁକୁଟି ବସ୍ତିରେ ଜଣେ ମହିଳାଙ୍କର ରବିବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ମହିଳା ଜଣକ ହେଲେ ତୃପ୍ତିମାଳା ନାୟକ (୨୨)। ତୃପ୍ତି ଲୁଗାରେ ଝୁଲି ଆତ୍ମହତ୍ୟା କରିଥିବା ଶାଶୁଘର ଲୋକ ପୋଲିସକୁ କହିଛନ୍ତି। ହେଲେ ବାପଘର ଲୋକ ଏହାକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ତୃପ୍ତିଙ୍କୁ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ବାପା ସୁବାସ ନାୟକ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ସୁବାସଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୪୬୮/୨୦୨୫) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ବିକ୍ରମ ନାୟକ (୨୪)ଙ୍କୁ ଗିରଫ କରିଛି। ବିକ୍ରମଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ବ୍ୟବଚ୍ଛେଦ ପରେ ତୃପ୍ତିଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଖଣ୍ଡପଡା ଅଞ୍ଚଳର ବିକ୍ରମ ଭୁବନେଶ୍ୱରର ଏକ ଘରୋଇ ବ୍ୟାଙ୍କରେ ପିଅନ ଭାବେ କାମ କରୁଛନ୍ତି। ସେ ତାଙ୍କ ବାପା ଓ ମା'ଙ୍କ ସହ ଦୀର୍ଘଦିନ ହେବ ଧିରୁକୁଟି ବସ୍ତିରେ ରହୁଛନ୍ତି। ବିକ୍ରମ ଫେବୃଆରୀ ମାସରେ ଅନ୍ଧାରୁଆ ଅଞ୍ଚଳରେ ବିବାହ କରିଥିଲେ। ତେବେ ବିଭିନ୍ନ କାରଣକୁ ନେଇ ସେମାନଙ୍କ ମଧ୍ୟରେ କଳି ଲାଗି ରହୁଥିଲା। ଓଷାବ୍ରତରେ ବାପଘରୁ ଆସୁଥିବା ସାମଗ୍ରୀରେ ଶାଶୁଘର ଲୋକ ଅସନ୍ତୁଷ୍ଟ ହୋଇ ତୃପ୍ତିଙ୍କୁ ଗାଳିମନ୍ଦ କରୁଥିଲେ। ଶନିବାର ରାତିରେ ଘରେ ପ୍ରବଳ ଝଗଡା ହୋଇଥିଲା ବୋଲି ସୂଚନା ମିଳିଛି। ତେବେ ପୋଲିସକୁ ବିକ୍ରମ ଦେଇଥିବା ବୟାନ ଅନୁଯାୟୀ, ସେ ଓ ସ୍ତ୍ରୀ ତୃପ୍ତି ଶନିବାର ରାତିରେ ଏକାଠି ରୁମ୍‌ରେ ଶୋଇଥିଲେ। ରବିବାର ସକାଳୁ ଉଠିବା ପରେ ରୁମ୍‌ର ଲୁହା ରେଲିଂରେ ଲୁଗା ଦ୍ୱାରା ତୃପ୍ତି ଝୁଲୁଥିବା ଦେଖିଥିଲେ। ପରିବାର ଲୋକେ ତୁରନ୍ତ ତୃପ୍ତିଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏପଟେ ତୃପ୍ତିଙ୍କ ବଡ଼ଭାଇ ସୁଶାନ୍ତ କହିଛନ୍ତି, ଭଉଣୀଙ୍କୁ ତାଙ୍କ ଶାଶୁ ସବିତା ସବୁବେଳେ ମାନସିକ ନିର୍ଯାତନା ଦେଉଥିଲେ। ଏପରିକି ତୃପ୍ତିଙ୍କ ରଙ୍ଗକୁ ନେଇ ବିଭିନ୍ନ କଥା କହି ଶାଶୁ ନିନ୍ଦା କରୁଥିଲେ। ତୃପ୍ତି ରାଖୀ ବାନ୍ଧିବାକୁ ବାପଘରକୁ ଆସିବାକୁ ଚାହୁଁଥିବା ବେଳେ ପରିବାର ଲୋକେ ଛାଡି ନ ଥିଲେ। ଶାଶୁ ରୋକଠୋକ୍ ମନା କରିଦେଇଥିଲେ। ରବିବାର ଖୁଦୁରୁକୁଣି ଓଷାର ପ୍ରଥମ ପାଳି ଥିବାରୁ ଘରକୁ ତୃପ୍ତି ଆସିବାର ଥିଲା। ହେଲେ ଶାଶୁ ଘର ଲୋକେ ଏଥିପାଇଁ ଅନୁମତି ଦେଇ ନ ଥିଲେ। ଏଥିପାଇଁ ତୃପ୍ତି ମାନସିକ ଚିନ୍ତାରେ ଥିଲେ। ଏପରିକି ରବିବାର ସକାଳେ ଘରେ ପହଞ୍ଚିବି ବୋଲି ଶନିବାର ତୃପ୍ତି କହିଥିଲା। ହେଲେ ସକାଳେ ଭଉଣୀ ଆତ୍ମହତ୍ୟା କରିଥିବା ସ୍ୱାମୀ ବିକ୍ରମ କଲ୍ କରି ଜଣାଇଥିଲେ ବୋଲି ଭାଇ ସୁଶାନ୍ତ କହିଛନ୍ତି।



ସ୍ୱାମୀ ବିକ୍ରମ ନାୟକଙ୍କ ସହ ତୃପ୍ତିମାଳା।

**ସଂକ୍ଷେପରେ**

## ପାର୍ବଣ ଉପଲକ୍ଷେ ପ୍ରସ୍ତୁତି ବୈଠକ ସଫେଇ, ସଡକ ସୁରକ୍ଷା ଉପରେ ଗୁରୁତ୍ୱ

**ବାଙ୍କୀ,୧୦।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ବଣିକ ସଂଘର ବେଦପୁରସ୍ଥିତ ଷଷ୍ଠୀ ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ଦଶହରା ଓ କୁମାର ପୂର୍ଣ୍ଣିମା ପୂଜା ଉପଲକ୍ଷେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତ୍ୟେକ ପୂଜାକମିଟିରେ ପୋଲିସ ମୁତୟନ, ଏନ୍ଏସି ପକ୍ଷରୁ ସଫେଇ ଏବଂ ବିଭିନ୍ନ ଜନଗହଳିପୂର୍ଣ୍ଣ ଛକମାନଙ୍କରେ ସିସି କ୍ୟାମେରା ଲଗାଇବାର ବ୍ୟବସ୍ଥା ଏବଂ ସଡକ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବଣିକ ସଂଘ ପକ୍ଷରୁ ଏକ ୧୫ଜଣିଆ ଉପଦେଷ୍ଟା ମଣ୍ଡଳି କମିଟି ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଏଥିରେ ସଂଘ ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ସଂଘ ସମ୍ପାଦକ ଶ୍ରୀନିବାସ ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବାଙ୍କୀର ୩୨ଟି ପୂଜା କମିଟିର କର୍ମକର୍ତ୍ତାଙ୍କ ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିଲେ। ବୈଠକରେ ପୂଜାକମିଟିର କର୍ମକର୍ତ୍ତା କ୍ଷେତ୍ରବାସୀ ଦାସ, ସୀତାରାମ ମହାପାତ୍ର, ପ୍ରସନ୍ନମଣି ତ୍ରିପାଠୀ, ଧୀରେନ ତ୍ରିପାଠୀ, ନରେଶ ବେହେରା, ଟଙ୍କଧର ବେହେରା, ପପୁ ତ୍ରିପାଠୀ, ଖବରଦାତା କାହ୍ନୁ ବେହେରା, ବଳଦେବ ସାହୁ ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ବିଦ୍ୟାଳୟକୁ ଜୋତା ପିନ୍ଧି ଆସୁନାହାନ୍ତି ଛାତ୍ରୀଛାତ୍ର



**ବାଙ୍କୀ, ୧୦।୮(ଶୁଭେନ୍ଦୁ ମହାପାତ୍ର)**

ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ତରଫରୁ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ସମସ୍ତ ପିଲାମାନଙ୍କୁ ମାଗଣାରେ ଜୋତା ଏବଂ ୨ ହଳ ପୋଷାକ ଯୋଗାଇ ଦିଆଯାଉଛି। ଭଲ ବାତାବରଣରେ ପିଲାମାନେ ପାଠ ପଢ଼ିବା ହେଉଛି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ। ମାତ୍ର ଅନେକ ସମୟରେ ଛାତ୍ରୀଛାତ୍ର ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ଦେଖିବାକୁ ମିଳିଛି। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଅବା ସଚେତନ କରାଯାଉନାହିଁ। ଫଳରେ ଏସବୁର ଉପଯୋଗିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଟକ ଜିଲା ଡମପଡା ବ୍ଲକର ତାଳବସ୍ତ ପଞ୍ଚାୟତରେ ଏହାର ଉଦାହରଣ ଦେଖିବାକୁ ମିଳିଛି।

ଏହି ପଞ୍ଚାୟତରେ ୩ ଉଚ୍ଚ ବିଦ୍ୟାଳୟ, ୮ ପ୍ରାଥମିକ ବିଦ୍ୟାଳୟ ଥିଲେ ମଧ କୌଣସି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜୋତା ପିନ୍ଧୁନାହାନ୍ତି କେବଳ ସ୍କୁଲ ୟୁନିଫର୍ମ ପିନ୍ଧୁଛନ୍ତି। ଏହି ପଞ୍ଚାୟତର ବହୁ ଲୋକମାନେ ରାସ୍ତା କଡ଼ରେ ମଳତ୍ୟାଗ କରନ୍ତି। ଫଳରେ ଚପଲ ପିନ୍ଧା ପାଦରେ ରୋଗ ସଂକ୍ରମଣ ହେବାର ସମ୍ଭାବନା ରହିଛି। ଏନେଇ ଗାଁ କଲ୍ୟାଣ ସମିତି କି ଡାକ୍ତରଖାନା ତରଫରୁ କୌଣସି ସଚେତନ କରାଯାଉନାହିଁ। ଅପରପକ୍ଷେ ତାଳବସ୍ତ, ପଦନପୁର, ସାମନ୍ତରାପୁର ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ର କ'ଣ ପାଇଁ ଜୋତା ପିନ୍ଧୁ ନାହାନ୍ତି ବୋଲି ପ୍ରଧାନ ଶିକ୍ଷକଙ୍କୁ ପଚାରିଲେ ସେ ବିଷୟରେ କୌଣସି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଅଭିଭାବକମାନେବି ନିଜର ପିଲାମାନଙ୍କ ସ୍ୱାସ୍ଥ୍ୟପ୍ରତି ସଚେତନ ହେଉନାହାନ୍ତି। ଏବେ ତାଳବସ୍ତ ଅଞ୍ଚଳରେ ଡେଙ୍ଗୁ ଜ୍ୱର ଏବଂ ଝାଡ଼ାବାନ୍ତି ବ୍ୟାପି ଥିଲାବେଳେ ବିଭାଗୀୟ ସ୍ୱାସ୍ଥ୍ୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ସଚେତନତାମୂଳକ କାର୍ଯ୍ୟ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସାମାଜିକ କର୍ମୀମାନେ ପ୍ରକାଶ କରିଛନ୍ତି।

### ଏମାନେ କୁହନ୍ତି...

* ପ୍ରତିଦିନ ତିନୋଟି ଗାଁ ତାଳବସ୍ତ, ବିଲିପଡା ଏବଂ ଗୋଡିପଟଣା ଦେଇ ନିଜ କର୍ମ ସ୍ଥଳକୁ ଗଲାବେଳେ ପିଲାମାନଙ୍କୁ ବିନା ଜୋତାରେ ସ୍କୁଲ ଯିବାର ଦେଖେ। ରାସ୍ତା ପାର୍ଶ୍ୱ ଅପରିଷ୍କାର ହୋଇଥିବାରୁ ପିଲାମାନେ ଜୋତା ପରିଧାନ କରିବା ଆବଶ୍ୟକ।

**–ମମତା ଜେନା, ଅଧାପକ, ଅରପୁର**

* ଜଣେ ଅଭିଭାବକ ହିସାବରେ ପିଲାମାନଙ୍କୁ ସବୁବେଳେ ଜୋତା ସହ ବିଦ୍ୟାଳୟକୁ ସଫା ୟୁନିଫର୍ମ ପିନ୍ଧି ଆସିବାକୁ ପରାମର୍ଶ ଦିଏ। ଅଭିଭାବକମାନେ ଏଥିପ୍ରତି ସଚେତନ ରହିବା ଜରୁରୀ। ବିଦ୍ୟାଳୟର ଶିକ୍ଷକମାନଙ୍କୁ ଦୋଷ ଦେଲେ କିଛି ଲାଭ ନାହିଁ ।

**–ରଶ୍ମିତା କରଣ, ଅଭିଭାବକ, ପଦନପୁର, ତାଳବସ୍ତ**

* ଜୋତା ଏବଂ ୟୁନିଫର୍ମ ଜଣେ ବିଦ୍ୟାର୍ଥୀଙ୍କୁ ଉଭୟ ମାନସିକ ଏବଂ ଶାରୀରିକସ୍ତରରେ ସୁସ୍ଥତା ଦିଏ। ଏଥିସହ ପାଠପଢ଼ା ପ୍ରତି ଇଛା ଶକ୍ତି ଜାଗ୍ରତ କରାଏ। ଆମ ବିଦ୍ୟାଳୟ ପରିବେଶ ଭିତରେ ଏଥିପ୍ରତି ଆମେ ସଚେତନ ଅଛୁ। ମାତ୍ର କେତେଜଣ ଅଭିଭାବକ ଏଥିପ୍ରତି ସଚେତନ ରହୁନାହାନ୍ତି। ଜୋତା ପରିଧାନ ନ କଲେ ଘଟୁଥିବା ନକରାତ୍ମକ ବିଷୟରେ ଲୋକେ ଅବଗତ ହେବା ଜରୁରୀ। ଉଭୟ ଅଭିଭାବକ ଏବଂ ସ୍କୁଲ ଶିକ୍ଷକମାନେ ସଚେତନ ହୋଇ ପିଲାମାନଙ୍କୁ ପ୍ରତଦିନ ଜୋତା ପରିଧାନ କରି ବିଦ୍ୟାଳୟ ଆସିବାକୁ କହିବା ଆବଶ୍ୟକ।

**–କୃଷ୍ଣଚନ୍ଦ୍ର ବେଉରା, ପ୍ରଧାନ ଶିକ୍ଷକ, ଦୁଲାଣପୁର**

* ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ନିମନ୍ତେ ଓ ଶିକ୍ଷା ଲାଭ ବୃଦ୍ଧି ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କରିଛନ୍ତି। ସରକାରୀ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନଙ୍କ ଦୋଷ ଯୋଗୁ ପିଲାମାନେ ବିଦ୍ୟାଳୟକୁ ଜୋତା ପିନ୍ଧି ଆସୁନାହାନ୍ତି। ବିଭାଗୀୟ ଅଧିକାରୀମାନଙ୍କ ଅବହେଳା କରି ଛାତ୍ରୀଛାତ୍ରଙ୍କ ଯତ୍ନ ଓ ଶିକ୍ଷାପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଉଚ୍ଚଶିକ୍ଷା ବିଭାଗ ଅଧିକାରୀ ଅଚାନକ ପରିଦର୍ଶନ କରି ତାଗିଦ କଲେ ବିଧି ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକାରି ହୋଇପାରିବ।

**–ବିଶ୍ୱରଞ୍ଜନ ପଣ୍ଡା, ଆଇନଜୀବୀ, ବାଙ୍କୀ**



ଖୁଦୁରୁକୁଣୀ ପୂଜା ପ୍ରଥମପାଳି: ଉପର ତେଲେଙ୍ଗା ବଜାର ଅଞ୍ଚଳରେ ଖୁଦୁରୁକୁଣୀ ପୂଜା କରୁଥିବା ଯୁବତୀମାନେ।

## ପୂର୍ବ ବାଙ୍କୀ ସାଂସ୍କୃତିକ ସମ୍ମିଳନୀ



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

### ପୁରସ୍କୃତ ହେଲେ କୃତୀ ପ୍ରତିଯୋଗୀ

**ବାଙ୍କୀ,୧୦।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ମହୋତ୍ସବ ଉପଲକ୍ଷେ ପୂର୍ବବାଙ୍କୀ ସାଂସ୍କୃତିକ ସମ୍ମିଳନୀ ରବିବାର କୁଶୁପଙ୍ଗି ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇନ୍‌ଜୀବୀ ପ୍ରକାଶ କୁମାର ବେଉରା ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ନରେଶ କୁମାର ବେଉରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ତଥା ମହୋତ୍ସବ ସଭାପତି ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ, ଜିଲାପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ଉପସଭାପତି ଭାଗୀରଥି ପାଣି, ପାଥପୁର ସରପଞ୍ଚ ସୁରେନ୍ଦ୍ର କୁମାର ପରିଡା, ବସନ୍ତ କୁମାର ବେଉରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁଣନିଧି ମହାନ୍ତି, ଶରତ କୁମାର ସାହୁ, ବଳଭଦ୍ର ରାଉତ ଓ ସରୋଜ କୁମାର ବେହେରାଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଏଥି ସହିତ ବକ୍ତୃତା ପ୍ରତିଯୋଗିତାରେ ଆୟୁଶୀ ଜେନା ପ୍ରଥମ, ବୈଶାଖୀ ସେନାପତି ଦ୍ୱିତୀୟ ଓ ଶ୍ରାବଣୀ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଂଗୀତରେ ଅର୍ଚ୍ଚନା ସାମଲ ପ୍ରଥମ, ଆଶୁତୋଷ ମିଶ୍ର ଦ୍ୱିତୀୟ ଓ ଆଶୁତୋଷ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରବନ୍ଧରେ ଅନାମିକା ବାରିକ ପ୍ରଥମ, ବର୍ଷା ପ୍ରିୟଦର୍ଶିନୀ ନାୟକ ଦ୍ୱିତୀୟ ଓ ପୁଣ୍ୟତୋୟା ଲେଙ୍କା ତୃତୀୟ ଏବଂ ଚିତ୍ରାଙ୍କନରେ ସୁପ୍ରିୟା ଜେନା ପ୍ରଥମ, ଆଶୁତୋଷ ବେଉରା ଦ୍ୱିତୀୟ ଓ ଆଶୀର୍ବାଦ ସାମଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କ୍ୟାକ୍ରମକୁ ସଂଯୋଜକ ବଳଭଦ୍ର ରଣା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଧ୍ୟାହ୍ନଭୋଜନ ଦେଲେ ରୋଟାରୀ କ୍ଲବ ସଦସ୍ୟ

**ରବିବାର ଆହାର କେନ୍ଦ୍ର ବନ୍ଦ**

**କଟକ,୧୦।୮(କାର୍ତ୍ତିକ ସାହୁ):**

ରବିବାର ଆହାର କେନ୍ଦ୍ର ବନ୍ଦ। ଆହାର କେନ୍ଦ୍ରରେ ମଧ୍ୟାହ୍ନ ଭୋଜନ କରୁଥିବା କଟକ ଶିଶୁଭବନର ରୋଗୀ ସମ୍ପର୍କୀୟଙ୍କ ଦୁର୍ଦ୍ଦଶାକୁ ପ୍ରଶମିତ କରିବାକୁ ଆଗେଇ ଆସିଲେ ରୋଟାରୀ କ୍ଲବ କଟକ ଇଷ୍ଟର ସଦସ୍ୟ। ଅନ୍ନପୂର୍ଣ୍ଣା ଉତ୍ସବ ପାଳନ ଅବସରରେ କ୍ଲବ ପକ୍ଷରୁ ଏଭଳି ଅଭିନବ ପ୍ରୟାସରେ ସାମିଲ ହୋଇଥିଲେ କର୍ମକର୍ତ୍ତା ଓ ସଦସ୍ୟଗଣ। ଶିଶୁ ଭବନର ରୋଗୀ ତଥା ସମ୍ପର୍କୀୟମାନଙ୍କୁ ମଧ୍ୟାହ୍ନ ଭୋଜନ ସେମାନେ ଖାଦ୍ୟ ପରଶିଦେଇ ସେମାନଙ୍କ ମନରେ ଆନନ୍ଦ ସୃଷ୍ଟି କରିବାର ପ୍ରୟାସ କରାଯାଇଥିଲା। ରୋଗୀ ସମ୍ପର୍କୀୟମାନେ ଶୃଙ୍ଖଳିତ ଭାବେ ଧାଡ଼ିରେ ଆସି ମଧ୍ୟାହ୍ନ ଭୋଜନ ଗ୍ରହଣ କରି ସଦସ୍ୟମାନଙ୍କୁ ପ୍ରଶଂସା କରିଥିଲେ। କ୍ଲବ ସଭାପତି ରୋଟାରୀଆନ ଶରତ ଚନ୍ଦ୍ର ଦାଶ, ଉପସଭାପତି ବିନୟ ଦାଶ, ସମ୍ପାଦକ ଡା. ବୀର କିଶୋର ପରିଡ଼ା, ପୂର୍ବତନ ସଭାପତି ସ୍ମୃତି ରଞ୍ଜନ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଅମ୍ରିତ ରାଜ ସିଂଙ୍କ ସମେତ ଫାଉଣ୍ଡେଶନ ଚେୟାର ରୋଟାରୀଆନ ବିପିନ ବିହାରୀ ମହାନ୍ତି, ଲର୍ଣ୍ଣିଂ ଫାସିଲିଟେଟର ଡା. ପି.କେ ଦାସ, ଫାଲିସିଟେସନ ଚେୟାର ଏସ.କେ. ପଣ୍ଡା, ମେମ୍ବରଶିପ ଚେୟାର ସଞ୍ଜୀବ ସାହୁ, ପବ୍ଲିକ ଇମେଜ ଅଧିକାରୀ ପି.ସି. ମହାନ୍ତି, ସର୍ଭିସ ପ୍ରୋଜେକ୍ଟ ଅଧିକାରୀ ଡ. ଜ୍ୟୋତି ରଞ୍ଜନ ଶତପଥୀ, ୟଙ୍ଗ ଲିଡରସ କଣ୍ଟାକ୍ଟ ଡା. ସନ ପଟ୍ଟନାୟକ, ରୋଟାରୀଆନ ଲକ୍ଷ୍ମୀ ନାରାୟଣ ପାଢ଼ୀ, ଦିଲୀପ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ରୋଟାରୀଆନ ସଞ୍ଜୀବ ସାହୁ ଅନ୍ନପୂର୍ଣ୍ଣା ଉତ୍ସବର ମୁଖ୍ୟ ଆୟୋଜକ ଭାବେ ନିୟମିତ କରି ଆସୁଥିବାରୁ କ୍ଲବ କର୍ମକର୍ତ୍ତାମାନେ ତାଙ୍କୁ ସାଧୁବାଦ ଜଣାଇଛନ୍ତି।



ରବିବାର ଆହାର କେନ୍ଦ୍ର ବନ୍ଦ ଥିବାରୁ ରୋଟାରୀ କ୍ଲବ ସଦସ୍ୟମାନେ ଶିଶୁଭବନର ରୋଗୀ ସମ୍ପର୍କୀୟଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରୁଛନ୍ତି।




ଡ୍ରିମ୍ସ ନର୍ସିଂ ସ୍କୁଲରେ ରବିବାର ଅନୁଷ୍ଠିତ ସଙ୍କଳ୍ପ ଉତ୍ସବରେ ଉପସ୍ଥିତ ଅତିଥିମାନେ। (ଫଟୋ: ରାଜକିଶୋର ମହାନ୍ତି)

## ଅନ୍ୟାୟ ବିରୋଧରେ ଲଢ଼ିବାକୁ ଆହ୍ୱାନ

### ବିଜେଡିର ଯୁବ-ଛାତ୍ର ସମାବେଶ

**ସାଲେପୁର,୧୦।୮(ଅରବିନ୍ଦ ଭୂୟାଁ):**



ସମାବେଶରେ ଯୋଗଦେଇଥିବା ଯୁବ ଛାତ୍ର ବିଜେଡିର ନେତୃମଣ୍ଡଳୀ।

ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ଯୁବ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳର ସଭାପତି ସଞ୍ଜିତ ଦାଶଙ୍କ ସଭାପତିତ୍ୱରେ ସାଲେପୁର ମଧୁମଣ୍ଡପ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଉପସ୍ଥିତ ଯୁବ, ଛାତ୍ର କର୍ମୀମାନଙ୍କୁ ଅନ୍ୟାୟ ବିରୋଧରେ ଲଢ଼େଇ କରିବାର ସମୟ ଆସିଛି ବୋଲି କହିଥିଲେ। ନାରୀମାନଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏହାର ଜବାବ ବିଜୁ ଜନତା ଦଳ ଦେବ ଏବଂ ଏଥିପାଇଁ ଯୁବ ଛାତ୍ର କର୍ମୀମାନେ ଆଗେଇ ଆସିବାକୁ ବିଧାୟକ ବେହେରା ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦିଲୀପ ଦାଶ, ଶିକ୍ଷାବିତ୍ ରଜନୀକାନ୍ତ ଦାଶ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି କଟକ ଜିଲା ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ କର, ବ୍ଲକ ଯୁବ ଜନତା ଦଳର ମହାସଚିବ ଗୁଲରେଜ ଅଲ୍ଲୀ, ନୟନାଭିରାମ ଭାନୁ ପ୍ରକାଶ ଦାସ, ମଧ୍ୟକଚ୍ଛ ସରପଞ୍ଚ ସଞ୍ଜୟ କୁମାର ବେହୁରା, ମହଣ ସରପଞ୍ଚ ପ୍ରଭାତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୂତନ ଭାବେ ଗଠିତ ହୋଇଥିବା ବ୍ଲକ ଓ ପଞ୍ଚାୟତ କମିଟିର କର୍ମକର୍ତ୍ତାମାନଙ୍କୁ ବିଧାୟକ ବେହେରା ସମ୍ବର୍ଦ୍ଧିତ କରିଥିଲେ। ଛାତ୍ର ଜନତା ଦଳର ସଭାପତି ଶୁଭମ୍ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଶ୍ୱିନୀ ଦାସ, ରାଜେଶ ମହାନ୍ତି, ଅମିତ ସାହୁ, ଚିତ୍ତରଞ୍ଜନ କାଣ୍ଡି, ସୁମନ ନାୟକ, ଚିତ୍ତରଞ୍ଜନ ସାହୁ, କୈଳାସ ଚନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ କାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

## ଗଣେଶ ପୂଜା ପାଇଁ ପ୍ରସ୍ତୁତି 'ବିସର୍ଜନରେ ଡିଜେ ବ୍ୟାନ୍'

**ଆଠଗଡ,୧୦।୮(ସତ୍ୟ ପ୍ରସାଦ ରଥ):**

ଆଠଗଡ଼ର ବିଭିନ୍ନ ଯୁବକ ସଂଘ, କ୍ଲବ ଓ ସାହିରେ ଗଣେଷ ପୂଜା ଉପଲକ୍ଷେ ପ୍ରଶାସନ ତରଫରୁ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଛି।

ପୂଜାମଣ୍ଡପ ଓ ଭଷାଣି ସମୟରେ ଡ଼ାକବାଜି ଯନ୍ତ୍ର, ବିସର୍ଜନରେ ଡିଜେ ବ୍ୟାନ୍ ଓ ବିଶୃଙ୍ଖଳିତ ଆଚରଣ ପାଇଁ କଡା କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ରାତି ୧୦ସୁଦ୍ଧା ଭଷାଣି ଶେଷ କରିବାକୁ ସ୍ଥିର ହୋଇଛି। ଏଥିସହ ବୈଠକରେ ଶୃଙ୍ଖଳିତ ଭଷାଣି ପାଇଁ ପୂଜା ମଣ୍ଡପକୁ ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆଠଗଡ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ଅଧ୍ୟକ୍ଷତା କରିଥିଲେ। ଏଥିରେ ଆଠଗଡ ଏନ୍ଏସି ଅଞ୍ଚଳ ସାହି, କ୍ଲବ ଓ ବିଭିନ୍ନ ପୂଜା କମିଟିର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଗଣେଶ ପୂଜା ହେଉଥିବା ସମସ୍ତ କ୍ଲବ ଓ ପୂଜା ମଣ୍ଡପର ସବିଶେଷ ବିବରଣୀ ପୋଲିସ ନିକଟରେ ଉପସ୍ଥାପନା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଏକ ସମନ୍ୱୟ କମିଟି ଗଠନ କରାଯାଇଛି। ଉକ୍ତ ବୈଠକରେ ଆଠଗଡ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି, ଥାନା ଅଧିକାରୀ ସୁମତୀ କୁମାରୀ ମହାନ୍ତି, ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟ ସମାଜର ଦର୍ପଣ

**କବି ବିଭୁତି ମିଶ୍ରଙ୍କ କବିତା ସଙ୍କଳନ ଉନ୍ମୋଚନ**

**ଆଠଗଡ଼,୧୦।୮(ସତ୍ୟ ପ୍ରସାଦ ରଥ)**

ସାହିତ୍ୟ ସମାଜର ଦର୍ପଣ। ସାମାଜିକ ଚଳଣି ସହ ସାହିତ୍ୟକୁ ଯୋଡ଼ିପାରିଲେ ସାରସ୍ୱତ ଦୁନିଆ ଋଦ୍ଧିମନ୍ତ ହୋଇପାରିବ। ଆଠଗଡ଼ ମହାତ୍ମା ଗାନ୍ଧୀ ଇଂଲିଶ୍ ମିଡିୟମ୍ ସ୍କୁଲରେ ରାଜନେତା ତଥା କବି ବିଭୂତି ଭୂଷଣ ମିଶ୍ରଙ୍କ ଦୁଇଟି କବିତା ସଙ୍କଳନ ଉନ୍ମୋଚନ ଅବସରରେ ଅତିଥିମାନେ ଏହା ପ୍ରକାଶ କରିଛନ୍ତି। ରାଜନୈତିକ ଜୀବନ ସହ ସାହିତ୍ୟ ସାଧନା ପାଇଁ ସମୟ ବାହାର କରି ମିଶ୍ର ୧୮ଟି ପୁସ୍ତକ ସହ ଦୁଇଟି କବିତା ସଙ୍କଳନ 'କାନ୍ଦୁଛି ପ୍ରତିଟି ଶିଳା' ଏବଂ 'ସାୟାହ୍ନ ଚିନ୍ତନ' ଲେଖିଛନ୍ତି। ଏହି ଦୁଇ କବିତା ସଙ୍କଳନ ଉନ୍ମୋଚନ କାର୍ଯ୍ୟକ୍ରମରେ ବରିଷ୍ଠ ଓକିଲ ପ୍ରାଣକୃଷ୍ଣ ଦାଶ ସଭାପତିତ୍ୱ କରିଥିଲେ। ମହାତ୍ମା ଗାନ୍ଧୀ ଇଂଲିଶ୍ ମିଡିୟମ ସ୍କୁଲ ଅଧକ୍ଷା ପୁଲିନ ମିଶ୍ର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ମୁଖ୍ୟବକ୍ତା ସାହିତ୍ୟିକ ନାରାୟଣ ପଣ୍ଡା, ସମ୍ମାନିତ ଅତିଥିଭାବେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟ ମାନବାଧିକାର ପରିଷଦର ସମ୍ପାଦିକା ଅସୀମା ପଟ୍ଟନାୟକ, ଆଇନାର ସମ୍ପାଦକ କ୍ଷେତ୍ରବାସୀ ସାହୁ, ଗାଳ୍ପିକ ରାଜବର୍ଦ୍ଧନ ଧଳ ମହାପାତ୍ର, ପଦ୍ମାକର ଗୁରୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



ଅତିଥିମାନେ କବିତା ସଙ୍କଳନ ଉନ୍ମୋଚନ କରୁଛନ୍ତି।

## ପ୍ରଯୋଜକଙ୍କ ପାଇଁ କ୍ଷତି ସହୁଛି ଯାତ୍ରା କମିଟି

### ଯାତ୍ରା ବନ୍ଦ କରିବାକୁ ଚେତାବନୀ ଦେଲା କମିଟି

**ସାଲେପୁର,୧୦।୮(ଅରବିନ୍ଦ ଭୂୟାଁ):**




ବୈଠକରେ ଯୋଗଦେଇଥିବା ଯାତ୍ରା କମିଟି କର୍ମକର୍ତ୍ତା।

ଯାତ୍ରାପାର୍ଟି ମାଲିକ ଯାତ୍ରା କମିଟିଗୁଡ଼ିକ ମାଧ୍ୟମରେ ଯେଉଁଭଳି ଯାତ୍ରା ପରିବେଷଣ କରିବାର ସର୍ତ୍ତ ରଖି ମନଇଚ୍ଛା ରାତିକ ପାଇଁ ଦର ସ୍ଥିର କରୁଛନ୍ତି। ଫଳରେ ରାଜ୍ୟର ସମସ୍ତ ଯାତ୍ରା କମିଟିକୁ କ୍ଷତି ସହିବାକୁ ପଡୁଛି। ସେମାନଙ୍କ ଦର ବୃଦ୍ଧି ପାଇଁ ଟିକେଟ୍‌ର ମୂଲ୍ୟ ଅହେତୁକ ବୃଦ୍ଧି ପାଉଛି। ଦର ବୃଦ୍ଧି ଯୋଗୁ ଦର୍ଶକମାନେ ଆଉ ଯାତ୍ରା ଦେଖିବାକୁ ଆସୁନାହାନ୍ତି। ତେଣୁ ଏହାକୁ ବନ୍ଦ କରାଯାଉ ଏବଂ ମନଇଚ୍ଛା ଦର ବୃଦ୍ଧି କରା ନ ଯାଉ ବୋଲି କଟକ ଜିଲା ସାଲେପୁରଠାରେ ଆୟୋଜିତ ଜିଲାସ୍ତରୀୟ ଯାତ୍ରାକମିଟି ମହାସଂଘର କାର୍ଯ୍ୟକାରିଣୀ ବୈଠକରେ କୁହାଯାଇଛି। ସାଲେପୁର ବାଲିସାହିସ୍ଥିତ କଲ୍ୟାଣମଣ୍ଡପ ପରିସରରେ କଟକ ଜିଲାର ୬ ବ୍ଲକର ୩୨ ଯାତ୍ରାକମିଟି କର୍ମକର୍ତ୍ତା ଏହି କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ପ୍ରଯୋଜକମାନଙ୍କ ପାଇଁ ଯାତ୍ରା କମିଟିଗୁଡ଼ିକ କିଭଳି ଆର୍ଥିକ କ୍ଷତି ସହି ଆସୁଛି, ତାହା ଉପରେ ଆଲୋଚନା କରିଥିଲେ। ବୈଠକରେ ରାଜ୍ୟ ଯାତ୍ରା କମିଟି ମହାସଂଘ ସଭାପତି ପ୍ରଦୀପ୍ତ କିଶୋର ଦାସ, ସମ୍ପାଦକ ଯଯାତି କେଶରୀ ନାୟକ ଓ ସାଲେପୁର ବ୍ଲକର ବହୁ ଯାତ୍ରା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯାତ୍ରା ଅନୁଷ୍ଠାନ ବଞ୍ଚାଇବାକୁ ହେଲେ ଯାତ୍ରାପାର୍ଟି ପ୍ରଯୋଜକ, କଳାକାର, ଯାତ୍ରାକମିଟି ଓ ଦର୍ଶକ ପରସ୍ପରଙ୍କ ପରିପୂରକ। ଯଦି ଏମାନଙ୍କ ମଧ୍ୟରୁ ଜଣେ କିଏ ବାଦ୍ ପଡ଼ିବ ତାହାହେଲେ ଯାତ୍ରାର ଭବିଷ୍ୟତ ଅନ୍ଧାର ବୋଲି ରାଜ୍ୟ ଯାତ୍ରା ମହାସଂଘ ସମ୍ପାଦକ ମତବ୍ୟକ୍ତ କରିଛନ୍ତି। ମନଇଚ୍ଛା ଦର ବୃଦ୍ଧି ଯୋଗୁ ସବୁବର୍ଗର ଲୋକେ ଯାତ୍ରା ଦେଖିବାରୁ ବଞ୍ଚିତ ହେଉଛନ୍ତି। ଆଗକୁ ଯଦି ଯାତ୍ରା ଅନୁଷ୍ଠାନଗୁଡ଼ିକ କୌଣସି ସମାଧାନର ବାଟ ବାହାର ନ କରନ୍ତି ତାହାହେଲେ ସବୁ ଯାତ୍ରା କମିଟି ଆଗକୁ ଏକାଠିହୋଇ ଯାତ୍ରା ପାର୍ଟିକୁ ଆଣିବୁନାହିଁ। ଯାତ୍ରା ବନ୍ଦ କରିବୁ ବୋଲି କଟକ ଜିଲା ଯାତ୍ରା କମିଟି ପକ୍ଷରୁ ଜିଲା ସହସଂପାଦକ ଅକ୍ଷୟ କୁମାର ନାୟକ ଯାତ୍ରା ମାଲିକଙ୍କୁ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଅଜୟ କୁମାର ସାହୁ, ଦିଲୀପ କୁମାର ବରାଳ, ସମ୍ପିତ ଦାସ, ସନ୍ଦୀପ ବିଶ୍ୱାଳ, ରଞ୍ଜିତ ବିଶ୍ୱାଳ, କାଳିନ୍ଦୀ ସାହୁ, ଅଭିନାଶ ପାଣିଗ୍ରାହୀ, ବୈକୁଣ୍ଠ ପୁହାଣ, ବିବେକ ପୁହାଣ, ରମେଶ ବେହେରା, ପ୍ରକାଶ ମହାନ୍ତି, ବିଶ୍ୱଜିତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଲିପାଟପୁରରେ ଗହ୍ଣାଡିଆଁ ପ୍ରତିଯୋଗିତା

ଟାଙ୍ଗୀ,୧୦।୮(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ଗ୍ରାମପଞ୍ଚାୟତ ଦୋଳପଡ଼ିଆରେ ୫୬ତମ ଗହ୍ଣାଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୧୫ ଜଣ ଅଂଶଗ୍ରହଣ କରଥିଲେ। ଉତ୍ସବରେ ସାମାଜିକ କର୍ମୀ ଗୋଲଖ ବିହାରୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ବତନ ସମିତି ସଭ୍ୟ ଭୀମସେନ ବେହେରା, ସମିତି ସଭ୍ୟ ଲକ୍ଷ୍ମୀଧର ବେହେରା, ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ରବୀନ୍ଦ୍ର କୁମାର ସାମନ୍ତରାୟ, ବିରଞ୍ଚି ନାରାୟଣ ପ୍ରଧାନ, ରଞ୍ଜନ କୁମାର ସାହୁ, ଅଜୟ କୁମାର ମହାରଣା, ୱାର୍ଡ ସଭ୍ୟ ବିକ୍ରମ ଜେନା, ବିଜୟ କୁମାର ସାହୁ, ପ୍ରଦୀପ କୁମାର ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ, ଧୀରେନ୍ଦ୍ର ନରେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ପାଳିତ

ଟାଙ୍ଗୀ,୧୦।୮(ରଘୁନାଥ ସାହୁ)

ଟାଙ୍ଗୀସ୍ଥିତ ପ୍ରଭୁ ଶ୍ରୀବଳରାମ ଦେବ ମନ୍ଦିରରେ ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀବଳରାମ ଦେବଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଶନିବାର ପ୍ରାତଃରେ ରୀତିନୀତି ଅନୁଯାୟୀ ସ୍ନାନ ପୂର୍ବକ ନୂତନ ବସ୍ତ୍ର ପରିଧାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ଶୁଭ୍ରାଂଶୁ ମିଶ୍ରଙ୍କ ଉପସ୍ଥିତିରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ପ୍ରଭୁ କୃପା ଭିକ୍ଷା କରିବା ସହ ପ୍ରସାଦ ସେବନ କରିଥିଲେ। ହୋମଯଜ୍ଞରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ କର୍ତ୍ତା ଭାବେ କାର୍ଯ୍ୟ କରିଥିଲେ। ବଳରାମ ଦେବଙ୍କ ଯଜ୍ଞ କମିଟି ସଭାପତି ଡାକ୍ତର ମଧୁସୂଦନ ସେନାପତି, ସମ୍ପାଦକ ବିଜୟ କୁମାର ରାଉତ, କୋଷାଧ୍ୟକ୍ଷ ଭଗବାନ ଚମ୍ପତି, ସରପଞ୍ଚ କିଶୋର କୁମାର ବେହେରା, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ରଣା, ଶ୍ୟାମପ୍ରକାଶ ଦାସ, ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଗିରିଶ ବେହେରା, ବସନ୍ତ କୁମାର ମହାନ୍ତି, ଦେବଦତ୍ତ ମହାନ୍ତି, ଘନଶ୍ୟାମ ମହାନ୍ତି, ଗୌରାଙ୍ଗ ବେହେରା, ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ମା'ସନ୍ତୋଷୀଙ୍କ ଜନ୍ମ ବାର୍ଷିକୀ ପାଳିତ

ଜଟଣୀ,୧୦।୮(ରବିନ୍ଦ୍ରନାଥ ମହାକୁଡ଼)

ରାଖୀ ପୂର୍ଣ୍ଣମୀରେ ମା'ସନ୍ତୋଷୀ ଦେବୀଙ୍କ ଜନ୍ମ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରଚନ୍ଦ୍ରପୁର ବଜାରସ୍ଥ ଶ୍ରୀଶ୍ରୀ ବାବା ଆଖଣ୍ଡଳମଣି ଦେବଙ୍କ ମନ୍ଦିର ପରିସରରେ ଥିବା ମା'ଙ୍କ ମନ୍ଦିରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୨୧ବର୍ଷ ଧରି ଜନ୍ମ ଉତ୍ସବ ପାଳିତ ହୋଇଆସୁଥିଲା ବେଳେ ବେଶ ଆନନ୍ଦ ଉଲ୍ଲାସ ଓ ପବିତ୍ର ପରିବେଶ ମଧ୍ୟରେ ଉତ୍ସବ ପାଳନ କରାଯଇଥିଲା। ପ୍ରତ୍ୟୁଷରୁ ମା'ଙ୍କ ମହାସ୍ନାନ, ମଙ୍ଗଳା ଆଳତି, ବାଳ ଭୋଗ ଲାଗି କରାଯାଇଥିଲା। ପଣ୍ଡିତ ଧୀରେନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ହୋମ ଯଜ୍ଞ ସହିତ ଗ୍ରହ ପୂଜା, ବସ୍ତୁ ପୂଜା ଷୋଡଶଉପଚାର ପୂଜା, ଆଳତି ଏବଂ ପୁଷ୍ପାଞ୍ଜଳି ପ୍ରଦାନ କରାଯଇଥିଲା। ମା'ଙ୍କ ପବିତ୍ର ଜନ୍ମ ଉତ୍ସବ ପାଇଁ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଥିଲା ବେଳେ ପବିତ୍ର ପରିବେଶ ଏବଂ ମନ୍ତ୍ର ଧ୍ୱନିରେ ପ୍ରାକମ୍ପିତ ହୋଇଥିଲା। ମା, ଆଶୀର୍ବାଦ ପାଇଁ ପାଖଆଖ ଅଞ୍ଚଳର ବହୁ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।

# ଜଳଭଣ୍ଡାର ଅଭାବରୁ ବାଧାପ୍ରାପ୍ତ ହେଉଛି ଚାଷ



## ଆବଶ୍ୟକ ସମୟରେ ହୋଇପାରୁନି ଜଳସେଚନ

ବୋଲଗଡ଼,୧୦।୮(ଦେବବ୍ରତ ହୋତା)

ବୋଲଗଡ଼ ଅଞ୍ଚଳର ଚାଷକାମ ବର୍ଷାଜଳ ଉପରେ ନିର୍ଭରଶୀଳ। ତେବେ ଏହି ଅଞ୍ଚଳରେ ସେପରି କୌଣସି ବୃହତ ଜଳଭଣ୍ଡାର ନ ଥିବାରୁ ଚାଷୀଙ୍କ ଆବଶ୍ୟକତା ସମୟରେ ଜଳର ବ୍ୟବହାର ହୋଇପାରୁନାହିଁ। ବୋଲଗଡ଼ ବ୍ଲକର ସମୁଦାୟ ୧୫,୮୦୫ ହେକ୍ଟର ଜମି ମଧ୍ୟରୁ ୧୪,୦୩୭ ହେକ୍ଟର ଜମିରେ ଧାନଚାଷ ଓ ଅବଶିଷ୍ଟ ୧୭୬୮ ହେକ୍ଟରରେ ଅନ୍ୟାନ୍ୟ ଚାଷ ହୋଇଥାଏ। ମାତ୍ର ଏହି ସମୁଦାୟ ଚାଷଜମିର ୩୩ ପ୍ରତିଶତ ଅର୍ଥାତ ପ୍ରାୟ ୫,୩୫୪ ହେକ୍ଟର ଜମି ଜଳସେଚିତ ହୋଇଥିବାବେଳେ ୧୦,୪୫୧ ହେକ୍ଟର ଅଣଜଳସେଚିତ ଜମି ୪ ମାସର ବର୍ଷାଦିନ ଉପରେ ନିର୍ଭରଶୀଳ। ମରୁଡ଼ିର ଚିର ସହଚର ଏହି ଅଞ୍ଚଳର ଅଧିକାଂଶ ଚାଷୀ ଅନିୟମିତ ବର୍ଷା କାରଣରୁ ଧାନବୁଣା ପ୍ରତି ଆଗ୍ରହ ଛାଡ଼ି ବର୍ଷା ଦେଖିଲେ ତଳି ପକାଇ ରୁଆପୋତାରେ ମନୋନିବେଶ କରନ୍ତି।

ବୋଲଗଡ଼ ବ୍ଲକ ଅଞ୍ଚଳରେ କୃଷି କାର୍ଯ୍ୟ ପାଇଁ ନିର୍ଭଯୋଗ୍ୟ ଜଳଭଣ୍ଡାର ଓ ଜଳସେଚନ ବ୍ୟବସ୍ଥା ନ ଥିବାରୁ ମୌସୁମୀ ବାୟୁ ପ୍ରଭାବରେ ହେଉଥିବା ବାର୍ଷିକ ବୃଷ୍ଟିପାତର ୭୫ ପ୍ରତିଶତ ବର୍ଷାଜଳ ନଦୀରେ ବୋହିଯାଉଥିବାବେଳେ ପରବର୍ତ୍ତୀ ସମୟରେ ଚାଷ ଓ ସାଧାରଣ ବ୍ୟବହାର ପାଇଁ ପାଣିର ଘୋର ଅଭାବ ସୃଷ୍ଟି ହେଉଛି। ବ୍ଲକ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଦାବି କରି ଆସୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଏହି ଅଞ୍ଚଳରେ ଯେଉଁ କେତୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି, ସେଗୁଡ଼ିକ ବର୍ଷା ହେଲେ କାର୍ଯ୍ୟକ୍ଷମ ହୋଇଥାଏ। ଅନେକ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ସେଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଚାଷୀମାନେ ଦାବି କରିଛନ୍ତି। ବୋଲଗଡ଼ ଓ ପଡ଼ୋଶୀ ରଣପୁର ବ୍ଲକରେ ଅନେକ ପାହାଡ଼ିଆ ଅଞ୍ଚଳ ରହିଛି। ପାହାଡ଼ରୁ ବୋହିଯାଉଥିବା ବର୍ଷାଜଳ ରୋକିବାକୁ ଜଳଭଣ୍ଡାର ହେଉନାହିଁ। ଯେଉଁ କେତେକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଯାଇଛି, ସେଗୁଡ଼ିକର ଜଳକୁ କେନାଲ ମାଧ୍ୟମରେ କେବଳ ବର୍ଷାଦିନେ ଜଳସେଚନ କାର୍ଯ୍ୟରେ ବିନିଯୋଗ କରାଯାଉଛି। ସ୍ଥାନୀୟ ଅଞ୍ଚଳର ଅଧିକାଂଶ ପରିବାର ଜୀବନ ଜୀବିକା ପାଇଁ ପାରମ୍ପରିକ ଭାବେ ଧାନଚାଷକୁ ଆପଣେଇଥାନ୍ତି। ମାତ୍ର ଜଳସେଚନ ଅଭାବରୁ ଚାଷୀ ପରିବାରଗୁଡ଼ିକର ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରୁନାହିଁ। ତଥ୍ୟ ଅନୁସାରେ, ବୋଲଗଡ଼ ବ୍ଲକ ଅଞ୍ଚଳରେ ପ୍ରାୟ ୨୧ହଜାର ପରିବାର ଥିବାବେଳେ ୧୫ ହଜାରରୁ ଅଧିକ ପରିବାର ଚାଷ କାର୍ଯ୍ୟ କରିଥାନ୍ତି। ବୋଲଗଡ଼ ତହସିଲ ଅଞ୍ଚଳରେ ୩୯ ହଜାର ଏକରରୁ ଊର୍ଦ୍ଧ୍ୱ ଚାଷଜମି ରହିଥିଲେ ମଧ୍ୟ କ୍ଷୁଦ୍ରଜଳସେଚନ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୩ହଜାର ଏକର ଜମିକୁ ନିଆଯାଇଛି। ମୁଖ୍ୟତଃ ହଡ଼ାନଦୀ ଉପରେ ହୋଇଥିବା ପ୍ରକଳ୍ପ ହଡ଼ା ସେତୁରେ ୬୨୮ ହେକ୍ଟର, ମାଗୁରା ସେତୁରେ ୪୦୫ ହେକ୍ଟର, ପାଟବନ୍ଧ ପ୍ରକଳ୍ପରେ ୨୨୨ ହେକ୍ଟର, ଗୋଜିବନ୍ଧ ପ୍ରକଳ୍ପରେ ୧୮୬ ହେକ୍ଟର ଜମିରେ ଜଳସେଚନ ହୋଇଥାଏ। ଗଡଦାର, ମାଣିବନ୍ଧ, ସିଆଳିଆ, ବୋଲଗଡ଼ ବନ୍ଧ, ମର୍ଦାବାଡ଼ି, ଭାଲୁମୁଣ୍ଡିଆ, ଦିଘି, ରାଣିଲେ ଆଦି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। ତେବେ ବୋଲଗଡ଼ ଅଞ୍ଚଳରେ ନିର୍ଭରଯୋଗ୍ୟ ଜଳସେଚନ ବ୍ୟବସ୍ଥା ନ ଥିବାରୁ କେବଳ ଖରିଫ ବା ବର୍ଷାଦିନିଆ ଧାନଚାଷ ହୋଇଥାଏ ଏବଂ ରବି ଋତୁରେ ଯଦି ପାଗ ଅନୁକୂଳ ରହିଲା ତାହାଲେ ଶୁଖିଲା ଜମିରେ ମୁଗ, ବିରି, ଚଣା ଓ କୋଳଥ ଆଦି ଡାଲିଜାତୀୟ ଚାଷ କରାଯାଏ।

# କୃଷ୍ଣପ୍ରସାଦ ଥାନା ପକ୍ଷରୁ ଗଛ ପାଇଁ ରାଖୀଟିଏ କାର୍ଯ୍ୟକ୍ରମ



କୃଷ୍ଣପ୍ରସାଦ,୧୦।୮(କୈଳାଶ ଚନ୍ଦ୍ର ପଟ୍ଟନାୟକ )

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକକୁ ସବୁଜ ସୁନ୍ଦର କରିବା ଲକ୍ଷ୍ୟରେ ଯୁବ ପରିବେଶବିତ୍ ହିମାଂଶୁ ଶେଖର ନାୟକଙ୍କ ଉଦ୍ୟମରେ ଗ୍ରୀନ ପାରିକୁଦ ସଂଗଠନ ପକ୍ଷରୁ 'ମା ପାଇଁ ଗଛଟିଏ- ଗଛ ପାଇଁ ରାଖୀଟିଏ' କାର୍ଯ୍ୟକ୍ରମ ଶନିବାର କୃଷ୍ଣପ୍ରସାଦ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ଥାନା ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତ, ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସରପଞ୍ଚ ମିଟୁ ସିଂହସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଥାନା ପରିସରରେ କର୍ମଚାରୀ, ଅତିଥି, ଗ୍ରୀନ ପାରିକୁଦର କର୍ମକର୍ତ୍ତା ଚାରାରୋପଣ କରିବା ସହ ଚାରାରେ ରାକ୍ଷୀ ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ଗ୍ରୀନ ପାରିକୁଦର ବରିଷ୍ଠ ସଦସ୍ୟା ତଥା ଗଛ ମଣିଷ ଭାବେ ପରିଚିତ ଅମିତା ତରେଇ, ମୀନାରାଣୀ ସାହୁ, ନକୁଳ ସୁନ୍ଦରା ପ୍ରମୁଖ ସାମିଲ ଥିଲେ। ପରେ ଗ୍ରୀନ ପାରିକୁଦ ପକ୍ଷରୁ ଥାନା କର୍ମଚାରୀ ଏବଂ ଅତିଥିମାନଙ୍କ ହାତରେ ରାଖୀ ବନ୍ଧାଯାଇଥିଲା।

# ଜାତୀୟସ୍ତରୀୟ ଟାଏକୋଣ୍ଡୋରେ ଶ୍ରେୟାଙ୍କ ସଫଳତା

ଜଟଣୀ,୧୦।୮(ରବୀନ୍ଦ୍ରନାଥ ମହାକୁଡ଼)

ଜାତୀୟ ଟାଏକୋଣ୍ଡ ପ୍ରତିଯୋଗିତରେ ଜଟଣୀର ଖେଳାଳି ଶ୍ରେୟା ମହାନ୍ତିଙ୍କୁ କଂସ୍ୟ ପଦକ ମିଳିଛି। ସୂଚନା ମୁତାବକ ଚଳିତବର୍ଷ ବେଙ୍ଗାଲୁରୁରେ ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଦ୍ୱାରା ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ରାଜ୍ୟରୁ ୨୭ଟି କେନ୍ଦ୍ରୀୟ ବିଦ୍ୟାଳୟ ରିଜିଓନାଲରୁ ୧୭ ବର୍ଷରୁ କମ ବାଳିକା ବିଭାଗରେ ସମୁଦାୟ ୩୫୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ରିଜିଓନାଲରୁ ଓଡ଼ିଶାକୁ ପ୍ରତିନିଧି କରି ମୋଟ ୧୩ଜଣ ପ୍ରତିଯୋଗୀ ବିଭିନ୍ନ ଓଜନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ଜିଲା ଟାଏକୋଣ୍ଡୋ ଅନୁଷ୍ଠାନ ଓ ଓଡ଼ିଶା ଟାଏକୋଣ୍ଡୋ ଅନୁଷ୍ଠାନରେ ଅନୁବନ୍ଧିତ ହୋଇଥିବା ଏସଏମଏସ ମାର୍ଶଲ ଆଟ୍ସ



ଶ୍ରେୟା ମହାନ୍ତି

ଏକାଡେମୀ ଆଣ୍ଡ ଫିଜିକାଲ ଫିଟନେସ ଟ୍ରେନିଂ ସ୍କୁଲ, ଜଟଣୀରେ ପ୍ରଶିକ୍ଷଣ ନେଉଥିବା ଏବଂ କେନ୍ଦ୍ରିୟ ବିଦ୍ୟାଳୟ, ଆଇଆଇଟି ଭୁବନେଶ୍ୱରରେ ଅଧ୍ୟୟନ କରୁଥିବା ଖୋର୍ଦ୍ଧା ଜିଲାରୁ ଏକମାତ୍ର ଛାତ୍ରୀ ଭାବେ ଶ୍ରେୟା ମହାନ୍ତି ୫୯-୬୩ ଓଜନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସେ କାଂସ୍ୟ ପଦକ ହାସଲ କରି ସମ୍ମାନ ଆଣିଛନ୍ତି। ଶ୍ରେୟା ମହାନ୍ତିଙ୍କ ଏହି ସଫଳତାକୁ ନେଇ ଜିଲା ଟାଏକୋଣ୍ଡୋ ଅନୁଷ୍ଠାନର ସମ୍ପାଦକ ଓ ସିନିୟର୍ କୋଚ ମାଷ୍ଟର ଅଜୟ କୁମାର ସାହଙ୍କ ସହ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଗୋ ପୂଜା ସହ ରାଖୀ ବାନ୍ଧିଲା ବଜରଙ୍ଗ ଦଳ

ବୋଲଗଡ଼,୧୦।୮(ଦେବବ୍ରତ ହୋତା)

ବଳଭଦ୍ର ଜନ୍ମ ଏବଂ ରକ୍ଷା ବନ୍ଧନ ପର୍ବ ଅବସରରେ ବୋଲଗଡ଼ ବଜରଙ୍ଗ ଦଳ ପ୍ରଖଣ୍ଡ ସଂଯୋଜକ ଇତେଶ କୁମାର ବେହେରାଙ୍କ ନେତୃତ୍ୱରେ ବ୍ରହ୍ମପୁରାସ୍ଥିତ ଗୋଶାଳାଠାରେ ଗୋରୁମାନଙ୍କୁ ଫୁଲ ଚନ୍ଦନ ଏବଂ ପିଠା ପଣା ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ବିଧି ମୁତାବକ ଗୋରୁମାନଙ୍କୁ ରାଖୀ ବାନ୍ଧି ଗୋପୂଜନ କରାଯାଇଥିଲା। କାର୍ଯ୍ୟକ୍ରମ ସରୋଜ ଜେନା, ସୁମନ୍ତ ମହାରଣା, ଉପେନ୍ଦ୍ର ସାହୁ ଓ ଆଶୁତୋଷ ସିଂ ପ୍ରମୁଖ ବଜରଙ୍ଗ ଦଳ କର୍ମୀ ସମେତ ଅନ୍ୟମାନେ ପରିଚାଳନା କରିଥିଲା ବେଳେ ଦଳର ଖୋର୍ଦ୍ଧା ଜିଲା ଗୋରକ୍ଷା ପ୍ରମୁଖ ମୁକେଶ ସମନ୍ତରାୟ ଧନ୍ୟବାଦ ଅର୍ପଣ କରିବା ସହ ସ୍ଥାନୀୟ ଅଞ୍ଚଳର ନୂତନ ଯୁବପିଢ଼ିଙ୍କୁ ସଂଗଠିତ କରି ସଂସ୍କାରିତ କରିବାକୁ କର୍ମୀମାନଙ୍କୁ କହିଥିଲେ।

# ଏସ୍‌ବିଆଇ ପକ୍ଷରୁ ଜନସୁରକ୍ଷା ପରିପୂର୍ତ୍ତି ସମାବେଶ



ସମାବେଶରେ ଆର୍‌ବିଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶିରିଶ ଚନ୍ଦ୍ର ମୁର୍ମୁ ଏବଂ ଅନ୍ୟ ଅତିଥି।

ଟାଙ୍ଗୀ,୧୦।୮(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ବଡପୋଖରିଆ ଏବଂ ଓଳସିଂହ ଗ୍ରାମ ପଞ୍ଚାୟତରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା ପକ୍ଷରୁ ଜନସୁରକ୍ଷା ପରିପୂର୍ତ୍ତି ସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶିରିଶ ଚନ୍ଦ୍ର ମୁର୍ମୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱରର ମୁଖ୍ୟ ମହାପ୍ରବନ୍ଧକ ଏ. ବି. ରତ୍ନତେଜା, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱରର ମୁଖ୍ୟ ମହାପ୍ରବନ୍ଧକ ଗୌତମ ପାତ୍ର, ଅନିତା ପଟ୍ଟନାୟକ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଖୋର୍ଦ୍ଧାର କ୍ଷେତ୍ରୀୟ ପ୍ରବନ୍ଧକ ଭଗତ ବେହେରା, ବଡପୋଖରିଆ ସରପଞ୍ଚ ରେଣୁ ସେଠୀ, ଓଳସିଂହ ସରପଞ୍ଚ ଶୁଭଦର୍ଶିନୀ ଭୋଳ ମଞ୍ଚାସୀନ ଥିଲେ। ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ପୁରୁଣା ବ୍ୟାଙ୍କ ଖାତାରେ ପୁନଃ କେୱାଇସି କରିବା, ଅଚଳ ଖାତାକୁ ପୁନଃ ବ୍ୟବହାର କରିବା, ଅଦାବି ଥିବା ଜମାରାଶି କିଭଳି ପାଇବେ ଏବଂ ସାଇବର ଠକେଇରୁ କିଭଳି ସୁରକ୍ଷା ପାଇବେ ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ସେହିପରି ବ୍ୟାଙ୍କ ଅମ୍ବୁଜ୍ ସମ୍ମାନ ବିଷୟରେ ହିତାଧିକାରୀମାନଙ୍କୁ ବୁଝାଯାଇ ସିଏସ୍‌ପି ମାଧ୍ୟମରେ କେୱାଇସି କରାଯାଇଥିଲା। ହରିଶଙ୍କର ତ୍ରିପାଠୀ ସଭା ସଂଯୋଜନା ଓ ପରିଚାଳନା କରିଥିଲେ। ବ୍ୟାଙ୍କର ଅନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସ୍ନେହ, ଶ୍ରଦ୍ଧାର ପ୍ରତୀକ ରକ୍ଷାବନ୍ଧନ

ଟାଙ୍ଗୀ,୧୦।୮(ରଘୁନାଥ ସାହୁ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଟାଙ୍ଗୀ ଶାଖାରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଶାଖା ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ସୁଧାଂଶୁବାଳା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପବିତ୍ର ରକ୍ଷାବନ୍ଧନ ମାଧ୍ୟମରେ ସମସ୍ତ ମାନବ ସମାଜ ଐଶ୍ୱରିକ ବନ୍ଧନରେ ବାନ୍ଧି ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଉପସ୍ଥିତ ଜନଗଣଙ୍କୁ ସେମାନଙ୍କର ଖରାପ ଅଭ୍ୟାସ ପରିତ୍ୟାଗ କରିବା ପାଇଁ ଶପଥ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଖାଉଟି ଅଦାଲତର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ, ତାରାପ୍ରସାଦ ପଟ୍ଟନାୟକ, ଦିଲୀପ କୁମାର ନାଥ, ପଣ୍ଡିତ ବାଳକୃଷ୍ଣ ମିଶ୍ର, ମନୋଜ କୁମାର ପଟ୍ଟନାୟକ, ସତ୍ୟସାଇ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଅଜୟ କୁମାର ମଙ୍ଗରାଜ ପ୍ରମୁଖ ଯୋଗଦେଇ ସ୍ନେହ, ଶ୍ରଦ୍ଧାର ପ୍ରତୀକ ରକ୍ଷାବନ୍ଧନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଚାନ୍ଦପୁର ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ସଂଯୋଜନା କରିଥିଲେ। କବି ପ୍ରଫୁଲ୍ଲ କୁମାର ଜେନା, କବୟିତ୍ରୀ କୁନ୍ତଳା ସାହୁ, ପ୍ରଦୀପ କୁମାର ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ମଞ୍ଜୁଲତା ଇନ୍ଦ୍ରଜିତ, ଶିକ୍ଷୟିତ୍ରୀ ଭାରତୀ ବିଶ୍ୱାଳ, କ୍ରିଷ୍ଣା ପରିଡ଼ା, ନୀଳିମା ମହାନ୍ତି, ସୁମିତ୍ରା ମହାରଣା ପ୍ରମୁଖ ଉପସ୍ଥିତ ଭାଇମାନଙ୍କ ହାତରେ ରାଖୀ ବାନ୍ଧିଥିଲେ। ଟାଙ୍ଗୀ ଶାଖାର ସମସ୍ତ ବ୍ରହ୍ମାକୁମାରୀ ଭଉଣୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବ୍ରହ୍ମାକୁମାରୀ ଭଉଣୀମାନେ ଯାଇ ଟାଙ୍ଗୀ ବିଡିଓ ରୁମାନା ଜାଫ୍ରୀ, ବ୍ଲକ କୃଷି ଅଧିକାରୀ ସୌମେନ୍ଦ୍ର କୁମାର ବେହେରାଙ୍କ ସମେତ ବ୍ଲକ ଓ ତହସିଲ ଅଫିସ ଏବଂ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ହାତରେ ରାଖୀ ବାନ୍ଧିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଆର୍‌ଏସ୍‌ଏସ୍ ପକ୍ଷରୁ ରକ୍ଷାବନ୍ଧନ

ଟାଙ୍ଗୀ,୧୦।୮(ରଘୁନାଥ ସାହୁ)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଟାଙ୍ଗୀ ଖଣ୍ଡ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛ। ଖୋର୍ଦ୍ଧା ଜିଲା ସହ ସଂଘ ଚାଳକ ଲଳିତ ନାରାୟଣ ମହାପାତ୍ର ବିଭିନ୍ନ ବସ୍ତି, ଡାକ୍ତରଖାନା, ଥାନା, ବ୍ୟବସାୟ ପ୍ରତିଷ୍ଠାନ, ଧାର୍ମିକ ସଂଗଠନ, ସାମାଜିକ ସଂଗଠନ ବ୍ୟକ୍ତିଙ୍କୁ ଏବଂ ସ୍ୱୟଂ ସେବକମାନଙ୍କୁ ସମ୍ପର୍କ କରି ହାତରେ ରାଖୀଟିଏ ବାନ୍ଧିଦେଉ ଐକ୍ୟର ଭାବନା ନେଇ ରାଷ୍ଟ୍ର କାର୍ଯ୍ୟକରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡ କାର୍ଯ୍ୟ ବାହ ମାନସ ଜେନା, ଅନୁରାଗ ମହାପାତ୍ର, ଅତ୍ୟେନ୍ଦ୍ରିୟ ପଟ୍ଟଯୋଶୀ, ସନ୍ତୋଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ମହିଷାମର୍ଦ୍ଦିନୀଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବୋଲଗଡ,୧୦।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଖଉରୁଣୀ ଗ୍ରାମରେ ମହିଷାମର୍ଦ୍ଦିନୀଙ୍କ ନୂତନ ମନ୍ଦିର ସହ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗହ୍ମାପୂର୍ଣ୍ଣମୀ ତିଥି ପ୍ରାତଃ ସମୟରେ ଗ୍ରାମର ଶହଶହ ମହିଳାପୁରୁଷ ନିକଟସ୍ଥ ପୋଖରୀରୁ ପୂଜା ପରେ ପବିତ୍ର ଜଳକଳସ ଆଣି ମନ୍ଦିର ପରିସର ଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ପରେ ମା'ଙ୍କ ଉପଚାର ପୂଜାନୀତି ଓ ଅନ୍ୟ ନୀତିକାନ୍ତି ସହ ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଗାଁ ସଭାପତି ସପତ୍ନିକ କର୍ତ୍ତା ଭାବେ ଉପବିଷ୍ଟ ଥିଲେ। ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି ପରେ ମା'ଙ୍କୁ ୭ଜଣ ବ୍ରାହ୍ମଣ ସହାୟତାରେ ପୂଜାପାଠ କରି ମନ୍ଦିରରେ ପ୍ରତିଷ୍ଠା କରାଯାଇଥିଲା। ଏହି ଅବସରରେ ସାମାଜିକ କର୍ମୀ ବାସୁଦେବ ସାହୁ ଓ ଅନ୍ୟମାନେ ଉପସ୍ଥିତ ରହି ପୂର୍ଣ୍ଣାହୁତି ପ୍ରଦାନ ସହ ଅନ୍ୟାନ୍ୟ ସହଯୋଗ କରିଥିଲେ। ବିଲ ଖଉରୁଣୀ, ଡିହଖଉରୁଣୀ, ସାନ କୁମାରୀ, ବଡ଼କୁମାରୀ, କୋଟପଲ୍ଲା, ହାଟବସ୍ତ, ହରିକେଶର ଗ୍ରାମର ଅନେକ ମହିଳା ପୁରୁଷ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହି ମାତୃକୃପା ଲାଭ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନୃତ୍ୟ,ଗୀତରେ ଜମିଲା ସ୍ୱାଗତ ଉତ୍ସବ



କାର୍ଯ୍ୟକ୍ରମରେ ଅତିଥି ଏବଂ ଅଧାପିକା ଅଧାପକଙ୍କ ସହ ଛାତ୍ରୀମାନେ।

ଟାଙ୍ଗୀ,୧୦।୮(ରଘୁନାଥ ସାହୁ)

ଟାଙ୍ଗୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପାରା ମେଡିକାଲ ସାଇନ୍ସ କଲେଜ୍‌ରେ ସ୍ୱାଗତ ଉତ୍ସବ ପାଳିତ ହୋଇଯାଇଛି। ନବାଗତ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। କୋର୍ସ ଶେଷ କରିଥିବା ଛାତ୍ରୀମାନେ ସେମାନଙ୍କ ଅନୁଭୂତି ଓ କଲେଜର ଅନୁଶାସନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶେଷରେ ସମସ୍ତ ଛାତ୍ରୀଙ୍କ ଦ୍ୱାରା ଏକକ ଓ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କଲେଜ ପରିଚାଳନା କମିଟି ଚେୟାରମ୍ୟାନ ତପନ କୁମାର ସାସ୍‌ମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଇସ ଚେୟାରମ୍ୟାନ ରଶ୍ମିତା ସାସମଲ, ନିର୍ଦ୍ଦେଶକ ରଞ୍ଜନ କୁମାର ସାସମଲ, କିମ୍ସ କଲେଜ ଇନଚାର୍ଜ ମଧୁସ୍ମିତା ଲେଙ୍କା, ଓଡ଼ିଶା ସମବାୟ ଖାଉଟି ମହାସଂଘ ନିର୍ଦ୍ଦେଶକ ସନ୍ତୋଷ କୁମାର ନାଥ, ବିଏମ୍‌ସି କର୍ପୋରେଟର ମିନତି ବେହେରା, ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ଖବରଦାତା ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଲାବୋରେଟୋରି ଇନଚାର୍ଜ ଉପେନ୍ଦ୍ର କୁମାର ସାହୁ, ମ୍ୟାନେଜମେଣ୍ଟ ମୁଖ୍ୟ ପୁଷ୍ପାଞ୍ଜଳି ସିଂ ଏବଂ ମୁଖ୍ୟ ପରାମର୍ଶଦାତା ବେଣୁଧର ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ସୁତିପ୍ରଜ୍ଞା ମହାପାତ୍ର ଓ ଲିଜା ମାନସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନିଶାମୁକ୍ତି ହିଁ ସମାଜ ବିକାଶର ମୁଖ୍ୟମାର୍ଗ

## କବିତା ପାଠୋତ୍ସବ 'ସମ୍ପର୍କ ସୂତା, ଦେଖାଉ ରାସ୍ତା'

ଖୋର୍ଦ୍ଧା,୧୦।୮(ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ଆଦର୍ଶ କ୍ଲବ ପକ୍ଷରୁ 'ସମ୍ପର୍କ ସୂତା, ଦେଖାଉ ରାସ୍ତା' ଶୀର୍ଷକ କବିତା ପାଠୋତ୍ସବ ଶନିବାର ନୂଆସାହି ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ମହେଫୁଜ ଅଲ୍ଲୀଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପଣ୍ଡିତ ବିଷ୍ଣୁପ୍ରସାଦ କର ମଙ୍ଗଳାଚରଣ ପାଠ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଖୀ ବାନ୍ଧି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ କ୍ଲବର ସଦସ୍ୟାମାନେ ସଦସ୍ୟମାନଙ୍କୁ ରାଖୀ ବାନ୍ଧି ନିଶା ନିବାରଣ ବ୍ରତ ପାଳନ ପାଇଁ ଶପଥ କରାଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱରଚିତ ନିଶା ନିବାରଣଧର୍ମୀ ସଚେତନ ସଙ୍ଗୀତ ଗାନ କରିଥିଲେ। ପ୍ରଫେସର ହରିପ୍ରସାଦ ଦାସ, ବିଏସ୍‌ଏନ୍‌ଏଲ୍‌ର ଅବସରପ୍ରାପ୍ତ ଏଜିଏମ୍ ସୁଶ୍ରୀ ସଂଘମିତ୍ରା ରଥ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, କବିକେତନ ଗୌରଚରଣ ସାମନ୍ତସିଂହାର ପ୍ରମୁଖ ଅତିଥି ରୂପେ ଯୋଗଦେଇ ସମାଜ ବିକାଶର ଏକ ମୁଖ୍ୟ ମାପଦଣ୍ଡ ନିଶାମୁକ୍ତି ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ 'ସମ୍ପର୍କ ସୂତା-ଦେଖାଉ ରାସ୍ତା' ଶୀର୍ଷକ କବିତା ପାଠୋତ୍ସବରେ ମାନସୀ ଦାସ, ଦିବ୍ୟଲୋଚନ ଭାରିମଲ୍ଲ, ବସନ୍ତ କୁମାର ଦାସ, ରତ୍ନାକର ବରାଳ, ଶରତ କୁମାର ସାହୁ, ହରିବନ୍ଧୁ ପଣ୍ଡା, ଦିବାକର ସାହୁ, ବ୍ରଜବନ୍ଧୁ, ପଣ୍ଡା, ସୁରେନ୍ଦ୍ର ପାଲଟାସିଂହ, ପ୍ରଶାନ୍ତ କୁମାର ବାରିକ, କୈଳାସନାଥ ପଟ୍ଟନାୟକ, ରାଜକିଶୋର ସାହୁ, ପତିତପାବନ ବଳବନ୍ତରାୟ, ପଣ୍ଡିତ ଦୀନବନ୍ଧୁ ଦାଶ, ପ୍ରବାସୀ ସାମଲ ପ୍ରମୁଖ କବିତା ପାଠ କରିଥିଲେ। ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଉପଦେଷ୍ଟା ଅଶ୍ୱିନୀ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କବି ଏବଂ କ୍ଲବ୍ କର୍ମକର୍ତ୍ତା ।

# ‘ନିଶାମୁକ୍ତ ସମାଜ ଓ ସବୁଜ ପୃଥିବୀ’ ଉପରେ ଆଲୋଚନାଚକ୍ର

**ସାକ୍ଷୀଗୋପାଳ,୧୦।୮ (ଭରତ ରାଉତ)**

ମଧୁବନ ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା ପକ୍ଷରୁ ଏକ ସଚେତନଧର୍ମୀ କାର୍ଯ୍ୟକ୍ରମ ‘ନିଶାମୁକ୍ତ ସମାଜ ଓ ସବୁଜ ପୃଥିବୀ’ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପ୍ରଥମେ ଗୋପବନ୍ଧୁ ଦାସ ଓ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ଶତପଥୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଭାରତ ବିକାଶ ପରିଷଦର ରାଜ୍ୟ ସଭାପତି ସତ୍ୟବାଦୀ ଦାସ ସଭାପତିତ୍ୱ କରିଥିଲେ। ଶାଖା ସଚିବ ବିଜୟ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ନିଶାମୁକ୍ତ ଜୀବନ ସୁସ୍ଥ ସମାଜ ଗଠନରେ କିପରି ସହାୟକ ହେବ ତାହା ବୁଝାଇଥିଲେ। ବିଦ୍ୟାଳୟ ପରିସରରେ ଫଳ ଓ ଫୁଲ ଚାରା ରୋପଣ କରାଯାଇଥିଲା। ଏଥିରେ ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖାର ସମ୍ପର୍କ ସଚିବ ନବଘନ ଶତପଥୀ, ସେବା ସଚିବ ଦେବରାଜ ନାୟକ, ପର୍ଯ୍ୟାବରଣ ସଚିବ ବିଭୁ ପ୍ରସାଦ ମହାପାତ୍ର ଓ ସଂଗ୍ରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ଐତିହ୍ୟ ଅନୁମୋଦନରେ ପୁରୀ ବିମାନବନ୍ଦର

## ପୁରୀ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକୋତ୍ସବ

**ପୁରୀ,୧୦।୮ (ଅଜିତ୍ କୁମାର ମହାନ୍ତି)**



ପୁରୀ ସଂସ୍କୃତି ଭବନ ପରିସରରେ ଐତିହ୍ୟ ପଦଯାତ୍ରା ବାର୍ଷିକୋତ୍ସବରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ରମାନେ।

ଐତିହ୍ୟ ଏକ ଅବହେଳିତ ଅଧ୍ୟାୟ ହୋଇରହିଛି। ବିମାନବନ୍ଦର ହେଲେ ଶ୍ରୀମନ୍ଦିରକୁ ବିପଦ ପଡ଼ିବ, ବିମାନବନ୍ଦର ନିର୍ମାଣ ପାଇଁ ହେରିଟେଜ୍ କ୍ଲିୟରାନ୍ସ ବା ଐତିହ୍ୟ ଅନୁମୋଦନ ଆବଶ୍ୟକ ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଐତିହାସିକ ଡ. ଅନିଲ ଧୀର ସୂଚନା ଦେଇଛନ୍ତି। ପୁରୀ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକୋତ୍ସବ ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଏଥିରେ ପ୍ରସିଦ୍ଧ ସ୍ଥାପତ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ପିଢ଼ି ପାଇଁ ଐତିହ୍ୟ ସମ୍ବନ୍ଧୀୟ ସଚେତନତା ବିଷୟରେ ଆଲୋକପାତ କରିଥିଲେ।

ବିଶିଷ୍ଟ ଐତିହାସିକ ଡ. ଅନୀଲ ଧୀର ମୁଖ୍ୟବକ୍ତା ରୂପେ ଯୋଗଦେଇ ସମୟ ସ୍ରୋତରେ ଧ୍ୱଂସାଭିମୁଖୀ କୀର୍ତ୍ତିରାଜିଗୁଡ଼ିକ ଏବଂ ଏହି ଐତିହ୍ୟର ସଂରକ୍ଷଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଇନ୍‌ଟାକ୍‌ର ଆବାହକ ଡ. ବିଶ୍ୱଜିତ୍ ମହାନ୍ତି, ଉଦୟଗିରି ଫାଉଣ୍ଡେଶନର ଅଧ୍ୟକ୍ଷ ଜେ.ପି. ଜଗଦ୍ଦେବ, ମହିପ୍ରକାଶ ମଠର ମଠାଧୀଶ ଶୁଭାନନ୍ଦ ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ। ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ପୁସ୍ତକ ‘ନବକଳେବରର ଐତିହ୍ୟ’ର ହିନ୍ଦୀ ସଂସ୍କରଣ ଉନ୍ମୋଚନ କରିବା ସହ ଐତିହ୍ୟ ଗବେଷଣା ସମ୍ପର୍କିତ ସମ୍ୟକ୍ ଆଲୋଚନା କରିଥିଲେ। ଏହି ଅବସରରେ ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ସେବକ ବିଜୟ କୁମାର ମହାପାତ୍ର, ଐତିହ୍ୟ ଗବେଷକ ଓ ଲେଖକ କୃଷ୍ଣଚନ୍ଦ୍ର ମିଶ୍ର ଏବଂ ସାରଙ୍ଗଧର ରାୟଗୁରୁଙ୍କୁ ଐତିହ୍ୟ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହିତ ରାଜ୍ୟ ତଥା ପୁରୀର ବିଶିଷ୍ଟ ଐତିହ୍ୟ କର୍ମୀମାନଙ୍କୁ ଐତିହ୍ୟ ତଥା ଐତିହ୍ୟ ବନ୍ଧୁ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟକୁ ଐତିହ୍ୟ ଗବେଷକ ପଣ୍ଡିତ ସିଦ୍ଧାର୍ଥ ଆଚାର୍ଯ୍ୟ ଓ ସାମ୍ବାଦିକା ରାଜଶ୍ରୀ ସାହୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ପୁରୀ ଐତିହ୍ୟ ପଦଯାତ୍ରାର ବାର୍ଷିକ ଉତ୍ସବର ସ୍ମରଣିକା ‘ଐତିହ୍ୟ ଗବାକ୍ଷ’ ପ୍ରକାଶ ପାଇଥିଲା।

# ଭକ୍ତଦାସିଆ ପୀଠରେ ଝୁଲଣ ପର୍ବ

**ପିପିଲି,୧୦।୮ (ଦୁର୍ଗା ମାଧବ ମିଶ୍ର)**

ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନାପୀଠ ପିପିଲି ବ୍ଲକ ଅନ୍ତର୍ଗତ ବାଲିଗାଁଠାରେ ଶ୍ରାବଣ କୃଷ୍ଣ ଦଶମୀ ତିଥିରେ ଝୁଲଣ ପର୍ବ ଆରମ୍ଭ ହୋଇ ପ୍ରତିପଦା ତିଥିରେ ମହାସମାରୋହରେ ଶେଷ ହୋଇଛି। ଏହି ଅବସରରେ ଭକ୍ତ ଦାସିଆ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ଯୋଗଦେଇ ଦ୍ୱାପର ଯୁଗରୁ ରାଧାକୃଷ୍ଣଙ୍କର ଝୁଲଣ ପର୍ବର ପ୍ରାଧାନ୍ୟତା ବ୍ୟାଖ୍ୟା କରିଥିଲେ। ପ୍ରତ୍ୟହ ସନ୍ଧ୍ୟା ଆଳତି ପରେ ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଲିଙ୍ଗରାଜ ପଣ୍ଡା ମଦନମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ସୁସଜ୍ଜିତ ବିମାନରେ ବିରାଜମାନ କରିବା ପରେ ସ୍ଥାନୀୟ ସାଂସ୍କୃତିକ ସଂଗଠନଗୁଡ଼ିକ ସହଯୋଗରେ ଭଜନ, କୀର୍ତ୍ତନ, ଜଣାଣ, ପାରମ୍ପରିକ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥାଏ। ନିକଟବର୍ତ୍ତୀ ଅଞ୍ଚଳର ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନର ସମ୍ପାଦକ ଡ. ନାରାୟଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ସଂଗୀତଜ୍ଞ ଅଜୟ ଦାସ, ଭାରତୀ ଭୂଷଣ ପଟ୍ଟନାୟକ, ଆନ୍ତର୍ଜାତିକ ବଂଶୀ ବାଦକ ପର୍ଶୁରାମ ଦାଶ, ତବଲା ବାଦକ ହେମନ୍ତ ସ୍ୱାଇଁ ଓ ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଝୁଲଣଯାତ୍ରା ଅବସରରେ କୀର୍ତ୍ତନ କରାଯାଉଛି।

# ସଙ୍ଗୀତ ହେଉଛି ଜୀବନ, ସାଧନା


ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**କାକଟପୁର/ଅସ୍ତରଙ୍ଗ,୧୦।୮ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)**

## ଗୁଞ୍ଜନ ସଂଗୀତାଳୟ ଲୋକାର୍ପଣ

ସଙ୍ଗୀତ ବିନା ଜୀବନ ଅଧୁରା। ଦୁଃଖସୁଖରେ ମଣିଷର ସାଥୀ ହୋଇ ରହିଥାଏ ସଙ୍ଗୀତ, ଆଉ ସଙ୍ଗୀତର ମୂର୍ଚ୍ଛନାରେ ହିଁ ମୃତ ଜୀବିତ ହୋଇ ଉଠେ। ଲୋକ ନିଜର କ୍ଳାନ୍ତ ସମୟକୁ ମନୋରଞ୍ଜନ କରିଥା’ନ୍ତି ବୋଲି ଗୁଞ୍ଜନ ସଙ୍ଗୀତାଳୟର ଲୋକାର୍ପଣ ଉତ୍ସବରେ ଅତିଥି ଭାବେ ଉପସ୍ଥିତ ଓଡ଼ିଶୀ ଗୀତିକାର ଅନାଥ ବନ୍ଧୁ ମୁଦୁଲି କହିଛନ୍ତି। ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ୟୁକୋ ବ୍ୟାଙ୍କ ସାମ୍ନାରେ ସ୍ଥାନୀୟ ଅଞ୍ଚଳର କୁନି କୁନି ପ୍ରତିଭାମାନଙ୍କ ପାଇଁ ଗୀତ, ନୃତ୍ୟ, ବାଦ୍ୟ ଶିକ୍ଷା ନିମନ୍ତେ ରବିବାର ପୂର୍ବାହ୍ନ ସମୟରେ ‘ଗୁଞ୍ଜନ ସଙ୍ଗୀତାଳୟ’ ଲୋକାର୍ପଣ ସହ ଶୁଭାରମ୍ଭ ହୋଇଛି। ଲୋକାର୍ପଣ ଉତ୍ସବରେ ଅତିଥି ଭାବେ ଡ. ହରିହର ଛାଟୋଇ, ଶିକ୍ଷାବିତ୍ ରବୀନ୍ଦ୍ର ସାମନ୍ତରାୟ, ଓଡ଼ିଶୀ ଗୀତିକାର ଅନାଥ ବନ୍ଧୁ ମୁଦୁଲି, ତବଲା ଗୁରୁ କୈଳାସ ଚନ୍ଦ୍ର ପଲେଇ, ହାରମୋନିୟମ ଗୁରୁ ସ୍ୱୟଂଜ୍ୟୋତି ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଫିତାକାଟି ଉଦ୍‌ଘାଟନ କରିଥିଲେ। ଗୁଞ୍ଜନ ସଙ୍ଗୀତାଳୟ ନାମକ ଅନୁଷ୍ଠାନ କଳାପ୍ରତି ରୁଚି ରଖୁଥିବା କଳାକାରଙ୍କ ଇଚ୍ଛା ପୂର୍ଣ୍ଣ କରିବ ବୋଲି ଅନୁଷ୍ଠାନ ପ୍ରଯୋଜକ ମୁଦୁଲି କହିଛନ୍ତି।

# ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଦିବସ

**କୋଣାର୍କ,୧୦।୮ (ଜ୍ୟୋତିରାଜ ମହାନ୍ତି)**

ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ତଥା ଶୋଭନୀୟ ଆନ୍ଦୋଳନ ଦ୍ୱାରା ପରିଚାଳିତ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ୩୬ତମ ପ୍ରତିଷ୍ଠା ଦିବସ ଶିକ୍ଷାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ‘ସର୍ବେ ଭବନ୍ତୁ ସୁଖୀନଃ’ ମନ୍ତ୍ର ଧ୍ୱନି ମଧ୍ୟରେ ଆନ୍ଦୋଳନର ପ୍ରତିଷ୍ଠାତା ପୂଜ୍ୟ କୁମାର ଭାଇଙ୍କ ଫଟୋଚିତ୍ରରେ ଧୂପ, ଦୀପ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଅତିଥି ଭାବେ ଶିକ୍ଷାବିତ ରବୀନ୍ଦ୍ରନାଥ ବାହିନୀପତି, ଅର୍କଶ୍ରୀ ସମ୍ପାଦକ ଉମେଶ ସ୍ୱାଇଁ, ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ବ୍ରହ୍ମାକୁମାରୀ ଦମୟନ୍ତୀ, ଖବରଦାତା ମାନସ ରଞ୍ଜନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମା’ ରୁକ୍ମିଣୀ ଦେବୀଙ୍କ ସ୍ମୃତିଚାରଣ ସହ ଆଶ୍ରମ ପରିସରରେ ଚାରାରୋପଣ କରାଯାଇଥିଲା। ଶୋଭନୀୟ ଶିକ୍ଷାଶ୍ରମ ଅଧ୍ୟକ୍ଷା ବିଦ୍ୟୁତଲତା ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଆଶ୍ରମର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚେତନାଧର୍ମୀ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ଶେଷରେ ସହ ଶିକ୍ଷୟିତ୍ରୀ ମନୋରମା ମିଶ୍ର ଧନ୍ୟବାଦ ଦେଇଥିଲେ।

# ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା



ପାଦୁକା ଶୋଭାଯାତ୍ରାରେ ଉପସ୍ଥିତ ଭକ୍ତମାନେ।

**ସାକ୍ଷୀଗୋପାଳ,୧୦।୮ (ଭରତ ରାଉତ)**

ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଶୋଭାଯାତ୍ରା ନିର୍ମଳାରୁ ଆସି ବୀରରାମଚନ୍ଦ୍ରପୁର ଭଜନମଣ୍ଡଳୀ ଚଉଦ ବାଟିଆଠାରେ ପହଞ୍ଚି ଗ୍ରାମ ପରିକ୍ରମା କରିଥିଲେ। ପରେ ବେଦ ଧ୍ୱନି, ସଂକୀର୍ତ୍ତନ, ବାଲ୍ ବିକାଶ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ଦାଣ୍ଡିଆର ମନୋହର ପଟୁଆରରେ ଦୋଳବେଦୀଠାରୁ ପାଦୁକା ଯାତ୍ରା କରାଯାଇଥିଲା। ଗ୍ରାମବାସୀ ଦିବ୍ୟ ପାଦୁକା ଦର୍ଶନ ଓ ସ୍ପର୍ଶ ନ କରି ଦିବ୍ୟ ଆନନ୍ଦ ଲାଭ କରିବା ସହ ସେମାନଙ୍କୁ ଫଟୋ ଓ ବିଭୂତି ବଣ୍ଟନ କରାଯାଇଥିଲା। ରାତିରେ ଭଜନ ପରେ ସାମୂହିକ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଚନ୍ଦନପୁର, ବୀରରାମଚନ୍ଦ୍ରପୁର ଏବଂ ସାତଶଙ୍ଖ ଭଜନ ମଣ୍ଡଳୀର ସମସ୍ତ ଭାଇଭଉଣୀ ଯୋଗ ଦେଇଥିଲେ। ଜିଲା ସଭାପତି ବଂଶୀଧର ମହାପାତ୍ର, ସୂର୍ଯ୍ୟନାରାୟଣ ମହାପାତ୍ର, ଲକ୍ଷ୍ମୀ ପ୍ରସାଦ ପାଣି, କାଳନ୍ଦୀ ସାହୁ, ସଞ୍ଜୀବ ମିଶ୍ର, ବିଭୂତିଭୂଷଣ ରଥ, ପ୍ରଶାନ୍ତ ସେନାପତି, ଶରତ କୁମାର ବେହେରା, ନିରଞ୍ଜନ ପ୍ରଧାନ, ଦିଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବାଲ୍ ବିକାଶର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବା ସହ ଗୁରୁ ରାଜଲକ୍ଷ୍ମୀ ମିଶ୍ର, ଲିତା ବସ୍ତିଆ, ମନିଶା ମଞ୍ଜରୀ ସେନାପତି, ସାଇ ଆଶ୍ରିତା ରଥ ପ୍ରମୁଖ ପାଦୁକା ଯାତ୍ରାରେ ଯୋଗ ଦେଇଥିଲେ।

# ୬ଟି ଦାବିରେ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଗୋପ,୧୦।୮ (ଭାରତୀ ଭୂଷଣ ଉପାଧ୍ୟାୟ)**

ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ତୁରନ୍ତ ପେନସନ ପ୍ରଦାନ, ଅବସର ବୟସ ସୀମା ୬୨କୁ ବୃଦ୍ଧି କରିବା ସହିତ ୬ ଗୋଟି ଦାବିକୁ ନେଇ ଶନିବାର ଗୋପ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ଗୋପ ବ୍ଲକ ଓଷ୍ଟା ସଂଘ ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନମାନ ଦେଇ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇଥିଲେ। ପରେ ଗୋପ ବ୍ଲକ ଓଷ୍ଟାର ସଭାପତି ମହେନ୍ଦ୍ର କୁମାର ପାଢ଼ୀ, ସମ୍ପାଦକ ରାମକୃଷ୍ଣ ମହାନ୍ତି, ପୂର୍ବତନ ସମ୍ପାଦକ କୃପାସିନ୍ଧୁ ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ପ୍ରଧାନ, ପ୍ରସନ୍ନ କୁମାର କର, ସଂଯୁକ୍ତା ନନ୍ଦଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ଶୋଭାଯାତ୍ରାରେ ଆସିଥିଲେ। ବ୍ଲକ ସଭାପତି ମହେନ୍ଦ୍ର କୁମାର ପାଢ଼ୀ ବ୍ଲକ ଓଷ୍ଟା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶିକ୍ଷାଧିକାରୀଙ୍କୁ ଦିଆଯାଇଥିଲା।

# ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଡେଲାଙ୍ଗ,୧୦।୮ (ରଶ୍ମିରଞ୍ଜନ ପ୍ରଧାନ)**

ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଡେଲାଙ୍ଗ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କୁ ପ୍ରଦାନ କରାଯାଇଛି। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ନୂତନ ପରିବର୍ତ୍ତେ ପୁରାତନ ପେନ୍‌ସନ ସ୍କିମ୍ ପୁନଃ ପ୍ରଚଳନ ଆଦି ଦାବି ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି। ଶିକ୍ଷକ ନେତା ମିଟୁ ଚନ୍ଦ୍ର ସ୍ୱାଇଁ, ସୂର୍ଯ୍ୟନାରାୟଣ ଜେନା, ସୁରେଶ ଚନ୍ଦ୍ର ଦାଶ, ହୃଷିକେଶ ବଳିୟାରସିଂହ, ବସନ୍ତ କୁମାର ଦାସ, ବିଭୁପ୍ରସାଦ ବିଶ୍ୱାଳ ପ୍ରମୁଖ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ସ୍ମାରକ ପତ୍ର ଦେବା ସହ ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୨ତମ ଜୟନ୍ତୀ

**ପୁରୀ,୩।୮ (ଅଜିତ୍ କୁମାର ମହାନ୍ତି)**

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ, ଅଟଳ ବିଚାର ମଞ୍ଚ ଓ ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚର ମିଳିତ ଆନୁକୂଲ୍ୟରେ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଆବାହକ ବିନୟ ନୃସିଂହ ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବି ନାରାୟଣ ଦାଶ, ବଳଭଦ୍ର ମହାନ୍ତି, ବିଶ୍ୱନାଥ ପଣ୍ଡା, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଭାଗବତ ପ୍ରସାଦ ପଟ୍ଟନାୟକ, ସରୋଜ ମିଶ୍ର, ଡ. କାର୍ତ୍ତିକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କଲ୍ୟାଣୀ ଗୃହରେ ରକ୍ଷାବନ୍ଧନ ଉତ୍ସବ


ନୀଳାଚଳ ସେବା ପ୍ରତିଷ୍ଠାନରେ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଉଛି।

**କଣାସ,୧୦।୮ (ବିଭୂତି ଭୂଷଣ ତ୍ରିପାଠୀ)**

ବଳଭଦ୍ରଙ୍କର ଜନ୍ମଦିନ ଅବସରରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ଦୟାବିହାରଠାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ କଲ୍ୟାଣୀ ଗୃହରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଜିଲା ପ୍ରଶାସନ ଦ୍ୱାରା ଉଦ୍ଧାର ହୋଇ କଲ୍ୟାଣୀ ଗୃହରେ ଥିବା ୫୭୯ ଜଣ ମହିଳା ଓ ପୁରୁଷ ମାନସିକ ଅସୁସ୍ଥ ଅନ୍ତେବାସୀ ଉତ୍ସାହର ସହ ଏହି ପର୍ବ ପାଳନ କରିଥିଲେ। ବିଭାଗର ତତ୍ତ୍ୱାବଧାରକ ନିଗମାନନ୍ଦ ବାରିକ ପରିଚାଳନା କରିଥିବା ବେଳେ ତପନ ଦାସ, ନୟନ ମୁର୍ମୁ, ମାନସୀ ସାସ୍‌ମଲ, ସ୍ୱପ୍ନାଶ୍ରୀ ମହାନ୍ତି, ଲିପି ପ୍ରଧାନ, ସୁନନ୍ଦା ପାଲଟାସିଂହ, କୁଳନନ୍ଦନ ଜେନା ଓ ପାପୁନି ପାଲଟାସିଂହ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ପ୍ରକଳ୍ପ ସଂଯୋଜକ କୃଷ୍ଣଚନ୍ଦ୍ର ନିଶଙ୍କ ଏହି ଗଣପର୍ବର ମହତ୍ତ୍ୱ ସମ୍ବନ୍ଧରେ ଅନ୍ତେବାସୀମାନଙ୍କୁ ବାର୍ତ୍ତା ଦେଇଥିଲେ।

# ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନ ବେଳେ ପଡ଼ିଥିଲା ବାର ହରିବୋଲ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

- ନିର୍ମାଣ ହୋଇଥିଲା ଚଉଦଟି ଯଜ୍ଞଶାଳା
- କସ୍ତୁରିକା ମୋଦିନୀ ଦେବୀ ସିନ୍ଦୁକରେ ପଠାଇଥିଲେ ବସ୍ତ୍ର ଓ ପୂଜାସଜ

**ଐତିହ୍ୟର ଓଡ଼ିଶା**


ରଥର ପାରାଭାଡ଼ି ସମାପ୍ତ ହେବାପରେ ଭୋଇ ସେବକମାନଙ୍କର ହରିବୋଲ ଡାକ।

ଗଜପତିଙ୍କର ସାମ୍ରାଜ୍ୟ ବିଜୟ ସ୍ମାରକୀ ଥିଲା ଅ୧୮ଙ୍କ କାର୍ତ୍ତିକ ଶୁକ୍ଳ ଦଶମୀ। ପଞ୍ଚୁକ ଦିନ। ସେହିଦିନ ଭୁବନେଶ୍ୱର ରାଜଗୁରୁ, ନରସିଂହପୁରର ଆନନ୍ଦ ରଥ ପହଞ୍ଚିଥିଲେ କୋଣାର୍କରେ। ଗଜପତିଙ୍କ ଆଦେଶରେ ସେମାନେ କୋଣାର୍କରେ ପହଞ୍ଚି ଯଜ୍ଞ ମଣ୍ଡପର ମାପ ଦେଲେ ବାସ୍ତୁଶାସ୍ତ୍ର ଅନୁସାରେ।

ବନ୍ଦାପନା ମଣ୍ଡପର ପୂର୍ବଦିଗକୁ ୪ଟି ଯଜ୍ଞ ପାଇଁ ଗର୍ଭାଧାନଶାଳା, ସ୍ନାନଶାଳା ଓ ନ୍ୟାସ ଶାଳାର ମାପ ଦେଲେ। ବନ୍ଦାପନା ମଣ୍ଡପର ପଶ୍ଚିମଦିଗକୁ ମାପଦେଲେ। ବଳିଶାଳା ଓ ଦକ୍ଷିଣପଟକୁ ‘ଯଜମାନଶାଳା’ର ମାପ ଦେଲେ। ପୀଢ଼ଚାଳଶାଳାର ମାପ ଦେଲେ ଅରୁଣସ୍ତମ୍ଭର ଦକ୍ଷିଣକୁ। ରୋଷଶାଳାର ଦୁଇଟି କୋଠରିକୁ ‘ଚାରୁଶାଳା’ କରାଯିବାକୁ ସ୍ଥିର ହେଲା। ଏହିପରି ୧୪ଟି ଯଜ୍ଞଶାଳା କରାଯାଇଥିଲା।

୧– ଗର୍ଭାଧାନଶାଳା, ୨– ସ୍ନାନଶାଳା, ୩– ନ୍ୟାସଶାଳା, ୪– ପୁରୋଡ଼ାସଶାଳା, ୫– ଅଙ୍କୁରାରୋପଣଶାଳା, ୬– ବଳିଶାଳା, ୭– ଯଜମାନଶାଳା, ୮– ପୀଢ଼ଚାଳ ଯଜ୍ଞଶାଳା, ୯– ଚାରୁଶାଳା, ୧୦–୧୩: ଚାରିଦ୍ୱାରରେ ୪ଟି ଶାଳା, ୧୪– ନିଶାତଳେ ଛୋଟ ଯଜ୍ଞଶାଳା।

ଦ୍ୱାଦଶ ଆଦିତ୍ୟଙ୍କ ପାଇଁ ବାରଯୋଡ଼ା ସିଲ୍‌କ ଲୁଗା ବରାଦ ହୋଇଥିଲା। ସେହିଦିନ ହାତୀ ପିଠିରେ ଗୋଟିଏ ସିନ୍ଦୁକ ଷୋହଳ ଯୋଡ଼ା ଉତ୍ତରୀୟ ମହାଦେବୀ ପଠାଇଥିଲେ। ସିନ୍ଦୁକ ଖୋଲାଗଲା ଅଧିକାରୀମାନଙ୍କ ଉପସ୍ଥିତିରେ। ସିନ୍ଦୁକରେ କ’ଣ କ’ଣ ଆସିଥିଲା ଏଠାରେ ଆମେ ଉଲ୍ଲେଖ କରୁଅଛୁ। ମହାଦେବୀ ଯଜ୍ଞ ଅନୁଷ୍ଠାନ ପାଇଁ କେତେ ସଜାଗ ଥିଲେ ଏବଂ ବହୁ ପୂର୍ବରୁ ଏସବୁ ଜିନିଷ ସଂଗ୍ରହ କରିଥିଲେ, ତାହା ଜାଣିହେବ। ୧) ୨୫ ଯୋଡ଼ା ପଗଡ଼ି ଥିଲା ସିନ୍ଦୁକରେ। ୨୫ଜଣ ନିରୀକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ବରାଦ ଦିଆଯାଇ ପ୍ରସ୍ତୁତ ହୋଇଥିଲା। ୨) ୨୩୭ଟି ସୂତା ଧୋତି ଯୋଡ଼–ଅନୁଷ୍ଠାନ ପାଇଁ ୨୩୭ ଜଣ ଶିଳ୍ପୀ ବରଣ ହୋଇଥିଲେ। ୩) ୨୨୬ଟି ଗାମୁଛା– ସମୁଦାୟ ପୂଜା କାମରେ ବ୍ୟବହାର ପାଇଁ, ୪) ୨୮ଟି ପିତଳ ଗରା– ଚଉଦଟି ମଣ୍ଡପରେ ବ୍ୟବହାର ପାଇଁ। ୫) ୫ଟି ଦୀପରୁଖା। ୬) ସହସ୍ର ଧାରା ସ୍ନାନପାତ୍ର ଗୋଟିଏ। ୭) ଛୋଟ ପ୍ରଭା ଦୁଇଟି, ଯେଉଁଥିରେ ବିଗ୍ରହ ବିଜେ କରନ୍ତି। ୮) ପୂଜାପାତ୍ର ସଜ– ପାଞ୍ଚୋଟି। ୯) ପଦ୍ମଝରି ଚାରୋଟି। ଏହି ଝରିର ମୁହଁଟି ପଦ୍ମ ଆକୃତିର ଯେଉଁ ବାଟଦେଇ ଝରିରୁ ଜଳ ବାହାରେ। ୧୦) ଠିଆ ଦର୍ପଣ ଛଅଟି।

ଏତିକି ଆବଶ୍ୟକୀୟ ସଜ ମହାଦେବୀ ସଂଗ୍ରହ କରି ସିନ୍ଦୁକରେ ପଠାଇଦେବା ବଡ଼ କଥା ନୁହେଁ। ଏଥିପ୍ରତି ତାଙ୍କର ଅନୁରାଗ ଓ କର୍ତ୍ତବ୍ୟକୁ ବିଚାର କରିବା କଥା। ମହାରାଜା ମନ୍ଦିରଟିଏ ନିର୍ମାଣ କରାଉଛନ୍ତି, ସେଥିପାଇଁ ଯେଉଁ ଯଜ୍ଞ ଅନୁଷ୍ଠାନ ହେବ ସେ ବିଷୟରେ ଅବଗତ ହୋଇ ସଂଗ୍ରହ କରି ପଠାଇବା ଏକ ସକାରାତ୍ମକ ପ୍ରେରଣା। ଆଡ଼େଇ ହୋଇ ଚୁପ୍‌ଚାପ୍ ରହିଯାଇଥିଲେ, କେହି ଆଙ୍ଗୁଠି ଦେଖାଇବାକୁ ନ ଥିଲେ, ତଥାପି ମାନସିକ ପ୍ରସ୍ତୁତିକୁ ଲକ୍ଷ୍ୟ କରିବା କଥା। ଏହି ମହାଦେବୀ ହେଉଛନ୍ତି ମହାରାଣୀ କସ୍ତୁରିକା ମୋଦିନୀ, ଯାହାଙ୍କୁ ଗଜପତିଙ୍କ ପାର୍ଷଦମାନେ ‘ରାଜମାତା’ ବୋଲି ସମ୍ବୋଧନ କରୁଥିଲେ। ପୂର୍ବରୁ ସୂଚନା ଦେଇଥିଲୁ ମହାଦେବୀ ହେଉଛନ୍ତି ମଦୁରାଇ ମହାରାଜାଙ୍କ କନ୍ୟା।

ବାସୁ ବଢ଼େଇ ଶ୍ରୁବ, ଶ୍ରୁଚ ଓ ପ୍ରଣିତା ଆଣି ଯୋଗାଇବା ଦିବସ ଥିଲା କାର୍ତ୍ତିକ ପୂର୍ଣ୍ଣିମା। ସେହିଦିନ ୨୮ଜଣ ଶିଳ୍ପୀ ସ୍ନାନ ପରେ ଭଣ୍ଡାରଘରକୁ ଆସି ହାତଯୋଡ଼ି ପ୍ରଥମ ‘ହରିବୋଲ’ ଧ୍ୱନି ଦେଇଥିଲେ। ଚଳଚଞ୍ଚଳ ହୋଇଗଲା ବାତାବରଣ। ସମସ୍ତ ପୂଜା ଉପକରଣକୁ ନାଲି ସିଲ୍‌କ କନାରେ ଗୁଡ଼ାଇ ସୂତ୍ରଧର ଶିବେଇ ସାମନ୍ତରାଙ୍କ ଶିବିର ସାମନାରେ ରଖି ‘ଶାଙ୍ଗି’ (ବାହାଙ୍ଗି)ରେ ଲଦି ଗର୍ଭାଧାନଶାଳାରେ ପହଞ୍ଚାଇଥିଲେ। ସେଇଠି ପଡ଼ିଥିଲା ଦ୍ୱିତୀୟ ହରିବୋଲ। ସେଣେ ସାତଜଣ ପଥୁରିଆ ବାର ଭରଣ ଧାନରେ (ଭରଣକ ୪୦ ଗୌଣି)ରେ ବିଜେ ପ୍ରତିମାଙ୍କୁ ବିଜେ କରି ଚାରିପଟ କନାରେ ଆବଦ୍ଧ କରି ହରିବୋଲ ପକାଇ ଶାଳା ନିକଟରେ ପହଞ୍ଚାଇଥିଲେ। ଏହା ଥିଲା ତୃତୀୟ ହରିବୋଲ। ପ୍ରତିବର୍ଷ ମହାପ୍ରଭୁଙ୍କ ରଥ ନିର୍ମାଣ ମୂଳରୁ ଶେଷ ପର୍ଯ୍ୟନ୍ତ ଭୋଇ ସେବକ ନଅ ହରିବୋଲ ପକାଇଥାନ୍ତି। ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନବେଳେ ପଡ଼ିଥିଲା ଦ୍ୱାଦଶ ହରିବୋଲ। ଆଗକୁ ଦେଖିବା ହରିବୋଲର ରହସ୍ୟ ଓ ପରମ୍ପରା।

# ଜଟଣୀରୁ ମିଳିଲା ଥାର୍

## ଦୁର୍ଘଟଣାରେ ଝିଅ ମୃତ, ମା'ପୁଅ ଗୁରୁତର ଘଟଣା

ଭୁବନେଶ୍ୱର,୧୦।୮ (ସତ୍ୟଜିତ୍ ରାଉତ)

ପାତ୍ରପଡ଼ା ପେଟ୍ରୋଲ ପମ୍ପ ନିକଟ ୧୬ ନମ୍ବର ଜତୀୟ ରାଜପଥରେ ଦୁର୍ଘଟଣା ଘଟାଇ ଜୀବନ ନେଇଥିବା ଥାର୍ ଗାଡ଼ିକୁ ରବିବାର ଖଣ୍ଡଗିରି ପୋଲିସ ଜବତ କରିଛି। ଦୁର୍ଘଟଣା ପରେ ଚାଳକ ଜଟଣୀ ଥାନା ନିକଟରେ ଗାଡ଼ିକୁ ରଖି ଫେରାର ହୋଇଯାଇଥିଲେ। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରି ତାହାକୁ ଠାବ କରିଥିଲା। ତେବେ ଉକ୍ତ ଥାର୍ ଗାଡ଼ିଟି ଜଟଣୀ କୁସୁମାଟି ଅଞ୍ଚଳର ଓ ଗାଡ଼ି ମାଲିକଙ୍କ ପୁଅ ଦୁର୍ଘଟଣା ଘଟାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ଖଣ୍ଡଗିରି ଥାନାଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି। ଏହି ଦୁର୍ଘଟଣାରେ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ୮ ବର୍ଷୀୟା ଝିଅ ରେସମା ରାହୁଲଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ରେବତୀ ଓ ୨ ବର୍ଷର ପୁଅ ମାହି ଗୁରୁତର ହୋଇ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ରେବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି।

ଅପରପକ୍ଷରେ ରବିବାର ପୂର୍ବାହ୍ନରେ



ଜବତ ହୋଇଥିବା ନରହନ୍ତା ଥାର୍ ଗାଡ଼ି ଓ ଜାତୀୟ ରାଜପଥ ଅବରୋଧ ଯୋଗୁ ଗାଡ଼ିମୋଟର ଅଟକି ରହିଛି।

### ଜାତୀୟ ରାଜପଥ ଅବରୋଧ କଲେ ଫୁଲେଶ୍ୱରୀ ବାସିନ୍ଦା

ଦୁର୍ଘଟଣା ଘଟିଥିବା ସ୍ଥାନରେ ଜାତୀୟ ରାଜପଥକୁ ଫୁଲେଶ୍ୱରୀ ବସ୍ତିବାସିନ୍ଦା ଅବରୋଧ କରିଥିଲେ। ମୃତାହତଙ୍କ ପରିବାର ଲୋକେ ଓ ବସ୍ତି ଲୋକମାନେ ଏକାଠି ହୋଇ ଟାୟାର ଜାଳି ପ୍ରତିବାଦ କରିଥିଲେ। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଶତାଧିକ ଗାଡ଼ି ଅଟକି ରହିଥିଲା। ଆନ୍ଦୋଳନକାରୀମାନେ ଦୁର୍ଘଟଣାସ୍ଥଳରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଦାବି କରିଥିଲେ। ଜଣେ ମହିଳାଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ଘଟିଥିବା ସ୍ଥାନରେ ଫୁଟ୍ ଓଭରବ୍ରିଜ୍ ହେବାର ଥିଲା। କିନ୍ତୁ କେତେଜଣଙ୍କ ସ୍ୱାର୍ଥ ପାଇଁ କିଛି ଦୂରରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରାଯାଇଛି। ହେଲେ ସେଥିରେ କେହି ଯାଉନାହାନ୍ତି। ସେହିଭଳି ଦୁର୍ଘଟଣାସ୍ଥାନରେ ସୁରକ୍ଷା ପାଇଁ ଟ୍ରାଫିକ୍ କର୍ମଚାରୀ ମୁତୟନ କରାଯାଉ ବୋଲି ଲୋକମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ମୃତା ରେସମାଙ୍କ ମା' ରେବତୀଙ୍କ ଭାଇ ନନ୍ଦନକାନନ ଅଞ୍ଚଳରେ ଚାକିରି କରନ୍ତି। ଶନିବାର ସକାଳୁ ରେବତୀ ତାଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧିବାକୁ ଦୁଇ ପିଲାଙ୍କ ସହ ଯାଇଥିଲେ। ସେମାନେ ଏକ ବସ୍ ଯୋଗେ ଆସି ପାତ୍ରପଡ଼ାଠାରେ ଓହ୍ଲାଇଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ରେବତୀ ପିଲାଦ୍ୱୟଙ୍କୁ ଧରି ନିଜ ଘର ଫୁଲେଶ୍ୱରୀ ବସ୍ତିକୁ ଯିବାପାଇଁ ରାଜପଥ ପାରହେଉଥିବାବେଳେ ରସୁଲଗଡ଼ରୁ ଖୋର୍ଦ୍ଧା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଥାର୍ ଗାଡ଼ିଟି ସେମାନଙ୍କୁ ଧକ୍କାଦେଇଥିଲା।

# ଅଭିଯୁକ୍ତଙ୍କୁ ଗଛରେ ବାନ୍ଧିଲେ, ବାଇକ୍ ପୋଡ଼ିଦେଲେ

## ନାବାଳିକାଙ୍କୁ ଅସଦାଚରଣ

ସିମୁଳିଆ,୧୦।୮ (ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ଏହି ଘଟଣାରେ ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କୁ ଗଛରେ ବାନ୍ଧି ପକାଇବା ସହ ତାଙ୍କ ବାଇକ୍ ପୋଡ଼ି ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ନବମ ଶ୍ରେଣୀରେ ପଢୁଥିବା ନାବାଳିକା ଜଣକ ରବିବାର ଅପରାହ୍ନରେ ଟ୍ୟୁଶନରୁ ଫେରୁଥିଲେ। ଏହି ସମୟରେ ଖଇରା ବ୍ଲକ ଅନ୍ତରା ଅଞ୍ଚଳର ଜଣେ ଯୁବକ ବାଇକ୍‌ରେ ଆସି ତାଙ୍କୁ ସ୍ଥାନୀୟ କେନାଲ ପାର୍ଶ୍ୱ ବଣ ମଧ୍ୟକୁ ଟାଣି ନେଇ ଅସଦାଚରଣ କରିଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି କେନାଲ ପାର୍ଶ୍ୱରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତଙ୍କୁ ଗଛରେ ବାନ୍ଧି ପକାଇବା ସହ ତାଙ୍କ ବାଇକ୍‌ଟିକୁ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ଜଣେ ଗାଡ଼ି ଚାଳକ ହୋଇଥିବା ବେଳେ ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।


ଗଛରେ ବନ୍ଧା ହୋଇଥିବା ଅଭିଯୁକ୍ତ।

# ମାସ୍କ ପିନ୍ଧି ଆସିଲେ, ଯୁବତୀଙ୍କୁ ଉଠାଇନେଲେ

ଉଦଳା,୧୦।୮ (ସନ୍ତୋଷ କୁମାର ବାଛିନୀ)

ବଜାରକୁ ମା'ବାପାଙ୍କ ସହିତ ଷ୍ଟେଶନେରି ସାମଗ୍ରୀ କିଣିବାକୁ ଯାଇଥିବା ଜଣେ ଯୁବତୀଙ୍କୁ ମାସ୍କପିନ୍ଧା ୪ ଯୁବକ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା ବଜାରରେ।

ସୂଚନା ଅନୁଯାୟୀ, କପ୍ତିପଦା ଥାନା ସୁଡସୁଡ଼ିଆ ଗ୍ରାମର ଜଣେ ଯୁବତୀ ତାଙ୍କ ମା'ବାପାଙ୍କ ସହିତ ଶୁକ୍ରବାର ବଜାରକୁ ଷ୍ଟେଶନେରି ସାମଗ୍ରୀ କିଣିବାକୁ ଯାଇଥିଲେ। ଦୋକାନରେ ମା'ବାପା ସାମଗ୍ରୀ କିଣୁଥିବା ସମୟରେ ଯୁବତୀ ଜଣକ ଦୋକାନ ବାହାରକୁ ଆସିଥିଲେ। ଏହି ସମୟରେ ୪ ଯୁବକ ମୁହଁରେ ମାସ୍କ ପିନ୍ଧି ଆସି ଉକ୍ତ ଯୁବତୀଙ୍କୁ ଜୋରଜବରଦସ୍ତ ଉଠାଇ ନେଇଥିଲେ। ଯୁବତୀଙ୍କ ବାପା ପାଟି କରିବାରୁ ଯୁବକମାନେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ପଳାଇ ଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଏକ ନିଖୋଜ ମାମଲା(ନଂ.୩୫/୨୫) ରୁଜୁ କରିଥିବାବେଳେ ଅଭିଯୁକ୍ତମାନଙ୍କ ଟେର୍ ପାଇପାରିନାହିଁ। ତେବେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ କରିବା ବଦଳରେ ନିଖୋଜ ମାମଲା ରୁଜୁ କରି ଚୁପ୍ ବସିଥିବା ନେଇ ଯୁବତୀଙ୍କ ବାପା ଅଭିଯୋଗ କରିଛନ୍ତି। ଏନେଇ କପ୍ତିପଦା ଏସ୍‌ଡିପିଓ ହୃଷୀକେଶ ନାୟକଙ୍କୁ ପଚାରିବାରୁ ଅପହୃତା ଯୁବତୀଙ୍କ ବୟସ ୨୦ ବର୍ଷ ହୋଇଥିବାରୁ ନିଖୋଜ ମାମଲା ରୁଜୁ ହୋଇଛି ଓ ଖୁବ୍‌ଶୀଘ୍ର ତାଙ୍କୁ ଉଦ୍ଧାର କରାଯିବ ବୋଲି ସେ କହିଛନ୍ତି।

# ୩ ମାଓବାଦୀ ଗିରଫ



ମାଲକାନଗିରି,୧୦।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୨ ଲକ୍ଷ ପୁରସ୍କାର ଘୋଷିତ ୩ଜଣ ମାଓବାଦୀଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ସୋଡି ନନ୍ଦୁ, ପୁନେମ କୋସା ଓ ମଡକମ ପୋଦିୟା।

ଜଗରଗୁଣ୍ଡା ଥାନା ଅଞ୍ଚଳରେ ୧୫୦ ବାହିନୀ ସିଆରପିଏଫ୍ ବାହିନୀ ଅଲିଗୁଡେମ ଓ ଜୋନାଗୁଡା ଓ ଆଖପାଖ ଅଞ୍ଚଳରେ କୋମ୍ବିଂ କରୁଥିଲେ। ସେହି ସମୟରେ ଉକ୍ତ ୨ ଗ୍ରାମ ନିକଟରେ ୩ଜଣ ମାଓବାଦୀଙ୍କୁ ଗିରଫ କରିଥିଲେ। ଏମାନେ ଜଗରଗୁଣ୍ଡା ଥାନାରେ ଆଇଇଡି ବିସ୍ଫୋରଣରେ ସାମିଲ ଥିବା ତଦନ୍ତରୁ ଜଣାପଡିଛି। ତେବେ ଏହି ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ପୋଲିସ ସୂତ୍ରରୁ ପ୍ରକାଶ।

# ୩ ଯୁବକ ଗିରଫ, ୨ ନାବାଳକ ଅଟକ

## ନାବାଳିକାଙ୍କୁ ଜଙ୍ଗଲରେ ଗଣବଳାତ୍କାର ଉଦ୍ୟମ

ଉଦଳା,୧୦।୮ (ସନ୍ତୋଷ କୁମାର ବାଛିନୀ)

ଟ୍ୟୁଶନ ଯାଇଥିବା ଜଣେ କଲେଜ ଛାତ୍ରୀଙ୍କୁ ଉଠାଇନେଇ ଗଣବଳାତ୍କାର ଉଦ୍ୟମ ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ରକ୍ଷାବନ୍ଧନ ଦିନ ବୁଲିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ଜଙ୍ଗଲରେ ଗଣବଳାତ୍କାର ଉଦ୍ୟମ କରାଯିବା ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୋଲିସ ୩ ଯୁବକଙ୍କୁ ଗିରଫ କରିଥିବାବେଳେ ୨ ନାବାଳକଙ୍କୁ ଅଟକ ରଖିଛି। ଏସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ. ୩୨୪/୨୫) ରୁଜୁ ହୋଇଛି। ଗିରଫ ଯୁବକମାନେ ହେଲେ ଉଦଳା ଥାନା ଅଧୀନ ବୃନ୍ଦାଗଡ଼ି ଗ୍ରାମର ଗଣେଶ ଦ୍ୱିବେଦୀ(୩୨), ଜିତ୍‌ରାୟ ସୋରେନ(୪୫), ରୋହିତ ନାଏକ(୨୦)।

ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ୧୬ ବର୍ଷର ଜଣେ ନାବାଳିକା ତାଙ୍କ ୨ ନାବାଳକ ସାଙ୍ଗଙ୍କ ସହ ବୁଲିବାକୁ ଯାଇଥିଲେ। ଜଙ୍ଗଲ ନିକଟରେ ଜଣେ ନାବାଳକ ସାଙ୍ଗ ଶୌଚ ନିମନ୍ତେ ଯାଇଥିଲା ଅନ୍ୟ ଜଣେ ନାବାଳିକାଙ୍କ ପାଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ସେଠାରେ ୩ ଯୁବକ ଗଣେଶ, ଜିତ୍‌ରାୟ ଓ ରୋହିତ ଆସି ପହଞ୍ଚିଥିଲେ। ସେମାନେ ନାବାଳିକାଙ୍କ ପାଖରେ ଛିଡ଼ା ହୋଇଥିବା ନାବାଳକଙ୍କୁ ଶୌଚ ନିମନ୍ତେ ଯାଇଥିବା ସାଙ୍ଗଙ୍କୁ ଖୋଜି ଆଣିବା ପାଇଁ ପଠାଇ ଦେଇଥିଲେ। ଏହାପରେ ଉକ୍ତ ୩ ଯୁବକ ନାବାଳିକାଙ୍କୁ ଏକୁଟିଆ ପାଇ ଗଣବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ କୌଶଳକ୍ରମେ ସେମାନଙ୍କୁ ଗୋଇଠା ମାରି ସେଠାରୁ ଖସି ପଳାଇ ଆସିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନଙ୍କ ସହ ଥିବା ୨ ନାବାଳକ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

## ସମ୍ପତ୍ତି ପାଇଁ ମାଡ଼ ମରାଯାଇଥିବା ଝିଅଙ୍କ ଅଭିଯୋଗ

ଆସିକା,୧୦।୮ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଗଙ୍ଗାପୁର ପଞ୍ଚାୟତ ଦନ୍ତାରିବଗଡ଼ ଗ୍ରାମର ଜଣେ ବୃଦ୍ଧାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଉଦୟ ଗୌଡ଼ଙ୍କ ସ୍ତ୍ରୀ ଲକ୍ଷ୍ମୀ ଗୌଡ (୭୫)। ଶନିବାର ରାତିରେ ମା'ଙ୍କୁ ଭାଇ, ଭାଉଜ ମାଡ଼ ମାରିଥିବା ଲକ୍ଷ୍ମୀଙ୍କ ଝିଅ ଲିଲି ତାରିଣୀ ଆସିକା ଥାନାରେ ଅଭିଯୋଗ କରଛନ୍ତି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ରବିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡିବ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଲକ୍ଷ୍ମୀଙ୍କ ପରିବାରରେ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ର କରି ସବୁବେଳେ ଝଗଡ଼ା ଲାଗି ରହୁଥିଲା। ଶନିବାର ରାତିରେ ମଧ ପୁଅବୋହୂଙ୍କ ସହ ଲକ୍ଷ୍ମୀଙ୍କ ଯୁକ୍ତିତର୍କ ହୋଇଥିଲା। ବିଳମ୍ବିତ ରାତିରେ ଲକ୍ଷ୍ମୀ ଘର ଭିତରେ ଝାଡାବାନ୍ତି ହୋଇ ମୁମୂର୍ଷୁ ଅବସ୍ଥାରେ ପଡିଥିବା ବେଳେ ପରିବାର ଲୋକେ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଲକ୍ଷ୍ମୀଙ୍କ ଝିଅଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୫/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## Business

# ଓଡ଼ିଶାର ଅଭିବୃଦ୍ଧିରେ ଉଦ୍ୟୋଗୀଙ୍କ ଯୋଗଦାନ ଉଲ୍ଲେଖନୀୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୮ (ଅଭୟ ଦାଶ)

ଓଡ଼ିଶା ସରକାରଙ୍କ ସହଯୋଗିତାରେ ଟାଇ ଭୁବନେଶ୍ୱର ଦ୍ୱାରା ଆୟୋଜିତ ଦୁଇଦିନିଆ ଜାତୀୟ ଉଦ୍ୟୋଗିକତା ସମ୍ମିଳନୀ 'ଟାଇକନ୍ ଭୁବନେଶ୍ୱର-୨୦୨୫' ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଓଡ଼ିଶାର ଅଭିବୃଦ୍ଧିରେ ଉଦ୍ୟୋଗୀମାନଙ୍କ ଯୋଗଦାନ ଉଲ୍ଲେଖନୀୟ। ଏପରିକି ଏକ ଅଗ୍ରଣୀ ଉଦ୍ଭାବନ କେନ୍ଦ୍ର ଭାବେ ଓଡ଼ିଶାର ଉତ୍ଥାନକୁ ଆଲୋକିତ କରି ମୁଖ୍ୟମନ୍ତ୍ରୀ ମାଝୀ ରାଜ୍ୟର ଅଭିବୃଦ୍ଧି ଯାତ୍ରାରେ ସହଯୋଗୀ ହେବା ପାଇଁ ଉଦ୍ୟୋଗୀମାନଙ୍କୁ ଆମନ୍ତ୍ରିତ କରିଥିଲେ। ସେହିଭଳି ଗ୍ଲୋବାଲ କାପାବିଲିଟି ସେଣ୍ଟର୍ସ (ଜିସିସି), ଚିପ ଡିଜାଇନ, ବ୍ଲକଚେନ ଓ ଏଆଇ ରିସର୍ଚ୍ଚ କ୍ଷେତ୍ରରେ ରାଜ୍ୟର ନେତୃତ୍ୱକୁ ଉଲ୍ଲେଖ କରି ସେ କହିଥିଲେ, ଆପଣମାନେ ଥରେ ଏଠାକୁ ଆସିବା ପରେ, ଏହା ଆପଣଙ୍କର ୨ୟ ଘର ଭଳି ଅନୁଭବ ହେବ। ଏପରିକି ମିଳିତ ଭାବେ ଆମେ ଓଡ଼ିଶାକୁ ପୂର୍ବ ଭାରତର ଉଦ୍ୟୋଗ ରାଜଧାନୀରେ ପରିଣତ କରିପାରିବା। ଏଥିସହିତ ସେ କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁର ସହରକୁ ନୂଆ ଡିଜିଟାଲ ହବ୍ ଭାବେ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଏହା ଭିଜନ ଓଡିଶା-୨୦୩୬ ଓ ବିକଶିତ ଭାରତ ୨୦୪୭ ସହ ସମନ୍ୱିତ ରହିଛି। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏଆଇ ଗ୍ରହଣୀୟତା କ୍ଷେତ୍ରରେ ଓଡ଼ିଶାର ଅଗ୍ରଗାମୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଏହାର ନିଜସ୍ୱ ଏଆଇ ନୀତି ସହିତ ଓ ୨୦୨୫-୨୬ ବଜେଟରେ ଓଡ଼ିଶା ଏଆଇ ମିଶନ ପାଇଁ ୨୫ କୋଟି ଟଙ୍କାର ଆବଣ୍ଟନ କରିଥିବା ପ୍ରଥମ ରାଜ୍ୟରେ ପରିଣତ ହୋଇଛି। ସେ କୋରାପୁଟରେ ଏଆଇ-ଆଧାରିତ କଫି ଚାଷର ତଦାରଖ ଏବଂ ଶିଶୁ କୁପୋଷଣ, ମାତୃ ମୃତ୍ୟୁହାର (ଏମଏମଆର) ଓ ଶିଶୁ ମୃତ୍ୟୁହାର ଭଳି ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ପ୍ରଗତିକୁ ଟ୍ରାକ୍ କରିବା ପାଇଁ ଆଗାମୀ ଏଆଇ-ଭିତ୍ତିକ ପ୍ରକଳ୍ପ ସମେତ କୃଷି ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଆଇର ପ୍ରୟୋଗଗୁଡ଼ିକୁ ଉଲ୍ଲେଖ କରିଥିଲେ। ଏଥିସହିତ ଓଡିଶା ସେମିକଣ୍ଡକ୍ଟର ପଲିସି ଏବଂ ଭୁବନେଶ୍ୱରରେ ଏକ ଫିନଟେକ ସେଣ୍ଟର ସ୍ଥାପନ କରିବା ପାଇଁ ସ୍ୱାକ୍ଷରିତ ହୋଇଥିବା ଏମଓୟୁଗୁଡିକ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ।

ଏହି ପରିପ୍ରେକ୍ଷୀରେ ଏକାଧିକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଯେଉଁଥିରେ ରିସର୍ଚ୍ଚ, ପାଇଲଟ ପ୍ରୋଜେକ୍ଟ, ଟେକ୍ କୋର ଡେଭ୍‌ଲପମେଣ୍ଟ, ପଲିସି ଇନ୍‌ପୁଟ୍‌ସ ଓ ଇନୋଭେଶନ ଇକୋସିଷ୍ଟମ ବିଲ୍ଡିଙ୍ଗ କ୍ଷେତ୍ରରେ ଇଲେକଟ୍ରୋନିକ୍ସ ଓ ଆଇଟି ବିଭାଗ ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ସହଭାଗିତା, ଓ-ଚିପ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଓକାକ୍ ଓ ଏସ୍‌ଏଫଏଏଲ (ସେମିକଣ୍ଡକ୍ଟର ଫାବ୍‌ଲେସ୍ ଆକ୍‌ସିଲରେଟର ଲାବ) ମଧ୍ୟରେ ସହଭାଗିତା, ବୈଷୟିକ ସହଭାଗିତା ପାଇଁ ଇଏସସି ଓଡିଶା ଓ ହିଟାଚି ଏମଜିଆରଏମ ମଧ୍ୟରେ ନଲେଜ ପାର୍ଟନରଶିପ ଏବଂ ଷ୍ଟାର୍ଟଅପ ସପୋର୍ଟ ନେଟ୍‌ୱର୍କଗୁଡିକୁ ମଜଭୁତ କରିବା ପାଇଁ ଟାଇ ଭୁବନେଶ୍ୱର ଓ ଇନ୍‌କ୍ୟୁବେଶନ ସେଣ୍ଟରଗୁଡିକ ମଧ୍ୟରେ ସହଭାଗିତା ଆଦି ଅନ୍ତର୍ଭୁକ୍ତ ରହିଛି।

ଏହିଅବସରରେ ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି କହିଥିଲେ, ଏହି ସମ୍ମିଳନୀ ଓଡ଼ିଶାର କ୍ଷମତାକୁ ପ୍ରଦର୍ଶିତ କରିଛି ଏବଂ ଅନ୍ତର୍ଜାତୀୟ ସହଭାଗିତା ପାଇଁ ମଞ୍ଚ ପ୍ରସ୍ତୁତ କରିଛି। ସମ୍ମିଳନୀରେ ବିବିଧ ଅଂଶଗ୍ରହଣ ଏକ ଉଲ୍ଲେଖନୀୟ ଉଦ୍ଭାବନ କେନ୍ଦ୍ର ଭାବେ ଭୁବନେଶ୍ୱରର ସ୍ଥିତିକୁ ସୁଦୃଢ଼ କରିଛି।



ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ,ସାଂସଦ ରବି ନାରାୟଣ ବେହେରା,ସାଂସଦ ସୁଜିତ କୁମାର, ଆଇଟି ସଚିବ ବିଶାଲ କୁମାର ଦେବ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଟାଇ ଗ୍ଲୋବାଲର ଅଧ୍ୟକ୍ଷ ମୁରଲୀ ବୁକ୍କାପଟନମ, ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଅଛନ୍ତି।

# ବିଦ୍ୟା ବାଲାନ ଭାସ୍‌ମଲର ବ୍ରାଣ୍ଡ୍ ଆମ୍ବାସାଡ଼ର

ଭୁବନେଶ୍ୱର,୧୦।୮

ବଲିଉଡ ଅଭିନେତ୍ରୀ ବିଦ୍ୟା ବାଲାନଙ୍କୁ ହେୟାର କଲର ବ୍ରାଣ୍ଡ୍ ଭାସ୍‌ମଲ ତା'ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଏପରିକି ବିଦ୍ୟା ବାଲାନ୍‌ଙ୍କ ସହ ଭାସମଲ ହେନ୍ନା କ୍ରିମ ହେୟାର କଲରର ଏକ ନୂତନ ଟେଲିଭିଜନ କର୍ମସିଆଲ (ଟିଭିସି)ର ଶୁଭାରମ୍ଭ କରିଛି। କମ୍ପାନୀର ଏହି ବିଜ୍ଞାପନଭିତ୍ତିକ ଟିଭିସିଟି ସମସ୍ତ ମୌଳିକ ସୌନ୍ଦର୍ଯ୍ୟକାରିତା ଓ ପାରମ୍ପରିକତା ତଥା ସହଯୋଗୀ କାହାଣୀକୁ ବିସ୍ତୃତ ଭାବେ ଆବଦ୍ଧ କରିପାରିଛି। ବିଶେଷ କରି ଏହା ହେନ୍ନାର ପ୍ରାକୃତିକ ଉପକାରିତାର ସହଜ କ୍ରିମ ଫର୍ମାଟ ଉପରେ ଆଲୋକପାତ କରିବା ସହିତ ଐତିହ୍ୟ ଏବଂ ନବୀନତାର ଭାବପ୍ରବଣ ମହକତା ପ୍ରଦାନ କରିଛି। ଏହି ଅଭିଯାନର ବାର୍ତ୍ତାଗୁଡ଼ିକ ପ୍ରତ୍ୟେକ ମହିଳାଙ୍କ ସଶକ୍ତୀକରଣର ଆବେଗତାକୁ ଧରି ରଖିବା ସହିତ ଯଥାର୍ଥରେ 'ସୁରକ୍ଷିତ ରହେ ମେରେ ବାଲ' କହିବା ସହିତ ଏଥିରେ ଦୂର ଅବଧିର ବିଶ୍ୱସନୀୟତାକୁ ଯୋଡ଼ି ପାରିଛି। ଏ ସମ୍ପର୍କରେ ଏଚଆରଆଇପିଏଲର ଏମ୍‌ଡି ତଥା ସିଇଓ ଧୀରଜ ଅରୋରା କହିଛନ୍ତି, ଭାସମଲର ଜୟଯାତ୍ରାରେ ଆମର ବ୍ରାଣ୍ଡ-ପ୍ରତିଷ୍ଠା ପାଇଁ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ହେବ। ଏହା ଜରିଆରେ ଆମର ରହିଥିବା ବିସ୍ତାରିତ ରଣନୀତିକୁ ଅଧିକ ଶକ୍ତିଶାଳୀ କରିବା ଦିଗରେ ବେଶ୍ ସହାୟକ ହେବ। ଆଞ୍ଚଳିକତାର ବିଭିନ୍ନ ଦିଗକୁ ପ୍ରତିଫଳିତ କରିବା ସଙ୍ଗେ ସଙ୍ଗେ ଏହା ଏକ ଜାତୀୟ ପ୍ରାସଙ୍ଗିକତାକୁ ଗୌରାବନ୍ୱିତ କରିପାରିଛି।




# ଇଣ୍ଡସ ସହ ଫୋନ୍‌ପେର ସହଭାଗିତା

ଭୁବନେଶ୍ୱର,୧୦।୮

ଦେଶର ପ୍ରମୁଖ ଡିଜିଟାଲ ପେମେଣ୍ଟ୍‌ସ ଆଣ୍ଡ ଆର୍ଥିକ ସେବା ପ୍ରଦାନକାରୀ ପ୍ଲାଟଫର୍ମ ଫୋନ୍‌ପେ ଏବଂ ଇଣ୍ଡସ ମଧ୍ୟରେ ସହଭାଗିତା ହୋଇଛି। ଏପରିକି ଇଣ୍ଡସ୍ ଆପ ଷ୍ଟୋର ପକ୍ଷରୁ ଆଲକାଟେଲ୍ ସହ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଦୀର୍ଘମିଆଦୀ ଭାଗୀଦାରି ଅନ୍ତର୍ଗତ ଇଣ୍ଡସ୍ ଆପ ଷ୍ଟୋର ଭାରତର ସମସ୍ତ ଆଲକାଟେଲ୍ ସ୍ମାର୍ଟଫୋନରେ ଏକ ପ୍ରି-ଇନ୍‌ଷ୍ଟଲ୍ ଆପ୍ ଷ୍ଟୋର ଭାବେ ଉପଲବ୍ଧ ହେବ। ଫୋନପେ ସହ ଇଣ୍ଡସ୍ ଆପଷ୍ଟୋରର ୪୫ ବିଭାଗରେ ଯାଞ୍ଚ ହୋଇଥିବା ମୋବାଇଲ୍ ଆପ୍ ଏବଂ ଗେମ୍ସର ଏକ ବିଶାଳ ସଂଗ୍ରହ ରହିଛି। ଏହା ୧୨ଟି ଭାରତୀୟ ଭାଷାକୁ ସମର୍ଥନ ଏବଂ ୧୦ଟି ଆଞ୍ଚଳିକ ଭାଷାରେ ଭଏସ୍ ସର୍ଚ୍ଚ ସୁବିଧା ଦେଉଛି। ଅପରପକ୍ଷରେ ଏହା ଏକ ଭିଡିଓ ଆଧାରିତ ଆପ୍ ଅନ୍ୱେଷଣ ଅନୁଭୂତି ପ୍ରଦାନ କରଛି। ଯାହା ବ୍ୟବହାରକାରୀଙ୍କୁ ଡାଉନଲୋଡ୍ କରିବା ପୂର୍ବରୁ ଆପ୍‌ଗୁଡ଼ିକୁ ପ୍ରିଭ୍ୟୁ କରିବାର ସୁଯୋଗ ଦେଉଛି। ସେହିଭଳି ଅନ୍ତର୍ଜାତୀୟ ବଜାରରେ 'ଆଲକାଟେଲ୍' ବ୍ରାଣ୍ଡକୁ ପ୍ରତିନିଧିତ୍ୱ ଏବଂ ପରିଚାଳନା କରିବା ପାଇଁ ଟିସିଏଲ୍‌ଠାରୁ ଏନଏକ୍ସଟି ସେଲ୍ ଇଣ୍ଡିଆ ସ୍ୱତନ୍ତ୍ର ଅଧିକାର ପାଇଛି। ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ସହିତ ସମନ୍ୱିତ ହୋଇ ଭାରତୀୟ ଉପଯୋଗକାରୀ ଏବଂ ଡେଭଲପରମାନଙ୍କୁ ସଶକ୍ତ କରୁଥିବା ସ୍ଥାନୀୟ ପ୍ରଯୁକ୍ତି ସମାଧାନକୁ ସମନ୍ୱିତ କରିବାରେ ଏହି ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଇଣ୍ଡସ୍ ଆପଷ୍ଟୋର ଭାରତରେ ଶୁଭାରମ୍ଭ ହେବା ପରେ ଶୀଘ୍ର ଆଲକାଟେଲ୍ ସହିତ ହାତ ମିଳାଇଥିଲା। ଇଣ୍ଡସ୍ ଆପଷ୍ଟୋରର ମୁଖ୍ୟ ବ୍ୟବସାୟିକ ଅଧିକାରୀ ପ୍ରିୟା ଏମ୍. ନରସିଂହନ କହିଛନ୍ତି, ଆମେ ଆଲକାଟେଲ୍ ସହିତ ଭାରତରେ ସେମାନଙ୍କ ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଡ଼ି ହୋଇଥିବାରୁ ଖୁସି ଅଛୁ। ଏନ୍‌ଏକ୍ସଟିସେଲ୍ ଇଣ୍ଡିଆର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଆତୁଲ୍ ବିବେକ୍ କହିଛନ୍ତି,ଯେତେବେଳେ ଆମେ ଆଲକାଟେଲ୍ ସ୍ମାର୍ଟଫୋନଗୁଡିକୁ ଭାରତୀୟ ବଜାରରେ ପୁନର୍ବାର ଆଣିବାକୁ ପ୍ରସ୍ତୁତ ହେଉଛୁ।

# କସିଓକୁ ୩ ମିଲିୟନ ଡଲାରର ସିଡ୍ ଫଣ୍ଡିଙ୍ଗ

ଭୁବନେଶ୍ୱର,୧୦।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପରିଚାଳିତ ଭିଡିଓ ଟେଲିମାଟ୍ରିକ୍ସ ଷ୍ଟାର୍ଟଅପ 'କସିଓ'କୁ ନିକଟରେ ୩ ମିଲିୟନ ଡଲାରର ସିଡ୍ ଫଣ୍ଡିଙ୍ଗ ମିଳିଛି। ଏପରିକି ଚଳିତ ବର୍ଷ ଏପ୍ରିଲରେ କମ୍ପାନୀ ଏହାର ବିଦ୍ୟମାନ ରାଉଣ୍ଡର ଅଂଶ ଭାବେ ୧.୨ ମିଲିୟନ ଡଲାରର ପାଣ୍ଠି ହାସଲ କରିଥିବା ଘୋଷଣା କରିଥିଲା। ସେହିଭଳି ଏହି ପାଣ୍ଠିକୁ କସିଓର ଗବେଷଣା ଓ ବିକାଶର ବିସ୍ତାର ସହିତ ଏହାର ଏଆଇ କ୍ଷମତାଗୁଡ଼ିକୁ ଉନ୍ନତ କରିବା ଏବଂ ଭାରତର ଫ୍ଲିଟ ଅପରେଟର, ଇଣ୍ଟରସିଟି ଓ ଇନ୍‌ଟ୍ରାସିଟି ବସ୍ ଅପରେଟର ଏବଂ ସ୍କୁଲ ଟ୍ରାନ୍ସପୋର୍ଟ ନେଟ୍‌ୱର୍କଗୁଡ଼ିରେ ପ୍ଲାଟଫର୍ମର ଉପସ୍ଥିତିକୁ ବୃଦ୍ଧି କରିବା ପାଇଁ ବ୍ୟବହାର କରାଯିବ। କମ୍ପାନୀ ଏହାର ଅନ୍-ଗ୍ରାଉଣ୍ଡ ଇନ୍‌ଷ୍ଟଲେଶନ ଓ ସର୍ଭିସିଙ୍ଗ କ୍ଷମତାକୁ ମଜଭୁତ କରିବା ପାଇଁ ମଧ୍ୟ ଯୋଜନା ରଖିଛି, ଯାହା ଫ୍ଲିଟଗୁଡ଼ିକ ପାଇଁ ସୁଗମ ଗ୍ରହଣକୁ ନିଶ୍ଚିତ କରିବ। ଏ ସମ୍ପର୍କରେ କସିଓର ସହପ୍ରତିଷ୍ଠାତା ତଥା ସିଇଓ ଅଙ୍କିତ ଆଚାର୍ଯ୍ୟ କହିଛନ୍ତି, ଆମେ ଏଭଳି ଏକ ଟେକ୍ନୋଲୋଜି ନିର୍ମାଣ କରୁଛୁ, ଯାହା ସୁରକ୍ଷାକୁ ଦୃଶ୍ୟମାନ ଓ କାର୍ଯ୍ୟକ୍ଷମ କରିଥାଏ। ଆମେ ପଠାଉଥିବା ପ୍ରତ୍ୟେକ ଆଲର୍ଟ ଦୁର୍ଘଟଣା ରୋକିବା, ପରିବାରକୁ ସୁରକ୍ଷିତ ରଖିବା ଓ ଜୀବନ ବଞ୍ଚାଇବା ପାଇଁ ସୁଯୋଗ ଦେଇଥାଏ। ସେହିପରି କସିଓର ସହପ୍ରତିଷ୍ଠାତା ତଥା ସିଟିଓ ପ୍ରାଲ କହିଛନ୍ତି, ଏହି ନୂଆ ନିବେଶ ଆମକୁ ଆମର ଟେକ୍ନୋଲୋଜିକୁ ସୁଦୃଢ଼ କରିବା ସହିତ ଆମର ଟିମକୁ ବୃଦ୍ଧି କରିବା ଏବଂ ଉପସ୍ଥିତି ବିସ୍ତାର କରିବାକୁ ଆମକୁ ଅନୁମତି ଦେଉଛି, ଯାହା ସଡକ ସୁରକ୍ଷା ବ୍ୟତିକ୍ରମ ନୁହେଁ ବରଂ ନିୟମରେ ପରିଣତ ହୋଇଛି ବୋଲି ନିଶ୍ଚିତ କରୁଛି।

# ୧୩ରେ ଜୟଆଲୁକ୍କାସର କଟକ ଷ୍ଟୋର ଉଦ୍‌ଘାଟନୀ ଉତ୍ସବ

ଭୁବନେଶ୍ୱର,୧୦।୮

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ୍ 'ଜୟଆଲୁକ୍କାସ'ର ସମ୍ପ୍ରସାରଣ ସହିତ ଓଡ଼ିଶା ବଜାରରେ ନୂତନ ଷ୍ଟୋରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କଟକ ବଜାରରେ ଜୟଆଲୁକ୍କାସର ପ୍ରଥମ ତଥା ଏକ୍ସକ୍ଲୁସିଭ ଶୋ'ରୁମ୍ ଚଳିତ ମାସ ୧୩ ତାରିଖ ସନ୍ଧ୍ୟା ୫ଘଟିକାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବାକୁ ଯାଉଛି। ଅଗଷ୍ଟ ୧୩ରେ ଅନୁଷ୍ଠିତ ହେବାକୁ ଥିବା ଏହି ଉଦ୍‌ଘାଟନୀ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଏହି ବିଶେଷ ଶୁଭାରମ୍ଭକୁ ଆକର୍ଷଣୀୟ କରିବା ପାଇଁ ଜୟଆଲୁକ୍କାସ ପକ୍ଷରୁ ଡାଇମଣ୍ଡ ଏବଂ ଅନକଟ ଡାଇମଣ୍ଡ ଅଳଙ୍କାର ଉପରେ ୨୫% ରିହାତି ଦିଆଯାଉଛି। ଏପରିକି ୧,୦୦,୦୦୦ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର ସୁନା ଏବଂ ମୂଲ୍ୟବାନ ଷ୍ଟୋନର ଅଳଙ୍କାର ଉପରେ ୫ ଗ୍ରାମ୍ ରୁପା ବାର ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ପ୍ରତ୍ୟେକ କ୍ରେତା କେବଳ ଅଫର ଅବଧି ମଧ୍ୟରେ ପ୍ରତ୍ୟେକ କ୍ରୟ ସହିତ ଏକ ସୁନିଶ୍ଚିତ ମାଗଣା ଉପହାର ପାଇବେ। ଏ ନେଇ ଜୟଆଲୁକ୍କାସ ଗ୍ରୁପର ଅଧ୍ୟକ୍ଷ ଡ. ଜୟଆଲୁକ୍କାସ କହିଛନ୍ତି, କଟକ ବଜାରକୁ ଜୟଆଲୁକ୍କାସ୍‌କୁ ଆଣି ଆମେ ବହୁତ ଖୁସି ଅଛୁ। ଏହା ଏକ ପରମ୍ପରାରେ ପରିପୂର୍ଣ୍ଣ ସହର ଏବଂ ସୂକ୍ଷ୍ମ କାରିଗରୀର ଆଦର ପାଇଁ ବେଶ ଜଣାଶୁଣା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଆମେ କେବଳ ଅସାଧାରଣ ଅଳଙ୍କାରର ଅଫର ପ୍ରଦାନ କରିବା ପାଇଁ ଉତ୍ସର୍ଗୀକୃତ ତାହା ନୁହେଁ, ବରଂ ଗ୍ରାହକମାନେ ଏହାକୁ ଅଧିକ ଭାବେ ପସନ୍ଦ କରିବେ ବୋଲି ଆମର ବିଶ୍ୱାସ ରହିଛି। ଏହି ଶୁଭାରମ୍ଭ ଉତ୍ସବରେ ଆମ ସହ ଯୋଗ ଦିଅନ୍ତୁ ଏବଂ ସପିଂର ଆନନ୍ଦ ନେବା ପାଇଁ ଆମେ ସମସ୍ତଙ୍କୁ ଆନ୍ତରିକତାର ସହ ସ୍ୱାଗତ କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଯୋଜନାବଦ୍ଧ ଭାବେ ଅବସ୍ଥିତ ଏବଂ ଅନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ଡିଜାଇନ୍ ହୋଇଥିବା ଏହି ନୂତନ ଶୋ'ରୁମ୍ ମିଲେନିୟମ୍ ସିଟିରେ ଏକ ବିଶ୍ୱସ୍ତରୀୟ ଏବଂ ବିଳାସପୂର୍ଣ୍ଣ ସପିଂ ଅଭିଜ୍ଞତା ଆଣିଛି।

Joyalukkas
World's favourite jeweller

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ମୁବସ୍ୱର୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତୀୟ ଆଥଲେଟ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

**ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍**

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ବିଦେଶର ନାମୀ ଖେଳାଳିଙ୍କ ଅନୁପସ୍ଥିତିର ଉପଯୁକ୍ତ ଫାଇଦା ହାସଲ କରିଛନ୍ତି ଘରୋଇ ଆଥଲେଟ୍। କଳିଙ୍ଗ ଷ୍ଟାଡିୟମର ପାଗ ଓ ପରିବେଶରୁ ଫାଇଦା ଉଠାଇ ଅନେକ ଇଭେଣ୍ଟରେ ଭାରତୀୟମାନେ କ୍ଲିନ୍ ସୁଇପ୍ ମଧ୍ୟ କରିଛନ୍ତି। ୪୦୦ ମିଟର ପୁରୁଷରେ ପ୍ରଥମ ୩ଟି ଯାକ ସ୍ଥାନ ଭାରତୀୟମାନେ ହାସଲ କରିଥିବାବେଳେ ମହିଳା ୪୦୦ ମିଟରରେ ପ୍ରଥମ ଦୁଇ ସ୍ଥାନରେ ଭାରତୀୟ ହିଁ ରହିଛନ୍ତି। ମହିଳା ଜାଭେଲିନ୍ ଥ୍ରୋରେ ଭାରତର ତାରକା ଆଥଲେଟ୍ ଅନୁ ରାଣୀ ଚମତ୍କାର ଥ୍ରୋ କରି ପ୍ରଥମ ହୋଇଛନ୍ତି। ନିକଟରେ ପୋଲାଣ୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅନୁ ଏଠାରେ ମଧ୍ୟ ୬୨.୦୧ ମିଟର ଥ୍ରୋ କରି ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇଥିଲେ। ତାଙ୍କର ଅନ୍ୟ କୌଣସି ପ୍ରତିଦ୍ୱନ୍ଦ୍ୱୀ ୬୦ ମିଟର ସ୍ପର୍ଶ କରିପାରି ନ ଥିଲେ। ମହିଳା ୧୦୦ ମିଟରରେ ଅଭିନୟା ରାଜାରାଜନ, ସ୍ନେହା ଏସ.ଏସ. ଓ ନିତ୍ୟା ଗାନ୍ଧେ ପ୍ରଥମ ୩ ସ୍ଥାନ ଅଧିକାର କରି ନେଇଥିଲେ। ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁଙ୍କ ସମେତ ଭାରତୀୟମାନେ ପ୍ରଥମ ୩ ସ୍ଥାନ ସୁଇପ୍ କରିଛନ୍ତି। ମହିଳା ଲଙ୍ଗଜମ୍ପରେ ଶାଇଲି ସିଂ, ଭବାନୀ ଯାଦବ ଓ ସାନ୍ଦ୍ରା ବାବୁ ଏବଂ ପୁରୁଷ ଟ୍ରିପଲ ଜମ୍ପରେ ଅବଦୁଲା ଅବୁବାକର, କାର୍ତ୍ତିକ ଉନ୍ନିକ୍ରିଷ୍ଣନ ଓ ଗେଲି ଭେନିଷ୍ଟେର ପ୍ରଥମ ୩ ସ୍ଥାନ ହାସଲ କରିଛନ୍ତି। ୮୦୦ ମିଟରର ପୁରୁଷ ଓ ମହିଳା ବିଭାଗରେ କେବଳ ଭାରତୀୟମାନେ ପୋଡିୟମ ମଣ୍ଡନ କରିଛନ୍ତି। ମହିଳା ୧୫୦୦ ମିଟରରେ ପୂଜା, ଲିଲି ଦାସ ଓ ଅମନଦୀପ କୌର ଭାରତର ଟେକ ରଖିଛନ୍ତି। ପୁରୁଷ ୨୦୦ ମିଟରରେ ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ପ୍ରଥମ ସ୍ଥାନ ଅଧିକାର କରି ଦେଶ ତଥା ରାଜ୍ୟର ସମ୍ମାନ ରଖିଛନ୍ତି।



ମହିଳା ୧୦୦ ମିଟର ରେସ୍‌ରେ ଭାଗ ନେଇଥିବା ଓଡ଼ିଶାର ଶ୍ରାବଣୀ ନନ୍ଦ (ଡାହାଣ)।



ପୁରୁଷ ଲଙ୍ଗଜମ୍ପ ଅବସରରେ ଭାରତର ମୁରଲୀ ଶ୍ରୀଶଙ୍କର।


କଳିଙ୍ଗ ଷ୍ଟାଡିୟମ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ କଳାକାରଙ୍କ ସହ ମାସ୍କଟ ଓଲି।


ଷ୍ଟାଡିୟମ୍ ଦର୍ଶକ ଗ୍ୟାଲେରିରେ ପରିବାର ସଦସ୍ୟଙ୍କ ସହ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ।

# ଦୁଇ ଦଶନ୍ଧିରେ ଭାରତକୁ ପ୍ରଥମ ଯୋଗ୍ୟତା


ଯୋଗ୍ୟତା ହାସଲ କରିଥିବା ଭାରତୀୟ ଦଳ।

**ଏଏଫ୍‌ସି ୨୦ବର୍ଷରୁ କମ୍ ମହିଳା ଏସିଆ କପ୍**

**ୟାନ୍‌ଗନ, ୧୦।୮ (ପି.ଟି.)**

ଭାରତ ଦୁଇ ଦଶନ୍ଧିରେ ପ୍ରଥମ ଥର ଏଏଫ୍‌ସି ୨୦ବର୍ଷରୁ କମ୍ ମହିଳା ଏସିଆନ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛି। ରବିବାର ଗ୍ରୁପ 'ଡି' ଫାଇନାଲ କ୍ୱାଲିଫାଇଙ୍ଗ ମ୍ୟାଚରେ ମ୍ୟାନ୍‌ମାରକୁ ୧-୦ ଗୋଲରେ ହରାଇ ଦେଇଛି। ଥୁଉନା ଷ୍ଟାଡିୟମ ଖେଳାଯାଇଥିବା ଏହି ମ୍ୟାଚରେ ପୂଜା ଖେଳର ୨୭ତମ ମିନିଟ୍‌ରେ ନିର୍ଣ୍ଣାୟକ ଗୋଲ୍ ସ୍କୋର କରିଥିଲେ। ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଘରୋଇ ଦଳ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ରହିଥିଲା। ଏହି ବିଜୟ ସହ ଭାରତ ୭ ପଏଣ୍ଟ ସହ ଗ୍ରୁପ୍‌ର ଶୀର୍ଷରେ ରହିବା ସହ ଥାଇଲାଣ୍ଡରେ ହେବାକୁଥିବା ମୁଖ୍ୟ ଟୁର୍ଣ୍ଣାମେଣ୍ଟର ୨୦୨୬ ସଂସ୍କରଣ ପାଇଁ ଯୋଗ୍ୟତା ଅର୍ଜନ କରିଛି।

# ରମେଶ ପ୍ରଥମ ଭାରତୀୟ ପଦକ ବିଜେତା




**ଚେନ୍ନାଇ, ୧୦।୮ (ପି.ଟି.)**

**ଏସିଆନ ସର୍ଫିଙ୍ଗ**

ରମେଶ ବୁଦ୍ଧିଆଲ ପ୍ରଥମ ଭାରତୀୟ ଭାବେ ଏସିଆନ ସର୍ଫିଙ୍ଗ ଚାମ୍ପିୟନଶିପ୍‌ରେ ଏକ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ସେ ଓପନ ପୁରୁଷ କାଟେଗୋରିରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ବୁଦ୍ଧିଆଲ ଆହୁରି ମଧ୍ୟ ଦେଶର ପ୍ରଥମ ଭାବେ ଇଭେଣ୍ଟରେ ପଦକ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ସେ ୧୨.୬୦ ପଏଣ୍ଟ ସହ ବ୍ରୋଞ୍ଜ ପଦକ ଲାଭ କରିଥିଲେ। କୋରିଆର କାନୋଆ ହିଜାଏ ୧୫.୧୭ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ଇଣ୍ଡୋନେସିଆର ପାଜାର ଆରିୟାନା (୧୪.୫୭ ପଏଣ୍ଟ)ଙ୍କୁ ରୌପ୍ୟ ମିଳିଛି। ଓପନ ମହିଳା କାଟେଗୋରିରେ ଜାପାନର ଆନ୍‌ରି ମାଷ୍ଟୁନୋ (୧୪.୯୦ ପଏଣ୍ଟ) ଏକ କଡ଼ା ମୁକାବିଲାରେ ତାଙ୍କ ଦେଶର ସୁମୋକୋ ସାତୋ (୧୩.୭୦)ଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ଜିତିଥିଲେ। ଥାଇଲାଣ୍ଡର ଇସାବଲେ ହିଗ୍ସ (୧୧.୭୫ ପଏଣ୍ଟ) ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ୧୮ ବର୍ଷରୁ କମ୍ ବାଳକ କାଟେଗୋରିରେ କୋରିଆର କାନୋଆ ହିଜାଏ ୧୪.୩୩ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଚାଇନାର ଶିଡଙ୍ଗ୍ ଉ' (୧୩.୧୦) ଓ ଶୁଲୋଉ ଜିଆଙ୍ଗ (୮) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ।

# ଅଭିନୟା, ଆଜେମ ଦ୍ରୁତତମ ଧାବିକା, ଧାବକ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାର ଗ୍ଲାମର ଇଭେଣ୍ଟ ୧୦୦ ମିଟରରେ ଭାରତର ଅଭିନୟା ରାଜାରାଜନ ଓ ମାଲେସିଆର ମହମ୍ମଦ ଆଜେମ ବିନ୍ ଯୁଗ୍ମ ପ୍ରଥମ ସ୍ଥାନ ଅଧିକାର କରି ଯଥାକ୍ରମେ ଦ୍ରୁତତମ ଧାବିକା ଓ ଧାବକ ହୋଇଛନ୍ତି। ୧୦୦ ମିଟର ମହିଳାରେ ଅଭିନୟା ୧୧.୫୭ ସେକେଣ୍ଡ ସମୟ ନେଇ ପ୍ରଥମ, ସ୍ନେହା ଏସ୍.ଏସ୍. (ଭାରତ) ୧୧.୭୦ ସେକେଣ୍ଡ ସହ ଦ୍ୱିତୀୟ ଏବଂ ନିତ୍ୟା ଗାନ୍ଧେ (ଭାରତ) ୧୧.୭୦ ସେକେଣ୍ଡ ସହିତ ତୃତୀୟ ହୋଇଛନ୍ତି। ସେହିପରି ପୁରୁଷ ୧୦୦ ମିଟରରେ ଆଜେମ ୧୦.୩୫, ଚାମୋଦ ଏମ. ଯୋଦ୍ଧାସିଂ (ଶ୍ରୀଲଙ୍କା) ୧୦.୪୩ ଓ ଡାନିଶ ଇଫତିକାର ମୁହା (ମାଲେସିଆ)୧୦.୫୦ ସେକେଣ୍ଡ ସହିତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।


**Classified Everyday 0674-2580101, 9692975378**


REAL ESTATE
**SALE**

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ– **7735922768.** D-1572

BDA Approved Apartment Near Sum Hospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

**Duplex sale with gated Society near Allms Hospital, Bhubaneswar- 9777433701.** D-1614

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

ମୁଁ ମମତା ଦାସ, ବୟସ– ୫୨ ବର୍ଷ, ସ୍ୱାମୀ– ସୋମନାଥ ଦାସ, ସା/ପୋ– ପଦ୍ମସାହି, ଆଠଗଡ଼, ଥାନା– ଆଠଗଡ଼, ଜିଲ୍ଲା– କଟକ ଜଣାଉଅଛି ଯେ, ମୋର ଖରିଦ କରିଥିବା ଜମି ପ୍ଲଟ୍ ନଂ.– ୧୮୨୬, ଯାହାକି ପୂର୍ବରୁ ମାଲିକାନା ସ୍ୱତ୍ୱ– ମନୋରମା ମିଶ୍ର, କବଲା ନଂ.– ୬୯୮, କବଲା ବୃତ୍ତି ତା.– ୦୩।୧୧।୧୯୯୮, ପଟ୍ଟା ନଂ.– ୫୪୬ ଥିଲା, ତାହା ଖୁଣ୍ଟୁଣୀ କଲେଜ ନିକଟରେ ହଜିଯାଇଛି, ତେଣୁ ଅନୁରୋଧ କରୁଛି କେହି ସହୃଦୟ ବ୍ୟକ୍ତି ଏହି କବଲାକୁ ପାଆନ୍ତି ତେବେ ନୃସିଂହ ଚରଣ ପଟ୍ଟନାୟକ, ମୋ.– ୯୮୫୩୩୧୧୧୮୯ ରେ ଜଣାଇବାକୁ ଅନୁରୋଧ। ଜମି କବଲା ହଜିବା ଘଟଣା ମୋ ଦ୍ୱାରା ଖୁଣ୍ଟୁଣୀ ଥାନାରେ ତା– ୦୪।୦୮।୨୦୨୫ରିଖରେ ଜଣାଇ ଦିଆଯାଇଛି। D-୧୬୧୪

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ରମ୍ଭାମଣୀ ଧଳ**
ଧୋବାଗଡିଆ, କୁପାରୀ, ବାଲେଶ୍ୱର
ଆବିର୍ଭାବ: ୦୮।୦୫।୧୯୩୧
ତିରୋଧାନ:୦୧।୦୮।୨୦୨୫
ଆପଣ ଆମକୁ ଶୋକସାଗରରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**:ଶୋକସନ୍ତପ୍ତ:**
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ଧଳ ପରିବାରବର୍ଗ।
ଧ-1615

**ଦଶାହ କ୍ରିୟା ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଭୀମସେନ ମହାପାତ୍ର**
ତୁଳସୀଚଉରା, ଚନ୍ଦନପୁର, ପୁରୀ।
ଆବିର୍ଭାବ: ୨୬।୦୧।୧୯୬୨
ତିରୋଧାନ: ୦୨।୦୮।୨୦୨୫
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଧର୍ମପରାୟଣତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ, ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**–:ଶୋକସନ୍ତପ୍ତ:–**
ପରିବାରବର୍ଗ, ବନ୍ଧୁପରିଜନ ଓ ଆତ୍ମୀୟସ୍ୱଜନ।
ଧ-1616


# ଓଡିଏମ୍, ବିକାଶ ରେସିଡେନସିଆଲ ବିଜୟୀ

**ଭୁବନେଶ୍ୱର,୧୦।୮ (ଅନାଦି କର)**

**ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ**

ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ରବିବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ଓଡିଏମ୍ ଗ୍ଲୋବାଲ ଓ ବିକାଶ ରେସିଡେନସିଆଲ ସ୍କୁଲ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଓଡିଏମ୍ ଗ୍ଲୋବାଲ ୧୩-୧ ଗୋଲରେ ଡିଏଭି ସ୍କୁଲ ଚନ୍ଦ୍ରଶେଖରପୁର ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଶ୍ରୀଜଲ କିସ୍କୋ ସର୍ବାଧିକ ୬ଟି ଓ ସ୍ୱର୍ଣ୍ଣ ସାହୁ ୪ଟି ଗୋଲ ଦେଇଥିବା ବେଳେ ଆଶିଷ କୁମାର, ରେୟାଂଶ ଶ୍ୟାମ ଓ ବାବାସାନ ହେମ୍ବ୍ରମ ଗୋଟିଏ ଲେଖାଏ ସ୍କୋର କରିଥିଲେ। ଡିଏଭି ପକ୍ଷରୁ ମନ୍ମଥ ପ୍ରଧାନ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ସର୍ବାଧିକ ଗୋଲ କରିଥିବା ଶ୍ରୀଜଲଙ୍କୁ ଅତିଥି ଭାବେ ବିଏଏ ଉପସଭାପତି ରାଧା ମହାପାତ୍ର ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବିକାଶ ରେସିଡେନସିଆଲ ସ୍କୁଲ ୫-୦ ଗୋଲରେ ରାମକ୍ରିଷ୍ଣ ଶିକ୍ଷା କେନ୍ଦ୍ରକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଏ ସାଇ ପ୍ରସାଦ (୨୫ତମ), ଆର୍ଯ୍ୟନ ଲେନି(୨୭ତମ), ରଞ୍ଜନ ମୁଣ୍ଡା (୪୦ତମ), ସୌମ୍ୟ ରଞ୍ଜନ ମୁଣ୍ଡା (୪୮ତମ) ଓ ରଶ୍ମିକାନ୍ତ ନାୟକ (୫୬ତମ) ଗୋଲ କରିଥିଲେ। ବିଜୟୀ ଦଳର ବି ଏସ୍ ପ୍ରସାଦଙ୍କୁ ଅତିଥି ଭାବେ ସେଞ୍ଚୁରିଅନ ୟୁନିଭରସିଟିର ଡାଇରେକ୍ଟର ଅଫ୍ ସ୍ପୋର୍ଟ୍ସ ରବି ନାରାୟଣ ରାଉତରାୟ ପୁରସ୍କୃତ କରିଥିଲେ।


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଶ୍ରୀଜଲ କିସ୍କୋ।

# ପାନୀୟ ଜଳ ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ତମ୍ବାପାତ୍ରରେ ପାଣି ରଖି ପିଇବା ଦ୍ୱାରା କୋଲାଜେନ ନାମକ ଏକ ପଦାର୍ଥର ମାତ୍ରା ଆମ ଶରୀରରେ ବୃଦ୍ଧି ପାଇଥାଏ। ଫଳରେ ବାହ୍ୟ ଚର୍ମ କୁଞ୍ଚନ ହ୍ରାସ ପାଇବା ସହ ଚର୍ମ ପରିଷ୍କାର ରହିଥାଏ। ତେଣୁ ଅନ୍ୟ ପାତ୍ର ଅପେକ୍ଷା ତମ୍ବାପାତ୍ରରେ ପାଣି ପିଇବା ଉଚିତ। ବେଳେବେଳେ ଆମର ଦୈନନ୍ଦିନ ଖାଦ୍ୟରେ କିଛି ଗୁରୁପାକ ଖାଦ୍ୟ ଖାଇବା ହେତୁ ବଦହଜମୀ ସମସ୍ୟା ସୃଷ୍ଟି ହୋଇଥାଏ। ତମ୍ବାପାତ୍ରରେ ପାଣି ପିଇଲେ ଏପରି ସମସ୍ୟା ଦୂର ହେବା ସହ ସେହି ପାଣି ଆମ ଶରୀରର ଓଜନ ହ୍ରାସ କରିବା, ପେଟରେ ଅଲ୍‌ସର ହେବା ଆଶଙ୍କା ଦୂର କରିବା ସହ ଥଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ରାତିରେ ତମ୍ବାପାତ୍ରରେ ପାଣିରଖି ସକାଳୁ ଖାଲିପେଟରେ ଏହାକୁ ପିଇବା ଦ୍ୱାରା ଶରୀରକୁ ଅଧିକ ପୋଷଣ ମିଳିଥାଏ।"



ପୃଥିବୀ ପୃଷ୍ଠରେ ରହିଥିବା ସମସ୍ତ ବୃକ୍ଷଲତା ଓ ସମସ୍ତ ପ୍ରାଣୀଜଗତ ଜଳ ବିନା ବଞ୍ଚିରହିବା ଅସମ୍ଭବ। ଜଳ ହିଁ ଜୀବନ। ବୃକ୍ଷଲତା ଆଦି ପାଇଁ ଜଳର ପ୍ରକାରଭେଦ ଅଧିକ ଜରୁରୀ ନ ଥିବା ବେଳେ, ମନୁଷ୍ୟ ପାଇଁ ପାନୀୟ ଜଳ ନିମନ୍ତେ ସ୍ୱଚ୍ଛ ଓ ପରିଷ୍କାର ତଥା ଜୀବାଣୁ ଭୂତାଣୁବିହୀନ ଜଳ ନିତାନ୍ତ ଆବଶ୍ୟକ। ଏହାଦ୍ୱାରା ଆମେ ସୁସ୍ଥ, ନିରୋଗ ତଥା ଦୀର୍ଘାୟୁ ହୋଇପାରିବା। ସାଧାରଣତଃ ବର୍ଷା ଋତୁରେ ସ୍ୱଚ୍ଛ ପରିଷ୍କାର ପାନୀୟ ଜଳ ନିମନ୍ତେ ଅଧିକ ସତର୍କ ରହିବା ଆବଶ୍ୟକ। ବିଶେଷଭାବରେ ନଦୀ, ନାଳ, କୂପ, ଜଳାଶୟ ଆଦିର ଜଳ ଦୂଷିତ ହୋଇଥାଏ। ତେଣୁ ଜଳକୁ ଭଲଭାବେ ଫୁଟାଇ ଛାଣି ପାନୀୟଜଳ ଭାବେ ବ୍ୟବହାର କରିବା ଜରୁରୀ। ପୂର୍ବ ସମୟ ଅପେକ୍ଷା ବର୍ତ୍ତମାନ ସ୍ଥିତି ବଦଳିଯାଇଛି। ବନ୍ୟା ବାତ୍ୟା ଆଦିର ପୂର୍ବ ସୂଚନା ବିଭିନ୍ନ ପତ୍ରପତ୍ରିକା ବୈଦ୍ୟୁତିକ ଗଣମାଧ୍ୟମରୁ ମିଳିଯାଉଛି। ଯାହାଫଳରେ ୪ରୁ ୫ଦିନ ପର୍ଯ୍ୟନ୍ତ ପାନୀୟ ଜଳ ସୁରକ୍ଷିତ ଭାବେ ରଖି ବ୍ୟବହାର କରାଯାଇପାରୁଛି। ବନ୍ୟା ବାତ୍ୟାର ପରବର୍ତ୍ତୀ ସମୟ ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସମୟରେ ସବୁ ଜଳାଶୟର ଜଳ ଦୂଷିତ ହୋଇଥାଏ। ତେଣୁ ଆମେ ଅତି କମ୍‌ରେ ୪ରୁ ୫ ଦିନ ପାଇଁ ପରିଷ୍କାର ଜଳ ସୁରକ୍ଷିତ ରଖି ଏହାକୁ ପାନୀୟ ଭାବେ ବ୍ୟବହାର କରିପାରିବା, ଯାହାଦ୍ୱାରା ଡାଇରିଆ, ଟାଇଫଏଡ୍ ଆଦି ବିଭିନ୍ନ ସଂକ୍ରମଣଜନିତ ରୋଗ ତଥା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଆମେ ନିଜକୁ ରକ୍ଷା କରିପାରିବା। ଆଗ କାଳରେ ଆମର ପୂର୍ବ ପିଢ଼ିର ବୟସ୍କ ବ୍ୟକ୍ତିମାନେ ସକାଳୁ ଉଠି ବାସିପାଣି ପିଉଥିଲେ। କାରଣ ଏହି ପାଣି ସ୍ୱାସ୍ଥ୍ୟ ପାଇଁ ଭଲ। ତମ୍ବାପାତ୍ର, ମାଟିପାତ୍ରରେ ପାଣି ରଖି ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇଥାଏ।

କୌଣସି କାରଣରୁ ଘରକୁ ଏକାଧିକ ଦିନ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଗଲେ ଆମେ ଅସୁବିଧାରେ ପଡ଼ିଥାଉ। ଜରୁରିକାଳୀନ ପରିସ୍ଥିତିରେ ପାନୀୟ ଜଳର ଆବଶ୍ୟକ ପଡ଼ିଲେ ଘରେ ସଞ୍ଚିତ ପାଣିକୁ ବ୍ୟବହାର କରିଥାଉ। ଉକ୍ତ ପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ପରିମାଣରେ ଭଲ କି ଖରାପ ତାହା ଜାଣିବାର ଆବଶ୍ୟକତା ରହିଛି। ଜଳକୁ କାଚ ଗ୍ଲାସ କିମ୍ବା କୌଣସି ପାତ୍ରରେ ରାତିତମାମ ରଖିବା ଦ୍ୱାରା ତାହା ବାୟୁରେ ଥିବା କାର୍ବନ ଡାଇଅକ୍ସାଇଡ ସଂସ୍ପର୍ଶରେ ଆସିଥାଏ। ପାଣି ସହ ଏହା ମିଶିବା ଦ୍ୱାରା ପାନୀୟ ଜଳର ସ୍ୱାଦ କିଛି ମାତ୍ରାରେ ଖରାପ ଲାଗିଥାଏ, ତଥାପି ଉକ୍ତ ପାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ସୁରକ୍ଷିତ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ନଳକୂପ ଜଳର 'ସେଲ୍‌ଫ ଲାଇଫ' ୬ମାସ ପର୍ଯ୍ୟନ୍ତ ରହିଥାଏ। ଛଅ ପରେ ଉକ୍ତ ଜଳରେ କ୍ଲୋରିନର ମାତ୍ରା କ୍ରମଶଃ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଥାଏ ଯଦ୍ଦ୍ୱାରା ଉକ୍ତ ଜଳରେ ଜୀବାଣୁ ବୃଦ୍ଧିପାଇବା ଆରମ୍ଭ ହୋଇଥାଏ। ଉକ୍ତ ଜଳ ଗରମ ପରିବେଶରେ ରହିଲେ ଜୀବାଣୁ ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଥାଏ। ପ୍ଲାଷ୍ଟିକର ବ୍ୟବହାର ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। କିନ୍ତୁ ଆଜିକାଲି ପ୍ଲାଷ୍ଟିକ ବୋତଲରେ ପାନୀୟ ଜଳ ଓ ଥଣ୍ଡା ପାନୀୟର ବହୁଳ ବ୍ୟବହାର ହେଉଛି। ଖାଦ୍ୟ ଓ ଔଷଧ ପ୍ରଶାସନ ବିଭାଗ(ଏଫ୍‌ଡିଏ) ବୋତଲ ପାଣିରେ ସେଲ୍‌ଫ ଲାଇଫ ଲେବଲ ଲଗାଇବା ଆବଶ୍ୟକ।

ବୋତଲରେ ପାଣି ସଂରକ୍ଷଣ କରାଯିବାବେଳେ ସିଧାସଳଖ ସୂର୍ଯ୍ୟକିରଣ ଏବଂ କୌଣସି ରାସାୟନିକ ପଦାର୍ଥଠାରୁ ଦୂରେଇ ରଖିବା ଉଚିତ। ସୂର୍ଯ୍ୟକିରଣ ପାଣିରେ ଥିବା ଜୀବାଣୁକୁ ବୃଦ୍ଧି ଘଟାଇବାରେ ସହାୟକ ହେବାର ସମ୍ଭାବନା ଅଧିକ ରହିଥାଏ। ତେଣୁ ଜଳ ହେଉ କିମ୍ବା ପାନୀୟ ଜଳ ବୋତଲରେ ସଂରକ୍ଷିତ ବେଳେ ଏସବୁ ପ୍ରତି ଠିକ୍ ଧ୍ୟାନଦେବାର ଆବଶ୍ୟକତା ରହିଛି। କାରଣ ଉତ୍ତମ ପାନୀୟ ଜଳ ହିଁ ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରାଇବାରେ ସହାୟକ ହୋଇଥାଏ। ତା' ସହ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବା ଏବଂ ଆମକୁ ଦୀର୍ଘାୟୁ ରଖିବାରେ ସହାୟକ ହୋଇଥାଏ।

ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବିଭିନ୍ନ ଧାତୁ ପାତ୍ରରେ ପାନୀୟ ଜଳ ରଖି ପିଇବା ସ୍ୱାସ୍ଥ୍ୟପ୍ରଦ ବୋଲି ଉଲ୍ଲେଖ ରହିଛି। ତମ୍ବାପାତ୍ରରେ ପାଣି ରଖି ପିଇବା ଦ୍ୱାରା କୋଲାଜେନ ନାମକ ଏକ ପଦାର୍ଥର ମାତ୍ରା ଆମ ଶରୀରରେ ବୃଦ୍ଧି ପାଇବା ଦ୍ୱାରା ଆମ ଶରୀରର ବାହ୍ୟ ଚର୍ମ କୁଞ୍ଚନ ହ୍ରାସ ପାଇବା ସହ ଚର୍ମ ପରିଷ୍କାର ରହିଥାଏ। ତେଣୁ ଅନ୍ୟ ପାତ୍ର ଅପେକ୍ଷା ତମ୍ବାପାତ୍ରରେ ପାଣି ପିଇବା ଉଚିତ। ବେଳେବେଳେ ଆମର ଦୈନନ୍ଦିନ ଖାଦ୍ୟରେ କିଛି ଗୁରୁପାକ ଖାଦ୍ୟ ଖାଇବା ହେତୁ ବଦହଜମୀ ସମସ୍ୟା ସୃଷ୍ଟି ହୋଇଥାଏ। ତମ୍ବା ପାତ୍ରରେ ପାଣି ପିଇଲେ ଏପରି ସମସ୍ୟା ଦୂର ହୋଇଥାଏ। ସେହି ପାଣି ଆମ ଶରୀରର ଓଜନ ହ୍ରାସ କରିବା, ପେଟରେ ଅଲ୍‌ସର ହେବା ଆଶଙ୍କା ଦୂର କରିବା ସହ ଥଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ରାତିରେ ତମ୍ବାପାତ୍ରରେ ପାଣି ରଖି ସକାଳୁ ଖାଲିପେଟରେ ଏହାକୁ ପିଇବା ଦ୍ୱାରା ଶରୀରକୁ ଅଧିକ ପୋଷଣ ମିଳିଥାଏ। ତା' ସହିତ ଏସିଡିଟି ଓ କୋଷ୍ଠକାଠିନ୍ୟ ସମସ୍ୟା କେତେକାଂଶରେ ଦୂର ହୋଇଥାଏ। ତମ୍ବାରେ 'ଆଣ୍ଟିମାଇକ୍ରୋବାୟଲ' ଗୁଣ ରହିଥିବାରୁ ଏହା କ୍ଷତିକାରକ ଜୀବାଣୁ ଏବଂ ଭାଇରସ୍‌କୁ ସମୂଳେ ନଷ୍ଟ କରିବା ସହ ଜଳକୁ ଶୁଦ୍ଧ କରିବାରେ ସାହାଯ୍ୟ କରେ। ତମ୍ବାରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀର ପାଇଁ ବେଶ୍ ଉପକାରୀ। ବେଳେବେଳେ ନିମ୍ନମାନର ତମ୍ବାପାତ୍ର ଏବଂ ବିଭିନ୍ନ ମିଶ୍ରିତ ଧାତୁରେ ନିର୍ମିତ ତମ୍ବାପାତ୍ରରେ ପାଣିରଖି ପିଇବା ଦ୍ୱାରା ଏହା ଶରୀର ପାଇଁ ଖରାପ ପ୍ରଭାବ ପକାଇବାର ଅଧିକ ସମ୍ଭାବନା ରହିଥାଏ। କେବଳ ସେତିକି ନୁହେଁ, ଯକୃତ ଉପରେ ଖରାପ ପ୍ରଭାବ ପକାଇବା ସହ ଝାଡ଼ା ବାନ୍ତି ଆଦି ହେବାର ଆଶଙ୍କା ରହିଥାଏ। ପାନୀୟ ଜଳ ବ୍ୟବହାର ନିମନ୍ତେ ତମ୍ବାପାତ୍ର ଉଚ୍ଚ ମାନର ହେବା ଆବଶ୍ୟକ। ବ୍ୟବହାର ହେଉଥିବା ତମ୍ବାପାତ୍ରକୁ ନିୟମିତ ସଫା କରିବା ଉଚିତ, ଯଦ୍ଦ୍ୱାରା ଜୀବାଣୁ ବୃଦ୍ଧି ହ୍ରାସ ଘଟିଥାଏ। ତମ୍ବାପାତ୍ରରେ କୌଣସି ଫଳରସ, ଅମ୍ଳଯୁକ୍ତ ପାନୀୟ ରଖି ସେବନ କରିବା ଅନୁଚିତ। ତମ୍ବା ଏକ ଉଚ୍ଚ ତାପଜ ଧାତୁ ହୋଇଥିବାରୁ ଏଥିରେ ଗରମ ପାଣି ରଖି ପିଇବା ଅନୁଚିତ। କେବଳ ପରିଷ୍କାର ତଥା ସାଧାରଣ ଜଳ ତମ୍ବାପାତ୍ରରେ ରଖି ପିଇବା ଦ୍ୱାରା ଏହା ସ୍ୱାସ୍ଥ୍ୟୋପକାରୀ ହେବା ସହ ଦୀର୍ଘାୟୁ ଜୀବନରେ ସହାୟକ ହୋଇଥାଏ।

ମାଟିପାତ୍ରରେ ଜଳ ସେବନ ସ୍ୱାସ୍ଥ୍ୟ ପାଇଁ ହିତକର। ଫ୍ରିଜ୍ ପାଣି ଅପେକ୍ଷା ମାଟିପାତ୍ରରେ ପାଣି ରଖି ପିଇବା ସ୍ୱାସ୍ଥ୍ୟପ୍ରଦ। ମାଟି ପାତ୍ରରେ ପାଣି ପ୍ରାକୃତିକ ଉପାୟରେ ଥଣ୍ଡା ରହିଥାଏ। ସାମ୍ପ୍ରତିକ ପରିସ୍ଥିତିରେ ବାୟୁମଣ୍ଡଳରେ ଦିନକୁ ଦିନ ତାପମାତ୍ରା ବୃଦ୍ଧିପାଉଛି। ଏଭଳି ସ୍ଥିତିରେ ଫ୍ରିଜ୍ ପାଣି ଅପେକ୍ଷା ମାଟିପାତ୍ର, ମାଟିହାଣ୍ଡିରେ ପାଣି ରଖି ଦୈନନ୍ଦିନ ଏହାକୁ ପାନୀୟ ଜଳ ଭାବେ ବ୍ୟବହାର କରିବା ଉଚିତ। ଏହାଦ୍ୱାରା ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦୀର୍ଘାୟୁ ହେବାରେ ସହାୟକ ହୋଇଥାଏ।

–ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭



## ସୁସ୍ଥ ଶରୀର ଅନ୍ତରାଳେ...



ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ହେଲେ ଏଥିପ୍ରତି ଆମକୁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ତନ୍ମଧ୍ୟରୁ ପ୍ରଥମ ହେଲା ଜୀବନଶୈଳୀ। ଆମେ ଯଦି ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବା ତେବେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଦରକାର। ତା'ସହ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଆବଶ୍ୟକ। କାରଣ ସୁସ୍ଥ ରହିବା ପଛରେ ନିଦ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖାଦ୍ୟ ତାଲିକାରେ ଯେତେ ମସଲାଯୁକ୍ତ, ତେଲଯୁକ୍ତ ଖାଦ୍ୟ କମ୍ ସାମିଲ କରିବେ ସେତେ ଭଲ। ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ସୀମିତ ପରିମାଣରେ ଖାଆନ୍ତୁ। ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇପାରୁଥିବ। ଆଉ ଏକ କଥା ହେଲା, ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ନିହାତି ଆବଶ୍ୟକ। କୌଣସି ରୋଗର କାରଣ ଜାଣିବା ମାତ୍ରେ ତାହାକୁ ଅବହେଳା କରନ୍ତୁ ନାହିଁ। କାରଣ ଏହା ଭବିଷ୍ୟତରେ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ ଏବଂ ସେଥିରୁ ଆରୋଗ୍ୟଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ନିଜର ଦୈନନ୍ଦିନ ଜୀବନଶୈଳୀ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ।

## ଅସନ୍ତୁଳିତ ରକ୍ତ ସଞ୍ଚାଳନ ଓ କିଡ୍‌ନୀ ସମସ୍ୟା



ଆମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହେବା ନିହାତି ଦରକାର। ନ ହେଲେ ତାହା କେତେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ବେଳେବେଳେ ଏହାର ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ତାହା ଜୀବନନାଶକ ସାଜିଥାଏ। ତେବେ ଯଦି ଶରୀର ଭିତରେ ରକ୍ତ ସଞ୍ଚାଳନ ଅଧିକାଂଶ ସମୟ ଅସନ୍ତୁଳିତ ରହିଲା, ତେବେ ତାହା ଭବିଷ୍ୟତରେ କିଡ୍‌ନୀ ସମସ୍ୟାର କାରଣ ସାଜିପାରେ ବୋଲି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡ଼ିତ କେତେଜଣ ବ୍ୟକ୍ତିଙ୍କର ଶାରୀରିକ ପରୀକ୍ଷା ତନ୍ନ ତନ୍ନ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ସମୟରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣଙ୍କଠାରେ କିଡ୍‌ନୀଜନିତ ସମସ୍ୟାର ଲକ୍ଷଣ ଦେଖିବାକୁ ମିଳିଥିଲା। ମନୁଷ୍ୟ ଶରୀରରେ ଯଦି ରକ୍ତ ସଞ୍ଚାଳନ ଅଧିକାଂଶ ସମୟ ଅସନ୍ତୁଳିତ ରହିଲା ତେବେ ତାହାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଭଳି ସମସ୍ୟା ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସ୍ମରଣଶକ୍ତି ବୃଦ୍ଧିର ନୂଆ ଉପାୟ



ଆମର ସ୍ମରଣଶକ୍ତି ଦୃଢ଼ ରହିବା ଆବଶ୍ୟକ। ଏହାର ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜକୁ ଟେନ୍‌ସନ ଏବଂ ଅବସାଦଠାରୁ ଦୂରେଇ ରଖିପାରିଲେ ତେବେ ତାଙ୍କର ସ୍ମରଣଶକ୍ତି ପୂର୍ବାପେକ୍ଷା ତୀବ୍ର ହୋଇଥାଏ। ଏଭଳି ବିଷୟକୁ ନେଇ ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସର୍ଭେ ସମୟରେ ଯେଉଁମାନେ ନିଜକୁ ଟେନ୍‌ସନ ଏବଂ ଅବସାଦଠାରୁ ଯଥାସମ୍ଭବ ଦୂରେଇ ରଖିପାରୁଥିଲେ ସେମାନଙ୍କର ସ୍ମରଣଶକ୍ତି ପୂର୍ବାପେକ୍ଷା ସକ୍ରିୟ ରହୁଥିବାର ଜଣାପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିପାଇଁ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଲିଭର କାର୍ଯ୍ୟଧାରାକୁ ସକ୍ରିୟ କରାଏ କଲରା

କଲରାରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରିରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ କଲରା ଖାଆନ୍ତି ତେବେ ତାହା ତାଙ୍କର ଲିଭର ବା ଯକୃତ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଆପଣ ମେଦବହୁଳତା ସମସ୍ୟା ସହ ଜଡ଼ିତ କି? ତେବେ ନିୟମିତ କଲରା ଖାଆନ୍ତୁ। ଏହା ଦ୍ୱାରା ଓଜନ ଅନେକାଂଶରେ ନିୟନ୍ତ୍ରଣରେ ରହିଥାଏ



ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି। କଲରା ଡାଇବେଟିସ୍ ରୋଗୀଙ୍କ ପାଇଁ ଏକ ବରଦାନ ସଦୃଶ। କାରଣ ଏହା ରକ୍ତରେ ଶର୍କରା (ସୁଗାର) ପରିମାଣକୁ କେତେକାଂଶରେ ସନ୍ତୁଳିତ ରଖିଥାଏ। କେବଳ ସେତିକି ନୁହେଁ, ଯଦି କୋଲେଷ୍ଟରଲ ପରିମାଣ ଅସନ୍ତୁଳିତ ରହିଛି, ତେବେ ତାହାକୁ ନିୟନ୍ତ୍ରଣକୁ ଆଣିଥାଏ। କଲରାର ଆଉ ଏକ ଉପକାରୀ ଗୁଣ ହେଲା, ତାହା କେଶ ମୂଳକୁ ଦୃଢ଼ କରିବା ସହ ଚର୍ମରେ ସତେଜତା ଆଣିଥାଏ। ନିଜର ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ କଲରା ସାମିଲ କରନ୍ତୁ। କଲରା ଜୁସ୍ ମଧ୍ୟ ବେଶ୍ ଉପକାରୀ।

## ଜାଣିରଖନ୍ତୁ...



ବର୍ତ୍ତମାନ ବର୍ଷା ଋତୁ। ତେଣୁ ଏହି ସମୟରେ ନିଜକୁ ସୁସ୍ଥ ରଖିବାକୁ ହେଲେ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ। ଏହି ଦିନରେ ନିଜର ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। ବିଶେଷଭାବରେ ଉକ୍ତ ଋତୁରେ ଥଣ୍ଡା, କାଶ, ଜ୍ୱର ଆଦିର ଅଧିକ ଆଶଙ୍କା ରହିଥାଏ। ତେଣୁ ଏହାର ପ୍ରାରମ୍ଭିକ ଲକ୍ଷଣ ଜାଣିବା ମାତ୍ରେ ଚିକିତ୍ସା କରାଇ ନିଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଋତୁରେ ସବୁବେଳେ ପାଣିକୁ ଫୁଟାଇ ଥଣ୍ଡା କରି ପିଅନ୍ତୁ। ବାସି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ସବୁବେଳେ ଉଷୁମ ଖାଦ୍ୟ ଖାଆନ୍ତୁ। ଏହି ସମୟରେ ମଶା, ମାଛିଙ୍କ ଉପଦ୍ରବ ବେଶି ରହିଥାଏ। ତେଣୁ ଘରର ଚାରିପାଖ ପରିଷ୍କାର ରଖନ୍ତୁ। ନିଜକୁ ଓଦା ଏବଂ ସନ୍ତସନ୍ତିଆ ସ୍ଥାନଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ଏହି ସମୟରେ ଜଙ୍କ୍ ଫୁଡ୍ ଯେତେ କମ୍ ଖାଇବେ ସେତେ ଭଲ। ଖାଦ୍ୟ ତାଲିକାରେ ଭିଟାମିନ୍-ସି ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। କାରଣ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଘରେ ଯଦି ଛୋଟ ପିଲା ଅଛନ୍ତି ତେବେ ଥଣ୍ଡା, ଜ୍ୱର, କାଶ ପାଇଁ ଔଷଧ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଘରେ ରଖନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ମନକୁ ପ୍ରଫୁଲ୍ଲ ରଖିଥାଏ।

➤ପ୍ରତିଦିନ ରାତିରେ ପ୍ରାୟ ୭-୮ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ କେତେକାଂଶରେ ଉପଶମ ମିଳିଥାଏ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କକୁ ଆବଶ୍ୟକ ମୁତାବକ ବିଶ୍ରାମ ମିଳିଥାଏ।



➤ଗାଜରରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମର ମାତ୍ରା ଭରିରହିଛି। ଏହାକୁ ନିୟମିତ ଖାଇଲେ ତାହା ଅସ୍ଥିକୁ ମଜଭୁତ କରିଥାଏ। କେବଳ ସେତିକି ନୁହେଁ, ହୃତ୍‌ପିଣ୍ଡ କାର୍ଯ୍ୟଧାରାକୁ ମଧ୍ୟ ସକ୍ରିୟ ରଖିଥାଏ।

➤ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଥିଯୋଗୁ କୋଲେଷ୍ଟରଲ ସ୍ତର ବୃଦ୍ଧି ପାଇଥାଏ।

➤ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ନିଜ ଦୈନନ୍ଦିନ ଖାଦ୍ୟ ଭାବରେ ଖାଇପାରିବେ।

➤ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ଏଥିରେ ପୋଟାସିୟମ୍ ଥିବାରୁ ପାକସ୍ଥଳୀକୁ ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ।

➤ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।

## ଯୋଗ କରିବା ସମୟରେ...

ବର୍ତ୍ତମାନ ଆମ ଜୀବନରେ ଯେଉଁ ପ୍ରମୁଖ ଜିନିଷର ଆବଶ୍ୟକତା ରହିଛି ତାହା ହେଲା ଯୋଗ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ଯୋଗ କରନ୍ତି ତେବେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ତେବେ ଯୋଗ କରିବା ପୂର୍ବରୁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ। ପ୍ରଥମେ ଏ ବିଷୟରେ ଅଭିଜ୍ଞ ଯୋଗ ପ୍ରଶିକ୍ଷକଙ୍କ ସହ ଆଲୋଚନା କରନ୍ତୁ। ତାଙ୍କ ଅଧୀନରେ ଯଦି ସେ କିଛି ମାସ ଯୋଗ କରିବାକୁ ପରାମର୍ଶ ଦିଅନ୍ତି ତେବେ ତାହାକୁ ଗ୍ରହଣ କରନ୍ତୁ। ସବୁବେଳେ ଏକ ପ୍ରଦୂଷଣମୁକ୍ତ ସ୍ଥାନରେ ଯୋଗ କରନ୍ତୁ। ସବୁଠାରୁ ବଡ଼ କଥା ହେଲା ପ୍ରତିଦିନ କେତେ ସମୟ ଯୋଗ କରିବେ ଏବଂ କେଉଁ ସମୟରେ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ଯୋଗ କରିବା ସମୟରେ ଆଦୌ ଅନ୍ୟମନସ୍କ ରୁହନ୍ତୁ ନାହିଁ। ଯେତିକି ସମୟ ଯୋଗ କରୁଛନ୍ତି ସେତିକି ସମୟ ଯୋଗରେ ହିଁ ମନ କେନ୍ଦ୍ରୀତ କରନ୍ତୁ। ଯୋଗ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। ଯୋଗ କରିବାକୁ କେତେକ ସାମଗ୍ରୀର ଆବଶ୍ୟକତା ପଡ଼ିଥାଏ। ତେଣୁ ସେଗୁଡ଼ିକୁ ସଂଗ୍ରହ କରି ପାଖରେ ରଖନ୍ତୁ। ଯଦି ଗ୍ରୁପ୍ ଯୋଗ କରୁଛନ୍ତି ତେବେ ସେହି ସମୟରେ ଅନ୍ୟ କାହା ସହ ନିଜକୁ ତୁଳନା କରନ୍ତୁ ନାହିଁ। ଯାହା ଶିଖିଛନ୍ତି କିମ୍ବା ଯୋଗ ପ୍ରଶିକ୍ଷକ ଯାହା ନିର୍ଦ୍ଦେଶ ଦେଉଛନ୍ତି ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୧/୨୦୨୫ Bhubaneswar, Monday, August 11/ 2025

# ‘ଭୁବନେଶ୍ୱରରେ ହେବ ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ’

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରବିବାର ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି। ‘‘ଓଡ଼ିଶା ପାଇଁ ଗୌରବର ଦିନ। ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତା ଆୟୋଜନ ହୋଇଛି। ଫଳରେ ବିଶ୍ୱ ଦରବାରରେ ଓଡ଼ିଶାର ସମ୍ମାନ ବଢ଼ିଛି। ୧୫ରୁ ଅଧିକ ଦେଶର ପ୍ରତିଯୋଗୀ ଏଠାରେ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଅତୀତରେ ହକି ବିଶ୍ୱକପ୍‌କୁ ଓଡ଼ିଶା ସଫଳତାର ସହ ଆୟୋଜନ କରିଥିଲା। ଏବେ କଣ୍ଟିନେଣ୍ଟାଲ ଟୁର୍‌ର ମଧ୍ୟ ସଫଳ ଆୟୋଜନ କରାଯାଇଛି। ରାଜ୍ୟର ୩୧୪ ବ୍ଲକରେ ଉଚ୍ଚ ମାନର ଷ୍ଟାଡିୟମ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ୪୧୨୪ କୋଟି ଟଙ୍କା ବଜେଟର ବ୍ୟବସ୍ଥା କରାଯାଇଛି। ଫଳରେ ଓଡ଼ିଶାରେ ଭିତ୍ତିଭୂମି ସୁଦୃଢ଼ ହୋଇପାରିବ। ଭୁବନେଶ୍ୱରରେ ଏକ ବଡ଼ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟ ବଜେଟ ରହିଛି। ଏହା ବିଶ୍ୱସ୍ତରୀୟ ହେବ। ଆମ ଖେଳାଳିଙ୍କ ପ୍ରଦର୍ଶନରେ ଯେପରି ଆହୁରି ଉନ୍ନତି ଆସିପାରିବ ସେଥିପାଇଁ ଯୋଜନା କରାଯାଉଛି। ଏବେ ବ୍ରୋଞ୍ଜ ଲେଭଲ ପ୍ରତିଯୋଗିତା ହେଲା। ଆଗାମୀ ଦିନରେ ସୁଯୋଗ ମିଳିଲେ ଆମେ ସିଲଭରକୁ ନ ଯାଇ ଗୋଲ୍ଡ ଲେଭଲ ପ୍ରତିଯୋଗିତା ଆୟୋଜନ ପାଇଁ ପ୍ରସ୍ତୁତ ହେବାନେଇ ମୋର ଦୃଢ଼ ବିଶ୍ୱାସ ରହିଛି’’ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଅନ୍ୟତମ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।






କଳିଙ୍ଗ ଷ୍ଟାଡିୟମ୍‌ରେ ରବିବାର ୱାର୍ଲ୍ଡ ଆଥ୍‌ଲେଟିକ୍ସ ଉପସଭାପତି ଆଡିଲ୍ ସୁମାରିୱାଲାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି। ଦର୍ଶକଙ୍କ ଗହଣରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ଲାଲୁ ପ୍ରସାଦ ଚତୁର୍ଥ

ପୁରୁଷ ୧୦୦ ମିଟରରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ୪ର୍ଥ ସ୍ଥାନରେ ରହି ପୁରସ୍କାର ଲାଭ କରିଛନ୍ତି। ହିଟ୍‌ରେ ୧୦.୬୧ ସେକେଣ୍ଡ ନେଇଥିବା ଲାଲୁ ଫାଇନାଲ୍ସରେ ୧୦.୫୪ ସେକେଣ୍ଡ ସମୟ ନେଇଥିଲେ। ମାଲେସିଆର ମହମ୍ମଦ ଆଜେମ ବିନ୍ (୧୦.୩୫), ଶ୍ରୀଲଙ୍କାର ଚାମୋଦ ଏମ. ଯୋଦ୍ଧାସିଂ (୧୦.୪୩) ଓ ମାଲେସିଆର ଡାନିଶ ଇଫତିକାର ମୁହା (୧୦.୫୦) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

## ଶ୍ରାବଣୀ ୫ମ

ମହିଳା ୧୦୦ ମିଟର ରେସ୍‌ରେ ଭାଗ ନେଇଥିବା ଓଡ଼ିଶାର ଶ୍ରାବଣୀ ନନ୍ଦ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରି ନ ପାରି ୫ମ ସ୍ଥାନରେ ରହିଛନ୍ତି। ହିଟ୍‌ରେ ୧୧.୯୨ ସେକେଣ୍ଡ ନେଇଥିବା ଶ୍ରାବଣୀ ଫାଇନାଲ୍ସରେ ୧୧.୮୬ ସେକେଣ୍ଡ ସମୟ ନେଇଥିଲେ।

## ଫଳାଫଳ

**୪୦୦ ମିଟର ପୁରୁଷ**
ପ୍ରଥମ: ବିଶାଲ ଟି.କେ.(ଭାରତ)–୪୫.୭୨ ସେକେଣ୍ଡ
ଦ୍ୱିତୀୟ: ଅମୋଜ ଜ୍ୟାକବ(ଭାରତ)–୪୫.୮୬ ସେକେଣ୍ଡ
ତୃତୀୟ: ସନ୍ତୋଷ କୁମାର ଟି.(ଭାରତ)–୪୬.୮୯ ସେକେଣ୍ଡ

**୪୦୦ ମିଟର ମହିଳା**
ବିଜୟା କୁମାରୀ ଜି.କେ.(ଭାରତ)– ୫୩.୪୦ ସେକେଣ୍ଡ
ଦେବ୍ୟାନିବା ମହେନ୍ଦ୍ରସ (ଭାରତ)–୫୩.୮୭ ସେକେଣ୍ଡ
ଲୌସି ଇଭାନ୍ସ (ଗ୍ରେଟ ବ୍ରିଟେନ)–୫୪.୨୮ ସେକେଣ୍ଡ

**ମହିଳା ଜାଭେଲିନ୍ ଥ୍ରୋ**
ଅନୁ ରାଣୀ (ଭାରତ)–୬୨.୦୧ ମିଟର
ଏନ. ହାତରାବାଗଲେକା (ଶ୍ରୀଲଙ୍କା)–୫୬.୨୭ ମିଟର
ଦୀପିକା (ଭାରତ)–୫୪.୨୦ ମିଟର

**୧୦୦ ମିଟର ପୁରୁଷ**
ମହମ୍ମଦ ଆଜେମ ବିନ୍ (ମାଲେସିଆ)–୧୦.୩୫ ସେକେଣ୍ଡ
ଚାମୋଦ ଏମ. ଯୋଦ୍ଧାସିଂ (ଶ୍ରୀଲଙ୍କା)–୧୦.୪୩ ସେକେଣ୍ଡ
ଡାନିଶ ଇଫତିକାର ମୁହା (ମାଲେସିଆ)–୧୦.୫୦ ସେକେଣ୍ଡ

**୧୦୦ ମିଟର ମହିଳା**
ଅଭିନୟା ରାଜାରାଜନ (ଭାରତ)– ୧୧.୫୭ ସେକେଣ୍ଡ
ସ୍ନେହା ଏସ.ଏସ. (ଭାରତ)– ୧୧.୭୦ ସେକେଣ୍ଡ
ନିତ୍ୟା ଗାନ୍ଧେ (ଭାରତ)–୧୧.୭୦ ସେକେଣ୍ଡ

**ମହିଳା ୧୦୦ ମିଟର ହର୍ଡଲ୍ସ**
ପ୍ରଥମ: ପ୍ରଜ୍ଞା ପ୍ରଶାନ୍ତି ସାହୁ (ଭାରତ)– ୧୩.୭୪ ସେକେଣ୍ଡ
ଦ୍ୱିତୀୟ: ନନ୍ଦିନୀ କୋଙ୍ଗାନ (ଭାରତ)– ୧୩.୮୦ ସେକେଣ୍ଡ
ତୃତୀୟ: ଅଞ୍ଜଳି ସି. (ଭାରତ)– ୧୪.୦୦ ସେକେଣ୍ଡ

**ମହିଳା ଲଙ୍ଗଜମ୍ପ**
ଶାଇଲି ସିଂ (ଭାରତ)– ୬.୨୮ ମିଟର
ଭବାନୀ ଯାଦବ (ଭାରତ)– ୬.୧୩ ମିଟର
ସାନ୍ଦ୍ରା ବାବୁ (ଭାରତ)– ୬.୧୦ ମିଟର

**ପୁରୁଷ ଟ୍ରିପଲ ଜମ୍ପ**
ଅବଦୁଲା ଅବୁବାକର (ଭାରତ)–୧୬.୫୩ ମିଟର
କାର୍ତ୍ତୀକ ଉନ୍ନିକ୍ରିଷ୍ଣନ (ଭାରତ)–୧୬.୪୨ ମିଟର
ଗେଲି ଭେନିଷ୍ଟେର (ଭାରତ)– ୧୬.୨୬ ମିଟର

**ପୁରୁଷ ୮୦୦ ମିଟର**
ମହମ୍ମଦ ଅଫଜାଲ (ଭାରତ)–୧:୪୬.୬୦ ସେକେଣ୍ଡ
ପ୍ରକାଶ ଗାଡାଡେ (ଭାରତ)–୧:୪୭.୧୪ ସେକେଣ୍ଡ
କ୍ରିଶନ କୁମାର (ଭାରତ)– ୧:୪୮.୦୦ ସେକେଣ୍ଡ

**ମହିଳା ୮୦୦ ମିଟର**
ଅମନଦୀପ କୌର (ଭାରତ)–୨:୦୪.୩୧ ସେକେଣ୍ଡ
ହୁଇଡ୍ରୋମ ଭୁମେଶ୍ୱର (ଭାରତ)– ୨:୦୬.୯୬ ସେକେଣ୍ଡ
ଥୋଟା ସଂକୀର୍ତ୍ତନା (ଭାରତ)– ୨:୦୭.୧୭ ସେକେଣ୍ଡ

**ପୁରୁଷ ଜାଭେଲିନ୍ ଥ୍ରୋ**
ରୁମେଶ ଥରଙ୍ଗା (ଶ୍ରୀଲଙ୍କା)–୮୬.୫୦ ମିଟର
ଶିବମ ଲୋହାକାରେ (ଭାରତ)–୮୦.୭୩ ମିଟର
ସୁମେଧା ରଣସିଂହେ (ଶ୍ରୀଲଙ୍କା)–୮୦.୬୫ ମିଟର

**ମହିଳା ୧୫୦୦ ମିଟର**
ପୂଜା (ଭାରତ)–୪:୧୫.୧୩ ସେକେଣ୍ଡ
ଲିଲି ଦାସ (ଭାରତ)–୪:୧୭.୬୬ ସେକେଣ୍ଡ
ଅମନଦୀପ କୌର (ଭାରତ)–୪:୨୭.୧୪ ସେକେଣ୍ଡ

**ପୁରୁଷ ୨୦୦ ମିଟର**
ପ୍ରଥମ: ଅନିମେଶ କୁଜୁର (ଭାରତ)–୨୦.୭୭ ସେକେଣ୍ଡ
ଦ୍ୱିତୀୟ: କୋ ସୁଙ୍ଗୱାନ (କୋରିଆ)–୨୦.୯୫ ସେକେଣ୍ଡ
ତୃତୀୟ: ରଗୁଲ କୁମାର ଜି.(ଭାରତ)–୨୧.୧୭ ସେକେଣ୍ଡ

**ପୁରୁଷ ୪ଗୁଣା ୪୦୦ ମିଟର ରିଲେ**
ପ୍ରଥମ: (ଶ୍ରୀଲଙ୍କା) –୩:୦୮.୨୨ ସେକେଣ୍ଡ
ଦ୍ୱିତୀୟ: (ଭାରତ ‘ଏ’)–୩:୦୮.୩୭ ସେକେଣ୍ଡ
ତୃତୀୟ: (ଇରାକ)–୩:୦୮.୭୪ ସେକେଣ୍ଡ

**ମହିଳା ୨୦୦ ମିଟର**
ଆଞ୍ଜେଲ ସିଲଭିଆ ଏମ.(ଭାରତ)–୨୩.୯୫ ସେକେଣ୍ଡ
ନିତ୍ୟା ଗାନ୍ଧେ (ଭାରତ)–୨୪.୧୧ ସେକେଣ୍ଡ
ଉନ୍ନତି ଆୟାପ୍ପା (ଭାରତ)– ୨୪.୫୬ ସେକେଣ୍ଡ

**ପୁରୁଷ ୫୦୦୦ ମିଟର**
ୱାବେରି ଇଗୁଣ ହୁସେନ (ଡିବୋଟି)–୧୪:୦୫.୩୬ ସେକେଣ୍ଡ
ଅଭିଷେକ ପାଲ (ଭାରତ)– ୧୪:୧୦.୬୦ ସେକେଣ୍ଡ
ସାୱନ ବାରୱାଲ (ଭାରତ)–୧୪:୧୩.୪୧ ସେକେଣ୍ଡ

**ପୁରୁଷ ଲଙ୍ଗଜମ୍ପ**
ମୁରଲୀ ଶ୍ରୀଶଙ୍କର (ଭାରତ)–୮.୧୩ ମିଟର
ଶାହାନବାଜ ଖାଁ (ଭାରତ)–୮.୦୪ ମିଟର
ଲୋକେଶ ସାଥ୍ୟାନାଥନ (ଭାରତ)–୭.୮୫ ମିଟର

# ଓଡ଼ିଶା କ୍ରୀଡ଼ାରେ ନୂଆ ଅଧ୍ୟାୟ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

ଓଡ଼ିଶା କ୍ରୀଡ଼ାରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ। ଦୁଇଥର ହକି ବିଶ୍ୱକପ ଆୟୋଜନ କରି ସାରିଥିବା ଓଡ଼ିଶା ୨୦୧୭ରେ ଏସିଆନ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍ ପରେ ରବିବାର ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ ( ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାକୁ ସଫଳତାର ସହ ସମ୍ପନ୍ନ କରିଛି। କ୍ରୀଡ଼ା ମନ୍ତ୍ରୀ ଆକାଶକୁ ବେଲୁନ ଛାଡ଼ି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହାପରେ ଓଡ଼ିଶାର ପାରମ୍ପରିକ ବାଦ୍ୟ ଓ ନୃତ୍ୟ ସହ ମାସ୍କଟ ଓଲି ଷ୍ଟାଡିୟମ ପରିକ୍ରମା କରିଥିଲା। ଜାତୀୟ ସଙ୍ଗୀତ ଗାନ ପରେ ଆରମ୍ଭ ହୋଇଥିଲା ମୁଖ୍ୟ ପ୍ରତିଯୋଗିତା। ପୁରୁଷ ୪୦୦ ମିଟରରୁ ଆରମ୍ଭ ହୋଇଥିବା ଏହି ମେଗା ଇଭେଣ୍ଟ ପୁରୁଷ ୪x୪୦୦ ମିଟର ରିଲେ ସହ ଶେଷ ହୋଇଥିଲା। ପ୍ରତିଯୋଗିତାରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିବାବେଳେ ଭାରତରୁ ୯୩ ଓ ବିଦେଶର ୬୩ ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟ ଓ ଦେଶକୁ ଗର୍ବିତ କରିବା ସହ ନିଜ ଅନ୍ତର୍ଜାତୀୟ କ୍ୟାରିୟରକୁ ଏକ ଭିନ୍ନ ସୋପାନକୁ ନେଇ ଯାଇଛନ୍ତି। ଓଡ଼ିଶା ଏଟ୍‌ପିସିର ଅନିମେଶ କୁଜୁର ପୁରୁଷ ୨୦୦ ମିଟରରେ ପ୍ରଥମ ହୋଇଥିବାବେଳେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ପୁରୁଷ ୧୦୦ ମିଟରରେ ୪ର୍ଥ ଓ ଶ୍ରାବଣୀ ନନ୍ଦ ମହିଳା ୧୦୦ ମିଟରରେ ୫ମ ସ୍ଥାନରେ ରହିଛନ୍ତି। ଏଥିସହ ଅନିମେଶ ଟୋକିଓ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍ ଯୋଗ୍ୟତା ସମ୍ଭାବନା ଉଜ୍ଜୀବିତ ରଖିଛନ୍ତି। ପ୍ରତିଭାସମ୍ପନ୍ନ ଲାଲୁ ୪ର୍ଥ ସ୍ଥାନରେ ରହି ପୋଡିୟମ ମଣ୍ଡନ କରି କଳିଙ୍ଗରେ ସ୍ମରଣୀୟ ସ୍ମୃତି ଛାଡ଼ିଛନ୍ତି। ଟୋକିଓ ୱାର୍ଲ୍ଡ ଚାମ୍ପିୟନଶିପ୍ ଲାଗି ଏହା ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଭାବେ ପରିଗଣିତ ହୋଇଥିଲା। ଏଠାରୁ ଜଣେ ଆଥଲେଟ୍ ଟୋକିଓ ଟିକେଟ ପାଇଛନ୍ତି। ସେ ହେଲେ ପୁରୁଷ ଜାଭେଲିନ ଥ୍ରୋୟର ଶ୍ରୀଲଙ୍କାର ରୁମେଶ ଥରଙ୍ଗା। ପ୍ରତିଯୋଗିତାର ଶେଷ ଇଭେଣ୍ଟ ପରେ ୪x୪୦୦ ମିଟର ରିଲେ ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କାର ପ୍ରଦାନ କରିଥିଲେ। ଏହାପରେ ଆତସବାଜିରେ କଳିଙ୍ଗ ଷ୍ଟାଡିୟମ ପ୍ରକମ୍ପିତ ହୋଇଥିଲା। ପ୍ରତିଯୋଗିତାର ବିଭିନ୍ନ ଇଭେଣ୍ଟ ପରେ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ୱାର୍ଲ୍ଡ ଆଥ୍‌ଲେଟିକ୍ସର ଉପସଭାପତି ଆଡିଲ ସୁମାରିୱାଲା, ଏଏଫ୍‌ଆଇ ସଭାପତି ବାହାଦୁର ସିଂ ସାଗୋ, ଭାରତୀୟ ଆଥ୍‌ଲେଟିକ୍ସ କୋଚ୍ ପି. ରାଧାକ୍ରିଷ୍ଣନ ନାୟାର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ପୁରୁଷ ୧୦୦ ମିଟର ରେସ୍ ଅବସରରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ (ଡାହାଣ)।

## ଥରଙ୍ଗାଙ୍କୁ ଟୋକିଓ ଟିକେଟ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାରେ କେବଳ ଶ୍ରୀଲଙ୍କାର ରୁମେଶ ଥରଙ୍ଗାଙ୍କୁ ଟୋକିଓ ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ଟିକେଟ୍ ମିଳିଛି। ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସେ ୮୬.୫୦ ମିଟର ପକାଇ ଟୋକିଓ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ପ୍ରଥମ ଉଦ୍ୟମରେ ହିଁ ରୁମେଶ ୮୬.୫୦ ମିଟର ଥ୍ରୋ କରି ଏହି ସଫଳତା ହାସଲ କରି ନେଇଥିଲେ। ଯୋଗ୍ୟତା ହାସଲ କରିବା ପାଇଁ କ୍ୱାଲିଫାଇଂ ମାର୍କ ଥିଲା ୮୫.୨୦ ମିଟର। ଚଳିତବର୍ଷ ସେପ୍ଟେମ୍ବର ୧୩ରୁ ୨୧ ପର୍ଯ୍ୟନ୍ତ ଜାପାନର ଟୋକିଓଠାରେ ୱାର୍ଲ୍ଡ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଭାରତର ଶିବମ ଲୋହାକାରେ ୮୦.୭୩ ଓ ଶ୍ରୀଲଙ୍କାର ସୁମେଧା ରଣସିଂହେ ୮୦.୬୫ ମିଟର ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଭାରତର ରୋହିତ ଯାଦବ (୮୦.୩୫), ସଚିନ ଯାଦବ (୭୯.୮୦) ଓ ଯଶବୀର ସିଂ (୭୮.୫୩) ନିରାଶ କରିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ